୪୭

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୯/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, November 29/2019 | ★★★★★★

୪୭ଶ ଭାଗ ୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ଅବସର ନେବେ ବଲିଉଡ୍ ମହାନାୟକ**

ଫିଲ୍ମ ଦୁନିଆରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ମହାନାୟକ ଅମିତାଭ ବଚ୍ଚନ। ନିଜ ଅଫିସିଆଲ୍ ବ୍ଲଗ୍‌ରେ ସେ କିଛି ଏଭଳି ଇଚ୍ଛା ପ୍ରକାଶ କରିଛନ୍ତି। ୧୧

୧୯ **ସ୍ୱର୍ଣ୍ଣ ସହ ଦୀପିକାଙ୍କୁ ଅଲିମ୍ପିକ ଯୋଗ୍ୟତା**

ଏସିଆନ ଚାମ୍ପିୟନଶିପ୍‌ର ମହିଳା ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ ତୀରନ୍ଦାଜ ଦୀପିକା କୁମାରୀ ଯୋଗ୍ୟତା ହାସଲ କରିଛନ୍ତି।



# ଉଦ୍ଧବ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

## ୩ ଦଳରୁ ୨ ଜଣ ଲେଖାଏ ମନ୍ତ୍ରୀ

**ମୁମ୍ବାଇ,୨୮।୧୧(ପି.ଟି.)**

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ସନ୍ଧ୍ୟାରେ ଶପଥ ଗ୍ରହଣ କରିଛନ୍ତି। ଶିବସେନାରୁ ଏହି ଶୀର୍ଷ ପଦବୀ ଅଳଙ୍କୃତ କରିବାରେ ୫୯ ବର୍ଷୀୟ ଉଦ୍ଧବ ତୃତୀୟ ନେତା। ତାଙ୍କ ପୂର୍ବରୁ ଶିବସେନାରୁ ମନୋହର ଜୋଷୀ ଏବଂ ନାରାୟଣ ରାଣେ ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଠାକ୍‌ରେ ପରିବାରରୁ ମୁଖ୍ୟମନ୍ତ୍ରୀ ହେବାରେ ଉଦ୍ଧବ ପ୍ରଥମ ବ୍ୟକ୍ତି। ଶିବାଜୀ ପାର୍କରେ ଅନୁଷ୍ଠିତ ଭବ୍ୟ ଉତ୍ସବରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଉଦ୍ଧବଙ୍କ ସହିତ ୬ ଜଣ ମନ୍ତ୍ରୀଙ୍କୁ ଶପଥପାଠ କରାଇଥିଲେ। ଶିବସେନାରୁ ଏକନାଥ ସିନ୍ଦେ, ସୁଭାଷ ଦେଶାଇ, ଏନ୍‌ସିପିରୁ ଜୟନ୍ତ ପାଟିଲ ଓ ଛଗନ ଭୁଜବଳ ଏବଂ କଂଗ୍ରେସରୁ ବାଳାସାହେବ ଥୋରାଟ ଓ ନୀତୀନ ରାଉତ୍ ମନ୍ତ୍ରୀ ଭାବେ ଶପଥ ନେଇଥିଲେ।

ଶପଥ ଗ୍ରହଣ ଉତ୍ସବରେ ତିନି ଦଳର ବହୁ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ, ମଲ୍ଲିକାର୍ଜୁନ ଖାର୍ଗେ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲ ନାଥ, ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ ଏବଂ ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ତାଙ୍କ ଭଉଣୀ ତଥା ଏମ୍‌ପି ସୁପ୍ରିୟା ସୁଲେ, ଉଦ୍ଧବ ଠାକ୍‌ରେଙ୍କ ସ୍ତ୍ରୀ ରଶ୍ମି, ପୁଅ




ଆଦିତ୍ୟ, ଶିଳ୍ପପତି ମୁକେଶ ଅମ୍ବାନୀ ଓ ସ୍ତ୍ରୀ ନୀତା ଅମ୍ବାନୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ନ ଥିଲେ। ସୋନିଆ ଉଦ୍ଧବଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ।

ଭାଜପା ଓ ଶିବସେନା ଏକାଠି ନିର୍ବାଚନ ଲଢ଼ିଥିଲେ। ତେବେ ମୁଖ୍ୟମନ୍ତ୍ରୀ ପଦ ଭାଗ କରିବା ଲାଗି ଶିବସେନାର ଦାବିପୂରଣ ନ ହେବାରୁ ଏହା ମେଣ୍ଟରୁ ଓହରିଯାଇଥିଲା। ଶେଷରେ ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ଶିବସେନା ମହାବିକାଶ ଅଘାଡି ମେଣ୍ଟ ଗଢ଼ିଥିଲା ଏବଂ ଉଦ୍ଧବଙ୍କ ନେତୃତ୍ୱରେ ସରକାର ଗଢ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୨୧ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇ ୨୪ରେ ଫଳାଫଳ ଘୋଷଣା କରାଯାଇଥିଲା। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ୧୦୫ ଆସନ ଜିତି ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଶିବସେନା ୫୬, ଏନ୍‌ସିପି ୫୪ ଏବଂ କଂଗ୍ରେସ ୪୪ ଆସନରେ ଜିତିଥିଲା। କୌଣସି ଦଳ ଏକାକୀ ସରକାର ଗଢ଼ିବା ପାଇଁ ସମର୍ଥ ନ ହେବାରୁ ରାଜ୍ୟପାଳଙ୍କ ସୁପାରିସ କ୍ରମେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ଉଦ୍ଧବଙ୍କ ନେତୃତ୍ୱରେ ମହାବିକାଶ ଅଘାଡି ସରକାର ଗଢ଼ିବ ବୋଲି ଶୁକ୍ରବାର ରାତିରେ ଘୋଷଣା କରିବା ପରେ ଶନିବାର ସକାଳେ ନାଟକୀୟ ଘଟଣାକ୍ରମେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର କରାଯାଇ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ଓ ଏନ୍‌ସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେବେ ଏହି ସରକାର ତିନି ଦିନ ତିଷ୍ଠିପାରି ନ ଥିଲା। ଆସ୍ଥାଭୋଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏନ୍‌ସିପି ବିଧାୟକଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବାରେ ବିଫଳ ଅଜିତ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଫଡ଼ନବିସ ଆସ୍ଥାଭୋଟ ପୂର୍ବରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଶରଦ ପାୱାରଙ୍କ ଦଳକୁ ଫେରିଥିବା ଅଜିତ୍ ଉପମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏନ୍‌ସିପିରୁ ୨ ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ବୁଧବାର ଚତୁର୍ଦ୍ଦଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ କାମଚଳା ବାଚସ୍ପତି କାଳିଦାସ କୋଲମ୍ବକର ୨୮୫ଜଣ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇଥିଲେ।

# ଆଗୁଆ ସରିଲା ଶୀତ ଅଧିବେଶନ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆଗୁଆ ଶେଷ ହୋଇଛି। ସରକାରଙ୍କ ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ କିମ୍ବା ବିଲ୍ ନ ଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ତ୍ୟାଗ କରିଥିଲେ। ଏହି ଅଧିବେଶନ ନଭେମ୍ବର ୧୩ରୁ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ଯାଏ ଚାଲିବାକୁ ଧାର୍ଯ୍ୟ କରାଯାଇଥିଲା। ଏଥିରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଥିଲା। ସେଥିରୁ ୨୫ଟି ସରକାରୀ ଓ ୫ଟି ବେସରକାରୀ କାର୍ଯ୍ୟ ଦିବସ ଥିଲା। ତେବେ ୧୭ ଦିନ ଆଗରୁ ଏହି ଅଧିବେଶନକୁ ବନ୍ଦ କରାଯାଇଛି। ପ୍ରଥମ ଦିବସରେ ବିଧାନସଭାର ଅନୁମୋଦନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯାଇଥିଲା।



ଏହି ଅଧିବେଶନରେ ମୋଟ ୧୩ଟି କାର୍ଯ୍ୟ ଦିବସରେ ସୀମିତ ରହିଲା। ସେଥିରୁ ୧୨ଟି ସରକାରୀ ଓ ଗୋଟିଏ ବେସରକାରୀ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବିଧାନସଭାରେ ୪୩ଟି ତାରକା ଚିହ୍ନିତ ଓ ୨୨୬୧ଟି ଅଣତାରକା ପ୍ରଶ୍ନ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିସହିତ ବିରୋଧୀ ଦଳ ପକ୍ଷରୁ ୧୩ଟି ମୁଲତବୀ ନୋଟିସ ଦିଆଯାଇଥିବା ବେଳେ ସେଥିରୁ ମାତ୍ର ୫ଟି ଆଲୋଚନା ହୋଇଥିଲା। ସେହିପରି ଗୃହରେ ୩୧ଟି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥିରୁ ୩ଟି ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରସଙ୍ଗରେ ୫ଟି ବିବୃତି ସରକାର ଉପସ୍ଥାପନ କରିଥିବା ବେଳେ ୫ଟି ବିଲ୍ ଗୃହର ଅନୁମୋଦନ ହାସଲ କରିଛି। ୧୭ଟି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା।

ଏହି ଅଧିବେଶନରେ ରାଜ୍ୟ ସରକାରଙ୍କ ୨୦୧୮ ଆର୍ଥିକ ସ୍ଥିତି ସମ୍ପର୍କରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏହି ଅଧିବେଶନରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଭାଜପା ଓ କଂଗ୍ରେସ ସରକାରଙ୍କୁ ହଲାପଟା କରିଥିଲେ। ଏଥିସହିତ ଧାନ ବିକ୍ରି, ଚାଷୀ, ଆଇନଶୃଙ୍ଖଳା ପରିସ୍ଥିତି, ନାରୀ ନିର୍ଯ୍ୟାତନା ପ୍ରସଙ୍ଗକୁ ନେଇ ବିଧାନସଭା ସରଗରମ ହୋଇଥିଲା।

## ଜିଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ ଉପନିର୍ବାଚନ

# ୪ ଜିଲା ପରିଷଦ ଅକ୍ତିଆର କଲା ବିଜେଡି

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜିଲାରେ ଖାଲିପଡ଼ିଥିବା ୪ ଜିଲାପରିଷଦ ଆସନ, ୨୧ ସମିତି ସଭ୍ୟ, ୧୭ ସରପଞ୍ଚ ଓ ୩୦୩ ୱାର୍ଡମେମ୍ବର ପଦ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ସମସ୍ତ ୪ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଯାଜପୁର ଜିଲାର ୮ନଂ ଦାନଗଦୀ ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଦୀପ ମହାନ୍ତି ଭାଜପା ପ୍ରାର୍ଥୀ ପ୍ରତାପ ଧୀରଙ୍କୁ ପରାସ୍ତ କରିଥିବାବେଳେ ଗଞ୍ଜାମ ଜିଲା ୧୯ନଂ ଛତ୍ରପୁର ଜୋନ୍‌ରେ ବିଜେଡିର ପ୍ରମୋଦ କୁମାର ପ୍ରଧାନ ସିପିଆଇ ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ସେହିପରି କୋରାପୁଟ ଜିଲାର ୧୫ନମ୍ବର ପଟାଙ୍ଗି ଜୋନରେ ବିଜେଡିର ଲଇଛନ ଖେରା ଏବଂ ୧୦ନମ୍ବର ଦଶମନ୍ତପୁର ଜୋନ୍‌ରେ ବିଜେଡିର କହ୍ନେଇ ଜାନି ବିଜୟୀ ହୋଇଛନ୍ତି। ଜିଲାପରିଷଦ ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନ ପାଇଁ ଗତ ଅକ୍ଟୋବର ୨୨ରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

ରାଜନଗରରେ ଚାଷୀଙ୍କ ଆତ୍ମହତ୍ୟା: ୫ ଘଣ୍ଟା ରାସ୍ତାରୋକୋ ☞ପୃଷ୍ଠା-୪

# ଗାଡ଼ି କାଗଜପତ୍ର ଅବଧି ୩ ମାସ ବଢ଼ିଲା

- ବିଧାନସଭାରେ ଘୋଷଣା କଲେ ପରିବହନ ମନ୍ତ୍ରୀ
- ଗାଡ଼ି ମାଲିକ ଆଶ୍ୱସ୍ତ
- କୋହଳ ଅବଧି ବଢ଼ାଇବାକୁ ଉଠିଲା ଦାବି

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଆସନ୍ତା ଡିସେମ୍ବର ପହିଲାରୁ ପୁଣି ଯାନବାହନ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ମହଲରୁ ଏହି ଅବଧିକୁ ବଢ଼ାଇବା ଲାଗି ଦାବି ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋହଳ ଅବଧିକୁ ଆହୁରି ୩ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ତଥ୍ୟ ସଂଗ୍ରହ କରିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସଡ଼କ ଏବଂ ଚାଳକମାନଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ମଦ୍ୟପାନ କରି ଗାଡ଼ି ଚଳାଇବା, ଓଭର ସ୍ପିଡ, ଟ୍ରାଫିକ ବିପରୀତ ଦିଗରୁ ଗାଡ଼ି ଚାଳନା, ଦୁଇ ଚକିଆ ଯାନରେ ୩ଜଣ ବସିଯିବା, ରେଡ୍ ଲାଇଟ ଥାଇ ଟ୍ରାଫିକ ଅତିକ୍ରମ କରିବା, ବିନା ହେଲମେଟ ଓ ସିଟବେଲ୍ଟରେ ଯାତ୍ରା କରିବା ଆଦିକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସେଣ୍ଟର ଖୋଲାଯିବ। ଏଥିପାଇଁ ଅଧିକ କାଉଣ୍ଟର ଖୋଲାଯାଇଛି। ଗତ ୩ ମାସ ମଧ୍ୟରେ ୯.୫ ଲକ୍ଷ ଆବେଦନ ମଧ୍ୟରୁ ୫ .୪୫ ଲକ୍ଷ ଲୋକଙ୍କୁ ଲର୍ନର ଲାଇସେନ୍ସ(ଏଲଏଲ) ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସମଗ୍ର ଦେଶରେ ସଂଶୋଧିତ ମୋଟରଯାନ ଆଇନ ୨୦୧୯ ଲାଗୁ ହୋଇଛି। ୨୦୧୯ ସେପ୍ଟେମ୍ବର ପହିଲାରୁ ଏହି ଆଇନ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରାଯାଇନାହିଁ। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ(ପିୟୁସି) ଏବଂ ଅନ୍ୟାନ୍ୟ କାଗଜପତ୍ର ନ ଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବଡ଼ଧରଣର ଜରିମାନାକୁ ବିରୋଧ କରି ପ୍ରବଳ ଜନଅସନ୍ତୋଷ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ସମସ୍ତ କାଗଜପତ୍ର ଯୋଗାଡ଼ କରିବା ପାଇଁ ୩ମାସ ସମୟ ଦେଇଥିଲେ। ଆସନ୍ତା ଡିସେମ୍ବର ପହିଲାରୁ ☞ପୃଷ୍ଠା-୪

# ବନ୍ଧୁକ ଦେଖାଇ ୨୮ ଲକ୍ଷ ୯୩ ହଜାର ଲୁଟ୍



ନିମାପଡ଼ା ଚାରିଛକର ଗୋପାଳପୁର ନିକଟରେ ପୋଲିସ ତଦନ୍ତ କରୁଛି।

**ନିମାପଡ଼ା/ଜଳେଶ୍ୱର, ୨୮।୧୧(ଡି.ଏନ୍.ଏ.)**

ଗୋଟିଏ ଦିନରେ ଗୁରୁବାର ରାଜ୍ୟର ଦୁଇଟି ସ୍ଥାନରେ ବଡ ଧରଣର ଲୁଟ ଘଟଣା ଘଟିଛି। ପୁରୀ ଜିଲା ନିମାପଡ଼ା ଥାନା ଅଧୀନ ଚାରିଛକ ରାସ୍ତାର ଗୋପାଳପୁର ନିକଟରେ ଏକ ଘରୋଇ ବ୍ୟାଙ୍କର ଦୁଇ କର୍ମଚାରୀଙ୍କଠାରୁ ୧୯ଲକ୍ଷ ୯୩ହଜାର ୫ଶହ ଏବଂ ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥର ଏକତାଳିରେ ୬ଜଣ ବ୍ୟବସାୟୀଙ୍କଠାରୁ ୯ଲକ୍ଷ ଟଙ୍କା ଲୁଟି ☞ପୃଷ୍ଠା-୮

## କିଛି ତଥ୍ୟ

ଗତ ୫ ବର୍ଷରେ ଦେଶ ମଧ୍ୟରେ କୋଇଲା ଉତ୍ପାଦନ ୧୬୪.୫୮ ନିୟୁତ ଟନ୍ ବୃଦ୍ଧି ଘଟିଛି।

– କୋଇଲା ମନ୍ତ୍ରଣାଳୟ

## ଆଜିର ମନ୍ତବ୍ୟ

"ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେବା ପରେ ମହାରାଷ୍ଟ୍ରର ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ଲାଗି କାମ କରିବେ ବୋଲି ମୋର ଦୃଢ଼ବିଶ୍ୱାସ ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଆଜିର ସମ୍ପାଦକୀୟ

ପୁଣି ଚେତାବନୀ

Vencobb Fresh Chicken — Taste the difference!

28.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 81 | 133 | 143 |
| DKL | 80 | 132 | 142 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 82 | 135 | 145 |
| BHM | 79 | 131 | 141 |

*Conditions Apply

Issued in the Interest of Consumers








" ଭାଜପା ନେତ୍ରୀ ପ୍ରଜ୍ଞା ଠାକୁର ଆତଙ୍କବାଦୀ ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହିବା ଭାରତୀୟ ପାର୍ଲାମେଣ୍ଟ ଲାଗି ଦୁଃଖଦ ଘଟଣା।
-ରାହୁଲ ଗାନ୍ଧୀ,
କଂଗ୍ରେସ ନେତା



# ଫଟୋଗ୍ରାଫରରୁ ମୁଖ୍ୟମନ୍ତ୍ରୀ

ମୁମ୍ବାଇ,୨୮।୧୧(ପି.ଟି.)

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଛନ୍ତି। ଜଣେ ପେସାଦାର ଫଟୋଗ୍ରାଫରରୁ ଉଦ୍ଧବ ସବୁଠୁ ଧନୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଜଣେ ମେଳାପୀ, ଭଦ୍ର ରାଜନେତା ଭାବେ ପରିଚିତ ୫୯ ବର୍ଷୀୟ ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦକୁ ନେଇ ପୂର୍ବ ମେଣ୍ଟ ସହଯୋଗୀ ଭାଜପା ସହ ଲଢୁଆ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଫଳରେ ତିନି ଦଶନ୍ଧିର ଗୈରିକ ମେଣ୍ଟ ଭୁଶୁଡ଼ି ପଡ଼ିଥିଲା। ଭାଜପାଠାରୁ ଦୂରେଇ ଯିବା ପରେ ଉଦ୍ଧବ ଭିନ୍ନ ନୀତି ଆଦର୍ଶର ଦଳ ଏନ୍‌ସିପି ଓ କଂଗ୍ରେସ ସହ ମିଶି ମହା ବିକାଶ ଅଘାଡି (ଏମ୍‌ଭିଏ) ଗଠନ କରିଛନ୍ତି। ଦୀର୍ଘଦିନ ଧରି ରାଜନୀତି କରୁଥିଲେ ହେଁ ଉଦ୍ଧବ କେବେ ନିର୍ବାଚନ ଲଢ଼ି ନ ଥିଲେ କିମ୍ବା ସରକାରୀ ପଦ



ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଅଭିନନ୍ଦନ ଜଣାଉଛନ୍ତି।

ପଦବୀରେ ନ ଥିଲେ। ତେଣୁ ସେ କିପରି ଶାସନ କଳକୁ ପରିଚାଳନା କରିବେ ଏବଂ ଭିନ୍ନ ମତାବଲମ୍ବୀ ଦଳର ନେତାଙ୍କୁ ସାଙ୍ଗରେ ନେଇ ଚାଲିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। କାରଣ ହିନ୍ଦୁତ୍ୱ ରାଜନୀତି ଏବଂ କଂଗ୍ରେସ ବିରୋଧୀ ଆଭିମୁଖ୍ୟ ଶିବସେନାର ପରିଚୟ ହୋଇ ରହିଆସିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟରେ ଶିବସେନାକୁ ନିଜ ନୀତିରେ ପରିବର୍ତ୍ତନ କରିବାକୁ ପଡିବ।

■ ୨୦୦୩ରେ ଶିବସେନା କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତି
■ ୨୦୧୨ରେ ଦଳ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ

୧୯୬୦ ଜୁଲାଇ ୨୭ରେ ମୁମ୍ବାଇରେ ଜନ୍ମିତ ଉଦ୍ଧବ ଜେଜେ ସ୍କୁଲ୍ ଅଫ୍ ଆର୍ଟ୍ସରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ, ଯେଉଁଠି ତାଙ୍କର ମୁଖ୍ୟ ବିଷୟ ଥିଲା ଫଟୋଗ୍ରାଫୀ। ଫଟୋଗ୍ରାଫର ଭାବେ ତାଙ୍କର ଅନେକ ଫଟୋ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇବା ସହ ଏକାଧିକ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ତାଙ୍କର ଦୁଇଟି ଫଟୋ ପୁସ୍ତକ ମହାରାଷ୍ଟ୍ର ଦେଶ୍ (୨୦୧୦) ଓ ପହାଡ ବିଠଲ (୨୦୧୧) ପ୍ରକାଶିତ ହୋଇଛି। ୨୦୦୩ ଜାନୁୟାରୀରେ ଉଦ୍ଧବ ଶିବସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। ପିତା ତଥା ଦଳର ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ପରଲୋକ ପରେ ୨୦୧୨ରେ ଉଦ୍ଧବ ଆନୁଷ୍ଠାନିକ ଭାବେ ଦଳ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। କିଛି ବର୍ଷ ପୂର୍ବେ ସେ କରିଥିବା ଫଟୋ ପ୍ରଦର୍ଶନୀରୁ ସଂଗୃହୀତ ୧୦ ଲକ୍ଷ ଟଙ୍କା କୃଷକମାନଙ୍କ କଲ୍ୟାଣ ପାଇଁ ଦାନ କରିଥିଲେ। କୃଷକ ସମସ୍ୟା ଓ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଉଠାଇବା ପାଇଁ ସେ ତାଙ୍କ କର୍ମୀମାନଙ୍କୁ ଉତ୍ସାହିତ କରୁଥିଲେ। ବାନ୍ଦ୍ରାସ୍ଥିତ ଠାକ୍‌ରେ ବାସଭବନ 'ମାତୋଶ୍ରୀ'ରୁ ଉଦ୍ଧବ ଏବେ ଦକ୍ଷିଣ ମୁମ୍ବାଇରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ 'ବର୍ଷା'ରେ ପାଦ ଥାପିଛନ୍ତି। ଏବେ ତାଙ୍କୁ ନୀତି ଆଦର୍ଶରେ ଅନେକ ପରିବର୍ତ୍ତନ ଆଣିବାକୁ ପଡିବ। ନୂଆ ମେଣ୍ଟ ପରିଚାଳନା ଓ ସରକାର ୫ ବର୍ଷ ତିଷ୍ଠିବାକୁ ହେଲେ ତାଙ୍କୁ ନମନୀୟତା ଏବଂ ବିଚକ୍ଷଣତା ଦେଖାଇବାକୁ ପଡିବ ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି।

■ ମହାରାଷ୍ଟ୍ର କ୍ୟାବିନେଟ୍‌ର ପ୍ରଥମ ବୈଠକ

## ରାୟଗଡ଼ ଲାଗି ୨୦କୋଟି ମଞ୍ଜୁର

ମୁମ୍ବାଇ, ୨୮।୧୧

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଉଦ୍ଧବ ଠାକ୍‌ରେ ଦାୟିତ୍ୱଗ୍ରହଣ କରିବା ପରେ ଗୁରୁବାର ରାତି ୮ରେ ପ୍ରଥମ କ୍ୟାବିନେଟ ବୈଠକ ବସିବା ସହ ଛତ୍ରପତି ଶିବାଜୀ ମହାରାଜଙ୍କ ରାଜଧାନୀ ରାୟଗଡ଼ ଦୁର୍ଗର ସଂରକ୍ଷଣ ଲାଗି ୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହ ରାଜ୍ୟର କୃଷକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଉଦ୍ଧବ ଏହି ଅବସରରେ କହିଛନ୍ତି। ତାଙ୍କ ସରକାର ସୁଶାସନ ଆଣିଦେବ ଓ ଖୁବ୍‌ଶୀଘ୍ର କୃଷକଙ୍କ ମୁହଁରେ ହସ ଫୁଟାଇବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। କୃଷିଋଣ ଛାଡ଼ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ବିକାଶ ଯୋଜନା ସମ୍ପର୍କରେ ଅଧିକାରୀଙ୍କଠାରୁ ତଥ୍ୟ ଆଣି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଅଜିତଙ୍କୁ ମିଳିପାରେ ଉପମୁଖ୍ୟମନ୍ତ୍ରୀ ପଦ

**ମୁମ୍ବାଇ, ୨୮।୧୧** :ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ପଦ ମିଳିବା ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ୬ ମନ୍ତ୍ରୀ ଶପଥ ନେଇଥିବାବେଳେ ତାଙ୍କ ପାଳି ପଡ଼ି ନ ଥିଲା। ଭାଜପା ନେତୃତ୍ୱାଧୀନ ସରକାରରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଦୁଇଦିନ ତଳେ ସେ ଇସ୍ତଫା ଦେଇ ନିଜ ଦଳକୁ ଫେରିଥିଲେ।



ଏନ୍‌ସିପିରେ ଜୟନ୍ତ ପାଟିଲ ଏବେ ବିଧାୟକ ଦଳ ନେତା ଥିବାରୁ ସେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ରହିଛି ବୋଲି ଚର୍ଚ୍ଚା ହେଉଛି।

## ମେଣ୍ଟ ସରକାରର ସିଏମ୍‌ପି
## କୃଷି ଋଣଛାଡ଼କୁ ଗୁରୁତ୍ୱ

ମୁମ୍ବାଇ, ୨୮।୧୧

ମହାରାଷ୍ଟ୍ରରେ ନବଗଠିତ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ରାଜ୍ୟରେ କୃଷକ ସମସ୍ୟାର ସମାଧାନ ଓ ସେମାନଙ୍କ ଋଣଛାଡ଼ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସ୍ଥାନୀୟ ଯୁବତୀଯୁବକଙ୍କ ଲାଗି ୮୦ ପ୍ରତିଶତ କର୍ମନିଯୁକ୍ତି ସୁବିଧା ଯୋଗାଇ ଦେବାକୁ ମହାରାଷ୍ଟ୍ର ବିକାଶ ଅଘାଡ଼ି ପକ୍ଷରୁ ଘୋଷଣା କରାଯାଇଛି। ଏନ୍‌ସିପି ନେତା ଜୟନ୍ତ ପାଟିଲ ଓ ନୱାବ ମଲିକଙ୍କ ସହ ଶିବସେନା ନେତା ଏକ୍‌ନାଥ ସିନ୍ଦେ ଗୁରୁବାର ମିଳିତ ଭାବେ ମେଣ୍ଟ ସରକାରର ସାଧାରଣ ସର୍ବନିମ୍ନ



ଏକ୍‌ନାଥ ସିନ୍ଦେ

କାର୍ଯ୍ୟକ୍ରମ(ସିଏମ୍‌ପି) ସମ୍ପର୍କରେ ଘୋଷଣା କରିଥିଲେ। ରାଜ୍ୟରେ କୃଷକଙ୍କ ସମ୍ପୂର୍ଣ୍ଣ ଋଣଛାଡ଼, ସ୍ଥାନୀୟ ଲୋକଙ୍କୁ ୮୦% କାମ ସହ ୧୦ ଟଙ୍କାରେ ଲୋକଙ୍କୁ ଖାଇବାକୁ ଦେବା ଆଦି ସିଏମ୍‌ପିରେ ସ୍ଥାନ ପାଇଛି।

## ଅଣସଦସ୍ୟ ଭାବେ ଉଦ୍ଧବ ଅଷ୍ଟମ ମୁଖ୍ୟମନ୍ତ୍ରୀ

ମୁମ୍ବାଇ, ୨୮।୧୧

ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶିବସେନା ନେତା ଉଦ୍ଧବ ଠାକ୍‌ରେ ଗୁରୁବାର ପ୍ରଥମ ଥର ଲାଗି ଶପଥଗ୍ରହଣ କରିଛନ୍ତି। ତେବେ ସେ ଏବେ ବିଧାନସଭା/ ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଅଣସଦସ୍ୟ ଭାବେ ମୁଖ୍ୟମନ୍ତ୍ରୀ ହେବା ଉଦ୍ଧବ ମହାରାଷ୍ଟ୍ରରେ ଅଷ୍ଟମ ରାଜନେତା। ତାଙ୍କ ପୂର୍ବରୁ ଅଣସଦସ୍ୟ ଭାବେ କଂଗ୍ରେସ ନେତା ଏ.ଆର୍. ଆନ୍ତୁଲେ, ବସନ୍ତଦାଦା ପାଟିଲ, ଶିବାଜୀରାଓ ନିଲଙ୍ଗେକର-ପାଟିଲ, ଶଙ୍କରରାଓ ଚଭନ, ସୁଶିଲ କୁମାର ସିନ୍ଦେ ଓ ପୃଥ୍ୱୀରାଜ ଚଭନ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ସାମ୍ବିଧାନିକ ନିୟମ ଅନୁଯାୟୀ, ବିଧାନସଭା/ ବିଧାନ



ଶପଥ ନେବା ପରେ ସିଦ୍ଧି ବିନାୟକ ମନ୍ଦିରରେ ଉଦ୍ଧବ ଓ ତାଙ୍କ ପରିବାର।

ପରିଷଦର ସଦସ୍ୟ ନ ଥାଇ ଶପଥଗ୍ରହଣ କଲେ, ତା'ର ୬ ମାସ ମଧ୍ୟରେ ନିର୍ବାଚିତ ହେବା ଜରୁରୀ। ତେବେ ଯାଇ ତାଙ୍କ ପଦ ସୁରକ୍ଷିତ ରହିପାରିବ।

## ଝାଡ଼ଖଣ୍ଡ: ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

**ରାଞ୍ଚି,୨୮।୧୧:** ପ୍ରଥମ ପର୍ଯ୍ୟାୟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପାଲାମୌ, ଗୁମ୍‌ଲା, ଗରୱା ଏବଂ ଲାଟେହାର ସମେତ ୧୩ଟି ଆସନରେ ଶନିବାର ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଚାରର ଶେଷ ଦିନରେ ସବୁ ଦଳର ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଛତ୍ରା ଏବଂ ଗରୱାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ରଘୁବର ଦାସ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ, ଝାଡଖଣ୍ଡ ବିକାଶ ମୋର୍ଚ୍ଚା ଅଧ୍ୟକ୍ଷ ବାବୁଲାଲ ମାରାଣ୍ଡି ଏବଂ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ ମୁଖ୍ୟ ସୁଦେଶ କୁମାର ମାହତୋ ବିଭିନ୍ନ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇଥିଲେ।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଗୁରୁବାର ଥିଲା ଶେଷଦିନ। ନାମାଙ୍କନ ଯାଞ୍ଚ ପରେ ପ୍ରତିଦ୍ୱନ୍ଦ୍ୱିତାରେ ୩୧୪ ପ୍ରାର୍ଥୀ ରହିଛନ୍ତି। ଏହି ପର୍ଯ୍ୟାୟରେ ୮ ଜିଲାର ୧୭ ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ କରାଯିବ।




## ପ୍ରତିରକ୍ଷା କମିଟିରୁ ପ୍ରଜ୍ଞା ବିଦା

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ଭାଜପା ଏମ୍‌ପି ଙ୍କ ନାଥୁରାମ ଗଡ୍‌ସେ ମନ୍ତବ୍ୟ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାଜପା ତାଙ୍କୁ ସଂସଦୀୟ ଦଳ ବୈଠକରେ ଯୋଗଦେବାରୁ ବାରଣ କରିବା ସହିତ ପ୍ରତିରକ୍ଷା ପରାମର୍ଶ କମିଟିରୁ ବିଦା କରିଦେଇଛି।

ବୁଧବାର ଲୋକ ସଭାରେ ଏସ୍‌ପିଜି ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ନାଥୁରାମ ଗଡ୍‌ସେ ଜଣେ ଦେଶଭକ୍ତ ବୋଲି ପ୍ରଜ୍ଞା କହିଥିଲେ। ଏହାକୁ ନେଇ ଗୃହରେ ପ୍ରବଳ ହୋ-ହଲ୍ଲା ହୋଇଥିଲା। ପ୍ରଜ୍ଞାଙ୍କ ମନ୍ତବ୍ୟକୁ ରାହୁଲ ତୀବ୍ର ସମାଲୋଚନା କରିବା ସହ ତାଙ୍କୁ ଜଣେ ଆତଙ୍କବାଦୀ ବୋଲି କହିଥିଲେ। ଆତଙ୍କବାଦୀ ପ୍ରଜ୍ଞା ଆତଙ୍କବାଦୀ ଗଡ୍‌ସେଙ୍କୁ ଦେଶଭକ୍ତ କହୁଛନ୍ତି। ପ୍ରଜ୍ଞାଙ୍କ ମନ୍ତବ୍ୟ ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ମନର କଥାକୁ ପ୍ରତିଫଳନ କରୁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ। ଏହା ଭାରତୀୟ ସଂସଦ ପାଇଁ ଏକ ଦୁଃଖର ଦିନ ବୋଲି ସେ ମତ ଦେଇଥିଲେ। ବିଭିନ୍ନ ମହଲରୁ ସମାଲୋଚନା ହେବା ପରେ



ପ୍ରଜ୍ଞା ସିଂ ଠାକୁର

### ଗଡ୍‌ସେ ବିବାଦ
### ମନ୍ତବ୍ୟକୁ ନିନ୍ଦା କଲେ ରାଜନାଥ

ପ୍ରଜ୍ଞା ନିଜ ମନ୍ତବ୍ୟ ସମ୍ପର୍କରେ ସଫେଇ ଦେବାକୁ ଯାଇ ସେ ବିପ୍ଳବୀ ଉଧମ୍ ସିଂଙ୍କ ଅପମାନକୁ ବିରୋଧ କରି ଏଭଳି ବିବୃତି ଦେଇଥିବା କହିଥିଲେ। ପ୍ରଜ୍ଞାଙ୍କ ମନ୍ତବ୍ୟ ନିନ୍ଦନୀୟ। ଭାଜପା ଏଭଳି ମନ୍ତବ୍ୟ ଓ ଚିନ୍ତାଧାରାକୁ କଦାପି ସମର୍ଥନ କରେନାହିଁ ବୋଲି ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଥିଲେ। ତେବେ ଭାଜପା ନେଇଥିବା କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ। ଭାଜପା କ'ଣ ପାଇଁ ପ୍ରଜ୍ଞାଙ୍କୁ ଦଳରୁ ବିଦା କରୁନି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ଲୋକ ସଭାରେ ବିରୋଧୀ ସଦସ୍ୟମାନଙ୍କ ଜୋରଦାର ପ୍ରତିବାଦ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ସମାଲୋଚନା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ 'ଦେଶଭକ୍ତ' ଭାବେ ବର୍ଣ୍ଣନା କରିବା ଚିନ୍ତାଧାରାକୁ ଭାଜପା ନିନ୍ଦାକରେ ବୋଲି ସେ କହିଛନ୍ତି। ମହାତ୍ମାଙ୍କ ଦର୍ଶନ ପ୍ରାସଙ୍ଗିକ ଥିଲା, ରହିଛି ଏବଂ ଭବିଷ୍ୟତରେ ରହିବ। ମହାତ୍ମା ରାଷ୍ଟ୍ରର ମାର୍ଗଦର୍ଶକ ଭାବେ ରହିଆସିଛନ୍ତି ବୋଲି ରାଜନାଥ କହିଥିଲେ। ତେବେ ପ୍ରତିରକ୍ଷାମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ବାମଦଳ, ଏନ୍‌ସିପି ଏବଂ ଏଆଇଏମ୍‌ଆଇଏମ୍ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିବାବେଳେ ବିଏସ୍‌ପି, ବିଜେଡି, ଟିଡିପି ଏବଂ ଟିଆର୍‌ଏସ୍ ସଦସ୍ୟମାନେ ଗୃହରେ ବସିରହିଥିଲେ।

## ବିସ୍ଫୋରଣରେ ୧୫ ମୃତ

କାବୁଲ,୨୮।୧୧

ଆଫଗାନିସ୍ତାନର କୁନ୍ଦୁଜ୍ ପ୍ରଦେଶରେ ତାଲିବାନ ଆତଙ୍କବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୮ ଶିଶୁଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ମହିଳା ଅଛନ୍ତି। ଉକ୍ତ ଅଞ୍ଚଳରେ ଆଫଗାନ୍ ସୈନ୍ୟବାହିନୀ ସହ ତାଲିବାନ ଆତଙ୍କବାଦୀଙ୍କ ସଂଘର୍ଷ ନିୟମିତ ଘଟୁଛି। ଗତ ସେପ୍ଟେମ୍ବରରେ ତାଲିବାନ କୁନ୍ଦୁଜ୍ ସହରକୁ ଅକ୍ତିଆର କରିବା ପାଇଁ ଆକ୍ରମଣ କରିଥିଲା।

[ଇତିହାସର ଆଇନାରେ]

**ନଭେମ୍ବର ୨୯ର ପ୍ରମୁଖ ଘଟଣା**

୧୯୪୭ ନଭେମ୍ବର ୨୯ରେ ପାଲେଷ୍ଟାଇନର ବିଭକ୍ତୀକରଣ ଲାଗି ଜାତିସଂଘ ସାଧାରଣ ଅଧିବେଶନରେ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା।

୧୯୮୭ ନଭେମ୍ବର ୨୯ରେ କୋରିଆର ଏକ ବିମାନରେ ବିସ୍ଫୋରଣ ହେବାରୁ ମଝି ଆକାଶରେ ଏହା ଧ୍ୱଂସ ପାଇଯାଇଥିଲା। ଏଥିରେ ଥିବା ସମସ୍ତ ୧୧୫ ଯାତ୍ରୀ ପ୍ରାଣ ହରାଇଥିଲେ।

## ପାର୍ଲାମେଣ୍ଟରେ ଚିଟ୍‌ଫଣ୍ଡ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୨୮।୧୧(ପି.ଟି.):** ଚିଟ୍‌ଫଣ୍ଡ ସଂଶୋଧନ ବିଲ୍ ଗୁରୁବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ୨୦ ତାରିଖରେ ଏହା ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ଗୁରୁବାର ରାଜ୍ୟ ସଭା ଏହାକୁ ମଞ୍ଜୁରୀ ଦେଇଛି। ପ୍ରସ୍ତାବିତ ବିଲ୍‌ରେ ବ୍ୟକ୍ତିବିଶେଷ କିମ୍ବା ୪ ଜଣରୁ କମ୍ ଲୋକଙ୍କ ଦ୍ୱାରା ପରିଚାଳିତ ଚିଟ୍‌ଫଣ୍ଡର ଅର୍ଥସୀମାକୁ ୧ ଲକ୍ଷରୁ ୩ ଲକ୍ଷକୁ ବୃଦ୍ଧି କରାଯାଇଥିବାବେଳେ ୪ କିମ୍ବା ତଦୂର୍ଦ୍ଧ୍ୱ ଅଂଶୀଦାରଙ୍କ ଫାର୍ମ ଦ୍ୱାରା ପରିଚାଳିତ ଚିଟ୍‌ଫଣ୍ଡର ଅର୍ଥରାଶି ସୀମାକୁ ୬ ଲକ୍ଷରୁ ୧୮ ଲକ୍ଷ ଟଙ୍କାକୁ ବଢ଼ାଇଦିଆଯାଇଛି। ଚିଟ୍‌ଫଣ୍ଡ ପରିଚାଳନା ପାଇଁ ଉତ୍ତରଦାୟୀ ଫୋର୍‌ମ୍ୟାନଙ୍କ ସର୍ବାଧିକ କମିଶନକୁ ୫ ପ୍ରତିଶତରୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଛି।

## ଟିଏମ୍‌ସି ୩ ଆସନ ପୋଛିନେଲା

କୋଲକାତା, ୨୮।୧୧

ପଶ୍ଚିମବଙ୍ଗର ୩ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ବାଜିମାରିଛି। ସମସ୍ତ ୩ ଆସନରେ ଟିଏମ୍‌ସିର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କାଳିଆଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ତପନ ଦେବ ସିହ୍ନା ଭାଜପା ପ୍ରାର୍ଥୀ କମଳ ଚନ୍ଦ୍ର ସର୍କାରଙ୍କୁ ୨,୪୧୮ ଭୋଟରେ ପରାସ୍ତ କରିଛନ୍ତି। ସେହିଭଳି ଖଡ଼୍‌ଗପୁର ସଦର ଆସନରେ ଟିଏମ୍‌ସି ପ୍ରାର୍ଥୀ ପ୍ରଦୀପ ସର୍କାର ଭାଜପାର ପ୍ରେମଚନ୍ଦ୍ର ଝାଙ୍କୁ ୨୦,୮୧୧ ଭୋଟରେ ପରାସ୍ତ କରିଛନ୍ତି। ଅନୁରୂପ ଭାବେ କରିମ୍‌ପୁରରେ ଟିଏମ୍‌ସିର ବିମଳେନ୍ଦୁ ସିହ୍ନା ରାୟ ଭାଜପା ଉପସଭାପତି ଜୟପ୍ରକାଶ ମଜୁମ୍‌ଦାରଙ୍କୁ ୨୩,୬୫୦ ଭୋଟ ବ୍ୟବଧାନରେ

**ପଶ୍ଚିମବଙ୍ଗ ଉପନିର୍ବାଚନ**



ପରାସ୍ତ କରିଛନ୍ତି। ଭାଜପା ପ୍ରଦେଶ ଅଧ୍ୟକ୍ଷ ଦିଲୀପ ଘୋଷ ପୂର୍ବରୁ ଖଡ଼୍‌ଗପୁର ବିଧାୟକ ଥିଲାବେଳେ ମିଦ୍‌ନାପୁର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଏଥିଲାଗି ଏଠାରେ ଉପନିର୍ବାଚନ କରାଯାଇ ଥିବାବେଳେ ଭାଜପାକୁ ଜୋର୍‌ଦାର ଝଟକା ଲାଗିଛି।

## ସେକ୍ସ ର୍ୟାକେଟ: ଖଲ୍ଲିକୋଟ ବ୍ଲକ ପିଇଓଙ୍କ ସମେତ ୩ ଗିରଫ

**ଛତ୍ରପୁର,୨୮।୧୧(ଡି.ଏନ.ଏ):** ଗଞ୍ଜାମ ଜିଲା ଛତ୍ରପୁର ବାଇପାସ୍ ଜାତୀୟ ରାଜପଥ ପାର୍ଶ୍ୱ ଜୟଦୁର୍ଗା ନଗରଠାରେ ଚାଲିଥିବା ଏକ ସେକ୍ସ ର୍ୟାକେଟକୁ ପୋଲିସ ଠାବ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖଲ୍ଲିକୋଟ ବ୍ଲକ ପିଇଓଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପିଇଓ ସନ୍ତୋଷ କୁମାର ଭୋଇ, ଦିଗନ୍ତ କୁମାର ନାୟକ ଓ ସିଦ୍ଧାନ୍ତ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି।




# ହକି ସମ୍ପର୍କିତ ସଂକଳ୍ପକୁ ସମର୍ଥନ

## ମୁଖ୍ୟମନ୍ତ୍ରୀଙ୍କୁ ସବୁ ଦଳ ସଦସ୍ୟଙ୍କ ପ୍ରଶଂସା

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

୨୦୨୩ରେ ରାଜ୍ୟରେ ଦ୍ୱିତୀୟ ଥର ଲାଗି ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାର ସଫଳତା କାମନା କରି ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏକ ସଂକଳ୍ପ ଆଣିଥିଲେ। ଏହି ଅବସରରେ ନରସିଂହ କହିଛନ୍ତି, ହକି ହେଉଛି ଓଡ଼ିଶାର ଏକ ଲୋକପ୍ରିୟ କ୍ରୀଡ଼ା। ସୁନ୍ଦରଗଡ ଜିଲାର ଅଧିକାଂଶ ପିଲା ହକି ଖେଳିବାକୁ ପସନ୍ଦ କରୁଛନ୍ତି। ସେଠାରୁ କେବଳ ଅନ୍ତର୍ଜାତୀୟ ହକି ଖେଳାଳି ନୁହନ୍ତି ବରଂ କ୍ୟାପ୍ଟେନ୍ ବାହାରୁଛନ୍ତି। ଏସିଆନ ଆଥ୍ଲେଟିକ କ୍ରୀଡ଼ା ପ୍ରତିଯୋଗିତା କଥା ମନେପଡୁଛି। ଯେତେବେଳେ ଛତିଶଗଡ ଏବଂ ଆଉ କେତୋଟି ରାଜ୍ୟ ଏହି ପ୍ରତିଯୋଗିତା ନିଜ ରାଜ୍ୟରେ କରିବା ଲାଗି ମନା କରିଦେଲେ ଓଡିଶା ସରକାର ଏହି କ୍ରୀଡ଼ା ଆୟୋଜନ ପାଇଁ ରାଜି ହୋଇଗଲେ। ଏହାଦ୍ୱାରା ଓଡ଼ିଶାର ନାଁ ରହିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନେକ ଅବଦାନ ରହିଛି। ଆଗକୁ ୨୦୨୩ରେ ହକି ବିଶ୍ୱକପ୍ ଦ୍ୱିତୀୟ ଥର ଲାଗି ଓଡିଶାରେ ହେବାକୁ ଯାଉଛି। ଦଳମତ ନିର୍ବିଶେଷରେ ସମସ୍ତେ ଏଥିପାଇଁ ହାତ ବଢ଼ାଇବା ଦରକାର। ଏଥିରେ ରାଜନୀତି ନ ପଶାଇବା ଲାଗି ସେ ଅନୁରୋଧ କରିଛନ୍ତି। ତୃଣମୂଳସ୍ତରରୁ ପିଲାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଭଲ ମନୋଭାବ ସୃଷ୍ଟି କରିବା ଦରକାର। ସବୁ ଜିଲା ମୁଖ୍ୟାଳୟରେ ଜାତୀୟସ୍ତରର ଷ୍ଟାଡିୟମ ଏବଂ ବ୍ଲକସ୍ତରରେ ମିନି ଷ୍ଟାଡ଼ିୟମ ଖୋଲିବା ପାଇଁ ନରସିଂହ କହିଛନ୍ତି।

ଭାଜପା ଉପନେତା ବିଷ୍ଣୁ ସେଠୀ କହିଛନ୍ତି, କଂଗ୍ରେସ ନେତା ଆଣିଥିବା ପ୍ରସ୍ତାବକୁ ସମର୍ଥନ ଜଣାଉଛି। ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ହକି ବିଶ୍ୱକପ ଓଡିଶାରେ କରିବାକୁ ଘୋଷଣା କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର, ରୋହିତ ପୂଜାରୀ,ଅନନ୍ତ ନାରାୟଣ ଜେନା ଓ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ। ଏହାସହ ନରସିଂହ ଆଣିଥିବା ସଂକଳ୍ପକୁ ସମର୍ଥନ ମଧ୍ୟ ଜଣାଇଥିଲେ। ରୋହିତ ପୂଜାରୀ ମଧ୍ୟ ଏହି ସଂକଳ୍ପକୁ ସମର୍ଥନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି।

# ଦୁଇ ଛାତ୍ରୀଙ୍କୁ କେମିକାଲ ସ୍ପ୍ରେ

## ଯୁବକ ଥାନାରେ ଅଟକ

**ବନ୍ତ, ୨୮।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବଜାରରେ ଗୁରୁବାର ସକାଳେ ଦୁଇଜଣ ଛାତ୍ରୀ ବିଦ୍ୟାଳୟକୁ ଯାଉଥିବା ବେଳେ ସେମାନଙ୍କ ଉପରକୁ ଜଣେ ଯୁବକ କେମିକାଲ ସ୍ପ୍ରେ କରିଛନ୍ତି। ଏଥିରେ ଗୁରୁତର ଛାତ୍ରୀଦ୍ୱୟ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ଘର ବନ୍ତ ଥାନା ଅଞ୍ଚଳରେ। ଜଣେ ନବମ ଶ୍ରେଣୀର ଓ ଅନ୍ୟ ଜଣେ ଦଶମ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ବନ୍ତ ଥାନା ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୯ଟା ୪୫ ବେଳେ ଉଭୟ ଛାତ୍ରୀ ସାଇକେଲ ଯୋଗେ ବିଦ୍ୟାଳୟକୁ ଯାଉଥିଲେ। ବନ୍ତ ଥାନା ଛକଠାରୁ ୨୦୦ ମିଟର ଦୂର ଡିଗି ଛକ ନିକଟରେ ଜଣେ ଯୁବକ ସେମାନଙ୍କ ଉପରକୁ କେମିକାଲ ସ୍ପ୍ରେ କରି ପଳାଇଯାଇଥିଲେ। ଛାତ୍ରୀଦ୍ୱୟଙ୍କୁ ପ୍ରଥମେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କୁ ପଚରାଉଚରା କରିଥିଲା। ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁଇ ଛାତ୍ରୀଙ୍କ ବୟାନ ଅନୁସାରେ ଟିଲୋ କଣ୍ଟାପଡ଼ା ଗ୍ରାମର ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି। ତେବେ ଖବର ଲେଖା ହେବା ବେଳକୁ ଉଭୟ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

## ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ମହିଳା ଯିବା ପ୍ରସଙ୍ଗ

# ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

### ବିଧାନସଭାରେ ହଟ୍ଟଗୋଳ

- ବାରମ୍ବାର ଗୃହ ମୁଲତବୀ
- ସର୍ବଦଳୀୟ ବୈଠକ ପରେ ଶାନ୍ତ ପଡ଼ିଲେ ବିରୋଧୀ
- ବିବୃତି ରଖିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ପର୍ଯ୍ୟଟନ ମନ୍ତ୍ରୀଙ୍କ ଛଡ଼ା ଆଉ କାହା ପାଇଁ ସରକାରୀ ଅର୍ଥ ଖର୍ଚ୍ଚ ହୋଇ ନାହିଁ

ରାଜ୍ୟ ସରକାରଙ୍କ ଦ୍ୱାରା ହାଇଦ୍ରାବାଦରେ ଆୟୋଜିତ ରୋଡ୍ ଶୋ'କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦୁଇଜଣ ମହିଳାଙ୍କୁ ସରକାରୀ ଅର୍ଥରେ ସାଙ୍ଗରେ ନେଇଥିବା ଅଭିଯୋଗ ହୋଇଛି। ସରକାରୀ ଅର୍ଥରେ ଉକ୍ତ ଦୁଇ ମହିଳାଙ୍କୁ ହାଇଦ୍ରାବାଦ କାହିଁକି ନିଆଯାଇଥିଲା। କେନ୍ଦ୍ରାପଡ଼ାର ସାରଥି ବାବା ଜଣେ ଝିଅଙ୍କୁ ସାଙ୍ଗରେ ନେଇଥିଲେ ବୋଲି ତାଙ୍କୁ ଗିରଫ କରି ଜେଲ ପଠାଗଲା। ପର୍ଯ୍ୟଟନ ମନ୍ତ୍ରୀ ଦୁଇଜଣ ମହିଳାଙ୍କୁ ସରକାରୀ ଅର୍ଥରେ ସାଙ୍ଗରେ ନେଇଥିଲେ ମଧ୍ୟ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ। ତୁରନ୍ତ ସେ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ । ଏଭଳି ସଙ୍ଗିନ ଅଭିଯୋଗ ଆଣି କଂଗ୍ରେସ ସଦସ୍ୟମାନେ ଗୁରୁବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ୨୦୧୯ ଅକ୍ଟୋବର ୪ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ ଦୁଇଜଣ ମହିଳାଙ୍କୁ ହାଇଦ୍ରାବାଦ ନେଇଥିଲେ। କେଉଁ ଅଧିକାର ବଳରେ ମନ୍ତ୍ରୀ ଉଭୟଙ୍କୁ ସାଙ୍ଗରେ ନେଇଥିଲେ ଓ ସରକାରୀ ଅର୍ଥ ଖର୍ଚ୍ଚ କରିଥିଲେ। ସେ ସମ୍ପର୍କରେ ସରକାର ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ନାୟକ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ପର୍ଯ୍ୟଟନ ମନ୍ତ୍ରୀ ଆର୍. ମହାପାତ୍ର ଏବଂ ଏସ୍.ଏସ୍.ମହାପାତ୍ର ନାମରେ ଦୁଇଜଣ ମହିଳାଙ୍କୁ ସାଙ୍ଗରେ ହାଇଦ୍ରାବାଦ ନେଇଥିଲେ। ସାରଥି ବାବା ଜଣେ ଡାକ୍ତରୀ ଛାତ୍ରୀଙ୍କୁ ହାଇଦ୍ରାବାଦ ନେଇଥିବାରୁ ତାଙ୍କୁ ଗିରଫ କରାଯାଇ ଜେଲ ପଠାଗଲା। ହେଲେ ପର୍ଯ୍ୟଟନ ମନ୍ତ୍ରୀ ମା' ଓ ବାଛୁରୀକୁ ସାଙ୍ଗରେ ନେଇଥିଲେ। ସରକାର କ'ଣ ନୂଆ ପର୍ଯ୍ୟଟନ ବିଭାଗ ଖୋଲିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ସେମାନେ ତାଙ୍କ ପଇସାରେ ଯାଇଥିଲେ ନା ସରକାରଙ୍କ ପଇସାରେ ଯାଇଥିଲେ, ସେନେଇ ସରକାର ଗୃହରେ ଜବାବ ରଖିବା ଦରକାର। ଏପରିକି ମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ସେ ଦାବି କରିଥିଲେ। ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି...,ଆମର ଦାବି ସ୍ଲୋଗାନ ଦେଇ ପ୍ରବଳ ହୋହଲ୍ଲା କରିଥିଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ୧୨ଟା ୧୧ ମିନିଟରୁ ଗୃହକୁ ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ୧୨ ଟା ୪୧ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପୁଣି ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହୋହଲ୍ଲା କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ସମ୍ଭବ ହୋଇ ନ ଥିଲା। ଶେଷରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୨ ଟା ୫୩ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପରେ ପୁଣି ହଟ୍ଟଗୋଳ ଲାଗି ରହିଥିଲା। ବାଚସ୍ପତି ଗୃହକୁ ୩ଟା ୭ରେ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ପରେ ୪ଟା ୨ ମିନିଟରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ ଏହି ପ୍ରସଙ୍ଗ ଉପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ଅପରାହ୍ନରେ ଗୃହରେ ବିବୃତି ରଖିଥିଲେ। ମନ୍ତ୍ରୀ କହିଛନ୍ତି ଯେ ଗତ ୪ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରୋଡ୍ ଶୋ ପାଇଁ ହାଇଦ୍ରାବାଦ ଯାଇଥିଲେ। ହେଲେ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ଖର୍ଚ୍ଚ କରାଯାଇ ନାହିଁ।

# ଏସ୍ଏଚ୍‌ଜିକୁ ମଧ୍ୟାହ୍ନଭୋଜନ ଦାୟିତ୍ୱ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

ଏଣିକି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲୁଏସ୍ଏଚ୍‌ଜି) ସ୍କୁଲଗୁଡ଼ିକରେ ମଧ୍ୟାହ୍ନଭୋଜନ ଦାୟିତ୍ୱ ସମ୍ଭାଳିବେ। ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲରେ ଯେଉଁଠାରେ ୬ରୁ ୧୪ ବର୍ଷ ପିଲାଙ୍କୁ ଶିକ୍ଷାଦାନ ଦିଆଯାଉଛି, ସେଠାରେ ମଧ୍ୟାହ୍ନ ଭୋଜନର ସୁପରିଚାଳନା ଲାଗି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧୦୦ରୁ ଊର୍ଦ୍ଧ୍ୱ ପିଲା ଥିବା ସ୍କୁଲରେ ମଧ୍ୟାହ୍ନଭୋଜନର ଦାୟିତ୍ୱ ଡବ୍ଲୁଏସ୍ଏଚ୍‌ଜି ନେବେ। ତେବେ ଯେଉଁଠି ସେଣ୍ଟ୍ରାଲ କିଚେନ ବା ଅକ୍ଷୟ ପାତ୍ର ଫାଉଣ୍ଡେଶନକୁ ଦାୟିତ୍ୱ ଦିଆଯାଇଥିଲା, ତାହା ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ୫୩ ହଜାର ସ୍କୁଲରେ ମଧ୍ୟାହ୍ନ ଭୋଜନ ବିଷୟ ୧୫ ହଜାର ଡବ୍ଲୁଏସ୍ଏଚ୍‌ଜି ବୁଝିବେ। ଏନେଇ ରାଜ୍ୟ ମିଶନ ଶକ୍ତି ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମଧ୍ୟାହ୍ନଭୋଜନ ଯୋଜନା ବିଶ୍ୱର ସର୍ବବୃହତ୍ ଖାଦ୍ୟ ଯୋଗାଣ ଯୋଜନା। ତେଣୁ ଏହାକୁ ସଠିକ୍ ପରିଚାଳନା କରିବା ଏବଂ ଏଥିରେ ସ୍ୱୟଂ ସହାୟକ ମହିଳାଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ସଶକ୍ତୀକରଣ କରିବା ହେଉଛି ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ତେବେ ଜିଲା ଶିକ୍ଷା ଅଧିକାରୀମାନେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ସ୍କୁଲର ତାଲିକା ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କୁ ପ୍ରଦାନ କରିବେ। ଏହାପରେ ଡବ୍ଲୁଏସ୍ଏଚ୍‌ଜିଙ୍କୁ ଜିଲାପାଳ ଚୟନ କରିବେ। ଅନ୍ୟପଟେ ମଧ୍ୟାହ୍ନଭୋଜନ ଦାୟିତ୍ୱରୁ ଶିକ୍ଷକମାନେ ମୁକ୍ତ ହୋଇଛନ୍ତି। ପିଲାଙ୍କୁ ଉନ୍ନତମାନର ଖାଦ୍ୟ ଦେବାକୁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଅଧିକାଂଶ ସମୟରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି, ଯାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଛି। ଏହାଛଡ଼ା ସ୍କୁଲର ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ରହିବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଡବ୍ଲୁଏସ୍ଏଚ୍‌ଜିକୁ ଯିବା ଦ୍ୱାରା ଶିକ୍ଷକମାନେ ସେଥିରୁ ମୁକ୍ତ ହେଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

**ପୁରୀ ଅଫିସ, ୨୮।୧୧:** ପୁରୀ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ମାମଲାର ବିଚାର କରି ଅଭିଯୁକ୍ତ ସତ୍ୟ ନାରାୟଣ ପଣ୍ଡାଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସରସଙ୍ଗ ଗ୍ରାମର ରଞ୍ଜିତ ପଣ୍ଡାଙ୍କ ପରିବାର ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ମଙ୍ଗଳାଘାଟରେ ଏକ ଭଡ଼ାଘରେ ରହୁଥିଲେ। ୨୦୧୬ ଏପ୍ରିଲ ୨ ରାତିରେ ଅଭିଯୁକ୍ତ ସତ୍ୟ ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସତ୍ୟଙ୍କ ପୁଅ ରଞ୍ଜିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା' ସରସ୍ୱତୀଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜିତ ଥାନାରେ ଏତଲା ଦେଇଥିଲେ। ପୋଲିସ ସତ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।












## ଭାରତ ଗସ୍ତରେ ଶ୍ରୀଲଙ୍କା ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୮।୧୧: ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ତିନିଦିନିଆ ଭାରତ ଗସ୍ତରେ ଆସି ଗୁରୁବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କ୍ଷମତାକୁ ଆସିବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ। ସେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିବେ। ଦିଲ୍ଲୀ ବିମାନ ବନ୍ଦରରେ ଗୋଟାବାୟାଙ୍କୁ କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ ସ୍ୱାଗତ କରିଛନ୍ତି। ଶ୍ରୀଲଙ୍କାର ନୂଆ ସରକାର ସହ ଏକାଠି କାର୍ଯ୍ୟ କରିବାକୁ ଭାରତ ଆଗ୍ରହୀ ବୋଲି ଗତ ସପ୍ତାହରେ ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ସିଦ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶ୍ରୀଲିପ୍ସା ସାହୁ



ଦେବସ୍ମିତା ପ୍ରଧାନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନରେ ପଞ୍ଚଗ୍ରହକୂଟ ମାନସିକ ସ୍ତରକୁ ବିଭ୍ରାନ୍ତ କରାଇବ। ଦୀର୍ଘ ସମୟ ଧରି ପାରିବାରିକ ଅସ୍ଥିରତା ଯୋଗୁ କୌଣସି କାମରେ ମନ ଲାଗିବ ନାହିଁ। କର୍ମକ୍ଷେତ୍ରରେ ପୂର୍ବ ଯୋଜନା ଅନୁଯାୟୀ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ଅଫିସ୍ କାମରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଚନ୍ଦ୍ରଙ୍କ ସମେତ ଅଷ୍ଟମରେ ଏକାଧିକ ଗ୍ରହ ଅବସ୍ଥାନ କରୁଥିବାରୁ କୌଣସି କ୍ଷେତ୍ରରେ ପ୍ରତିବାଦ କଲେ ଅପଦସ୍ଥ ହେବେ। ଦୂରଯାତ୍ରା ସକାଶେ ବ୍ୟବସାୟିକ କ୍ଷେତ୍ର ପାଇଁ ଅସୁବିଧା ହେବ ନାହିଁ। ସ୍ତ୍ରୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହୋଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତି ବଶତଃ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**ମିଥୁନ** ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟାକଲେ ନିରାଶ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସାଙ୍ଗକୁ ମାନସିକ ସ୍ତରରେ ମଧ୍ୟ ଚାପଗ୍ରସ୍ତ ହେବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ପୁରୁଣା ଲୋନ୍‌ର ପରିଶୋଧ ଚିନ୍ତା ମନକୁ ଆକ୍ରାନ୍ତ କରି ରଖିବ।

**କର୍କଟ** ଗ୍ରହପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ, ସଦିଚ୍ଛା ସହ ଗସ୍ତକାର୍ଯ୍ୟକ୍ରମ ବଢିଯାଇପାରେ। ନିଜର ବିଚାରବୁଦ୍ଧି ହରାଇ ଅନ୍ୟମାନଙ୍କ କଥାରେ କୌଣସି କାମ କଲେ ଅସୁବିଧାରେ ପଡିବେ। ଯେକୌଣସି କ୍ଷେତ୍ରରେ ମଧ୍ୟ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** ଏକାଦଶରେ ରାହୁ ଓ ରବି କେନ୍ଦ୍ରସ୍ଥ ଯୋଗୁ ସମ୍ପୂର୍ଣ୍ଣ ଭାବରେ ସମସ୍ୟା ମୁକ୍ତ ନ ହେଲେ ମଧ୍ୟ କେତେକାଂଶରେ ହାଲୁକା ମନେ କରିବେ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା** ମୁଖ୍ୟ ଭାବରେ ମଙ୍ଗଳ ଓ ବୁଧ ହେତୁ ବ୍ୟବହାରରେ ସତର୍କତା ଅବଲମ୍ବନ ନ କଲେ ଅଯଥା ସମ୍ପର୍କହାନି ଘଟିପାରେ। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ ତଥାପି ଉନ୍ନତ ଚିନ୍ତା ଓ ସେବା ମନୋଭାବରୁ ପ୍ରଶଂସିତ ହେବେ।

**ତୁଳା** ଏକାଧିକଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ନୂତନ କର୍ମାରମ୍ଭ କୌଣସି ପୁରୁଣା କଥାକୁ ମନେ ପକାଇ ଭାବବିଭୋର ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ପରିସ୍ଥିତିବଶତଃ କୌଣସି ଜିନିଷ ସହଜଲଭ୍ୟ ହୋଇ ନ ପାରେ। କର୍ମକ୍ଷେତ୍ରରେ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ସଫଳତା ପାଇବେ।

**ବିଛା** ଆଜିର ଦୁର୍ବଳ ରବି ଓ ଏକାଧିକ ଗ୍ରହ ମଧ୍ୟରେ ଚନ୍ଦ୍ର ମନରେ ହତାଶାଭାବ ସଂଚାର କରିପାରେ। ଅନ୍ୟମାନଙ୍କ କଥା ଓ କାମର ତାଳମେଳ ନ ରହିବା ସକାଶେ ଆପଣଙ୍କ ଦୁଶ୍ଚିନ୍ତା ବଢ଼ିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଜ୍ୟେଷ୍ଠା କାର୍ଯ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ରାଶିରେ ଏକାଧିକଗ୍ରହ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ଦୋଷତ୍ରୁଟି ଖୋଜି ବୁଲିଲେ କାର୍ଯ୍ୟହାନି ସାଙ୍ଗକୁ ଶତ୍ରୁତା ବଢିଯିବ। କୌଣସି ଜିନିଷର ଅଭାବକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସ୍ୱାସ୍ଥ୍ୟ ପୂର୍ବବତ୍ ଠିକ୍ ରହିବ। କୌଣସି ସମସ୍ୟାରେ ସାମିଲ ହୋଇ ଅନ୍ୟମନସ୍କ ରହିପାରନ୍ତି।

**ମକର** ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତିକୁ ନେଇ ଦିନଟି କଟିବ। କୌଣସି କାମରେ ବାରମ୍ବାର ପ୍ରତିବନ୍ଧକ ଯୋଗୁ ସାମୟିକ ମନଦୁଃଖ ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲା, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଅନ୍ୟମାନେ ପରୋକ୍ଷରେ ତାହା କରାଇ ନ ଦେବାକୁ ଚେଷ୍ଟା କରିପାରନ୍ତି। ଏଣେ ପାରିବାରିକ କ୍ଷେତ୍ରରେ କିଛିଟା ସମସ୍ୟା ଆସିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କୌଶଳକ୍ରମେ ଲକ୍ଷ୍ୟସ୍ଥଳରେ ପହଞ୍ଚି କାମ ହାସଲ କରିବେ।

**ମୀନ** ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ କରି ନ ପାରିବା କାରଣରୁ ମାନସିକ ସ୍ତରରେ ଗ୍ଲାନି ଅନୁଭବ କରିପାରନ୍ତି। କିଛି ସମସ୍ୟା ସମାଧାନ କରିବାବେଳକୁ ଅନ୍ୟ ଏକ ସମସ୍ୟା ଆସିବ ଯାହାକି ଆପଣଙ୍କୁ ସାମାନ୍ୟ ବ୍ୟସ୍ତ ଓ ବିବ୍ରତ ମଧ୍ୟରେ ଚଳିବାକୁ ପଡିବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ରମ୍ଭାତୃତୀୟା ଶୁକ୍ରବାର, ନଭେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮।୦୩ମି. ଗତେ, ପୂର୍ବାଷାଢ଼ା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୭।୩୫ମି. ଗତେ ଘ୯।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୧ମି. ଗତେ ଘ୮।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୧୦।୧୩ମି. ଗତେ ଘ୧୧।୩୪ମି. ମଧ୍ୟେ ରାହୁକାଳ।

### ପ୍ରଥମ ପୃଷ୍ଠାରୁ...

## ଗାଡ଼ି କାଗଜପତ୍ର...

ଏହି ଅବଧି ଶେଷ ହେଉଛି। ପୁଣି ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେବା ପରେ ଆର୍‌ଟିଓଗୁଡିକରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଗୁରୁବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଡ୍ରାଇଭିଂ ଲାଇସେନ୍ସ, ଡିୟୁସି ପାଇଁ ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକରେ ପ୍ରବଳ ଭିଡ଼ ଲାଗି ରହୁଛି। ଡିସେମ୍ବର ପହିଲାରୁ କଡ଼ାକଡ଼ି ଲାଗୁ ହେବା ଜାଣି ଲୋକେ ରାତିରୁ ଆର୍‌ଟିଓ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ଏପରି କି ବରିଷ୍ଠ ନାଗରିକ ଓ ମହିଳାଙ୍କୁ ମଧ୍ୟ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ବାଚସ୍ପତି ପରିବହନ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବା ଲାଗି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ପ୍ରମୁଖ ସମୟ ବୃଦ୍ଧି କରିବା ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଆର୍‌ଟିଓ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଲୋକମାନେ ହଇରାଣ ହରକତ ହେଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି କାଗଜପତ୍ର କରିବା ଲାଗି ଆଉ ୩ ମାସ ସମୟ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ।

### ଉଜୁଡା ଫସଲ ସାଙ୍ଗକୁ ଋଣଭାର ବୋଝ

# ଚାଷୀଙ୍କ ଆତ୍ମହତ୍ୟା: ୫ ଘଣ୍ଟା ରାସ୍ତାରୋକୋ

ରାଜନଗର,୨୮।୧୧(ଡି.ଏନ.ଏ.)

ବୁଲ୍‌ବୁଲ୍ ପ୍ରଭାବରେ ଧାନଫସଲ ସଂପୂର୍ଣ୍ଣ ଉଜୁଡି ଯିବା ପରେ କରିଥିବା ଋଣ କିପରି ଶୁଝିବେ ସେହି ଚିନ୍ତାରେ ମ୍ରିୟମାଣ ହୋଇ ରାଜନଗର ଅଞ୍ଚଳରେ ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀ ହେଲେ ରାମଚନ୍ଦ୍ର ବାରିକ (୪୦)। ଏହି ଖବର ପ୍ରଚାରିତ ହେବା ପରେ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ଗୁରୁବାର ଗ୍ରାମବାସୀ ଓ ପରିବାର ଲୋକେ ମୃତଦେହ ରଖି ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟରାସ୍ତାର ସାନବଡଗୋପାଳପୁର ନିକଟରେ ୫ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।



ସାନବଡଗୋପାଳପୁର ନିକଟରେ ଗ୍ରାମବାସୀଙ୍କ ଟାୟାରଜାଳି ରାସ୍ତାରୋକୋ।

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଅଧୀନ ନୁରୁଗାଁର ରାମଚନ୍ଦ୍ର ଜଣେ ଭାଗଚାଷୀ। ଚଳିତବର୍ଷ ସେ ଚାଷ ପାଇଁ ଧାର ଉଧାର କରିବା ସହିତ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ୬୪ ହଜାର ଟଙ୍କା ଓ ସ୍ୱୟଂ ସହାୟକ ଗୋଷ୍ଠୀରୁ ୮୦ହଜାର ଟଙ୍କା ଋଣ ଆଣିଥିଲେ। ଚଳିତବର୍ଷ ବିଳମ୍ବରେ ଚାଷ ହୋଇଥିଲେ ମଧ୍ୟ ଧାନଫସଲ ଭଲ ହୋଇଥିଲା। କିନ୍ତୁ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ସେ ଚାଷ କରିଥିବା ଧାନ ଫସଲ ନଷ୍ଟ ହୋଇଯାଇଥିଲା। ଏହି ଚିନ୍ତାରେ ବୁଧବାର ଭୋର ସମୟରେ ରାମଚନ୍ଦ୍ର ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୧୨ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ, ଚାଷୀ, ପରିବାର ଲୋକେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ନବନିର୍ମାଣ କୃଷକ ସଂଗଠନର ପ୍ରତିନିଧିମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଖବରପାଇ ରାଜନଗର ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବିଡିଓ ମନ୍ଦରଧର ମହାଳିକ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି, ଆଇଆଇସି ତପନ କୁମାର ନାୟକ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ଦାବି ପୂରଣ ପାଇଁ ଅଡି ବସିଥିଲେ। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଶୁକ୍ରବାର ମୃତ ଚାଷୀଙ୍କ ଫସଲ କ୍ଷୟକ୍ଷତି ନେଇ ଅନୁଧ୍ୟାନ କରାଯିବ। ଏହି ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ ପରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ।

ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଛନ୍ତି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ୪ ଝିଅ, ସ୍ତ୍ରୀ ଓ ବୃଦ୍ଧ ବାପା ଅଛନ୍ତି। ରାଜନଗରରେ ଏହା ପ୍ରଥମ ଚାଷୀ ଆତ୍ମହତ୍ୟା କୁହାଯାଉଛି।


## classifieds Everyday
0674-2580101, 2549302

real estate

**SALE**

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

Residential plot available at Jagannath Nagar, Jharpada, Bhubaneswar. Contact: 7978751719. D-67512

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M- 280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

**କଟକ-ଭୁବନେଶ୍ୱର middlepoint ଫୁଲନଖରା।୦।ରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777342153.** D-68434

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**ଫୁଲନଖରା Synergy Engineering College ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777186275.** D-68435

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

**Bhubaneswar ନଖରାଛକ ପାଖରେ ସଙ୍ଗେସଙ୍ଗେ ଘରକଲାଭଳି boundarywall ଥାଇ gharabari plot ବିକ୍ରି ହେଉଅଛି। Price 1350/- sqft. & SC plot 650/-sqft. Contact: 9937161494.** D-15457

**PURCHASE**

Plot required at Cuttack CDA/ Bidanasi/ Tulasipur locality. Contact: 9124721060. D-67513

construction

Build your home @ 1150/-, 1250/-, 300/- with TataRod, ultratech, Konark Cement, branded fittings. 7327043914. D-68191

to-let

160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

**3BHK premium house at N-5- 237 (1st floor) for residence/ office/ guesthouse. Rent- Rs.22,000/-Contact: 7978785736, 9437014252.** D-68517

Space for office, residency, guesthouse at Bayamatha Road front of Radhakrishna Mandir. 9437504102. D-67729

healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706

Sai Harbal spa refresh your body with smart and expert therapist. 7608062524. D-68195

Genuine body massage and SPA provide by expert. 9583125287, 7991082881. D-56661

business

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430

astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଗଡ୍‌ସେ ଆତଙ୍କବାଦୀ ନୁହନ୍ତି: ଭାଜପା ବିଧାୟକ

ବାଲିଆ,୨୮।୧୧(ପି.ଟି.): ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାଥୁରାମ ଗଡ୍‌ସେ ମନ୍ତବ୍ୟକୁ ନେଇ ପାର୍ଲାମେଣ୍ଟ ହୁଲ୍‌ସ୍ଥୁଲ ହେଉଥିବାବେଳେ ଦଳର ଜଣେ ବିଧାୟକ ଆଉ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରି ନାଥୁରାମ ଭୁଲ୍ କରିଛନ୍ତି, ହେଲେ ସେ ଆତଙ୍କବାଦୀ ନୁହନ୍ତି ବୋଲି ବାଲିଆ ବିଧାୟକ ସୁରେନ୍ଦ୍ର ସିଂ ଖବରଦାତାମାନଙ୍କୁ କହିଥିଲେ। ତେବେ ନାଥୁରାମ ଦେଶଭକ୍ତ କି ବୋଲି ପ୍ରଶ୍ନ ହେବାରୁ ବିଧାୟକ କୌଣସି ଉତ୍ତର ଦେଇ ନ ଥିଲେ।

# ‘ଶିକ୍ଷକତା ବୃତ୍ତି ନୁହେଁ, ବ୍ରତ’

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ କରାଯାଇଥିବା ୧୬ ବିଭାଗର ୨୮୯ ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇଛି। ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହି ଅବସରରେ ଯୋଗ୍ୟ ବିବେଚିତଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ ବାଣିଜ୍ୟରେ ୨ଜଣ, ରାଜନୀତି ବିଜ୍ଞାନରେ ୨, ଇଂଲିଶରେ ୯୫, ଗଣିତରେ ୩୮, କମ୍ପ୍ୟୁଟର ସାଇନ୍ସରେ ଜଣେ, ତେଲୁଗୁରେ ଜଣେ, ଷ୍ଟାଟିଷ୍ଟିକ୍ସରେ ଜଣେ, ହିନ୍ଦୀରେ ୭, ହୋମ୍ ସାଇନ୍ସରେ ୭, ସାଇକୋଲୋଜିରେ ୮, ଏଜୁକେଶନ୍‌ରେ ୨୯, ଉର୍ଦ୍ଦୁରେ ଜଣେ, ସଂସ୍କୃତରେ ୨୨, ପଦାର୍ଥବିଜ୍ଞାନରେ ୩୪, ପ୍ରାଣୀ ବିଜ୍ଞାନରେ ୨୯ ଏବଂ ସୋସିଓଲୋଜିରେ ୧୨ ଜଣ ଅଧ୍ୟାପକ ଅଛନ୍ତି। ଆସନ୍ତା ୩୦ଦିନରେ ଏମାନେ ନିଯୁକ୍ତି ପାଇଥିବା ମହାବିଦ୍ୟାଳୟରେ ଯୋଗଦେବା ପାଇଁ କୁହାଯାଇଛି। ଯଦି ଯୋଗଦେବାରେ କୌଣସି ଅସୁବିଧା ଥାଏ, ତେବେ ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦିଆଯିବ। ଏହାପରେ ସେମାନଙ୍କ ନିଯୁକ୍ତି ରଦ୍ଦ ହୋଇଯିବ।

**୧୬ ବିଭାଗରେ ୨୮୯ ଅଧ୍ୟାପକଙ୍କୁ ନିଯୁକ୍ତି**

**୩୦ ଦିନରେ ମହାବିଦ୍ୟାଳୟରେ ଯୋଗଦେବେ**



ଭୁବନେଶ୍ୱର ସୂଚନା ଭବନରେ ନବନିଯୁକ୍ତ ୨୮୯ ଅଧ୍ୟାପକ, ଅଧ୍ୟାପିକାଙ୍କ ଗହଣରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ।

ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ଦ୍ୱାରା ସମାଜରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ। ତେଣୁ ଶିକ୍ଷକତାକୁ ଏକ ବୃତ୍ତି ନ ଭାବି ବ୍ରତ ଭାବରେ ଗ୍ରହଣ କରିବାକୁ ପଡ଼ିବ। ଶିକ୍ଷକମାନେ ଛାତ୍ରମାନଙ୍କ ମାର୍ଗଦର୍ଶକ। ତେଣୁ ଶିକ୍ଷକମାନେ ପ୍ରଭାବଶାଳୀ ହେବା ଆବଶ୍ୟକ। ଜ୍ଞାନ ହିଁ ପ୍ରକୃତ ଶକ୍ତି। ଏଥିନିମନ୍ତେ ସେମାନଙ୍କୁ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବା ଦରକାର। ବ୍ୟକ୍ତିଗତ ସଫଳତାକୁ ସମାଜର ବୃହତ୍ତର ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ମାନସିକତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିହେବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ ଯେ, ଇଚ୍ଛାଶକ୍ତି ଦୃଢ଼ ଥିଲେ ଜୀବନରେ ଯେକୌଣସି ଆହ୍ୱାନକୁ ସମ୍ମୁଖୀନ କରିହେବ। ଅଧ୍ୟାପକମାନେ ସମୟାନୁବର୍ତ୍ତିତା ଅବଲମ୍ବନ କରି କର୍ତ୍ତବ୍ୟ ନିଷ୍ଠା ରଖିଲେ ଶିକ୍ଷା ବ୍ୟବସ୍ଥା ସହ ସମାଜର ଉନ୍ନତି ସମ୍ଭବ ହୋଇପାରିବ। ଅଧ୍ୟାପକମାନେ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତା’ର ଉପଯୋଗ କରିବା ଉପରେ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଯୁଗ୍ମସଚିବ ସୁରେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଲ୍‌ଫା ନିଷେଧାଦେଶ ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ଆସାମର ଉଗ୍ରପନ୍ଥୀ ସଂଗଠନ ଉଲ୍‌ଫା ଉପରେ ଲଗାଯାଇଥିବା ନିଷେଧାଦେଶକୁ ଆଉ ୫ ବର୍ଷ ବୃଦ୍ଧି କରାଯାଇଛି। ଏହି ସଂଗଠନ ହତ୍ୟା, ଅପହରଣ, ବଳପୂର୍ବକ ଅର୍ଥ ଆଦାୟ ଆଦି ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥିବାରୁ ନିଷିଦ୍ଧାଦେଶ ବୃଦ୍ଧି ପାଇଁ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉଲ୍‌ଫାର ବେଆଇନ ଓ ହିଂସାତ୍ମକ କାର୍ଯ୍ୟ ଯୋଗୁ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତି ବାଧାପ୍ରାପ୍ତ ହେଉଛି। ତେଣୁ ବେଆଇନ କାର୍ଯ୍ୟକଳାପ (ନିରାକରଣ) ଆଇନ, ୧୯୬୭ର ଧାରା ୩ର ଉପଧାରା ୧ରେ ପ୍ରଦତ୍ତ କ୍ଷମତା ବଳରେ ସରକାର ଉକ୍ତ ସଂଗଠନ ଓ ଏହାର ସମସ୍ତ ଶାଖାକୁ ବେଆଇନ ଘୋଷଣା କରାଗଲା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।








## ମୋଟର ଯାନ ଚାଳକ ତଥା ଜନସାଧାରଣଙ୍କ ନିମନ୍ତେ ସୂଚନା

ପରିବହନ ବିଭାଗ ତରଫରୁ ନିମ୍ନ ପ୍ରଦତ୍ତ ସେବା ଗୁଡ଼ିକ **online** ମାଧ୍ୟମରେ ଯୋଗାଇ ଦିଆଯାଉଅଛି । **Online** ରେ ଆବେଦନ କରିବାର ୱେବସାଇଟ **www.parivahan.gov.in** ।

| କ୍ର. ନଂ. | ସେବାର ନାମ | ବ୍ୟବସ୍ଥା |
|---|---|---|
| ୧ | ଲର୍ଣ୍ଣର ଲାଇସେନ୍ସ | ୧. Online ମାଧ୍ୟମରେ ଆବେଦନ, ଦେୟ ପଇଠ ଏବଂ computerised test ନିମନ୍ତେ slot (date & time) book କରିବେ । ୨. ଧାର୍ଯ୍ୟ slot date ଏବଂ ସମୟର ୪୫ ମିନିଟ୍ ପୂର୍ବରୁ ଆବେଦନ କରାଯାଇଥିବା ଫର୍ମର ନକଲ, slot booking slip, ବୟସ, ବାସସ୍ଥାନ, ନିଜର ପରିଚୟ ପତ୍ର ଏବଂ Blood group ପ୍ରମାଣ ପତ୍ର ସହିତ Biometric capture ଏବଂ online test ନିମନ୍ତେ RTO କାର୍ଯ୍ୟାଳୟରେ ଉପସ୍ଥିତ ହେବେ । ୩. Online test ରେ କୃତକାର୍ଯ୍ୟ ହେଉଥିବା ଆବେଦନକାରୀ ତାଙ୍କର **ଲର୍ଣ୍ଣର ଲାଇସେନ୍ସ** କୁ online portal **www.parivahan.gov.in** ରୁ download କରିପାରିବେ । |
| ୨ | ଡ୍ରାଇଭିଂ ଲାଇସେନ୍ସ | ୧. Learner License ପାଇବାର ୩୦ ଦିନ ପରେ ଏବଂ ଛଅ ମାସ ମଧ୍ୟରେ online ମାଧ୍ୟମରେ ଆବେଦନ, ଦେୟ ପଇଠ ଏବଂ driving test ପାଇଁ slot (date & time) book କରିବେ । ୨. ଧାର୍ଯ୍ୟ slot date ରେ ଧାର୍ଯ୍ୟ ସମୟର ୪୫ ମିନିଟ୍ ପୂର୍ବରୁ ଆବେଦନ କରାଯାଇଥିବା ଫର୍ମର ନକଲ, slot booking slip ସହ testing track ରେ driving test ନିମନ୍ତେ ମୋଟରଯାନ ସହ ଉପସ୍ଥିତ ହେବେ । ୩. Driving test ରେ କୃତକାର୍ଯ୍ୟ ଆବେଦନକାରୀଙ୍କୁ ସେମାନଙ୍କର **ଡ୍ରାଇଭିଂ ଲାଇସେନ୍ସ** speed post ଦ୍ୱାରା ପ୍ରେରଣ କରାଯିବ ଏବଂ ଆବେଦନକାରୀ ମଧ୍ୟ **ଡ୍ରାଇଭିଂ ଲାଇସେନ୍ସ** mParivahan App ରେ ପାଇ ପାରିବେ । |
| ୩ | ଡ୍ରାଇଭିଂ ଲାଇସେନ୍ସ ନବୀକରଣ | ୧. **ଡ୍ରାଇଭିଂ ଲାଇସେନ୍ସ** ର ନବୀକରଣ ନିମନ୍ତେ Online ମାଧ୍ୟମରେ ଦରଖାସ୍ତ ଦାଖଲ ଏବଂ ଫି ଜମା କରିପାରିବେ । Example : ଯଦି ଡ୍ରାଇଭିଂ ଲାଇସେନ୍ସ 31.12.2020 ପର୍ଯ୍ୟନ୍ତ ବୈଧ ଥାଏ ତାହାଲେ 01.01.2020 - 31.12.2021 ମଧ୍ୟରେ ନବୀକରଣ ନିମନ୍ତେ ଆବେଦନ କରିପାରିବେ । ୨. ଆବେଦନ ଫର୍ମ ଏବଂ ଦେୟ ପଇଠ ରସିଦକୁ print କରି ସଂପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ Medical Certificate Form 1, Form 1 A (୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିମନ୍ତେ ପ୍ରଯୁଜ୍ୟ) ସହ ଦାଖଲ କରିବେ । ୩. ଡ୍ରାଇଭିଂ ଲାଇସେନ୍ସ ଅବଧି ସରିବାର ଏକବର୍ଷ ପରେ ନବୀକରଣ ନିମନ୍ତେ ଆବେଦନ କଲେ slot booking କରି ପୁନର୍ବାର Driving test ଦେବାକୁ ହେବ । ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପରେ ଆବେଦନକାରୀଙ୍କୁ ତାହା speed post ଦ୍ୱାରା ପ୍ରେରଣ କରାଯିବ ଏବଂ ଆବେଦନକାରୀ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ mParivahan App ରେ ପାଇ ପାରିବେ । |

ମୋଟର ଯାନ ନିୟମ ଅନୁଯାୟୀ ଯେକୌଣସି ଆବେଦନକାରୀ ରାଜ୍ୟର ଯେ କୌଣସି RTO କାର୍ଯ୍ୟାଳୟକୁ online ମାଧ୍ୟମରେ ଆବେଦନ କରିପାରିବେ । ଏଣୁ ଆବେଦନକାରୀ ଆବେଦନ କରିବା ପୂର୍ବରୁ Enquiry on slot availability option ରେ ଯେଉଁ RTO କାର୍ଯ୍ୟାଳୟରେ ଶୀଘ୍ର slot ଉପଲବ୍ଧ ସେହିଠାରେ ମଧ୍ୟ ଆବେଦନ କରିପାରିବେ ।

Example : ଯଦି ଆପଣ, RTO Bhubaneswar ଙ୍କ କାର୍ଯ୍ୟାଳୟରେ ଲର୍ଣ୍ଣର ଲାଇସେନ୍ସ କିମ୍ବା ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ଆବେଦନ କରିବାକୁ ଚାହୁଁଛନ୍ତି ତେବେ ଆପଣ ଆବେଦନ କରିବା ପୂର୍ବରୁ ଆପଣ Enquiry on slot availability ରେ ଜାଣି ପାରିଲେ Bhubaneswar-II ରେ slot ଶୀଘ୍ର ଉପଲବ୍ଧ ହେଉଅଛି ତେଣୁ ଆପଣ Bhubaneswar ବଦଳରେ ମଧ୍ୟ Bhubaneswar-II ଙ୍କୁ online ମାଧ୍ୟମରେ ଆବେଦନ କରିପାରିବେ ।

**ପରିବହନ ଆୟୁକ୍ତ, ଓଡ଼ିଶା**

For updates and alerts, follow us on OdishaSTA STAOdisha

JEROME design/11-19



ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା



# ପୁଣି ଚେତାବନୀ

ଉଦ୍ୟୋଗ ଚଳାଇବା ପାଇଁ ପାଣ୍ଠି ଅଭାବର ସମ୍ମୁଖୀନ ହେଉଥିବା ଓ ଋଣ ପାଇପାରୁ ନ ଥିବା କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ପାଣ୍ଠି ଯୋଗାଣ ପାଇଁ ମୋଦି ସରକାର ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍ଏମ୍‌ୱାଇ) ଆରମ୍ଭ କଲେ। ଉତ୍ତମ ଓ ବଳିଷ୍ଠ ଚିନ୍ତାଧାରା ଥିବା କ୍ଷୁଦ୍ର ଉଦ୍ୟୋଗପତିମାନଙ୍କ ସ୍ୱଚ୍ଛନ୍ଦ ଉଦ୍ୟୋଗ ପରିଚାଳନାରେ ପାଣ୍ଠି ଯେପରି ବାଧକ ନ ହୁଏ, ସେଥିପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା। ଏହି ସଂପାର୍ଶ୍ୱିକ ମୁକ୍ତ ଋଣ (ମୁଦ୍ରା ଋଣ) ବ୍ୟବସ୍ଥା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏମ୍ଇ)ଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରଥମେ ଋଣର ପରିମାଣ ୫୦ ହଜାରରୁ ୧୦ ଲକ୍ଷ ଭିତରେ ସୀମିତ ଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ସଂପାର୍ଶ୍ୱିକ ମୁକ୍ତ ଋଣ ଥିଲା ଭାଜପାର ଅନ୍ୟତମ ନିର୍ବାଚନୀ ପ୍ରତିଶ୍ରୁତି। ଏ ବର୍ଷ ସରକାର ମୁଦ୍ରା ହିତାଧିକାରୀଙ୍କ ସଂଖ୍ୟା ୧୯ କୋଟିରୁ ୩୦ କୋଟିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯଥାସମୟରେ ଆବଶ୍ୟକ ପାଣ୍ଠି ଯୋଗାଇ ସହାୟତା କରିବା ଉଦ୍ୟୋଗଗୁଡ଼ିକର ସଫଳତା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ, ତେଣୁ ତାକୁ ସ୍ୱାଗତ କରାଯିବା ଉଚିତ। କିନ୍ତୁ ତାହାଦ୍ୱାରା ଆଉ ଏକ ଖରାପ ଋଣର ବୋଝ ବଢ଼ାଇ ଦେଶର ଅର୍ଥନୀତିକୁ ଆଘାତ ପହଞ୍ଚାଇବା ଠିକ୍ ନୁହେଁ, ଯାହା ଏବେ ଘଟିବାକୁ ଯାଉଛି।

ମୁଦ୍ରା ଋଣରେ ଖରାପ ଋଣ ପରିମାଣ ବୃଦ୍ଧି ପାଉଥିବା ନେଇ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ଚେତାଇଦେଇଛନ୍ତି। ଏ ସମ୍ପର୍କରେ ଆର୍‌ବିଆଇର ଡେପୁଟି ଗଭର୍ନର ଏମ୍.କେ. ଜୈନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଦ୍ରା ଋଣରେ ଖରାପ ଋଣ ବଢ଼ିବା ନେଇ କୌଣସି ଆର୍‌ବିଆଇ ଅଧିକାରୀ ଚେତାବନୀ ଦେବାରେ ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ମଧ୍ୟ ସରକାରଙ୍କୁ ଏ ନେଇ ସତର୍କ କରାଇ ଦେଇଥିଲେ। ମୁଦ୍ରା ଋଣର ତିନି ପ୍ରକାର କିସମ ରହିଛି– ଶିଶୁ: ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା ଋଣ, କିଶୋର: ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା ଋଣ ଏବଂ ତରୁଣ: ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଉଥିବା ଋଣ। ଚଳିତ ୨୦୧୯ ଆର୍ଥିକ ବର୍ଷରେ ଶିଶୁ ବର୍ଗରେ ଯେତିକି ଋଣ ଦିଆଯାଇଛି, ତା'ର ୧୨.୩୯ ପ୍ରତିଶତ ଅପରିଶୋଧ (ଏନ୍‌ପିଏ) ରହିଥିବା ବେଳେ କିଶୋର ବର୍ଗରେ ପ୍ରାୟ ୧୦.୧୯ ପ୍ରତିଶତ ଅପରିଶୋଧ ରହିଥିବା ଆର୍‌ବିଆଇ ତଥ୍ୟରୁ ଜଣାପଡ଼ିଛି। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଗତ ତିନିବର୍ଷ ଭିତରେ ମୁଦ୍ରା ଅଧୀନରେ ୩.୨୭ କୋଟି ନାମକୁମାତ୍ର ଓ କ୍ଷୁଦ୍ର ଉଦ୍ୟୋଗକୁ ୭.୨୮ ଲକ୍ଷ କୋଟି ଟଙ୍କା ଋଣ ଦିଆଯାଇଛି। ଏପ୍ରିଲ ୨୦୧୯ରୁ ଅକ୍ଟୋବର ୨୫, ୨୦୧୯ ଭିତରେ ୨୪୦.୦୩ ଲକ୍ଷ

## ଆଜିର ଅର୍ଥନୀତି

ଋଣଗ୍ରହୀତାଙ୍କୁ ୧,୨୫,୦୮୯ କୋଟି ଟଙ୍କାର ଋଣ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୬୮ ପ୍ରତିଶତ (୧୬୩.୦୨ ଲକ୍ଷ) ହେଉଛନ୍ତି ମହିଳା ଋଣୀ ଏବଂ ୧୯ ପ୍ରତିଶତ ହେଉଛନ୍ତି ନୂତନ ଉଦ୍ୟୋଗୀ। ମୋଟ ଋଣୀଙ୍କ ମଧ୍ୟରୁ ୫୪ ପ୍ରତିଶତ ବା ୧୨୯.୭୦ ଲକ୍ଷ ହେଉଛନ୍ତି ଅନୁସୂଚିତ ଉପଜାତି/ଓବିସି ବର୍ଗର ଋଣୀ। ଏହି ମୁଦ୍ରା ଯୋଜନା ମାଧ୍ୟମରେ ଅନେକ ହିତାଧିକାରୀଙ୍କ ଦାରିଦ୍ର୍ୟ ଦୂର ହୋଇଯାଇଛି ସତ କିନ୍ତୁ ଏହା ଯୋଗୁ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ପରିମାଣ ବୃଦ୍ଧି ପାଇବା ଘଟଣାକୁ କେବେହେଲେ ଅଣଦେଖା କରାଯାଇ ନ ପାରେ। ବ୍ୟାଙ୍କଗୁଡ଼ିକ ଋଣ ଦେବା ସମୟରେ ହିତାଧିକାରୀଙ୍କ ଋଣ ଶୁଝିବା କ୍ଷମତାକୁ ଆକଳନ କରିବା ସହ ସେମାନେ ଋଣ ନେଇ କ'ଣ କରୁଛନ୍ତି, ତାକୁ ନିୟମିତ ଶୁଝୁଛନ୍ତି କି ନାହିଁ ଏବଂ କାହିଁକି ଶୁଝୁନାହାନ୍ତି, ନିୟମିତ ବ୍ୟବଧାନରେ ତାହାର ତନଖି କରିବା ଉଚିତ। ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୮–୧୯ରେ ମୁଦ୍ରା ଋଣର ଏନ୍‌ପିଏ ହାର ୨.୬୮ ପ୍ରତିଶତ ଥିଲା, ଯାହା ପୂର୍ବ ବର୍ଷର ୨.୫୨ ପ୍ରତିଶତ ତୁଳନାରେ ୧୬ ବେସିସ୍ ପଏଣ୍ଟ ଅଧିକ। ୨୦୧୬–୧୭ରେ ମୁଦ୍ରା ଋଣର ଏନ୍‌ପିଏ ହାର ୨.୮୯ ପ୍ରତିଶତ ଥିଲା। ମୋଟ ଅନୁମୋଦିତ ୧୮୨.୬୦ ନିୟୁତ ମୁଦ୍ରା ଋଣ ମଧ୍ୟରୁ ୩୧ ମାର୍ଚ୍ଚ ସୁଦ୍ଧା ୩.୬୩ ନିୟୁତ ହିତାଧିକାରୀ ଋଣ ଶୁଝିବାରେ ଖିଲାପ କରିଥିଲେ। ମୁଦ୍ରା ଯୋଜନା ଯୋଗୁ ଫେବୃୟାରୀ ୨୦୧୮ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ପରିମାଣ ୭,୨୭୭.୩୧ କୋଟି ଟଙ୍କା ଥିବା ବେଳେ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ତାହା ପ୍ରାୟ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧିପାଇ ୧୬,୪୮୧.୪୫ କୋଟି ଟଙ୍କାରେ ପହଞ୍ଚିଛି। ଏବେ ପ୍ରାୟ ୩୦.୫୭ ଲକ୍ଷ ମୁଦ୍ରା ଆକାଉଣ୍ଟକୁ ଏନ୍‌ପିଏ ଘୋଷଣା କରାଯାଇଥିବା ବେଳେ ମାର୍ଚ୍ଚ ୩୧, ୨୦୧୮ରେ ତାହା ଥିଲା ୧୭.୯୯ ଲକ୍ଷ। ସମସ୍ତ ଋଣର ମୋଟ ମୂଲ୍ୟ ତୁଳନାରେ ଉକ୍ତ ଏନ୍‌ପିଏର ମୂଲ୍ୟ ଅତି ଅଧିକ ହୋଇ ନ ଥିଲେ ମଧ ଏହା କ୍ରମଶଃ ବୃଦ୍ଧି ପାଉଥିବା ଚିନ୍ତାର ବିଷୟ। ବର୍ତ୍ତମାନ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ୧୦ ଲକ୍ଷ କୋଟି ଟଙ୍କାର ଏନ୍‌ପିଏକୁ ନେଇ ଯୁଝୁଥିବା ବେଳେ ମୁଦ୍ରା ଋଣ ମାଧ୍ୟମରେ ତାହା ଆହୁରି ବୃଦ୍ଧି ପାଇଲେ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ବର୍ତ୍ତମାନ ସରକାର ଆର୍‌ବିଆଇର ଚେତାବନୀକୁ ଗ୍ରହଣ କରି ବ୍ୟାଙ୍କଗୁଡ଼ିକୁ ଶୁଝିବା କ୍ଷମତା ଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ଯାଞ୍ଚ କରି ଋଣ ଦେବାକୁ ପରାମର୍ଶ ଦେବା ଉଚିତ। ହିତାଧିକାରୀମାନେ ଋଣ ନେଇ ଠିକ୍ ବାଟରେ ଖର୍ଚ୍ଚ କରୁଛନ୍ତି କି ନାହିଁ ଓ ନିୟମିତ ଶୁଝୁଛନ୍ତି କି ନାହିଁ ତାହା ମଧ ବ୍ୟାଙ୍କଗୁଡ଼ିକ ଦେଖିବା ଆବଶ୍ୟକ। ସଂପାର୍ଶ୍ୱିକ ମୁକ୍ତ ଋଣ (ମୁଦ୍ରା ଋଣ) ଯେତେ ଭଲ ହେଉ ନା କାହିଁକି ଓ ତା' ପଛରେ ଯେତେ ମହତ୍ ଉଦ୍ଦେଶ୍ୟ ଥାଉ ନା କାହିଁକି ଏଥିରେ ଖୁବ୍ ବିପଦ ରହିଛି। ଋଣଗ୍ରହୀତାମାନଙ୍କୁ ଏ ଋଣ ନେଇ ନିଜ ଖୁସିରେ ଖର୍ଚ୍ଚ କରିବା ପାଇଁ ବା ଅନ୍ୟ ବାଟରେ ଖର୍ଚ୍ଚ କରିବାକୁ କେବେହେଲେ ଅନୁମତି ଦିଆଯିବା ଉଚିତ ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ନଭେମ୍ବର ୧୯୯୪

- ବାସ୍‌ନିଆରେ ଯୁଦ୍ଧ ଅବସାନ ନିମନ୍ତେ ଜାତିସଂଘର କମାଣ୍ଡର ଜେନେରାଲ ମାଇକେଲ ରୋସ୍ ଦେଇଥିବା ପ୍ରସ୍ତାବକୁ ବୋସ୍‌ନିଆ ସରକାର ଗ୍ରହଣ କରିଛି।
- ଆଙ୍ଗୋଲାରେ ସରକାରୀ ବିରୋଧୀ ୟୁନିଟା ଗେରିଲାମାନେ ଏକ ସରକାରୀ ବିମାନକୁ ଗୁଳିକରି ଖସାଇ ଦେବା ଫଳରେ ୨୨ ଜଣଙ୍କ ମୃତ୍ୟୁ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | D | 3 | 2 | | | | | C | | | | |
| 3 | 7 | C | | | | 1 | | | | B | | | | |
| B | 4 | 8 | 0 | | | D | | 2 | | | | | 6 | |
| | A | | | | | 3 | | | | | 8 | E | | 0 |
| | | | | 7 | 9 | | | E | A | | | C | | D |
| | 6 | | | | | A | 5 | D | 2 | | | | 0 | |
| | | | 6 | | | 7 | | | | 5 | | | 8 | |
| | | 1 | | | D | B | 0 | 8 | | | | 2 | 9 | |
| C | | 5 | | 4 | B | | | | | | D | | A | E |
| | | | 1 | | A | | | | | | | | | 7 |
| 5 | 0 | | | 1 | | C | B | | | | 9 | | | |
| | | | | 2 | | 8 | | A | | 1 | | 5 | 7 | 6 |
| A | | | | | C | 6 | | | | | 7 | 8 | E | |
| | | | 8 | | | | | | | | 3 | 9 | | B |
| | | 3 | | 6 | 5 | | | | | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | 6 | 2 | D | 8 | 5 | 9 | A | C | 7 | E | 3 | 0 | 4 |
| 0 | 7 | 5 | A | 1 | B | 3 | 6 | E | 4 | 9 | D | 2 | C | 8 |
| D | 8 | 9 | 3 | 5 | 0 | 4 | C | 1 | 2 | B | A | E | 6 | 7 |
| 3 | A | C | E | 4 | 7 | 0 | 2 | 8 | 6 | 5 | 1 | D | B | 9 |
| 4 | 2 | E | 9 | 6 | C | 7 | B | D | 0 | 3 | 8 | 5 | 1 | A |
| C | 3 | 2 | B | E | 4 | A | 0 | 5 | D | 8 | 6 | 9 | 7 | 1 |
| 5 | 0 | D | 7 | 3 | 9 | 8 | 1 | 6 | A | E | B | 4 | 2 | C |
| 7 | E | B | 5 | 8 | 1 | C | 3 | 4 | 9 | 2 | 0 | 6 | A | D |
| 1 | 6 | 4 | D | 0 | A | 9 | E | 2 | 3 | C | 7 | 8 | 5 | B |
| A | 9 | 8 | 6 | C | 2 | B | D | 7 | 5 | 1 | 4 | 0 | 3 | E |
| 6 | 5 | 1 | C | B | D | E | 8 | 0 | 7 | 4 | 2 | A | 9 | 3 |
| E | B | 0 | 4 | A | 6 | 2 | 7 | 9 | 1 | D | 3 | C | 8 | 5 |
| 8 | D | A | 1 | 7 | 3 | 6 | 5 | C | E | 0 | 9 | B | 4 | 2 |
| 2 | C | 3 | 0 | 9 | E | 1 | 4 | B | 8 | A | 5 | 7 | D | 6 |
| 9 | 4 | 7 | 8 | 2 | 5 | D | A | 3 | B | 6 | C | 1 | E | 0 |

ଗତକାଲିର ଉତ୍ତର



ମନ–ମାନଚିତ୍ର

ଡ. ନରହରି ବେହେରା

# ଏ ଅନ୍ଧକାରରୁ ମୁକ୍ତି କେବେ

ରୂପେନ୍ ବାନାର୍ଜୀ ତାଙ୍କର 'ଦି ଓଡ଼ିଶା ଟ୍ରାଜେଡ଼ି: ଏ ସାଇକ୍ଲୋନ୍'ସ୍ ଇୟର ଅଫ୍ କାଲାମିଟି' ବହିରେ ଗୋଟିଏ ରୋଚକ କଥା ବର୍ଣ୍ଣନା କରିଛନ୍ତି। ସେ ବର୍ଣ୍ଣନା ପ୍ରସଙ୍ଗରେ ଲେଖିଛନ୍ତି– ୧୯୯୯ ମହାବାତ୍ୟା ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗଙ୍କୁ ତିନିଜଣ ପଣ୍ଡିତ ପରାମର୍ଶ ଦେଇ ଏ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିବ ନାହିଁ ବୋଲି ଅଭୟ ପ୍ରଦାନ କରିଥିଲେ। ତିନିଜଣଙ୍କ ମଧ୍ୟରୁ ଜଣେ ପଣ୍ଡିତ କାଳେ କହିଥିଲେ, ଏ ବାତ୍ୟା ଓଡ଼ିଶାର ବହୁ ଉପରେ ଚାଲିଯିବ। ଅନ୍ୟ ଜଣକ କହିଥିଲେ, ଏ ବାତ୍ୟା ଦୁଇଭାଗ ହୋଇ ପଶ୍ଚିମ ବଙ୍ଗ ଓ ବାଂଲାଦେଶକୁ ଚାଲିଯିବ ମାତ୍ର ତୃତୀୟ ପଣ୍ଡିତ କାଳେ ହାତରେ ଗୋଟିଏ ଧାତୁ ନିର୍ମିତ ମୁଦି ଧାରଣ କଲେ ବାତ୍ୟା ଆପେ ଆପେ ଦୂରେଇଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଥିଲେ। ସେମାନଙ୍କ ପରାମର୍ଶ କ୍ରମେ ମୁଖ୍ୟମନ୍ତ୍ରୀ ଶାନ୍ତିରେ ଶୋଇଥିଲେ।

ଏ ବର୍ଣ୍ଣନାକୁ କେବଳ ଏକ ପ୍ରସଙ୍ଗ ଭାବରେ ହିଁ ଗ୍ରହଣ କରାଯାଇଛି। ଏହାର ସତ୍ୟତା ଜାଣିବାକୁ ଆମର ସୁଯୋଗ ନାହିଁ। ମାତ୍ର ୧୯୯୯ ମହାବାତ୍ୟାର ଭୟାବହତାକୁ ଦେଖିଥିବା ମଣିଷ ଏହି ତଥାକଥିତ ପଣ୍ଡିତମାନଙ୍କ ପରାମର୍ଶକୁ ହାସ୍ୟାସ୍ପଦ ଓ ଅନ୍ଧବିଶ୍ୱାସ ବୋଲି ନିଶ୍ଚୟ କହିବେ। ଏ ପ୍ରସଙ୍ଗରେ କେହି କେହି ଜ୍ୟୋତିଷଶାସ୍ତ୍ରକୁ ଅନ୍ଧବିଶ୍ୱାସ ବୋଲି ମଧ୍ୟ କହିପାରନ୍ତି। ମାତ୍ର ଆମେ ଆମ ପରମ୍ପରାରେ ଷଟ୍ ବେଦାଙ୍ଗର ମାନ୍ୟତା ପାଇଥିବା ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ ଶାସ୍ତ୍ର ମଧ୍ୟରୁ ଜ୍ୟୋତିଷକୁ ବେଦର ନୟନ ବୋଲି ସ୍ୱୀକାର କରାଯାଇଛି। ଆଜିର ଆଧୁନିକ ଯୁଗରେ ମଧ୍ୟ ପଞ୍ଜିକାରମାନେ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟୋପରାଗ ପରି ମହାଜାଗତିକ ଘଟଣାର ସମୟକୁ ବହୁଦିନ ପୂର୍ବରୁ ଠିକ୍ ନିର୍ଦ୍ଧାରଣ କରିଥାନ୍ତି। ତେଣୁ ଏ ଶାସ୍ତ୍ରକୁ ଭୁଲ ବୋଲି କହି ହେବନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ନିଜ ଭାଗ୍ୟକୁ ଚିହ୍ନି ନ ଥିବା ଏବଂ ଜ୍ୟୋତିଷଶାସ୍ତ୍ରରେ କ ବ ଚ କରିଥିବା ପଣ୍ଡିତମାନଙ୍କ ଚକ୍କରରେ ଆମେ ପଡ଼ିଯାଇଥାଉ। ଏହି ପଣ୍ଡିତମାନେ ଆମ ଦୁର୍ବଳତାର ସୁଯୋଗ ନେଇ ବିଭିନ୍ନ ଭ୍ରମାତ୍ମକ ଚକ୍ରବାତରେ ପକାଇ ନିଜ ହାତ ଚିକ୍କଣ କରିଥାନ୍ତି। ପରିଣାମରେ ସାଧାରଣ ନିରୀହ ଲୋକମାନେ ହିଁ ସର୍ବସ୍ୱାନ୍ତ ହୋଇଯାଆନ୍ତି। ନକଲି ଡାକ୍ତର ଚିକିତ୍ସା କରି ନ ପାରି ଯେମିତି ଔଷଧକୁ ନକଲି ବୋଲି କହିଥାନ୍ତି, ସେମିତି ଏହି ତଥାକଥିତ ପଣ୍ଡିତଙ୍କୁ ନ ଚିହ୍ନି ଆମ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ଥିବା ଶାସ୍ତ୍ର ଉପରେ ସବୁ ଦୋଷ ଲଦି ଦେଉ।

ସତ୍ୟାସତ୍ୟ ବିଚାର ନ କରି କେବଳ ପରମ୍ପରାଗତ ବଦ୍ଧମୂଳ ବିଶ୍ୱାସର ନାମାନ୍ତର ହିଁ ଅନ୍ଧବିଶ୍ୱାସ। ଏ ଅନ୍ଧବିଶ୍ୱାସର ଅନ୍ଧକାରକୁ ଭେଦ କରି ସତ୍ୟକୁ ଉଦ୍ଘାଟନ କରିବା ସହଜ ହୁଏନାହିଁ। ତେଣୁ ଆଜି ଆମେ ଯେତେ ଶିକ୍ଷିତ ହେଲେ ବି ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ସର୍ବକାଳିକ ବ୍ୟାଧି ଭାବରେ ଆମକୁ ଗ୍ରାସ କରି ଚାଲିଛି। ଭୂତ, ପିଶାଚ, ଡାହାଣୀ ପରି ବହୁ କଳ୍ପିତ ଚରିତ୍ରମାନେ ଅଦ୍ୟାବଧି ଆମ ଚାରିପାଖରେ ଘୂରି ବୁଲୁଛନ୍ତି। ଏଥିପାଇଁ ପ୍ରତ୍ୟେକ ଦିନ ନିର୍ଯ୍ୟାତନାର ଶିକାର ହେଉଛନ୍ତି ଅସଂଖ୍ୟ ନିରୀହ ଜନସାଧାରଣ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁଠି ଏ ଘଟଣାମାନ ଘଟୁଛି ସେଠାକାର ଲୋକମାନେ ଏହାକୁ ପ୍ରତିବାଦ କରିବା ଅପେକ୍ଷା ନୀରବଦ୍ରଷ୍ଟା ସାଜୁଛନ୍ତି। ବାଲେଶ୍ୱର ଜିଲ୍ଲାର କମର୍ଦ୍ଦା ଥାନାରେ ଜଣେ ଆଠବର୍ଷର ବାଳକ ଦେହରୁ ଭୂତ ଛଡ଼ାଇବା ପାଇଁ ତା' ମୁହଁରେ ଚପଲ ବାନ୍ଧି ଗୁଣିଆ ଏବଂ ଜଣେ ମହିଳା ଯେପରି ନିଷ୍ଠୁର ମାଡ଼ ମାରୁଥିଲେ ତାହା ଦେଖିଲେ ଲୋମ ଟାଙ୍କୁରି ଉଠେ। ମାତ୍ର ସେଠାରେ ଉପସ୍ଥିତ ଲୋକମାନେ ନୀରବରେ ଠିଆ ହୋଇ ମଜା ଦେଖୁଥିଲେ। ସେହି ଜିଲ୍ଲାର ଔପଦା ବ୍ଲକ୍‌ରେ ଗୁଣିଗାରେଡ଼ି ସନ୍ଦେହରେ କିଛି ବ୍ୟକ୍ତି ଜଣଙ୍କ ଘରେ ପଶି ସ୍ୱାମୀ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସୌଭାଗ୍ୟକୁ ପୋଲିସ୍ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା।

ଗଞ୍ଜାମ ଜିଲ୍ଲାର ଗୋପାଳପୁର ଗ୍ରାମରେ ଗୁଣିଗାରେଡ଼ି କରୁଥିବା ସନ୍ଦେହ କରି ଲୋକମାନେ ଛଅଜଣଙ୍କର ଦାନ୍ତ ଉପାଡ଼ି ଦେଇଥିଲେ। ବାରବର୍ଷର ଝିଅଟିଏ ମରିଗଲା। ଗୁଣିଆ ବୋଲାଉଥିବା ମଣିଷଟି କହିଲା– ଏ ଝିଅଟି ମରି ନ ଥାନ୍ତା, କେବଳ ଗୁଣିଗାରେଡ଼ି ହୋଇଥିବାରୁ ମରିଗଲା। ଜଣେ ମହିଳାଙ୍କ ଘରେ ପଶି ଡାହାଣୀ ସନ୍ଦେହରେ ତାକୁ ଏବଂ ତା'ର ଦଶମାସର ନିଷ୍ପାପ ଶିଶୁଟିକୁ ମାରିଦେଲେ। ଏ ଘଟଣା କେଉଁ ଅପହଞ୍ଚ ଇଲାକାରେ ଘଟିନାହିଁ, ଘଟିଛି ଆମ ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ। କେନ୍ଦୁଝର ଜିଲ୍ଲା, କନ୍ତଲା ଗ୍ରାମର ଜଣେ ଯୁବକ ନିଜ ଖୁଡ଼ୀଙ୍କୁ ଡାହାଣୀ ସନ୍ଦେହରେ ଅପହରଣ କରି ହତ୍ୟା କରିବା ଘଟଣା ସେ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ଏଭଳି ଘଟଣା ଯେ କେବଳ ଓଡ଼ିଶାରେ ଘଟୁଛି ତାହା ନୁହେଁ, ସମଗ୍ର ବିଶ୍ୱରେ କୋଉଠି ନା କୋଉଠି ଏପରି ଦୈନିକ ଘଟଣା ଘଟି ଚାଲିଛି। ଅଜ୍ଞତା, ସନ୍ଦେହ ଓ ଅବିଶ୍ୱାସ ଅନ୍ଧବିଶ୍ୱାସର ଜନ୍ମଦାତ୍ରୀ। ଯୁଗ ଯୁଗ ଧରି ଏହା ଉପରେ କେତେ ତର୍ଜମା ହୋଇଛି, ବିଜ୍ଞାନର କେତେ ପ୍ରଗତି ଘଟିଛି ତଥାପି ଅନ୍ଧବିଶ୍ୱାସର ଅନ୍ଧକାରରୁ ଏ ସମାଜ ମୁକୁଳି ପାରିନାହିଁ। ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ହଇଜା କି ଜ୍ୱର ହେଲେ ଆଜି ବି ଲୋକମାନେ ଗୁଣିଆ ପାଖକୁ ଦୌଡ଼ୁଛନ୍ତି, ଠାକୁରାଣୀ ପାଖରେ କୁକୁଡ଼ା ବଳି ଦେଲେ ରୋଗ ଭଲ ହୋଇଯିବ ବୋଲି ବିଶ୍ୱାସ କରୁଛନ୍ତି। ଆଜି ବି ରାସ୍ତାରେ ବିଲେଇଟିଏ ଚାଲିଗଲେ ଆଇଏଏସ ଅଫିସରଙ୍କ ଡ୍ରାଇଭର ଗାଡ଼ିର ବ୍ରେକ୍ ଦେଇଦେଉଛି। ରାତି ଅଧରେ ପେଚାଟିଏ ରାବିଲେ ଘରର ଅମଙ୍ଗଳ ହେବ ବୋଲି ଛନକା ପଶିଯାଉଛି। ସତେ ଯେମିତି ଆମର ଶୁଭ ଅଶୁଭ ପାଇଁ ଏ ପଶୁପକ୍ଷୀମାନେ ସେମାନଙ୍କର ସକଳ ସ୍ୱାଭାବିକ ଜୀବନଯାତ୍ରା ବନ୍ଦ କରିଦେବେ। ଭୂତ, ପ୍ରେତ, ଡାହାଣୀ, ଗୁଣିଆ, ଧର୍ମାନ୍ଧତା, ପଶୁବଳି, ଶିଶୁବଳି ପରି ବହୁ କୁସଂସ୍କାର ପୂର୍ଣ୍ଣ ଅନ୍ଧବିଶ୍ୱାସର ଅନ୍ଧକାରରେ ଆଜି ବି ଆମ ସମାଜ ପଥ ଅଣ୍ଡାଳୁଛି।

ଏ ଅନ୍ଧକାରରୁ ମୁକ୍ତିଦେଇ ସତ୍ୟର ସୂର୍ଯ୍ୟସ୍ନାତ ପ୍ରଭାତଟିଏ ଭେଟିଦେବାକୁ ହେଲେ ଆମ ସମାଜର ପ୍ରତ୍ୟେକ ସଚେତନ ନାଗରିକ ଏ ଦିଗରେ ଉତ୍ତରଦାୟିତ୍ୱ ବହନ କରିବା ଉଚିତ। ମାତ୍ର ଦୁଃଖର ବିଷୟ ଏ ପ୍ରକ୍ରିୟାକୁ ଯେତେ ଗୁରୁତ୍ୱ ଦେବା କଥା ଦିଆଯାଏ ନାହିଁ। ଆଜି ବୈଦ୍ୟୁତିକ ଗଣମାଧ୍ୟମ ଏକ ବଳିଷ୍ଠ ଗଣମାଧ୍ୟମ ଭାବରେ ପରିଚିତ। ତେଣୁ ଏଥିରେ ପ୍ରଦର୍ଶିତ ଧାରାବାହିକଗୁଡ଼ିକରେ ଏହି କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବାପାଇଁ ପ୍ରଯତ୍ନ କରାଯିବା ଉଚିତ। ମାତ୍ର ଏହାର କର୍ମକର୍ତ୍ତାମାନେ ପକ୍ଷାନ୍ତରେ ଏହି କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଉତ୍ସାହିତ କରୁଥିବା ଦେଖାଯାଉଛି। ଭୂତ, ପ୍ରେତ, ତାନ୍ତ୍ରିକ ପରି ଚରିତ୍ର ସୃଷ୍ଟିକରି ସେମାନେ ଦର୍ଶକଙ୍କ ମଧ୍ୟରେ ଏହି କୁସଂସ୍କାରର ମଞ୍ଜି ବୁଣିଦେଉଛନ୍ତି। କେତେକ ଟିଭି ପରଦାରେ 'ଏ ଦୃଶ୍ୟ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁନାହିଁ, କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ' ବୋଲି ଲେଖିଦେଇ ଦାୟିତ୍ୱ ସାରିଦେଉଛନ୍ତି। ମାତ୍ର ଆମେ ମନେରଖିବା ଉଚିତ, ଦୃଶ୍ୟର ପ୍ରଭାବ ନିକଟରେ ଏ ଧାଡ଼ିକିଆ ଉପଦେଶ ମୂଲ୍ୟହୀନ। ଏପରି ଦୃଶ୍ୟ ପରିବେଷଣ ନ କରି କ'ଣ ଅନ୍ୟ ଧାରାବାହିକ ସୃଷ୍ଟି କରିହେବ ନାହିଁ? ଏ ଦିଗରେ ହେତୁବାଦୀମାନେ ମଧ୍ୟ ଅଧିକ ଯତ୍ନଶୀଳ ହେବା ବିଧେୟ। ତା' ନ ହେଲେ ଅନ୍ଧବିଶ୍ୱାସର ଅନ୍ଧକାରରୁ ଆମ ସମାଜ ମୁକୁଳିପାରିବ ନାହିଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ, ଭଦ୍ରକ, ମୋ–୭୯୭୮୯୦୩୫୦୯



ଅଲେଖ ଚନ୍ଦ୍ର ମିଶ୍ର

# ଦାମ୍ପତ୍ୟ ପ୍ରତାରଣା

୨୦୧୬ର ଏକ କୌତୂହଳପୂର୍ଣ୍ଣ ଘଟଣା। ଆମେରିକାର ଏକ ଲୋକପ୍ରିୟ ବ୍ୟବସାୟିକ ୱେବ୍‌ସାଇଟରେ ଦିନେ ପ୍ରକାଶ ପାଇଲା ଏକ ସମ୍ବେଦନଶୀଳ ବିଜ୍ଞାପନ। ଜଣେ ବ୍ୟବହୃତ ପତ୍ନୀଙ୍କୁ ବିକ୍ରି ପାଇଁ ନିଲାମ ଆହ୍ୱାନ କରାଯାଉଛି। ଯିଏ ସର୍ବାଧିକ ମୂଲ୍ୟ ଦେବ ତାଙ୍କୁ ବିକ୍ରି କରାଯିବ। ବିଜ୍ଞାପନଦାତା ଥିଲେ ୱାଶିଂଟନରେ ଟେଲିକମ୍ ଇଞ୍ଜିନିୟର ଭାବରେ କାର୍ଯ୍ୟରତ ବ୍ରିଟେନର ମୂଳବାସିନ୍ଦା ସାଇମନ୍ ଓ' କାନେ ନାମକ ଜଣେ ୩୩ବର୍ଷ ବୟସ୍କ ଯୁବକ। ସେ ତାଙ୍କର ୨୭ ବର୍ଷୀୟା ପତ୍ନୀ ଲିଆଣ୍ଡୋଙ୍କୁ ହସ୍ତାନ୍ତର କରିବାକୁ ଚାହୁଁଥିଲେ। ଆଶ୍ଚର୍ଯ୍ୟର କଥା ସେହି ନିଲାମରେ ଅନେକ ଲୋକ ଭାଗ ନେଲେ ଏବଂ ଉଚିତ ମୂଲ୍ୟ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଶେଷରେ ଜଣେ ବ୍ୟକ୍ତି ୬୫,୮୦୦ ପାଉଣ୍ଡ ଦେଇ ନିଲାମ ଧରିଥିଲେ। ଏ ଘଟଣା ସାରା ପୃଥିବୀରେ ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚାରେ ରହିଥିଲା। ଯେଉଁ ଦେଶରେ ବିବାହ ଏକ ବନ୍ଧନ ନୁହେଁ ଏବଂ ବିବାହ ଅପେକ୍ଷା ଛାଡ଼ପତ୍ର ଅଧିକ ସହଜ ସେଠାରେ ବି ସ୍ତ୍ରୀ ଉପରେ ସ୍ୱାମୀର ଏଭଳି ଅଧିକାର କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ ଭାରତୀୟ ପରିପ୍ରେକ୍ଷୀରେ ଏଭଳି ଘଟଣାକୁ ଅନୁଧ୍ୟାନ କଲେ ହତାଶ ହେବାକୁ ପଡ଼େ। ଆମ ଦେଶରେ ବି ଘଟୁଛି ଏହାଠାରୁ ବଳି ଆଶ୍ଚର୍ଯ୍ୟଜନକ ଘଟଣା, ଯାହାର କେତୋଟି ଦୃଷ୍ଟାନ୍ତ ନିମ୍ନରେ ଅବତାରଣା କରାଯାଉଛି।

ମିଥ୍ୟାର ଆଶ୍ରୟ ନେଇ ବିବାହ, ଲୁଚାଛପାରେ ବିବାହ, ଯୌତୁକ ଲୋଭ, ପରକୀୟା ପ୍ରୀତି, ପୁରୁଣା ପ୍ରେମର ମୋହ, ଧନସମ୍ପତ୍ତିର ଲୋଭ, ଏକାଧିକ ବିବାହ ଇତ୍ୟାଦି ଆମର ଦାମ୍ପତ୍ୟ ବନ୍ଧନର ପବିତ୍ରତାକୁ ବିପର୍ଯ୍ୟସ୍ତ କରିଦେଉଛି। ଏଥିପାଇଁ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ଭୂମିକା ଥିଲେ ବି ଆମର ପୁରୁଷପ୍ରଧାନ ସଂସ୍କୃତିରେ ସ୍ୱାମୀମାନଙ୍କର ଆଧିପତ୍ୟ ଓ ସ୍ୱେଚ୍ଛାଚାରିତା ମୁଖ୍ୟତଃ ଦାୟୀ। କେତେକ ନୀଚ ପ୍ରବୃତ୍ତିର ଲୋକ ନିଜ ପତ୍ନୀକୁ କ୍ରୀତଦାସ କିମ୍ବା ପଣ୍ୟଦ୍ରବ୍ୟର ସ୍ତରକୁ ଖସେଇଦିଅନ୍ତି। ସ୍ୱାପିଂ (କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ନିଜ ନିଜର ପତ୍ନୀ ବିନିମୟ) ଭଳି ବିଦେଶରେ ପ୍ରଚଳିତ ଏକ ଘୃଣ୍ୟପ୍ରଥାକୁ ଅନୁକରଣ କରନ୍ତି। ନିର୍ମମ ଭାବରେ ନିଜ ପତ୍ନୀକୁ ଜଳନ୍ତା ତନ୍ଦୁର ଚୁଲାରେ ପୋଡ଼ି ମାରନ୍ତି (କୁଖ୍ୟାତ ନୈନାସାହାଣୀ କେସ୍)। କିଛିମାସ ତଳେ ହରିୟାଣାର ଫରିଦାବାଦ ଅନ୍ତର୍ଗତ ଏକ ଗ୍ରାମର ନୀରବ ନାମକ ବ୍ୟକ୍ତି ତାଙ୍କ ପତ୍ନୀକୁ ସାମାନ୍ୟ ମନୋମାଳିନ୍ୟ ପାଇଁ ଏସିଡ୍ ଫିଙ୍ଗିଥିଲେ। ରାଜସ୍ଥାନର ମୁଖ୍ୟ ଶାସନ ସଚିବ ପାହ୍ୟାର ଜଣେ ଆଇଏଏସ୍ ଅଫିସର ଓମ୍‌ପ୍ରକାଶ ମିନା ତାଙ୍କର ପ୍ରଶାସନିକ ଅଧିକାରୀ ପତ୍ନୀ ଗୀତା ସିଂଦେଓଙ୍କୁ ଏତେ ମାଡ଼ ମାରୁଥିଲେ ଯେ ଶେଷରେ କଥା କୋର୍ଟ ପର୍ଯ୍ୟନ୍ତ ଗଲା। ଓଡ଼ିଶାରେ ଘଟିଛି ଆହୁରି ଆଶ୍ଚର୍ଯ୍ୟଜନକ ଘଟଣା। ବାଲେଶ୍ୱର ଜିଲାର ଜଣେ ଲୋକ ତା' ସ୍ତ୍ରୀକୁ ବାଜି ଲଗେଇ ଜୁଆ ଖେଳୁଥିଲାବେଳେ ହାରିଯିବାରୁ ସ୍ତ୍ରୀକୁ ଉପଭୋଗ କରିବା ପାଇଁ ଅନ୍ୟ ଜୁଆଡିମାନଙ୍କୁ ସମର୍ପଣ କରିଦେଇଥିଲେ। ରାଉରକେଲାର ଛେଣ୍ଡ କଲୋନୀ ବାସିନ୍ଦା ଜଣେ ଷ୍ଟେଟ ବ୍ୟାଙ୍କ ଅଫିସର ଭାଉଜ ପ୍ରେମରେ ପଡ଼ି ନିଜ ସ୍ତ୍ରୀକୁ ଛଅ ଲକ୍ଷ ଟଙ୍କା ସୁପାରି ଦେଇ ହତ୍ୟା କରାଇଥିଲେ। କେଉଁଠି ବୃଦ୍ଧ ବୟସରେ ପୁରୁଷଟିଏ ତିରିଶ, ଚାଳିଶ ବର୍ଷର ବିବାହିତା ପତ୍ନୀ ଓ ପରିବାରକୁ ଛାଡି ଅନ୍ୟତ୍ର ସମ୍ପର୍କ ଯୋଡୁଛି ଓ ଅନ୍ୟ କେଉଁଠି ନିଃସନ୍ତାନ କିମ୍ବା କନ୍ୟା ସନ୍ତାନର ଜନନୀ ହେବା କାରଣରୁ ପତି ତା'ର ନିରୀହା ପତ୍ନୀକୁ ଛାଡ଼ି ବିକଳ୍ପ ଖୋଜୁଛି। କେହି କେହି ପତ୍ନୀକୁ ଅନେକ ଆଶ୍ୱାସନା ଦେଇ ବିଦେଶ ଗଲା ପରେ ସେଠାରେ ବିଦେଶିନୀର ପ୍ରେମରେ ପଡ଼ି ନିଜ ସ୍ତ୍ରୀକୁ ଭୁଲିଯାଆନ୍ତି। ପୁଣି କେହି ନିଜର ଅତିସୁନ୍ଦରୀ ସ୍ତ୍ରୀ (ଘରବାଲୀ)କୁ ଅବହେଳା କରି ବାହାରର (ବାହାରବାଲୀ) କଦାକାର ନାରୀ ପଛରେ ଧାଆନ୍ତି ଓ କେହି 'ଶାଲୀ ଆଧା ଘରବାଲୀ' ନୀତି ଆପଣେଇ ନିଜ ପରିବାରକୁ ଅଣଦେଖା କରନ୍ତି। ଏସବୁ ପୁରୁଷକୈନ୍ଦ୍ରିକ ସ୍ୱେଚ୍ଛାଚାରିତା ଓ ବିଶ୍ୱାସଘାତକତା।

ହେଲେ ସମ୍ଭ୍ରାନ୍ତ ସୁଶୀଳା ମହିଳାଟିଏ ଏସବୁକୁ ନୀରବରେ ମୁଣ୍ଡପାତି ସହିଯାଏ। କାରଣ ସେ ସର୍ବଂସହା, ତା'ର ହୃଦୟ ମହାନ୍, ଧୈର୍ଯ୍ୟ ଅସୀମ। ସ୍ୱାମୀର ଯେତେ ଦୋଷ ଥିଲେ ବି ପଦେ କଥାରେ ସବୁ ଭୁଲିଯାଏ। ଆବଶ୍ୟକ ହେଲେ କୁପଥଗାମୀ ପତିକୁ ସୁଧାରିବା ପାଇଁ କେବେ ସେ 'ଅନସୂୟା' ସାଜି ପତି (ବିଷ୍ଣୁଦାଶ)ଙ୍କୁ 'ଲକ୍ଷହୀରା' ନିକଟରେ ଅର୍ପଣ କରିଦିଏ ତ କେବେ ପୁଣି 'ସୁଲୋଚନା' ରୂପରେ 'ପେଟେଣ୍ଟ ମେଡିସିନ୍' ଦେଇ ପଥଭ୍ରଷ୍ଟ ସ୍ୱାମୀ (ଚନ୍ଦ୍ରମଣି)କୁ ବାଟକୁ ଆଣେ। ସ୍ୱାମୀ ମରିଗଲେ ସ୍ତ୍ରୀଟି ତାଙ୍କର ସ୍ମୃତିଚାରଣ କରି ଆଜୀବନ ଏକାକିନୀ ରହିଯାଏ। ଅଥଚ ସ୍ତ୍ରୀ ମରିଗଲେ ଦିନ କେଇଟା ନ ପୂରୁଣୁ ସ୍ୱାମୀ ଦ୍ୱିତୀୟ (ଦରକାର ପଡ଼ିଲେ ତୃତୀୟ କିମ୍ବା ଚତୁର୍ଥ) ବିବାହ ପାଇଁ ବ୍ୟସ୍ତ ହୋଇପଡ଼େ। ତେଣୁ ଯଥାର୍ଥରେ କୁହାଯାଏ, ନାରୀର ପ୍ରେମ ତା'ର ହୃଦୟରେ ଥାଏ। ପୁରୁଷର ପ୍ରେମ ତା'ର ଦେହରେ ଥାଏ। ଏ କଥା ଯଦି ସବୁ ପୁରୁଷ (ଏବଂ ଆବଶ୍ୟକ ସ୍ଥଳେ ନାରୀ) ବୁଝନ୍ତେ ତେବେ ଉତ୍ତରଜୀବନ ସୁଖମୟ ହୁଅନ୍ତା ଏବଂ ଧରା ପାଲଟି ଯାଆନ୍ତା 'ମର୍ତ୍ତ୍ୟ ବୈକୁଣ୍ଠ'।

ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ଭାଷାକୁ କୌଣସି ସମ୍ପ୍ରଦାୟର ପରିସୀମାରେ ରଖାଯାଇ ପାରେନା ଯାହା ପ୍ରମାଣ କରିଛନ୍ତି ରାଜସ୍ଥାନର ଅଧ୍ୟାପିକା ଛୋଟୁ ମୀନା। ତାଙ୍କୁ ବର୍ତ୍ତମାନ ବୟସ ୩୯ ବର୍ଷ। ସେ ଟୋଙ୍କ ଜିଲାର ପିପ୍‌ଲୁସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ସହ–ପ୍ରାଧ୍ୟାପିକା ଅଛନ୍ତି। ଏହି କଲେଜରେ ଛାତ୍ରୀମାନଙ୍କୁ ସେ ଉର୍ଦ୍ଦୁ ପଢାଉଛନ୍ତି। ଏମିତିକି ଏମାନଙ୍କ ମଧ୍ୟରେ ୧୫ ଜଣ ହିନ୍ଦୁ ଛାତ୍ରୀ ବି ଉର୍ଦ୍ଦୁ ପଢୁଛନ୍ତି। ଏହି ଛାତ୍ରୀମାନେ ସମସ୍ତେ ମୁସଲମାନ ବହୁଳ ଜିଲା ଟୋଙ୍କରେ ରୁହନ୍ତି। ଜଣେ ହିନ୍ଦୁ ହୋଇ ପିଲାମାନଙ୍କୁ ଉର୍ଦ୍ଦୁ ପଢାଇବା ଦ୍ୱାରା କୌଣସି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ବୋଲି କୁହନ୍ତି ଛୋଟୁ। ଏଠାରେ ଛାତ୍ରମାନେ ଉର୍ଦ୍ଦୁକୁ ହିନ୍ଦୁସ୍ଥାନୀ ଭାଷା ବୋଲି ବିଚାର କରି ତାହାକୁ ପଢିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। କେବଳ ଛୋଟୁ ମୀନା ନୁହନ୍ତି ଟୋଙ୍କର ସରକାରୀ ମହାବିଦ୍ୟାଳୟରେ କୃଷ୍ଣକୁମାର ମୀନା ବି ଉର୍ଦ୍ଦୁ ପଢାଉଛନ୍ତି। ଏହି ମହାବିଦ୍ୟାଳୟରେ ଉର୍ଦ୍ଦୁ ପଢୁଥିବା ସବୁ ଛାତ୍ରଙ୍କ ମଧ୍ୟରେ ୪୦ ପ୍ରତିଶତ ହିନ୍ଦୁ ଛାତ୍ର ରହିଛନ୍ତି। ସେହିଭଳି କୋଟା ଜିଲାର ସଙ୍ଗୋଡ ସହରରେ ଥିବା ସରକାରୀ ମହାବିଦ୍ୟାଳୟର ୩୮ବର୍ଷୀୟା ଅଧ୍ୟାପିକା ସୁନୀତା ଚାୱଲା ମଧ ଉର୍ଦ୍ଦୁ ପଢାଉଛନ୍ତି। ଭାରତ 'ବସୁଧୈବ କୁଟୁମ୍ବକମ୍' (ସାରା ବିଶ୍ୱ ଏକ ପରିବାର) ଉପରେ ବିଶ୍ୱାସ କରେ ଓ ଆମେ ଯଦି ସମ୍ପ୍ରଦାୟର ପ୍ରିଜମ୍ ମାଧ୍ୟମରେ ଭାଷାକୁ ଦେଖିବା ତେବେ ଏହା ଆମର ସଂକୀର୍ଣ୍ଣ ଭାବକୁ ପ୍ରକାଶ କରିବ ବୋଲି ମତ ଦିଅନ୍ତି ସୁନୀତା। ସେହିପରି ରାଜସ୍ଥାନ ବିଶ୍ୱବିଦ୍ୟାଳୟର ୩୨ ବର୍ଷ ବୟସ୍କ ମୁକେଶ କୁମାର ଉର୍ଦ୍ଦୁର ସହ–ପ୍ରାଧ୍ୟାପକ ଅଛନ୍ତି। ଉର୍ଦ୍ଦୁ ସମେତ ଅନ୍ୟ ଭାଷା ହେଉଛି ଲିଟରେଚର। ଏହାକୁ ପଢାଇବା ବା ପଢିବା ସଭିଙ୍କର ଅଧିକାର ବୋଲି ସେ କହିଛନ୍ତି।

## ଚିରନ୍ତନୀ

ଉର୍ଦ୍ଧ୍ୱରେ କରାଳ ଧ୍ୱଂସ ଉଠେ ଗର୍ଜି ଅନ୍ଧକାର ଅମା
ବିଶ୍ୱଗ୍ରାସୀ କ୍ଷୁଧାମୁଖେ ଧାବଇ ରାକ୍ଷସ
ଚକ୍ଷୁରୁ ଛୁଟଇ ତା'ର ଶତ କୋଟି ଆଣବିକ ବୋମା
ଚଳେ ଚମୂ ନବ ଶତାବ୍ଦୀର ଅବତଂସ।
(ଶତାବ୍ଦୀ–ସୈନିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ–ଅନ୍ୟନାମ ଭବିଷ୍ୟବାଣୀ

ମହାଶୟ,



ଅନେକ ଲୋକଙ୍କର ଖବରକାଗଜ ପଢ଼ିବା ଏକ ଅଭ୍ୟାସ। ଖାଇବା ପଛେ ଡେରି ହେଉ, କାଗଜଟା କେତେବେଳେ ଆସିବ ତା' ଉପରେ ଟିକେ ଆଖି ବୁଲେଇ ନେଲେ ମନଟା ସନ୍ତୋଷ ଲାଭ କରେ। ନିଜର ରୁଚି ଅନୁସାରେ ଭିନ୍ନ ଭିନ୍ନ ଲୋକେ ଭିନ୍ନ ଭିନ୍ନ ଖବରକାଗଜ ପଢ଼ନ୍ତି। ଏ ପାଠକଙ୍କର ଧରିତ୍ରୀ ପ୍ରତି ଦୁର୍ବଳତା ଅଛି। କାରଣ ଏହା ନିର୍ଦ୍ଦଳୀୟ ଭାବେ ଖବର ପ୍ରସାରଣ କରେ। ନିର୍ଦ୍ଦିଷ୍ଟ କେବେଠାରୁ ଧରିତ୍ରୀ ପଢୁଛି ତାହା କହିପାରିବି ନାହିଁ, ତଥାପି ତିରିଶ ବର୍ଷରୁ ଅଧିକ ହେବ। ଅବସର ନେବାର ୧୭ବର୍ଷ ପରେ ମଧ ସେଇ ଅଭ୍ୟାସ ଚାଲୁରହିଛି। ବୟସ ପାଖାପାଖି ଅଶୀ ହେଲେ ମଧ ଭଲ ଭାବେ ପଢ଼ିପାରୁଛି। ଧରିତ୍ରୀକୁ ସମସ୍ତେ ଖବରକାଗଜ ଭାବେ ମନେକରୁଥିବା ବେଳେ ମୁଁ କିନ୍ତୁ ଭାବେ ଏହା ଏକ ଭବିଷ୍ୟବାଣୀ ପତ୍ରିକା। ଏଥିରେ ଯେଉଁ ଭବିଷ୍ୟବାଣୀ ସବୁ ସମ୍ପାଦକୀୟ ଓ ସ୍ତମ୍ଭାକାରରେ ବାହାରୁଛି ତହିଁରୁ ୨/୩ କିଲୋ ପେପର କଟିଂ ୧୦/୧୫ ବର୍ଷ ତଳୁ ଯାହା ରଖିଥିଲି, ତାହାସବୁ ଅକ୍ଷରେ ଅକ୍ଷରେ ସମାଜର ପ୍ରତି କ୍ଷେତ୍ରରେ ଘଟୁଛି। ସେଥିମଧ୍ୟରୁ କିୟଦଂଶ ଦେବା ସମୀଚୀନ ମନେକରେ। ତା୧୪।୧୨।୨୦୧୦ର କିଏ ଧୋବ ଫର ଫର, ବର୍ତ୍ତମାନ ସମାଜକୁ ଦେଖନ୍ତୁ, ୨୮।୧୨।୧୦ର ପାରା ଭଳି ନେଉଟି ପଡୁଛନ୍ତିକୁ ୨୩।୧୧।୧୯ର ମହାରାଷ୍ଟ୍ର ଖବର ସହ ମିଳାଇ ଦେଖନ୍ତୁ। ୧୮।୧।୧୧ରେ ଦୁର୍ନୀତି ପ୍ରାକ୍ଟିସ, ୨୯।୫।୧୧ (ଛୁଟିଦିନ)ରେ ତିହାରରେ ସବାଖିଆଙ୍କ ଭିଡ଼ ପଡ଼ିଥିଲି। ଏବେ ବି ଭିଡ଼ ବନ୍ଦ ହୋଇନାହିଁ। ଏ ଭିଡ଼ ଏହିପରି ଚାଲିଥିବ। ଏହା ଏକ ଅକାଟ୍ୟ ଭବିଷ୍ୟବାଣୀ। ବର୍ତ୍ତମାନ ଯାହା ଅବସ୍ଥା, ତୁଣ୍ଡ ଖୋଲିଲେ ମୁଣ୍ଡ ଗଲା, ଯାଉଛି ବି। ୫।୧୧।୧୨ରେ ବାହାରିଥିଲା ବଙ୍କା ଶାସନ, ସିନିୟର ଉପରେ ଜୁନିୟର ରାଜା, ପାଇବା ଲୋକ ନ ପାଇ ନ ପାଇବା ଲୋକ ପାଉଛି। ଆଠ ବର୍ଷ ତଳର ବାଣୀ ଆଜି ସତ୍ୟରେ ପରିଣତ ହେଉଛି। ୮।୯।୧୪ରେ କାଦୁଅରେ ସିବିଆଇ, ୨୩।୮।୧୫ରେ ତଲାକ୍ ଦୁଃଖ କାହା ଜୀବନରେ ନ ଆସୁ ପଢ଼ିଥିଲି। ନାରୀ ସଶକ୍ତୀକରଣ କାର୍ଯ୍ୟରେ ପରିଣତ ହେଲା। ଏତଦ୍‌ବ୍ୟତୀତ ଚାଲ ମାଗିଖିଆ ସୃଷ୍ଟିକରିବା, ମଲେ ଯିବ, ଭଗବାନ ଭରସା, ଚହଳ ପକାଅ, ଆଣ୍ଠେଇବାକୁ ବାଟ ଅଛି, ସମସ୍ତେ ଦେଶଦ୍ରୋହୀ, ଆମେ ଚାହୁଁ ସିଂହାସନ, ଦଣ୍ଡ କୋହଳ କାହିଁକି, ତସ୍କରଙ୍କ କବ୍‌ଜାରେ ଗଣତନ୍ତ୍ର, ଅସଲ ଯୋଗ୍ୟତା ଆନୁଗତ୍ୟ, ସମସ୍ତେ ପଶିବେ ଶୀର୍ଷକ ସମ୍ପାଦକୀୟଗୁଡ଼ିକ ଉଲ୍ଲେଖନୀୟ। ଏହିପରି ଲେଖିଲେ ଗ୍ରନ୍ଥ ହେବ। ଉପରୋକ୍ତ ସମ୍ପାଦକୀୟ ଓ ସ୍ତମ୍ଭଗୁଡ଼ିକ ସମାଜକୁ ଠିକ୍ ରାସ୍ତାରେ ଚଳାଇବା ପାଇଁ ଭବିଷ୍ୟବାଣୀ । ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହାର ଦୀର୍ଘାୟୁଷ କାମନା କରୁଛି।

ପୂର୍ଣ୍ଣଚନ୍ଦ୍ର ନାଥ, ବରିଷ୍ଠ ନାଗରିକ, ୩୭୩/ଏଫ୍, ସେକ୍ଟର–୭, ସିଡିଏ, କଟକ

### କେଉଁ ଟଙ୍କା ଅଚଳ

ବିମୁଦ୍ରୀକରଣ ପୂର୍ବରୁ ହାଟ ବଜାରରେ ଖୁଚୁରା ପଇସାର ଅଭାବ ଦେଖାଯାଇଥିଲା। ଦୋକାନୀ ଖୁଚୁରା ପଇସା ନ ଦେଇ ଚକୋଲେଟ୍ ଇତ୍ୟାଦି ଗ୍ରାହକଙ୍କୁ ଦେଉଥିଲେ। ନୋଟବନ୍ଦୀ ପରେ କାହିଁକି କେଜାଣି ହାଟବଜାରରେ ଖୁଚୁରା ଟଙ୍କାର ଅଭାବ ରହିଲା ନାହିଁ। ପ୍ରାୟ ଦୁଇବର୍ଷ ପୂର୍ବେ ଗୁଜବ ଉଠିଲା ଯେ ଦଶଟଙ୍କିଆ ମୁଦ୍ରା ଚଳୁ ନାହିଁ। ଏଣୁ ଲୋକେ ଦଶଟଙ୍କିଆ ମୁଦ୍ରା ଗ୍ରହଣ କଲେ ନାହିଁ ଯଦିଓ ସରକାର ସେପରି କୌଣସି ଘୋଷଣା କରି ନ ଥିଲେ। ଜଣାଗଲା କେତେକ ଚତୁର ବ୍ୟକ୍ତି ଫାଇଦା ଉଠାଇବା ପାଇଁ ଏହିପରି ଗୁଜବ ସୃଷ୍ଟି କରିଛନ୍ତି, ଯେପରିକି ସେମାନେ ଅଳ୍ପଟଙ୍କା ଦେଇ ଦଶଟଙ୍କିଆ ମୁଦ୍ରା ସବୁ କିଣି ରାତାରାତି କୋଟିପତି ହେବେ। ବର୍ତ୍ତମାନ ଗୁଜବ ଉଠିଛି ଯେ, ଛୋଟ ଏକଟଙ୍କିଆ ମୁଦ୍ରା ଚଳୁ ନାହିଁ। ଏଣୁ ହାଟବଜାରରେ ଲୋକେ ଏହି ମୁଦ୍ରା ଗ୍ରହଣ କରୁନାହାନ୍ତି। ସରକାର ଏହି ପରିପ୍ରେକ୍ଷୀରେ କେଉଁ ଟଙ୍କା ଅଚଳ ବା ନୁହେଁ ତାହା ସ୍ପଷ୍ଟ କରନ୍ତୁ।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମହାରଥୀଙ୍କ ବିରୋଧରେ ଲୋକାୟୁକ୍ତଙ୍କ ନିକଟରେ ଭାଜପାର ଫେରାଦ**

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଶହେ କୋଟିରୁ ଅଧିକ ଟଙ୍କାର ସରକାରୀ ଜମିକୁ ହଡପ କରିଛନ୍ତି ବୋଲି ଭାଜପା ଅଭିଯୋଗ କରୁଛି। ସର୍ବସାଧାରଣ ସମ୍ପତ୍ତିକୁ ନିଜ ହୁଙ୍କେଇପୁର ଫାର୍ମ ହାଉସରେ ମିଶାଇ ଜବରଦଖଲ କରି ସର୍ବସାଧାରଣ ଚାଷୀମାନଙ୍କ ଚାଷକାମରେ ଅସୁବିଧା ସୃଷ୍ଟି କରୁଛନ୍ତି। ସେହିପରି ଯୁଧିଷ୍ଠିର ସାମନ୍ତରାୟଙ୍କ ନିଜର ଜଣେ ଘନିଷ୍ଠ ସହଯୋଗୀ ଓ ବିଶ୍ୱସ୍ତ କର୍ମୀଙ୍କ ବାପା ରାଜକିଶୋର ମହାପାତ୍ର ଓ ତାଙ୍କ ଭାଇଙ୍କ ଶ୍ୱଶୁରଙ୍କ ନାମରେ ପିପିଲି ତହସିଲରେ ୩୦୦ କୋଟିରୁ ଊର୍ଦ୍ଧ୍ୱ ଗୋଚର ଜମିକୁ ତତ୍କାଳୀନ ତହସିଲଦାର ଓ ଜିଲାପାଳଙ୍କ ସହାୟତାରେ ହଡପ୍ କରିନେଇଥିବା ଭାଜପା ଅଭିଯୋଗ ବାଢୁଛି। ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଏହା କହିଛନ୍ତି।

# ୧୬,୩୯୧ କୋଟିର ୟୁସି ଦେଇ ନାହାନ୍ତି ସରକାରୀ ବିଭାଗ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



## ସିଏଜି ରିପୋର୍ଟ

- ଫେଲ ମାରିଲା ଆଳୁ ମିଶନ
- କେନ୍ଦ୍ରୀୟ ଅନୁଦାନ ନ ମିଳିବାରୁ ମ୍ୟାଲେରିଆ ନିରାକରଣ ପାଇଁ ଉଦ୍ଦିଷ୍ଟ ୩୦ କୋଟି ଟଙ୍କା ଫେରିଗଲା
- ବିତ୍ତୀୟ ପରିଚାଳନା ସନ୍ତୋଷଜନକ

ରାଜ୍ୟର ଆର୍ଥିକ ସ୍ଥିତି ଭଲ ରହିଛି। ବିତ୍ତୀୟ ପରିଚାଳନା ଠିକ ଢଙ୍ଗରେ କରାଯାଉଛି। ଟିକସ ଆଦାୟ ବଢ଼ିଛି। ରାଜସ୍ୱ ପୂର୍ବ ବର୍ଷ ତୁଳନାରେ ସନ୍ତୋଷଜନକ ରହିଛି। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ କେନ୍ଦ୍ରରୁ ପାଇଥିବା ଅନୁଦାନର ବିନିଯୋଗ ପ୍ରମାଣ ପତ୍ର (ୟୁସି) ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପରିଚାଳନା ଅଭାବରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ବିଧାନସଭାରେ ଉପସ୍ଥାପନ କରିଥିବା ରାଜ୍ୟର ଆର୍ଥିକ ସ୍ଥିତି-୨୦୧୮ର କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରୁ ଏହି ସୂଚନା ମିଳିଛି। ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ବିଭିନ୍ନ ବିଭାଗକୁ ଦିଆଯାଉଥିବା ଅର୍ଥର ବିନିଯୋଗ ପ୍ରମାଣ ପତ୍ର(ୟୁସି) ଠିକ୍ ସମୟରେ ପ୍ରଦାନ କରାଯାଉ ନାହିଁ। ୨୦୧୭-୧୮ରେ ସରକାର ୨୧,୭୮୦.୩୦ କୋଟି ଟଙ୍କା ଅନୁଦାନ ରୂପେ ପାଇଥିବା ବେଳେ ସେଥିରୁ ୧୬,୩୯୧.୧୬ କୋଟି ଟଙ୍କାର ୟୁସି ଦେଇ ନାହାନ୍ତି। ୨୦୧୮ ମାର୍ଚ୍ଚ ସୁଦ୍ଧା ସରକାରଙ୍କ ୩୫ଟି ବିଭାଗର ୩୮,୪୨୭.୯୧ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଦାଖଲ କରି ନ ଥିଲେ।

ରାଜ୍ୟ ସରକାର ଆଳୁର ଅଭାବ ଦୂର କରିବାକୁ ଆଳୁ ମିଶନ ଗଠନ କରିଥିଲେ। ଏଥିସହିତ ପର୍ଯ୍ୟାପ୍ତ ଶୀତଳଭଣ୍ଡାର କରିବାକୁ ନିଷ୍ପତ୍ତି କରିଥିଲେ। ପାଣ୍ଠିର ଉପଯୁକ୍ତ ବିନିଯୋଗ ହୋଇ ନ ପାରିବା, ଉନ୍ନତମାନର ଆଳୁ ବିହନ ଉପଲବ୍ଧ ନ ହେବା, ଅଧିକ ଟଙ୍କାରେ ବିହନ କ୍ରୟ କରିବା, ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ନ ମିଳିବା ଯୋଗୁ ଆଳୁ ମିଶନ ଫେଲ୍ ମାରିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ୩ ବର୍ଷ ମଧ୍ୟରେ ରାଜ୍ୟ ସରକାର ରାଜ୍ୟରେ ୫୫ଟି ଶୀତଳଭଣ୍ଡାର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ମାତ୍ର ୨୩ଟି ସ୍ଥାପନ ହୋଇ ପାରିଥିଲା। ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଘରୋଇ ସଂସ୍ଥା ଆଗ୍ରହ ଦେଖାଇ ନ ଥିଲେ। କେନ୍ଦ୍ରୀୟ ଅନୁଦାନ ନ ମିଳିବାରୁ ରାଜ୍ୟ ସରକାର ୨୦୧୫-୧୬ରୁ ୨୦୧୭-୧୮ ମଧ୍ୟରେ ଯକ୍ଷ୍ମା ନିୟନ୍ତ୍ରଣ ଓ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାରି ନାହିଁ।

ଅନ୍ୟପକ୍ଷରେ ରାଜସ୍ୱ ପରିଚାଳନା ଓ ଟିକସ ବୃଦ୍ଧିରେ ସରକାର ସଫଳ ଅଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ରାଜ୍ୟ ୧୩ ହଜାର ୩୬୭ କୋଟି ଟଙ୍କାର ବଳକା ରାଜସ୍ୱ ହାସଲ କରିଛି। ସରକାର ୮୫,୨୦୪ କୋଟି ଟଙ୍କା ରାଜସ୍ୱ ପାଇଛନ୍ତି ଯାହାକି ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୨୦.୪୮ ପ୍ରତିଶତ । ପୂର୍ବ ବର୍ଷ ତୁଳନାରେ ୧୪.୬୭ ପ୍ରତିଶତ ଅଧିକ ହୋଇଛି। ୨୦୧୭-୧୮ରେ ରାଜସ୍ୱ ଖର୍ଚ୍ଚ (୭୧,୮୩୭ କୋଟି ଟଙ୍କା) ଅନୁରୂପ ବୃଦ୍ଧି ଘଟିଥିଲା। ୨୦୧୬-୧୭ ତୁଳନାରେ ୧୦.୪୫ ପ୍ରତିଶତ, ଯାହାକି ଜିଏସଡିପିର ୧୭.୨୭ ପ୍ରତିଶତ ଥିଲା। ପୂର୍ବ ବର୍ଷ ତୁଳନାରେ ପୁଞ୍ଜିଗତ ଖର୍ଚ୍ଚ ୧୪.୨୮ ପ୍ରତିଶତ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏସବୁ ସତ୍ତ୍ୱେ ବିତ୍ତୀୟ ନିଅଣ୍ଟ ୧,୩୬୦ କୋଟି ଟଙ୍କା ରହିଛି, ଯାହା ୨.୨୫ ପ୍ରତିଶତ। ଏଫଆର ବିଏମ(ସଂଶୋଧନ) ଧାରା ୨୦୧୬ରେ ନିର୍ଦ୍ଧାରିତ ବିତ୍ତୀୟ ଧାର୍ଯ୍ୟଲକ୍ଷ୍ୟକୁ ଏହା ପୂରଣ କରିପାରିଛି। ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ଋଣ ଓ ଜିଏସଡିପିର ଅନୁପାତ ୨୫ ପ୍ରତିଶତଠାରୁ କମ ଥିଲା। ତେବେ ବକେୟା ଦେୟ ୨୦୧୩-୧୪ ଠାରୁ (୧୫.୦୮%) ବୃଦ୍ଧି ପାଇ ୨୩.୩୬ ପ୍ରତିଶତରେ ପହଞ୍ଚିଛି।

# ୧୧ ମୃତ ବିଦେଶୀ ପକ୍ଷୀ ଜବତ

## ବାଳସୁଧାର ଗୃହ ଗଲେ ନାବାଳକ ଶିକାରୀ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୮।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ ମଙ୍ଗଳାଯୋଡି କ୍ୟାମ୍ପ ଅଭିମାନପୁର ରିଙ୍ଗ ବନ୍ଧ ନିକଟରୁ ଗୁରୁବାର ଜଣେ ୧୬ ବର୍ଷର ନାବାଳକ ଶିକାରୀଙ୍କଠାରୁ ୧୧ ମୃତ ବିଦେଶୀ ପକ୍ଷୀ ଓ ଏକ ବାଇକ୍ ଜବତ ହୋଇଛି। ସ୍ଥାନୀୟ ଅଞ୍ଚଳର ନାବାଳକ ଶିକାରୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମୃତ ବିଦେଶୀ ପକ୍ଷୀଙ୍କୁ ପଞ୍ଚନାମା କରାଯାଇ ପୋତି ଦିଆଯାଇଥିବା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।



# ବଲାଙ୍ଗୀର ଲାଗି ସ୍ୱତନ୍ତ୍ର ପ୍ୟାକେଜ ଦିଅ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

- କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ହାୱା କରିଦେଇ ଗଲେ
- ବିଭାଗଗୁଡିକୁ ରିପୋର୍ଟ ଦେବେ କହିଲେ ମନ୍ତ୍ରୀ
- ନଦୀକୂଳିଆ ଗାଁଗୁଡିକୁ ସ୍ଥାନାନ୍ତର କରାଯିବ

ଗତ ଅଗଷ୍ଟ ୧୩ ଏବଂ ୧୪ ତାରିଖରେ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକରେ ପ୍ରବଳ ବୃଷ୍ଟିପାତ ହୋଇଥିଲା। ବଲାଙ୍ଗୀର ବ୍ଲକରେ ୧୪ ତାରିଖରେ ୫୫୦ମି.ମି. ବର୍ଷା ହୋଇଥିଲା। ସେହିପରି ୧୩ତାରିଖରେ ଗୁଡ୍‌ଭେଲା ବ୍ଲକରେ ୪୧୪ ମି.ମି. ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଏହି ବର୍ଷା ପ୍ରଭାବରେ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କ୍ଷୟକ୍ଷତିର ଆକଳନ ଠିକ୍ କରାଯାଇ ନାହିଁ ବୋଲି କଂଗ୍ରେସ ସଦସ୍ୟ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଏହାସହ ସେହି ସମୟରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆକାଶ ମାର୍ଗରୁ ଜିଲାର କ୍ଷୟକ୍ଷତି ସମୀକ୍ଷା କରି ପ୍ରତିଶ୍ରୁତି ଦେଇ ଚାଲିଗଲେ ବୋଲି ଆକ୍ଷେପ କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଗୁରୁବାର ଗୃହରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ଅଧିରାଜ ପାଣିଗ୍ରାହୀ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଣି ଆଲୋଚନା ପାଇଁ ଯୁକ୍ତି ରଖିବା ସହିତ ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତର ଲୋଡିଥିଲେ।

ଏହି ଅବସରରେ ନରସିଂହ ମିଶ୍ର କହିଛନ୍ତି, ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଲା। ଲୋକମାନେ ରଖିଥିବା ନଗଦ ଟଙ୍କା ପାଣିରେ ଭାସିଯାଇଥିବା ସେମାନେ ଅଭିଯୋଗ କରୁଛନ୍ତି। ଯେତିକି ସରକାରୀ କର୍ମଚାରୀ ଦିଆଯିବା କଥା ପୁନରୁଦ୍ଧାର କାର୍ଯ୍ୟ ଲାଗି ସେତିକି ମଧ୍ୟ ମିଳିଲା ନାହିଁ। ଯଦି ବଲାଙ୍ଗୀର ଜିଲା ପାଇଁ ସରକାରଙ୍କ ସାମାନ୍ୟ ଆନ୍ତରିକତା ଅଛି ତେବେ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ। ଏହାସହ ଏନ୍‌ଏଚ୍ ସଂଯୋଗ ମଧ୍ୟ ନଷ୍ଟ ହୋଇଛି। ଏ ବାବଦରେ ଆଉଥରେ ସମୀକ୍ଷା କରି ଜିଲା ପ୍ରଶାସନ ଠିକ୍ ରିପୋର୍ଟ ପ୍ରଦାନ କରନ୍ତୁ। ଲୋକ ସଭା ଏମ୍‌ପି, ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରାଯାଉ। ଏନେଇ ୧ହଜାର କୋଟି ଟଙ୍କା ଦେବାକୁ କହିବାପରେ ଜିଲାପାଳ ଏକ ରିପୋର୍ଟ ସରକାରଙ୍କୁ ପଠାଇଥିଲେ। ସେଥିରେ ସେ ଜିଲା ପାଇଁ ୪୦୦କୋଟି ଟଙ୍କା ଦେବାକୁ କହିଥିଲେ। ମାତ୍ର ସରକାର ମାତ୍ର ୪୦କୋଟି ଟଙ୍କା ଦେଲେ ବୋଲି ନରସିଂହ କହିଛନ୍ତି। ତେଣୁ ଜିଲାର କ୍ଷୟକ୍ଷତି ଉପରେ ଦୃଷ୍ଟି ରଖି ସ୍ୱତନ୍ତ୍ର ପ୍ୟାକେଜ ଦାବିକୁ ସେ ପୁଣିଥରେ ଦୋହରାଇଥିଲେ। ସନ୍ତୋଷ ସିଂ ସାଲୁଜା ମଧ୍ୟ ନରସିଂହଙ୍କ ଦାବିକୁ ସମର୍ଥନ ଜଣାଇ ସରକାରଙ୍କୁ ଚାରିଆଡୁ ଘେରିବାକୁ ପ୍ରୟାସ କରିଥିଲେ। ସେ କହିଛନ୍ତି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ ସରକାର ଆଂଶିକ ରିପୋର୍ଟ ଦେଇଛନ୍ତି। ଏଥିରେ ୧୪ ବ୍ଲକ କଥା ଉଲ୍ଲେଖ ଅଛି। ଟିଟିଲାଗଡ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ନଦୀ ବାବଦରେ ଯାହା ଉଲ୍ଲେଖ ଅଛି ତାହା ସମ୍ପୂର୍ଣ୍ଣ ନୁହେଁ। ବ୍ୟାପକ ବର୍ଷା ଯୋଗୁ ବ୍ୟାପକ କ୍ଷତି ହୋଇଛି। ଚାଷୀଙ୍କ ଭଲ ଫସଲ ହୋଇଥିବା ବେଳେ ପାଣିପଶି ସବୁ ନଷ୍ଟ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଆଂଶିକ ସହାୟତା ଦିଆଯାଇଛି। ସମ୍ପୂର୍ଣ୍ଣ ସହାୟତା ନ ମିଳିଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ସେ କହିଛନ୍ତି। ସଦସ୍ୟ ଅଧିରାଜ ପାଣିଗ୍ରାହୀ କହିଛନ୍ତି, ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ବୁଲି ନିଜ କଥାକୁ ହାୱାରେ ଉଡାଇଦେଲେ। ସେ ନିର୍ବାଚନ ସମୟରେ ଯେମିତି ଜୁମ୍‌ଲା ମାରୁଥିଲେ ସମାନ କଥା ଦୋହରାଇଦେଇ ଗଲେ। ଭାଜପା ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ ନେଇ ତାଙ୍କ ନିକଟରେ ଦାବି ରଖନ୍ତୁ ବୋଲି ସେ କହିଛନ୍ତି। ଖରିଆର ନିର୍ବାଚନମଣ୍ଡଳୀର ୧୦ରୁ ୧୫ ଗ୍ରାମ ବର୍ତ୍ତମାନ ନଦୀ ମୁହଁରେ ଅଛି। ସେଠାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉ। ଏହାସହ ବଲାଙ୍ଗୀର ଜିଲା ପାଇଁ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ ପ୍ୟାକେଜ ଘୋଷଣା କରାଯାଉ ବୋଲି ପାଣିଗ୍ରାହୀ କହିଛନ୍ତି।

ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ବାସ୍ତବିକ ଭାବେ ଅଗଷ୍ଟ ୧୩ ଓ ୧୪ରେ ବଲାଙ୍ଗୀର ଜିଲାରେ ହୋଇଥିବା ବର୍ଷା ଯୋଗୁ ଅଧିକ ମାତ୍ରାରେ ଜଳ ମାଡି ଆସିଥିଲା। ଏନେଇ ଏସ୍‌ଆରସି(ସ୍ୱତନ୍ତ୍ର ରିଲିଫ କମିଶନର)ଙ୍କ ସହିତ ଆଲୋଚନା କରିଛି, ଯାହା ସମସ୍ତ ସାହାଯ୍ୟ ଏନ୍‌ଡିଆର୍‌ଏଫ, ଏସ୍‌ଡିଆର୍‌ଏଫରୁ ସହାୟତା ଦେବା କଥା ଦିଆଯାଇଛି। ଏ ପର୍ଯ୍ୟନ୍ତ କେତେଗୁଡିଏ ରିପୋର୍ଟ ଆସିନାହିଁ। ସରକାରଙ୍କ ପାଖରେ ଟଙ୍କା ଅଛି, ବିଭାଗଗୁଡିକୁ ନିର୍ଦ୍ଦେଶ ଦେବି ରିପୋର୍ଟ ତୁରନ୍ତ ପ୍ରଦାନ କରି ଅର୍ଥ ବରାଦ କରିବା ଲାଗି। ବନ୍ୟା ନେଇ ସମୀକ୍ଷା କରିଥିଲି। ରାସ୍ତା ବହୁତ ନଷ୍ଟ ହୋଇଛି। ନଦୀକୂଳ ଗାଁଗୁଡିକୁ ସ୍ଥାନାନ୍ତରିତ କରାଯିବ। ଚାଷୀଙ୍କ ରିପୋର୍ଟ ଆସିନାହିଁ, ଆସିଗଲେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମାରାଣ୍ଡି କହିଛନ୍ତି।

**Fakir Mohan University**
VYASA VIHAR, NUAPADHI, BALASORE, ODISHA - 756089
No.- Estt: II-3/2019/8191 Date: 28.11.2019
**Advertisement for the post of Junior Assistants in Fakir Mohan University, Balasore**
Applications in prescribed format are invited for the post of **Junior Assistants** in Fakir Mohan University, Balasore for recruitment on Contractual basis. For details log in to the University website: **www.fmuniversity.nic.in**.
Candidates are required to download the application form available in the University Website and submit the filled in forms along with all requisite documents **to the Registrar, F.M. University, Nuapadhi, Balasore-756089** on or before **26.12.2019 by 5.00 PM** along with a fee of **Rs.1000/- (Rs.500/- for SC/ST/DA candidates)** towards the cost of application fee through online collection module of UCO Bank Link **"https://smartpay.ucoonline.in"** or in shape of **Bank Draft from any Nationalized Bank** drawn in favour of **"Fakir Mohan University Development Fund-II"** payable at Balasore.
**By Order of Vice-Chancellor**
**Sd./- Registrar**

'ଧରିତ୍ରୀ'ର ୪୬ତମ ଜନ୍ମ ବାର୍ଷିକୀ ଅବସରରେ ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।
**SWOSTI JYOTI SCHOOL OF BASIC SCIENCE**
Std 1 to +2 Science
Ramchandrapur Bazar, Jatni

'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା



**ପ୍ରଶାନ୍ତ ପାଇକରାୟ**
ସଭାପତି, ଜଟଣୀ ୟୁଥ୍ ଫେଡେରେସନ୍

**ODISHA STATE HOUSING BOARD**
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org
APPROVED ORERA PROJECT
Anugul Enclave
EWS, LIG (1BHK), MIG (2BHK), HIG (3BHK) Flats
Multi Storied Residential Apartment Complex at a Prime Locality in ANGUL Town
BOOKING CLOSES on 30th Nov. 2019
Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.
- Ample Open Space
- Gated Complex with required Infrastructure Facilities
- Quality Construction
- **Nominal Registration Charges** - only on divided share of Land Cost as per benchmark value
- Easy Payment Schedule during construction period
- Tie-up with **State Bank of India, Bank of Baroda, HDFC Bank** for EMD & Loan as per eligibility.

**Forms are available at :**
- **SBI** : Angul, Talcher, Dhenkanal, Kandsar, NTPC
- **BOB** : Angul
- **OSHB** : Site Office Angul, Cuttack, Rourkela, Sambalpur and Head Office at Bhubaneswar.

**Housing Commissioner-cum-Secretary**
**ODISHA STATE HOUSING BOARD**
**For Details Contact :**
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : **https://oshb.org**
**Building Houses Building Odisha**

**GOVT. OF INDIA**
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C-71, Sector-7, CDA, Cuttack-753014
FORM No. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R. P. No. 122/2018/CTC (Arising out of OA No.427 of 2012)**
**State Bank of India, Stressed Assets Recovery Branch (SARB), Madhupatna, Cuttack** — **Certificate Holder Bank**
Vs.
**Shri Sanjay Kumar Dash & another** — **Certificate Debtors**
To
1. **Shri Sanjay Kumar Dash**, S/o: Krushna Ch. Dash, At/P.O.: Apandara, Via: Machhagaon, Dist: Jagatsinghpur.
2. **Shri Atul Kumar Mohanty**, S/o: Surendra Mohanty, At/P.O.: Brahmansailo, Dist: Cuttack.

Take notice that Certificate arising out of OA No. 427 of 2012 issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 12,73,872.00 (Rupees Twelve Lac Seventy Three Thousand Eight Hundred Seventy Two Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | : | Rs. 12,73,872.00 |
| 2. | Const allowed (+) | : | Rs. 15,000.00 |
| 3. | Interest @ 12.50% p.a with quarterly rests from 28.09.2012 to 10.09.2018 | : | Rs. 13,79,930.21 |
| | **Total** | : | **Rs. 26,68,802.21** |

(Rupees Twenty Six Lac Sixty Eight Thousand Eight Hundred Two and Paise Twenty One Only) with interest @ 12.50 p.a. with quarterly rests on the amount due from 11.09.2018 till realization of the entire Dues.
2. Your are hereby directed to pay the above stated sum Within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **17.01.2020** and report the details of payment made by you.
Given under my hand and seal at Cuttack on this 22nd day of November 2019.
Sd/- (R.P. Patnaik)
**Recovery Officer**

DSPL - 164
1 NATION GST TAX MARKET
GOVERNMENT OF ODISHA
COMMISSIONERATE OF CT & GST
(FINANCE DEPARTMENT)
**ATTENTION ALL TAXPAYERS USING E-WAYBILL**
- Taxpayers **who have not filed** the **monthly** tax returns for the months of **September 2019 and October 2019** and **quarterly** returns for the quarter ending **June 2019 and September 2019**, will not be able to generate e-Waybills starting **1st of December 2019**.
- e-Waybill System will block the generation of e-Waybills for the above taxpayers.
- System will automatically unblock the facility for generation of e-Waybills **on the day after** the returns are filed by the taxpayer.
- **To avoid such inconvenience and to continue to use the facility of e-Waybills, all such taxpayers are requested to file their tax returns for the above mentioned periods before 30th of November 2019.**

*Please visit "https://ewaybillgst.gov.in" for further details*
Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
05006/13/0005/1920

### ଦୁର୍ଘଟଣାରେ ଭାରତୀୟ ଡାକ୍ତରଙ୍କ ମୃତ୍ୟୁ

ଦୁବାଇ,୨୮।୧୧(ପି.ଟି.)- ଦୁବାଇରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଭାରତୀୟ ଡାକ୍ତର ପ୍ରାଣ ହରାଇଛନ୍ତି। ଦୁବାଇ ଟ୍ରେଡ୍ ସେଣ୍ଟର ନିକଟରେ ଜନ୍ ମାର୍ଶାଲ ସ୍କିନରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ସ୍କିନରଙ୍କ ଘର କେରଳରେ। ସେ ୨୦ ବର୍ଷ ହେଲା ଦୁବାଇରେ କାର୍ଯ୍ୟ କରୁଥିଲେ।

## ୧୦୦ କୋଟି କାରବାର: ଜିଏସ୍‌ଟି ଇ-ଇନଭଏସିଂ ଅନିବାର୍ଯ୍ୟ

ନୂଆଦିଲ୍ଲୀ,୨୮-୧୧

କୌଣସି କମ୍ପାନୀ ବାର୍ଷିକ ୧୦୦ କୋଟି ଟଙ୍କାର କାରବାର କରୁଥିଲେ ସେହି କ୍ଷେତ୍ରରେ ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଜିଏସ୍‌ଟି ଇ-ଇନଭଏସିଂ ଅନିବାର୍ଯ୍ୟ ହେବ ବୋଲି ଗୁରୁବାର ସରକାର କହିଛନ୍ତି। ୧୦୦ କୋଟି ଟଙ୍କାରୁ କମ୍ କାରବାର କରୁଥିଲେ ଏହାକୁ ଇଚ୍ଛାଧୀନ କରାଯାଇଛି। ଏଭଳି ବ୍ୟବସ୍ଥା ଦ୍ୱାରା କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ତ୍ୱରିତ ଋଣ ଯୋଗାଣ ସହାୟକ ହେବ। ଜିଏସ୍‌ଟି ଅନୁପାଳନକୁ ସରଳ କରିବା ଏବଂ ପରୋକ୍ଷ ଟିକସ କ୍ଷେତ୍ରରେ ହେଉଥିବା ଚୋରିକୁ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ସରକାର କହିଛନ୍ତି। ୨୦୨୦ ଜାନୁୟାରୀ ପହିଲାରୁ ଏହାକୁ ପରୀକ୍ଷଣ ଭିତ୍ତିରେ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ୫୦୦ କୋଟି କାରବାର କରୁଥିବା ଫାର୍ମଙ୍କ କ୍ଷେତ୍ରରେ ଏଥି ଲାଗି ଜାନୁୟାରୀ ପହିଲା ଏବଂ ୧୦୦ କୋଟି କାରବାର କରୁଥିବା ଫାର୍ମଙ୍କ ଲାଗି ଫେବୃୟାରୀ ପହିଲାରୁ ପାଇଲଟ ଭିତ୍ତିରେ ଇ-ଇନଭଏସିଂ କାର୍ଯ୍ୟକାରୀ କରାଯିବ।

## ସିଭିରମଣ କଲେଜକୁ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ମାନ୍ୟତା ସମ୍ପର୍କିତ ବିଲ୍ ଅନୁମୋଦିତ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ):

ସିଭିରମଣ ଇଞ୍ଜିନିୟରିଂ କଲେଜକୁ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ଏ ସମ୍ପର୍କିତ ଏକ ବିଲ୍ ଗୁରୁବାର ଗୃହରେ ଅନୁମୋଦିତ ହୋଇଛି। ଏକାଦଶ ପଞ୍ଚବାର୍ଷିକ ରିପୋର୍ଟ ଅନୁଯାୟୀ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବଗୋଷ୍ଠୀଙ୍କ ସଂଖ୍ୟା ସୀମିତ ରହିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କେବଳ ମାତ୍ର ଶତକଡା ଦଶ ଭାଗ ବିଶ୍ୱବିଦ୍ୟାଳୟ ଯାଇଥାଆନ୍ତି। ସେହି ଦୃଷ୍ଟିରୁ ଉଚ୍ଚଶିକ୍ଷା ପ୍ରଦାନ ଲାଗି ଶିକ୍ଷାନୁଷ୍ଠାନ ସଂଖ୍ୟା ବୃଦ୍ଧି ଆବଶ୍ୟକ ବୋଲି ସରକାର ଚିନ୍ତା କରିଛନ୍ତି। ରାଜ୍ୟ ସରକାର ଉଚ୍ଚତର ବୃତ୍ତିଗତ ଓ ବୈଷୟିକ ଶିକ୍ଷା ପ୍ରଦାନ ନିମନ୍ତେ ବହୁବିଧ ଶିକ୍ଷା ବିଷୟଥିବା ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ଖ୍ୟାତିସମ୍ପନ୍ନ ପ୍ରାୟୋଜକ ନିୟାମକମାନଙ୍କୁ ଅନୁମତି ଦେବା ପାଇଁ ପ୍ରସ୍ତାବ କରାଯାଇଛି। ସମିତି ରେଜିଷ୍ଟ୍ରୀକରଣ ଅଧିନିୟମ, ୧୮୬୦ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ରମଣ ଶିକ୍ଷା ସମିତି ସିଭି ରମଣ ଯାନ୍ତ୍ରିକ ମହାବିଦ୍ୟାଳୟ ଚଳାଇଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ତହସିଲରେ ବିଦ୍ୟାନଗର ମହୁରାଠାରେ ତାଙ୍କ ନିଜସ୍ୱ କ୍ୟାମ୍ପସରେ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ। ଏହି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲେ ରମଣ ଶିକ୍ଷା ସମିତିର ସମସ୍ତ ଦାୟିତ୍ୱ ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟକୁ ଅନ୍ତରଣ ହୋଇଯିବ। ବିଶ୍ୱବିଦ୍ୟାଳୟଟି ନିଜସ୍ୱ ଅର୍ଥ ବ୍ୟବସ୍ଥାରେ ପରିଚାଳିତ ଏକକ ବିଶ୍ୱବିଦ୍ୟାଳୟ ହେବ। ସମସ୍ତଙ୍କ ଲାଗି ଏହି ବିଶ୍ୱବିଦ୍ୟାଳୟ ଉନ୍ମୁକ୍ତ ରହିବ। ସେହିପରି ଓଡିଶା ବୃତ୍ତିଗତ ଚିକିତ୍ସା ଓ ଫିଜିଓଥେରାପି ନିମନ୍ତେ ରାଜ୍ୟ ପରିଷଦ ବିଲ୍‌କୁ ବିଧାନସଭାରେ ଅନୁମୋଦନ ଦିଆଯାଇଛି।

### ଯୁବକଙ୍କୁ ନିର୍ମମ ହତ୍ୟା

## କୂଅରୁ ମିଳିଲା ବିଖଣ୍ଡିତ ମୃତଦେହ

କଣିହାଁ, ୨୮।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଧୀନ ବାଲିପଶି ସାହିର ଜଣେ ବିବାହିତ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଛନ୍ତି ଦୁର୍ଯ୍ୟୋଧନ ତୁଙ୍ଗ (୪୦)। ଏକ କୂଅ ଭିତରୁ ତାଙ୍କ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ କରିଥିବା ବେଳେ ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ହତ୍ୟାକାଣ୍ଡ ପଛର କାରଣ ଅନୈତିକ ସମ୍ପର୍କ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପରିବାର ଲୋକଙ୍କ କହିବା କଥା, ବୁଧବାର ରାତିରୁ ଦୁର୍ଯ୍ୟୋଧନ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ଘର ପଛପଟ ଚାଷ ଜମିରେ ଥିବା କୂଅରେ ଏକ ମୃତଦେହ ଭାସୁଥିବା ଦେଖି ପାଖ ପଡୋଶୀ ସୂଚନା ଦେଇଥିଲେ। ଏହାପରେ ଘଟଣା ନେଇ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଅବଗତ କରାଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରଥମେ ମୁଣ୍ଡବିହୀନ ଶରୀରକୁ ଉଦ୍ଧାର କରିଥିଲେ। ଏହାପରେ ମୁଣ୍ଡକୁ ଠାବ କରାଯାଇ ପଦାକୁ ବାହାର କରାଯାଇଥିଲା। ମୃତଦେହଟି ଦୁର୍ଯ୍ୟୋଧନଙ୍କ ବୋଲି ଜଣାପଡ଼ିଥିଲା। ଅନୁଗୋଳ ଏବଂ ଢେଙ୍କାନାଳରୁ ସାଇଣ୍ଟିଫିକ୍ ଟିମ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଛନ୍ତି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ଲାଗି ପାଲଲହଡ଼ା ପଠାଯାଇଛି। ଏସ୍‌ଡିପିଓ ଯଶୋବନ୍ତ ସାମଲ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଏ ନେଇ ଥାନାଧିକାରୀ ସରୋଜକାନ୍ତ ସାମଲ କୁହନ୍ତି, ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଛି। ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ହତ୍ୟା ପଛର କାରଣ ଅନୈତିକ ସମ୍ପର୍କ ବୋଲି ଜଣାପଡ଼ିଛି। ଏଥିରେ ସମ୍ପୃକ୍ତି ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୧୫୨/୧୯ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## କଂଗ୍ରେସ ପରେ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ):

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସରକାରୀ ବ୍ୟୟରେ ବିମାନ ଭଡାରେ ଦୁଇଜଣ ମହିଳାଙ୍କୁ ନେଇ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ ପଞ୍ଚତାରକା ହୋଟେଲରେ ମଧ୍ୟ ମନ୍ତ୍ରୀଙ୍କ ସହିତ ସେହି ମହିଳାମାନେ ରହିଥିଲେ, ଯାହାର ଦେୟ ସରକାରଙ୍କ ତହବିଲରୁ ଦିଆଯାଇଛି ବୋଲି ଭାଜପା ଅଭିଯୋଗ କରିଛି। କଂଗ୍ରେସ ଏନେଇ ପ୍ରଥମେ ଖବରଦାତା ସମ୍ମିଳନୀ କରିବାପରେ ଏ ସମ୍ପର୍କରେ ଭାଜପା ଆଗକୁ ଆସିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି, ଏହି ଦୁଇ ମହିଳାଙ୍କ ଖର୍ଚ୍ଚ ସରକାର ବହନ କରିବା କେଉଁ ସ୍ୱଚ୍ଛତାର ପ୍ରତୀକ। ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ଯାଇଥିବା ସେହି ୨ ମହିଳା କିଏ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ପଷ୍ଟ କରନ୍ତୁ। କାହିଁକି ଏବଂ କେଉଁ ଉଦ୍ଦେଶ୍ୟ ନେଇ ତାଙ୍କୁ ହାଇଦ୍ରାବାଦ ପଠାଯାଇଥିଲା ତାହା ପର୍ଯ୍ୟଟନ ବିଭାଗ ସ୍ପଷ୍ଟ କରୁ ବୋଲି ସମୀର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ବନ୍ଧୁକ ଦେଖାଇ...

ନିଆଯାଇଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, ଗୋପ ଥାନା ଅନ୍ତର୍ଗତ ନୟାହାଟସ୍ଥିତ ଏକ ଘରୋଇ ବ୍ୟାଙ୍କର ସହଶାଖା ପରିଚାଳକ ଅମିତ୍ କର୍ମକାର ଓ କଷ୍ଟମର ରିଲେସନଶିପ ଅଫିସର ଚିନ୍ମୟ ମୁଖାର୍ଜୀ ଏକ କାର୍ (ନଂ. ଓଡି ୦୫ଇ ୫୧୬୭) ଯୋଗେ ୧୯ଲକ୍ଷ ୯୩ ହଜାର ୫ଶହ ଟଙ୍କା ଭର୍ତ୍ତି ଥିବା ଟ୍ରଙ୍କ ନେଇ ନିମାପଡ଼ାର ଏକ ଘରୋଇ ବ୍ୟାଙ୍କରେ ଡିପୋଜିଟ କରିବା ପାଇଁ ଯାଉଥିଲେ। ଏହି ସମୟରେ ୬ଜଣ ଲୁଟେରା ୩ଟି ବାଇକ୍‌ରେ ସେମାନଙ୍କୁ ପିଛା କରି ଗୋପାଳପୁର ଗ୍ରାମ ହମ୍ପସ ପାଖରେ ତାଙ୍କ କାରକୁ ଅଟକାଇଥିଲେ। ଲୁଟେରାମାନେ ଦୁଇ ବ୍ୟାଙ୍କ କର୍ମଚାରୀ ଓ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଟଙ୍କା ଭର୍ତ୍ତି ଥିବା ଟ୍ରଙ୍କ ଓ ୩ଟି ମୋବାଇଲ ଫୋନ ନେଇ ନିମାପଡ଼ା ଅଭିମୁଖେ ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କ ସହଶାଖା ପରିଚାଳକ କର୍ମକାରଙ୍କ ଅଭିଯୋଗକ୍ରମେ ନିମାପଡ଼ା ପୋଲିସ ଏକ ମାମଲା (ନଂ. ୩୦୪/୧୯)ରୁଜୁ କରି କାର୍ ଡ୍ରାଇଭର ଦେବେନ୍ଦ୍ର ପାତ୍ରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖବର ପାଇ ଏସ୍‌ପି ଉମାଶଙ୍କର ଦାସ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି। ସେହିପରି ଅନ୍ୟ ଘଟଣା ଅନୁଯାୟୀ, ଏକ ବୋଲେରୋ(ନଂ. ଓଡ଼ି-୦୪କେ-୧୩୧୯)ରେ ଚଣ୍ଡିଖୋଲର ସୁନୁ ଖାନ୍, ସେକ ବକ୍କାର ରହମାନଙ୍କ ସମେତ ୬ଜଣ ବ୍ୟବସାୟୀ କୋଲକାତାରୁ ଚଣ୍ଡିଖୋଲ ଆସୁଥିଲେ। ପଶ୍ଚିମବଙ୍ଗରୁ ଏକ ସ୍କର୍ପିଓ ସେମାନଙ୍କ ପିଛା କରିଥିଲା। ଜଳେଶ୍ୱରର ଏକତାଳି ଗ୍ରାମ ପାଖରେ ରାସ୍ତା ଫାଙ୍କା ଥିବାରୁ ସ୍କର୍ପିଓ ଓଭରଟେକ କରି ବୋଲେରୋ ଆଗକୁ ଚାଲିଆସି ଅଟକାଇଥିଲା। ଗାଡ଼ିରୁ ୬ଜଣ ଯୁବକ ବାହାରି ଏକ ରାଉଣ୍ଡ ଗୁଳି ଚଳାଇବା ସହ ବ୍ୟବସାୟୀମାନଙ୍କ ଗାଡ଼ିର କାଚ ଭଙ୍ଗାରୁଜା କରିଥିଲେ। ସମସ୍ତଙ୍କୁ ଧମକଚମକ ଦେଇ ଗାଡ଼ିରୁ ଓହ୍ଲାଇ ମାରପିଟ୍ କରି ୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଜଳେଶ୍ୱର ପୋଲିସ ପହଞ୍ଚି ଆହତ ବ୍ୟବସାୟୀମାନଙ୍କୁ ଚିକିତ୍ସା ପାଇଁ ପଠାଇଥିଲା।

# ବିଧାନସଭାରେ ଉଠିଲା ଥାଲାସେମିଆ ରୋଗୀ ପ୍ରସଙ୍ଗ

କଟକ ଅଫିସ, ୨୮।୧୧

ବିଧାନସଭାରେ ଉଠିଛି ଥାଲାସେମିଆ ରୋଗୀଙ୍କୁ ଦିଆଯାଉଥିବା ରକ୍ତ ପ୍ରସଙ୍ଗ। ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଗତ ୨୫ ତାରିଖରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରରୁ କେତେଜଣ ଥାଲାସେମିଆ ଓ ସିକିଲସେଲ ରୋଗୀ ରକ୍ତ ନେଉଛନ୍ତି, ତାହା ଉପରେ ମୋକିମ ପ୍ରଶ୍ନ କରିଥିଲେ। ଉତ୍ତରରେ ଏସ୍‌ସିବି ମେଡିକାଲ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ମେଡିକାଲରେ ୩୮୪ ଜଣ ଥାଲାସେମିଆ ଓ ୧୯ଜଣ ସିକିଲସେଲ ରୋଗୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କୁ ୨୦୧୯ ନଭେମ୍ବର ୨୫ ସୁଦ୍ଧା ୩୮୨୭ ୟୁନିଟ୍ ରକ୍ତ ଦିଆଯାଇଛି। ଏହି ରକ୍ତ ମଧ୍ୟରୁ ଥାଲାସେମିଆ ରୋଗୀଙ୍କୁ ୩୭୫୯ ୟୁନିଟ୍ ଓ ସିକିଲସେଲ ରୋଗୀଙ୍କୁ ୬୮ ୟୁନିଟ୍ ରକ୍ତ ଇସ୍ୟୁ କରାଯାଇଛି ବୋଲି ମେଡିକାଲ ପକ୍ଷରୁ ଉତ୍ତରରେ କୁହାଯାଇଛି। ସୂଚନାଥାଉ କି, ଥାଲାସେମିଆ ରୋଗୀଙ୍କ ଜୀବନ ସହିତ ଖେଳ ଶୀର୍ଷକ ଏକ ଖବର

### ରକ୍ତଭଣ୍ଡାର ରକ୍ତକୁ ନେଇ ଘଣ୍ଟାଚକଟା

ଧରିତ୍ରୀର ଗତ ୨୪ ତାରିଖ ସଂସ୍କରଣରେ ପ୍ରକାଶିତ ହୋଇଥିଲା। ଉକ୍ତ ଖବରକୁ ଆଧାର କରି ବିଧାୟକ ମୋକିମ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଧ୍ୟ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗ୍ରହ କରାଯାଇଥିବା ରକ୍ତ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଏହାର ଉତ୍ତରରେ ଏସ୍‌ସିବି ମେଡିକାଲ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଏସ୍‌ସିବି ମେଡିକାଲ ରକ୍ତଭଣ୍ଡାରକୁ ୨୦୧୬ରେ ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ମୋଟ ୯୧୪୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଆସିଥିବାବେଳେ ୨୦୧୭ରେ ୫୬୭୭ ୟୁନିଟ୍, ୨୦୧୮ରେ ୫୧୪୫ ୟୁନିଟ୍ ଓ ୨୦୧୯ ନଭେମ୍ବର ୨୬ ସୁଦ୍ଧା ୨୧୭୧ ୟୁନିଟ୍ ରକ୍ତ ସଂଗୃହିତ କରାଯାଇଛି। ସୂଚନାଥାଉ କି, ରକ୍ତଭଣ୍ଡାରରୁ ରକ୍ତ ନେଇ ଥାଲାସେମିଆ ଆକ୍ରାନ୍ତ ଶିଶୁମାନେ ଏଚ୍‌ଆଇଭି, ହେପାଟାଇଟିସ ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଓଡ଼ିଶା ଥାଲାସେମିଆ କେୟାର ସୋସାଇଟି ସମ୍ପାଦକ ନିରାକାର ପଣ୍ଡା ଅଭିଯୋଗ କରିଥିଲେ। ଏପରି କି, ଗତ ଦିନଗୁଡିକରେ ଏଭଳି ରକ୍ତ ନେବା ଦ୍ୱାରା ଅଧିକ ଶିଶୁର ମୃତ୍ୟୁ ଘଟିଛି। ମୁଖ୍ୟତଃ ନାଟ୍ ପିସିଆର୍ (ନ୍ୟୁକ୍ଲିକ ଏସିଡ୍ ଟେଷ୍ଟିଂ ପଲିମରାସ୍ ଚେନ୍ ରିଆକ୍ସନ) ମେଶିନ ନ ଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ପଣ୍ଡା କହିଛନ୍ତି। କାରଣ ବିଭିନ୍ନ ସମୟରେ ସଂଗ୍ରହ କରାଯାଉଥିବା ରକ୍ତରେ ଏହି ମାରାତ୍ମକ ଭୂତାଣୁକୁ ନାଟ୍ ପିସିଆର୍ ମେଶିନ ଦ୍ୱାରା ଚିହ୍ନଟ କରାଯାଇଥାଏ। ରାଜ୍ୟର ତିନୋଟି ମେଡିକାଲ କଲେଜ ସମେତ କ୍ୟାପିଟାଲ ହସ୍ପିଟାଲରେ ଏହି ବ୍ୟବସ୍ଥା ଥିବାବେଳେ ଅନ୍ୟ ଅଞ୍ଚଳରେ ଅନ୍ଧାରୁଆ ଭାବେ ସଂଗୃହୀତ ରକ୍ତକୁ ଥାଲାସେମିଆ ରୋଗୀମାନଙ୍କୁ ଦିଆଯାଉଛି। ଯଦ୍ୱାରା ସେମାନେ ଜୀବନ ବଞ୍ଚାଇବା ପାଇଁ ରକ୍ତ ନେଇ ଜୀବନ ହରାଉଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଧାର ମାଗିଲି ଚାଉଳ ସେରେ**
**ପହରେ କହିଲା ବସ**
**ଜାଳ ସରିଗଲା ଜଳ ମରିଗଲା**
**ତେବେ ନ ପୂରିଲା ଆଶ ।**

ଅଭାବ ଅନଟନ ପଡ଼ିଲେ ବ୍ୟକ୍ତି ଅନ୍ୟ ଆଗରେ ହାତ ପତେଇଥାଏ। ପରନ୍ତୁ ଦେବା ଲୋକ ଯଦି ସମୟ ଗଡ଼ାଇ ଗଡ଼ାଇ ଶେଷରେ ମନା କରିଦିଏ ତା' ହେଲେ ମନର ସବୁ ସରାଗ ମରିଯାଏ। ଆଶା ଆଶାରେ ରହିଗଲେ ମନ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହୋଇଯାଏ। ଏପରିସ୍ଥଳେ ଉଧାର ମାଗିବାକୁ ଯାଇ ଖାଲି ହାତରେ ଫେରୁଥିବା ବ୍ୟକ୍ତିର ହତାଶ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭିଜିଲାନ୍ସ ଜାଲରେ ଏଏସ୍‌ଆଇ

ଚାନ୍ଦିଲି/କୋଟପାଡ଼, ୨୮।୧୧(ଡ଼ି.ଏନ.ଏ)

୭ ହଜାର ଟଙ୍କା ଲାଞ୍ଚ ନେବା ବେଳେ କୋରାପୁଟ ଜିଲା କୋଟପାଡ଼ ଥାନା ଏଏସ୍‌ଆଇ ଶରତ କୁମାର ସାହୁ ଗୁରୁବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଏଥିସହ ଏଏସଆଇ ରହୁଥିବା ଥାନା ପରିସରରେ ବ୍ୟାରିକେଡ଼ ଉପର ମହଲାରୁ ୩ ଲକ୍ଷ ୩୪ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। କୋଟପାଡ଼ ବୋଲମାସାହିର ପ୍ରଶାନ୍ତ ବିଶ୍ୱାଳ ତାଙ୍କ ଘର ଡ଼ିମାର୍କେଶନକୁ ନେଇ ପଡ଼ୋଶୀ ସମ୍ପର୍କୀୟଙ୍କ ସହ ବଚ୍‌ସା ହୋଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ଏଏସଆଇ ଉକ୍ତ ଘଟଣାର ସମାଧାନ କରିବା ଲାଗି ପ୍ରଶାନ୍ତଙ୍କୁ ୭ ହଜାର ଟଙ୍କା ମାଗିଥିଲେ । ଟଙ୍କା ଦେବାକୁ ପ୍ରଶାନ୍ତ ଅସମର୍ଥ ଥିବାରୁ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ । ଗୁରୁବାର ପ୍ରଶାନ୍ତ ଏଏସଆଇଙ୍କୁ ଟଙ୍କା ଦେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ଉକ୍ତ ସ୍ଥାନରେ ଚଢାଉ କରି ତାଙ୍କୁ ଧରିଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ। ସମସ୍ତ ପ୍ରକାର
LOAN BARSA FINANCE
ଯୋଗାଇ ଦେଉଛି। ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଳବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୂଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, କୁଆ-ସଜା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଜା, କୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୬ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨0 ଲକ୍ଷ/- ଭଡ଼ା - ୨0 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address :- Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

EDUCATION

SESSION 2019-21
B.Ed.
SNEHA B.Ed. College
Markapur, Prakasam Dist.
NCTE Approved
Acharya Nagarjuna University Equivalent to Govt. of Odisha
CALL
9491316950
9985646958

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
☎ 9338222113
9337594620
CORRESPONDENCE COURSE ALSO AVAILABLE


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**୨୨, ୮୦୦ କୋଟିର ପ୍ରତିରକ୍ଷା ସରଞ୍ଜାମ କିଣାକୁ ମଞ୍ଜୁରୀ**

ନୂଆଦିଲ୍ଲୀ,୨୮।୧୧: ସୈନ୍ୟବାହିନୀ ପାଇଁ ୨୨, ୮୦୦ କୋଟି ଟଙ୍କାର ପ୍ରତିରକ୍ଷା ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରାରମ୍ଭିକ ମଞ୍ଜୁରୀ ମିଳିଛି। ତେବେ ନୌସେନା ୧୦ଟି ପୋସେଡନ-୮ଆଇ ବୁଡାଜାହାଜ ବିଧ୍ୱଂସୀ ବିମାନ କିଣିବା ପାଇଁ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ୬କୁ କମାଇ ଦିଆଯାଇଛି। ଏହାବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିଷଦ (ଡିଏସି) ବୈଠକରେ ସ୍ୱଦେଶୀ ଜ୍ଞାନକୌଶଳରେ ଥର୍ମାଲ ଇମେଜିଂ ନାଇଟ ସାଇଟ୍ସ ଡିଜାଇନ, ବିକାଶ ଓ ନିର୍ମାଣ ଲାଗି ନିଷ୍ପତ୍ତି ହୋଇଛି। ଏହାକୁ ସେନାର ଆସଲ୍ଟ ରାଇଫଲ୍‌ରେ ବ୍ୟବହାର କରାଯିବ।



## ସଂକ୍ଷେପରେ

### ରାଜ୍ୟରେ ୨୩ ଶହ କି.ମି. କେନାଲ ରାସ୍ତା ନିର୍ମାଣ ହେବ

#### ଖର୍ଚ୍ଚ ହେବ ୯ଶହ କୋଟି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ଆର୍‌ସିଆର୍ ପ୍ରୋଜେକ୍ଟ ଅଧୀନରେ ରାଜ୍ୟରେ ୨୩ଶହ କିମି କେନାଲ ରାସ୍ତା ନିର୍ମାଣ ହେବ। ଏଥିପାଇଁ ୯ଶହ କୋଟି ଟଙ୍କା ଖର୍ଚ୍ଚ ହେବ। କ୍ୟାବିନେଟ ଅନୁମୋଦନ ପରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ। ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ର ମୂଳପ୍ରଶ୍ନରେ କେନ୍ଦୁଝର ଜିଲାରେ କେତେ କିମି ନଦୀବନ୍ଧ ଓ କେନାଲ ରାସ୍ତା ରହିଛି, ସେଗୁଡ଼ିକର ନିର୍ମାଣ ଓ ମରାମତି ପାଇଁ କି ବ୍ୟବସ୍ଥା ରହିଛି। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ କେନ୍ଦୁଝର ଜିଲାରେ ୬୯.୪୭ କିମି ନଦୀବନ୍ଧ ଏବଂ ପ୍ରାୟ ୨୨୫.୨୮ କିମି କେନାଲ ରାସ୍ତା ରହିଛି। ଏହି ରାସ୍ତାଗୁଡ଼ିକ ମଧ୍ୟରୁ ୩ଟି ନଦୀବନ୍ଧର ୪୩.୯୪କିମି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନାବାର୍ଡ ସହାୟତାରେ କରାଯାଉଛି। ସେହିଭଳି ୨୨.୨୦ କିମିର ଦୁଇଟି ରାସ୍ତା ଜଳସେଚନ ରାସ୍ତା ନିର୍ମାଣ ଓ ଉନ୍ନତୀକରଣ ଯୋଜନାରେ କାର୍ଯ୍ୟକାରୀ କରାଯାଉଛି। ଗୋଟିଏ ରାସ୍ତାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୪ଟି ରାସ୍ତାକୁ ଚଳିତ ବର୍ଷ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଜେଡି ସଭ୍ୟ ଜଗନ୍ନାଥ ନାୟକ, ଭାଗୀରଥି ସେଠୀ ନଦୀବନ୍ଧ ଓ କେନାଲ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ରାସ୍ତା ନିର୍ମାଣ ନେଇ ଯେଉଁ ସମସ୍ୟା ରହିଛି ତାହା ଆଲୋଚନା କରି ସମାଧାନ କରିବେ।

### ଇନ୍ସପେକ୍ଟର ଚାକିରିରୁ ବହିଷ୍କୃତ

**କଟକ ଅଫିସ, ୨୮।୧୧:** ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟର ଆଇୟୁସିଏଡବ୍ଲୁ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ନଳିନୀକାନ୍ତ ମହାପାତ୍ରଙ୍କୁ ଡିଜିପି ଗୁରୁବାର ଚାକିରିରୁ ବହିଷ୍କୃତ କରିଛନ୍ତି। ରାୟଗଡା ଜିଲା ବିଷମକଟକର ଆଇଆଇସି ଥିବାବେଳେ ମହାପାତ୍ର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ତାଙ୍କ ବିରୋଧରେ ଏକ ମାମଲା(ନଂ.୪୪/୨୦୧୦) ରୁଜୁ କରିଥିଲା। ଅକ୍ଟୋବର ୨୩ରେ ଜୟପୁର ସ୍ପେଶାଲ ଭିଜିଲାନ୍ସ ଜଜ୍ ମହାପାତ୍ରଙ୍କୁ ପିସି ଆକ୍ଟ ୧୯୮୮ ଧାରା ୧୩(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ। ଭାରତୀୟ ସମ୍ବିଧାନର ନିୟମ ୮୨୮, ଧାରା ୩୧୧(୨)(ବି) ଅନୁଯାୟୀ ମହାପାତ୍ରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି।

#### ଶାସକ ସଭ୍ୟଙ୍କ ଅଭିଯୋଗ

# ଡିଏମ୍‌ଏଫ୍ ଅନ୍ୟ ଅଞ୍ଚଳରେ ଖର୍ଚ୍ଚ ହେଉଛି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



■ ଗାଇଡ୍‌ଲାଇନ୍ ମାନିବା ପାଇଁ ଜିଲାପାଳଙ୍କୁ ଚିଠି ଲେଖିବାକୁ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍‌ଏଫ୍) ଟଙ୍କା ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ ହେଉନାହିଁ। ଜିଲାପାଳମାନେ ମନଇଚ୍ଛା ଏହି ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିଯୋଗୁ ପ୍ରଭାବିତ ଅଞ୍ଚଳର ବିକାଶ ହୋଇପାରୁନାହିଁ। ଏହାକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ କୈଫିୟତ ତଲବ କରିଥିଲେ।

ବିଜେଡି ସଭ୍ୟ କିଶୋର ମହାନ୍ତି ଡିଏମ୍‌ଏଫ୍‌ରୁ ଝାରସୁଗୁଡ଼ା ଜିଲାରେ ୨୦୧୯-୨୦ ପାଇଁ କେତେ ଅର୍ଥ ଜମା ହୋଇଛି ଓ ୨୦୧୮-୧୯ ଏବଂ ୨୦୧୯-୨୦ରେ ଏହି ପାଣ୍ଠିରୁ କେଉଁ ପ୍ରକଳ୍ପ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ୨୦୧୯-୨୦ ଅକ୍ଟୋବର ଶେଷ ସୁଦ୍ଧା ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠିରେ ୯୨.୮୯କୋଟି ଟଙ୍କା ସଂଗୃହୀତ ହୋଇଛି। ସେଥିରୁ ୨୦୧୮-୧୯ରେ ବିଭିନ୍ନ ପ୍ରକଳ୍ପ ପାଇଁ ୮୪୮.୬୩କୋଟି ଏବଂ ୨୦୧୯-୨୦ ଅକ୍ଟୋବର ଶେଷ ସୁଦ୍ଧା ୮୭.୯୨କୋଟି ଟଙ୍କା ମଞ୍ଜୁର କରାଯାଇଛି। ବିଜେଡି ସଭ୍ୟ କିଶୋର ମହାନ୍ତି ପୁଣି ଅତିରିକ୍ତ ପ୍ରଶ୍ନରେ ଅଭିଯୋଗ କଲେ ଯେ, ଡିଏମ୍‌ଏଫ୍ ଟଙ୍କା ଯାହାକୁ ନାହିଁ ତାକୁ ଦିଆଯାଉଛି। ସେହି ପାଣ୍ଠିରେ ନିର୍ମାଣ ହୋଇଥିବା ସ୍କୁଲଘର ଭୁଶୁଡ଼ି ପଡୁଛି। ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ଝାରସୁଗୁଡ଼ା ଜିଲାରେ ଟ୍ରଷ୍ଟ ଗଠନ ହୋଇନାହିଁ। ଅଞ୍ଚଳ ବାହାରେ ଟଙ୍କା ଖର୍ଚ୍ଚ ହେଉଛି। ମନ୍ତ୍ରୀ କହିଥିଲେ ଯେ, ୨୦୧୫-୧୬ରୁ ଡିଏମ୍‌ଏଫ୍ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ଏ ନେଇ ଗାଇଡଲାଇନ୍‌ସ୍ ପ୍ରସ୍ତୁତ କରିଛନ୍ତି। ଝାରସୁଗୁଡ଼ାରେ ଏପର୍ଯ୍ୟନ୍ତ ଡିଏମ୍‌ଏଫ୍‌ରେ ୬୬୨.୯୩ କୋଟି ଟଙ୍କା ଆଦାୟ ହୋଇଛି। ଏହି ଅର୍ଥ ଖର୍ଚ୍ଚ କରିବାକୁ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ଝାରସୁଗୁଡ଼ା ଜିଲାରେ ୬୫୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଡିଏମ୍‌ଏଫ୍ ଗାଇଡ୍‌ଲାଇନ୍‌ସ୍ ଜିଲାପାଳମାନେ ମାନୁ ନାହାନ୍ତି ବୋଲି ବିଧାୟକମାନେ ଅଭିଯୋଗ କରୁଛନ୍ତି। ଏହାକୁ ଯେପରି କଡ଼ାକଡ଼ି ଭାବେ ପାଳନ କରାଯାଇପାରିବ ଏ ନେଇ ମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ।

# ୧ରୁ କୋଣାର୍କ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବର୍ଷକର ପ୍ରତୀକ୍ଷା ପରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଡିସେମ୍ବର ୧ରୁ ଆରମ୍ଭ ହେବ କୋଣାର୍କ ମହୋତ୍ସବ। ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଚଳିତବର୍ଷ ୫ ଶାସ୍ତ୍ରୀୟ ନୃତ୍ୟର ସମାହାର ଦେଖିବାକୁ ମିଳିବ। ଓଡ଼ିଶୀ ନୃତ୍ୟ ସହ ଭାରତନାଟ୍ୟମ୍, କଥକ, କୁଚିପୁଡ଼ି ଏବଂ ମୋହିନୀଆଟ୍ଟମ୍ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଚଳିତବର୍ଷ ମହୋତ୍ସବରେ ପ୍ରଥମଥର ପାଇଁ ବିଦେଶୀ ଶାସ୍ତ୍ରୀୟ ନୃତ୍ୟକଳା ପରିବେଷିତ ହେବ। ସୁଦୂର ଇଣ୍ଡୋନେସିଆର ଶାସ୍ତ୍ରୀୟ ତଥା ଲୋକନୃତ୍ୟ 'ବାଲିନିଜ୍'କୁ ଦର୍ଶକ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଦେଖିବାର ସୁଯୋଗ ପାଇପାରିବେ। ଏନେଇ ଗୁରୁବାର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟମାନେ।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର 'ସୃଜନ' ନୃତ୍ୟାନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହେବାକୁଥିବାବେଳେ କଥକ ପରିବେଷଣ କରିବେ ପୁଣେର ଗୁରୁ ଶାମା ଭାଟେ ଓ ତାଙ୍କ ଦଳ। ଦ୍ୱିତୀୟ ସନ୍ଧ୍ୟାରେ ଇଣ୍ଡୋନେସିଆ ବାଲିର ୱିଦ୍ୟା ବୁଦୟା ଓ ତାଙ୍କ ଦଳ ଦ୍ୱାରା 'ବାଲିନିଜ୍' ନୃତ୍ୟ ଏବଂ କଲିକତାର ଆଲୋକ କାନୁନ୍‌ଗୋ ଓ ତାଙ୍କ ଦଳ ଓଡ଼ିଶୀ ପରିବେଷଣ କରିବେ। ସେହିଭଳି ୩ୟ ସନ୍ଧ୍ୟାରେ ଅନୁଗୋଳର ନୃତ୍ୟନିଳୟ ଦଳ ଦ୍ୱାରା ଓଡ଼ିଶୀ ଏବଂ ନୂଆଦିଲ୍ଲୀର ଜୟପ୍ରଭା ମେନନ୍ ଓ ତାଙ୍କ ଦଳ ଦ୍ୱାରା ମୋହିନୀଆଟ୍ଟମ୍, ୪ର୍ଥ ସନ୍ଧ୍ୟାରେ ନୂଆଦିଲ୍ଲୀର ରାଜା ଓ ରାଧା ରେଡ୍ଡୀ ଏବଂ ତାଙ୍କ ଦଳ ଦ୍ୱାରା କୁଚିପୁଡ଼ି ଓ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ 'ତ୍ରିଧାରା'ର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ମଞ୍ଚସ୍ଥ ହେବ। ୫ମ ତଥା ଅନ୍ତିମ ସନ୍ଧ୍ୟାରେ ବୈଭବ ଆରେକର ଓ ଦଳ ଭାରତନାଟ୍ୟମ୍ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନେ ଓଡ଼ିଶୀ ପରିବେଷଣ କରିବେ। ଚଳିତବର୍ଷ ୩୦ବର୍ଷରେ ପଦାର୍ପଣ କରୁଥିବା ଏହି ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। କୋଣାର୍କ ମହୋତ୍ସବ ସହ ଚନ୍ଦ୍ରଭାଗାରେ ହେବାକୁ ଥିବା ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବ ଲାଗି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ ରଖାଯାଇଥିବାବେଳେ ପର୍ଯ୍ୟଟକମାନେ ପାନ୍ଥନିବାସ ୱେବ୍‌ସାଇଟ୍‌ରେ ଏଥିପାଇଁ ଅନ୍‌ଲାଇନ ବୁକିଂ କରିପାରିବେ। ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଓଟିଡିସି ଏମ୍‌ଡି ହେମାକାନ୍ତ ସଏ ଏବଂ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଇକ୍ କ୍ଷେପଣାସ୍ତ୍ର ସଫଳ

ନୂଆଦିଲ୍ଲୀ,୨୮।୧୧(ପି.ଟି.)

ଭାରତୀୟ ସେନା ମଧ୍ୟପ୍ରଦେଶର ମହୋରୁ ଦୁଇଟି ସ୍ୱାଇକ୍ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ଏହା ସୈନ୍ୟବାହିନୀର ଶକ୍ତିବୃଦ୍ଧିରେ ସହାୟକ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ପରୀକ୍ଷା ସମୟରେ ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ୍ ଏବଂ କେତେଜଣ କମାଣ୍ଡର ଉପସ୍ଥିତ ଥିଲେ। ଚତୁର୍ଥ ପିଢ଼ିର ଏହି କ୍ଷେପଣାସ୍ତ୍ର ଯାହା ୪ କିଲୋମିଟର ଦୂରତା ମଧ୍ୟରେ ଯେକୌଣସି ଟାର୍ଗେଟକୁ ଲକ୍ଷ୍ୟଭେଦ କରିପାରିବ।

# ବିଜ୍ଞପ୍ତିର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

କଟକ ଅଫିସ,୨୮।୧୧

**ଜିଆର୍‌ଏସ୍‌ଙ୍କ ବଦଳି ପ୍ରସଙ୍ଗ**

ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ମାନଙ୍କ ବଦଳି ପ୍ରସଙ୍ଗ ହାଇକୋର୍ଟରେ ପହଞ୍ଚିଛି। ବଦଳିକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ପଞ୍ଚାୟତରେ ୫ବର୍ଷରୁ ଅଧିକ ସମୟ କାଟିଥିବା ଜିଆର୍‌ଏସ୍‌ମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଉଭୟ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଜିଆରଏସ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଯୋଜନା କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ଫଳରେ ଆରମ୍ଭରୁ ଏହି କେନ୍ଦ୍ରୀୟ ଯୋଜନା ଉପରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପକୁ ନେଇ କେତେକ କଟକଣା ରହିଥିଲା। ଯଥା ଏମ୍‌ଜିଏନ୍‌ଆରଇଜିଏସ୍‌କୁ ପଞ୍ଚାୟତ କ୍ୟାଡର କରାଯାଇଥିଲା। ଫଳରେ ସରପଞ୍ଚମାନେ ହିଁ ସମସ୍ତ ନିଷ୍ପତ୍ତି ନେଉଥିଲେ। ମାତ୍ର ୨୦୧୮ ଏପ୍ରିଲରେ ଏହି ଯୋଜନାକୁ ଏକ ବିଜ୍ଞପ୍ତି ମାଧ୍ୟମରେ ଜିଲା କ୍ୟାଡର କରାଯାଇଥିଲା, ଯେଉଁଥିପାଇଁ ଜିଆର୍‌ଏସ୍‌ମାନଙ୍କ ବଦଳି ଓ ବରଖାସ୍ତ ଉପରେ ଜିଲାପାଳମାନଙ୍କୁ କ୍ଷମତା ଦିଆଯାଇଥିଲା। ଏହାକୁ ଆଧାର କରି ଅକ୍ଟୋବର ୧୭ରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଜିଆର୍‌ଏସ୍ ଗୋଟିଏ ପଞ୍ଚାୟତରେ ୫ ବର୍ଷରୁ ଅଧିକ କାଳ କାଟିଥିବେ, ସେମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ବିଜ୍ଞପ୍ତିରେ କୁହାଯାଇଥିଲା। ତେବେ ୨୦୧୮ ଏପ୍ରିଲ ଏବଂ ଗତ ଅକ୍ଟୋବର ୧୭ରେ ପ୍ରକାଶିତ ଦୁଇଟି ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଉଭୟ ବିଜ୍ଞପ୍ତି ସମ୍ବିଧାନ ବିରୋଧୀ ବୋଲି ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି। ତେଣୁ ଏହି ବିଜ୍ଞପ୍ତି ଦ୍ୱୟକୁ ରଦ୍ଦ କରିବା ପାଇଁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଛନ୍ତି।


## ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ

(ଭାରତ ସରକାରଙ୍କ ଉପକ୍ରମ)

ସହାୟକ ଉତ୍ପାଦନ କେନ୍ଦ୍ର

ଏସ୍-୩/୬୬, ଏମ.ଆଇ.ଇ., ଭୁବନେଶ୍ୱର - ୭୫୧୦୧୦

### ଆବଶ୍ୟକ ସୂଚନା

ଭାରତୀୟ କୃତ୍ରିମ ଅଙ୍ଗ ନିର୍ମାଣ ନିଗମ (ଆଲିମ୍‌କୋ) ଦ୍ୱାରା ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ ଏବଂ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧାଙ୍କ ମିଳିତ ସହଯୋଗରେ "ADIP" ଯୋଜନା ଅନ୍ତର୍ଗତ ତିନିଚକିଆ ସାଇକେଲ, ହୁଇଲ୍ ଚେୟାର, ସିପି ଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର ଇତ୍ୟାଦି ଉପକରଣ ମାଗଣାରେ ବଣ୍ଟନ ପାଇଁ ନିମ୍ନଲିଖିତ ସ୍ଥାନରେ ଶିବିରର ଆୟୋଜନ କରାଯାଉଅଛି।

| ତାରିଖ | ସ୍ଥାନ | ସମୟ |
|---|---|---|
| ୩୦।୧୧।୧୯ | ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ | ୯.୩୦ ଠାରୁ ସନ୍ଧ୍ୟା ୪.୦୦ ପର୍ଯ୍ୟନ୍ତ |
| ୦୨।୧୨।୧୯ | ଡେ କେୟାର ସେଣ୍ଟର, ରେଣ୍ଟାଲ କଲୋନୀ | |
| ୦୪।୧୨।୧୯ | ଶହୀଦ ନଗର କଲ୍ୟାଣ ମଣ୍ଡପ | |

ଭିନ୍ନକ୍ଷମ ବ୍ୟକ୍ତିମାନେ ନିମ୍ନଲିଖିତ ନଥିପତ୍ର ଗୁଡ଼ିକୁ ସାଥିରେ ଆଣିବା ଉଚିତ୍।

୧. ଭିନ୍ନକ୍ଷମ ପ୍ରମାଣପତ୍ର (୪୫% କିମ୍ବା ତାଠାରୁ ଅଧିକ)।
୨. ରାସନ କାର୍ଡ଼/ରାଜସ୍ୱ ଅଧିକାରୀଙ୍କଠାରୁ ମାସିକ ଆୟ ପ୍ରମାଣପତ୍ର।
୩. ଚିହ୍ନଟ ପ୍ରମାଣ ପତ୍ର (ଭିନ୍ନକ୍ଷମ ଭତ୍ତା ପ୍ରମାଣ ପତ୍ର/ଭୋଟରକାର୍ଡ଼/ଆଧାରକାର୍ଡ଼/ବାସସ୍ଥାନ ପ୍ରମାଣ ପତ୍ର)
୪. ଭିନ୍ନକ୍ଷମ ଦେଖାଯାଉଥିବା ୨ଗୋଟି ପୂର୍ଣ୍ଣ ଫଟୋ (ପାଦ ଠାରୁ ମୁଣ୍ଡ ପର୍ଯ୍ୟନ୍ତ)।

ଗତ ତିନିବର୍ଷ ମଧ୍ୟରେ ଏହି ଭଳି କୌଣସି ଉପକରଣ ପାଇନଥିବା ଦରକାର।

ଫୋନ୍ ନଂ.- ୦୬୭୪-୨୫୮୭୫୧୬

ମୋବାଇଲ ନଂ.- ୯୮୬୧୪୭୬୭୪୮/୭୦୦୮୨୬୫୦୧୫

ଡେପୁଟି ମ୍ୟାନେଜର


### ଜିଲା ଚିଠି



**ଝାରସୁଗୁଡ଼ା**

## ଥମୁନି ଅପରାଧ

ଜିଲାରେ ଅପରାଧ ଥମୁନି। ଗୋଟିଏ ପରେ ଗୋଟିଏ ଅପରାଧ ଘଟି ଚାଲିଛି। ଗତ ଜାନୁୟାରୀରୁ ନଭେମ୍ବର ମାସ ମଧ୍ୟରେ ଜିଲାରେ ବିଭିନ୍ନ ଅପରାଧ ସହିତ ୨୧ ହତ୍ୟା ଓ ୧୦ ଡ଼କାୟତି ଘଟଣା ଘଟିଛି। ସବୁଠୁ ଅଧିକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି ବ୍ରଜରାଜନଗର ପୌରାଞ୍ଚଳରେ। ସେଠାରେ ମାଫିଆମାନଙ୍କ ଆତଙ୍କରାଜ ଚାଲିଛି। ବେଆଇନ କୋଇଲା କାରବାର, ଦାଦାବଟି ଆଦାୟ ଓ ପଡିଆରା ବୃଦ୍ଧି ପାଇଁ ବାରମ୍ବାର ଗୁଳି ଫୁଟୁଛି। ଗତ ମାର୍ଚ୍ଚ ୨୨ ତାରିଖରୁ ନଭେମ୍ବର ୫ ତାରିଖ ମଧ୍ୟରେ ୪ ଗୁଳିକାଣ୍ଡ ଘଟଣା ଘଟିଛି। ଏଥିରେ ପେଣ୍ଟା ବାଉରୀ,ଅମିତ ଧଳ ଓ ମଣ୍ଟୁ ଘୋଷ ନାମକ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଗୁଡ୍ଡୁ ଗୁପ୍ତା ନାମକ ଅନ୍ୟ ଜଣେ ଯୁବକ ଗୁଳିମାଡ଼ରେ ଗୁରୁତର ଆହତ ହୋଇଛନ୍ତି। ସଂଘଟିତ ୪ ଆପରାଧିକ ମାମଲାରୁ ୩ଟିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଗୋଟିଏ ମାମଲାର ରହସ୍ୟ ଏପର୍ଯ୍ୟନ୍ତ ଖୁଲାସା କରିପାରିନି। କୋଇଲା ଖଣି ପରିବେଷ୍ଟିତ ବ୍ରଜରାଜନଗର ସହରରେ ଘଟି ଚାଲିଥିବା ଅପରାଧ କେବଳ ଗ୍ୟାଙ୍ଗୱାର ଜନିତ ଗୁଳି ଚାଳନାକୁ ନେଇ ସୀମିତ ରହିନି। ଏଠାରେ ଦୋକାନଗୁଡ଼ିକରୁ ଚୋରି ଓ ଡ଼କାୟତି ଚାଲିଛି। ଗତ ୧୫ ତାରିଖରେ ଗାନ୍ଧୀଛକ ନିକଟ ନୂଆଡ଼ିହିସ୍ଥିତ ଏକ ଅଳଙ୍କାର ଦୋକାନ ଭିତରକୁ ପଶି ଲୁଟେରାମାନେ ଫାଙ୍କା ଗୁଳି ଫୁଟାଇଥିଲେ। ଦୋକାନମାଲିକଙ୍କୁ ଭୟଭୀତ କରାଇ ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଥିଲେ। ଏହି ମାମଲାରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ବ୍ରଜରାଜନଗର ଏକ ପୁରୁଣା ଓ ପ୍ରମୁଖ କୋଇଲା ଖଣି ଅଞ୍ଚଳ ଭାବେ ପରିଚିତ। ଏଠାରେ ବିଭିନ୍ନ ସମୟରେ କୋଇଲା,ବାଲି ଓ ପଥର ଚୋରା କାରବାରକୁ ନେଇ ମାଫିଆମାନଙ୍କ ମଧ୍ୟରେ ବ୍ୟବସାୟିକ ପ୍ରତିଯୋଗିତା ଓ ଶତ୍ରୁତା ସୃଷ୍ଟି ହେଉଛି। ସେମାନେ ସକ୍ରିୟ ହେଲେ ଅପରାଧ ବଢୁଛି। ଏହି ଗୋଷ୍ଠୀ ବାହାର ରାଜ୍ୟର ଅପରାଧୀମାନଙ୍କ ସହିତ ଲିଙ୍କ୍ ରଖିଛନ୍ତି। ଏଥିଯୋଗୁ ମାଫିଆମାନଙ୍କ ହାତକୁ ସହଜରେ ଚୋରା ବନ୍ଧୁକ ପହଞ୍ଚି ପାରୁଛି। ଏବେ ସହରର ପରିସ୍ଥିତି ଏଭଳି ହେଲାଣି ଯେ,ଚୋରା ବନ୍ଧୁକ ଚାଲାଣକୁ ରୋକିବା ଓ ମାଫିଆ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାରେ ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ସହରରେ କ୍ରମବର୍ଦ୍ଧିଷ୍ଣୁ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢି ଚାଲିଛି। ଏହି ପରିପ୍ରେକ୍ଷୀରେ ଗତ ୨୪ ତାରିଖରେ ଅଞ୍ଚଳର ସଚେତନ ନାଗରିକମାନଙ୍କ ପକ୍ଷରୁ ଶିବ ମନ୍ଦିରଠାରେ ଏକ ବୈଠକ ହୋଇଥିଲା। ଏଥିରେ ନାଗରିକମାନେ ବଢୁଥିବା ଅପରାଧ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ। ସହରକୁ ଅପରାଧମୁକ୍ତ କରିବା ପାଇଁ ବୈଠକରେ ଉପସ୍ଥିତ ଥାନା ଆଇଆଇସିଙ୍କ ନିକଟରେ ଦାବି କରିଥିଲେ। ଆଇଆଇସି ଅଞ୍ଚଳବାସୀଙ୍କ ସହଯୋଗ ମିଳିଲେ ଅପରାଧକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥର ଅପରାଧ ନିୟନ୍ତ୍ରଣ ନିମନ୍ତେ ପୋଲିସ ପକ୍ଷରୁ କିଭଳି ପଦକ୍ଷେପ ନିଆଯାଉଛି ତାହା ସମୟ କହିବ ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି।

– ରଞ୍ଜନ ମହାପାତ୍ର

#### ନାବାଳିକା ବଳାତ୍କାରୀଙ୍କୁ ଫାଶୀଦଣ୍ଡ ମାମଲା

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

କଟକ ଅଫିସ,୨୮।୧୧

ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତ ଲବ ମାନ୍ନା(୩୫) ଫାଶିଦଣ୍ଡ ମାମଲାରେ ଜବାବ ଦାଖଲ କରିବାକୁ ସରକାର ସମୟ ନେଇଛନ୍ତି। ସରକାରଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଡିସେମ୍ବର ୧୨କୁ ଧାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଏବଂ ବିଚାରପତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ୯ ବର୍ଷୀୟା ନାବାଳିକା ୨୦୧୮ ମାର୍ଚ୍ଚ ୨୦ରେ ଘର ପାଖରେ ଖେଳୁଥିଲେ। ସେହି ସମୟରେ ଲବ ତାଙ୍କୁ ଚକୋଲେଟ ପ୍ରଲୋଭନ ଦେଖାଇ କାଜୁ ଜଙ୍ଗଲ ଆଡକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଲବ ଧରାପଡ଼ିଯିବା ଭୟରେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଘଟଣାର ପରଦିନ ପୋଲିସ ମୃତଦେହ ଜବତ କରିବା ସହିତ ଲବଙ୍କୁ ବାଦାମବାଡ଼ି ବସଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟରେ ଚାଲିଥିଲା। ୨୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ମାମଲାର ଅନ୍ୟାନ୍ୟ ପ୍ରମାଣପତ୍ରକୁ ଆଧାର କରି ଲବଙ୍କୁ ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟ ଗତ ସେପ୍ଟେମ୍ବର ୧୦ରେ ଫାଶିଦଣ୍ଡରେ ଦଣ୍ଡିତ କରିଥିଲେ। ତଳ କୋର୍ଟର ରାୟ ବିରୋଧରେ ଲବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ହଳଦିଆ ଆନାକୋଣ୍ଡା ମୃତ



ବାରଙ୍ଗ,୨୮।୧୧(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗୁରୁବାର ଏକ ୨ବର୍ଷର ହଳଦିଆ ଆନାକୋଣ୍ଡାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କାରଣ ଜଣାପଡିବ ବୋଲି ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଗତ ୨୨ ଅକ୍ଟୋବରରେ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କଟ୍ରଷ୍ଟରୁ ଉପହାରରେ ୮ଟି ହଳଦିଆ ଆନାକୋଣ୍ଡା ନନ୍ଦନକାନନକୁ ଆସିଥିଲା। ନନ୍ଦନକାନନ ନିଜସ୍ୱ ଖର୍ଚ୍ଚରେ ଆନାକୋଣ୍ଡାକୁ ଏଠାକୁ ଆଣିଥିଲା। ଆସିବାପରେ ତା'ପାଇଁ ନବନିର୍ମିତ ହୋଇଥିବା ସରୀସୃପଉଦ୍ୟାନର ୪୫କେ ଏନ୍‌କ୍ଲୋଜରରେ ରଖାଯାଇଥିଲା। ଏହି ସାପଟି ଆସିବାପରେ ପର୍ଯ୍ୟଟକଙ୍କ ଆକର୍ଷଣ ହୋଇପାରିଥିଲା। ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୭ରେ ପହଞ୍ଚିଛି। ଅପରପକ୍ଷେ ୩୬ଏ ନଂ ଏନ୍‌କ୍ଲୋଜରରେ ଥିବା ମଣିପୁର ହରିଣ ଗୁରୁବାର ଏକ ଶାବକ ଜନ୍ମ ଦେଇଛି। ଜନ୍ମ ପରେ ମାଆ ଓ ଛୁଆଦ୍ୱୟ ସୁସ୍ଥ ଥିବାର ଜଣାପଡିଛି। ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ନନ୍ଦନକାନନରେ ୧୪ରେ ପହଞ୍ଚିଛି। ସେଥିମଧ୍ୟରେ ୭ମାଈ, ୪ଅଣ୍ଡିରା ଓ ୨ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ।


## ପୂର୍ବ ତଟ ରେଳପଥ

### ଭଡ଼ା ସୂତ୍ରରେ ଗାଡ଼ି

ଫାଇଲ୍ ନଂ.DRM/Engg/KUR/19-20/E-Tender/42, ତା.22.11.2019ରିଖ

ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-283-2019, ତା.20.11.2019ରିଖ

**ବିବରଣୀ :** 03 ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ନିମନ୍ତେ ପ୍ରସ୍ତାବିତ 01 ଗୋଟି ଏସି ଗାଡ଼ି (ଟୋୟୋଟା, ଇନୋଭା/ମାରୁତି SX-4/ମହିନ୍ଦ୍ରା ଜାଇଲୋ/ତାଭେରା) ଭଡ଼ା ସୂତ୍ରରେ ନେବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 17.63 ଲକ୍ଷ, EMD (ଟଙ୍କାରେ): 35,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 36 (ଛତିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.11.12.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ଖୋର୍ଦ୍ଧା ରୋଡ଼

PR-546/K/19-20



## ରେଳ ଭୂମି ବିକାଶ ପ୍ରାଧିକରଣ

(ରେଳପଥ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବୈଧାନିକ ପ୍ରାଧିକରଣ)

ସଫଦରଜଙ୍ଗ ରେଳ ଷ୍ଟେଶନ ନିକଟ, ମୋତି ବାଗ-୧, ନୂଆଦିଲ୍ଲୀ-୧୧୦୦୨୧

ଫୋନ୍: ୦୧୧-୨୪୧୨୨୮୩୪, ୨୪୧୨୨୮୩୫ ଫାକ୍ସ: ୦୧୧-୨୪୧୦୪୭୯୩

सत्यमेव जयते · भूविप्रा भूमि से सम्पदा

### ପ୍ରସ୍ତାବ ନିମନ୍ତେ ଅନୁରୋଧ (ଆର୍‌ଏଫ୍‌ପି)

(ଆର୍‌ଏଫ୍‌ପି ବିଜ୍ଞପ୍ତି ନଂ. ଆର୍‌ଏଲ୍‌ଡିଏ/ଆର୍‌ଏଫ୍‌ପି/ସିଟି-୬୫ ଅଫ୍ ୨୦୧୯ ତାରିଖ: ୨୫।୧୧।୨୦୧୯)

ରେଳ ଭୂମି ବିକାଶ ପ୍ରାଧିକରଣ ନିମ୍ନଲିଖିତ ବିବରଣୀ ଅନୁଯାୟୀ **"ପୁରୀ ରେଳ ଷ୍ଟେଶନର ସମନ୍ୱିତ ପୁନଃ-ବିକାଶ ନିମନ୍ତେ ସାଧ୍ୟତା ଅଧ୍ୟୟନ, ସବିଶେଷ ମାଷ୍ଟର ପ୍ଲାନିଂ, ଅର୍ବାନ୍ ଡିଜାଇନିଂ, ଇଞ୍ଜିନିୟରିଂ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି"** ନିମନ୍ତେ ଖ୍ୟାତନାମା କନସଲ୍‌ଟାନ୍ସି ସଂସ୍ଥାଗୁଡ଼ିକଠାରୁ ଇ-ଟେଣ୍ଡରିଂ ଏକକ ପର୍ଯ୍ୟାୟ ଦୁଇ ଲଫାପା ବିଡିଂ ପ୍ରଣାଳୀ ମାଧ୍ୟମରେ ପ୍ରସ୍ତାବ ଆମନ୍ତ୍ରଣ କରୁଛନ୍ତି: ଗୁରୁତ୍ୱପୂର୍ଣ୍ଣ ତାରିଖ, ଦେୟ ଓ ଯୋଗାଯୋଗ ବ୍ୟକ୍ତି(ସମୂହ)ଙ୍କ ଅନୁସୂଚୀ ନିମ୍ନ ଅନୁଯାୟୀ ହେବ:

| ଦେୟ | ଧାର୍ଯ୍ୟ ତାରିଖ(ମାନ) ଓ ସମୟ | ଯୋଗାଯୋଗ ବ୍ୟକ୍ତି(ମାନେ) |
|---|---|---|
| ୧ | ୨ | ୩ |
| ୧.ପଞ୍ଜୀକରଣ ଦେୟ: ଟ.୨,୫୦୦/- (ଅଣ-ଫେରସ୍ତଯୋଗ୍ୟ), ଆର୍‌ଏଲ୍‌ଡିଏର ଇ-ସଂଗ୍ରହଣ ପୋର୍ଟାଲ ନିମନ୍ତେ।<br>୨.ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୨,୦୦୦/- ସମସ୍ତ ଟିକସ ବହିର୍ଭୂତ (ଅଣ-ଫେରସ୍ତଯୋଗ୍ୟ)।<br>୩.ବିଡ୍ କାଗଜପତ୍ର ଦେୟ: ଟ.୩,୩୬୦/- ଜିଏସ୍‌ଟି @୧୨% ସମେତ।<br>୪.ବିଡ୍ ଅମାନତ ଟ.୮୨,୩୬୦/- (ବୟାଅଣୀ ହଜାର ତିନିଶହ ଷାଠିଏ ଟଙ୍କା ମାତ୍ର), ବିଡ୍ କାଗଜପତ୍ରରେ ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ। | ୧.ଇ-ବିଡ୍ କାଗଜପତ୍ର ଡାଉନଲୋଡିଂ ଆରମ୍ଭ ତାରିଖ: ତା୨୭।୧୧।୨୦୧୯ରିଖ ୧୮.୦୦ ଘଟିକା।<br>୨.ଅନ୍‌ଲାଇନ୍ ଅଂଶଗ୍ରହଣ/ଦାଖଲ ପାଇଁ ଇ-ବିଡ୍ କାଗଜପତ୍ର ଡାଉନଲୋଡିଂର ଶେଷ ତାରିଖ: ତା୨୬।୧୨।୨୦୧୯ରିଖ ୧୪.୩୦ ଘଟିକା ପର୍ଯ୍ୟନ୍ତ।<br>୩.ଇ-ବିଡ୍ ଧାର୍ଯ୍ୟ ତାରିଖ/ ଇ-ବିଡ୍ ଦାଖଲର ଶେଷ ତାରିଖ ("ବିଡ୍ ଦାଖଲ ତାରିଖ") ତା୨୬।୧୨।୨୦୧୯ରିଖ ୧୫.୩୦ ଘଟିକା ପର୍ଯ୍ୟନ୍ତ।<br>୪.ବିଡ୍ ଅମାନତ ଓ ବିଡ୍ କାଗଜପତ୍ର ଦେୟ ପୈଠ ସାଧନର ଅବଧି (ଯଦି ଅନ୍‌ଲାଇନ୍‌ରେ ପୈଠ କରା ନ ଯାଏ): ତା୦୨।୦୧।୨୦୨୦ରିଖ ୧୨.୩୦ ଘଟିକା।<br>୫.ଇ-ବିଡ୍ ଟେକ୍ନିକାଲ୍ ଖୋଲାଯିବା ତାରିଖ ତା୦୨।୦୧।୨୦୨୦ରିଖ ୧୩.୦୦ ଘଟିକା। | ୧.ମୁଖ୍ୟ ପ୍ରକଳ୍ପ ପରିଚାଳକ/ସିକନ୍ଦରାବାଦ (ଇମେଲ୍: cpmrldasc@gmail.com) ମୋ.-୯୫୫୦୧୭୯୭୯୬, ଫାକ୍ସ: (୦୧୧) ୨୪୧୦୪୭୯୩<br>୨.ଯୁଗ୍ମ ସାଧାରଣ ପରିଚାଳକ/ପ୍ଲାନିଂ-II (ଇମେଲ୍: jgmreup2@rlda.railnet.gov.in) ଟେଲି: (୦୧୧) ୨୪୧୦୩୨୨୩, ଫାକ୍ସ: (୦୧୧) ୨୪୧୦୪୭୯୩<br>୩.ଇ-ବିଡ୍ ସମ୍ପର୍କିତ ପ୍ରଶ୍ନ ପାଇଁ: ଶ୍ରୀ ସୁରଜ ସିଂହ ଇମେଲ୍: twhelpdesk800@gmail.com (ଆଇଟିଆଇ ଲିଃ) ମୋ.: ୯୫୯୯୬୫୩୮୬୫ |

୧. ସମ୍ପୂର୍ଣ୍ଣ ବିବରଣୀ ପାଇଁ ୱେବ୍‌ସାଇଟ୍ www.rlda.indianrailways.gov.in କିମ୍ବା www.tenderwizard.com/rlda ପରିଦର୍ଶନ କରନ୍ତୁ।
୨. ଏହି ଆର୍‌ଏଫ୍‌ପି ବିଜ୍ଞପ୍ତି ପାଇଁ କୌଣସି ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ଏବଂ ତାହା ଖବରକାଗଜରେ ପ୍ରକାଶିତ ହେବ ନାହିଁ।

ଡିଜିଏମ୍/ଟେଣ୍ଡର



## ନରସିଂହପୁର ନିୟନ୍ତ୍ରିତ ବଜାର କମିଟି, ଜି-କଟକ

### ଆଠଗଡ଼ ଉପଖଣ୍ଡ ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା ୨୦୧୯-୨୦

ଏତଦ୍ଦ୍ୱାରା କଟକ ଜିଲ୍ଲା ଆଠଗଡ଼ ଉପଖଣ୍ଡର ସମସ୍ତ ଧାନ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୯-୨୦ ଖରିଫ୍ ବିପଣନ ବର୍ଷ ପାଇଁ ସରକାର ତା୨୯।୧୧।୨୦୧୯ରିଖ ଠାରୁ ପ୍ରାଥମିକ ସେବା ସମବାୟ ସମିତି ମାଧ୍ୟମରେ ଧାନ କିଣିବାକୁ ବ୍ୟବସ୍ଥା କରିଅଛନ୍ତି। ଏହାର ମୂଲ୍ୟ ଏଫ.ଏ.କ୍ୟୁ ୧ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ଟ.୧୮୧୫/- ସାଧାରଣ ଧାନ (ଗ୍ରେଡ ଏ) କୁଇଣ୍ଟାଲ ପ୍ରତି ଟ.୧୮୩୫/- ଧାର୍ଯ୍ୟ କରାଯାଇଛି। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ, (ଏଫ୍.ଏ.କ୍ୟୁ) ହୋଇଥିବା ଆବଶ୍ୟକ ଏଣୁ ଚାଷୀଭାଇ ଓ ଭଉଣୀମାନେ ନିଜ ନିଜର (କିଷାନ କ୍ରେଡିଟ କାର୍ଡ) K.C.C /(ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ) B.K.K.Y/VOTER Card (E.P.I.C) ଯେ କୌଣସି ଗୋଟିଏ କାର୍ଡ ଦର୍ଶାଇ ନିକଟସ୍ଥ ଧାନ କ୍ରୟ କେନ୍ଦ୍ରରେ ବଳକା ଧାନ ବିକ୍ରୟ କରି ନିର୍ଦ୍ଧାରିତ ସରକାରୀ ଧାର୍ଯ୍ୟ ଦର ପାଇବା ପାଇଁ ହକ୍‌ଦାର ହୋଇପାରିବେ। ଚାଷୀ ନିଜର ବଳକା ଧାନ ବିକ୍ରୟ କରିବା ପାଇଁ ପ୍ରଥମେ ସମ୍ପୃକ୍ତ P.A.C.S ଠାରୁ ଅଗ୍ରିମ ଟୋକନ ଆଣିବାକୁ ପଡିବ ଏବଂ ସମସ୍ତେ ନିଜ ନିଜର ବ୍ୟାଙ୍କ ଆକାଉଣ୍ଟ (ପାସ୍ ବହି ନଂ.) ଧାନ ବିକ୍ରୟ ସମୟରେ ଆଣିବେ। ସମସ୍ତ ବ୍ଲକ ପାଇଁ P.PASS ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ।

| କ୍ର. ନ. | ପଦାର୍ଥ | ସର୍ବାଧିକ ପରିସୀମା ଏଫ୍.ଏକ୍ୟୁ (ସାଧାରଣ ମାନ) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର, ଧୂଳି ଆଦି ଜୈବିକ ପଦାର୍ଥ ଇତ୍ୟାଦି | ୧% |
| | (ଖ) କାଠି, କୁଟା, ଧୂଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ ଇତ୍ୟାଦି | ୧% |
| ୨. | ଖାରାପ, ବେରଙ୍ଗୀ, ପାଣିଫୁଲା, ପୋକ (ଖରାପ, ପାଣିଫୁଲା ଏବଂ ପୋକ ୪% ଭିତରେ ସମିତି ରହିବା ଦରକାର) | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ | ୩% |
| ୪. | ଗ୍ରେଡ୍ ଏ ସରୁ ଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୫. | ଆଦ୍ରତା | ୧୭% |

ଧାନ କ୍ରୟ ବିକ୍ରୟ ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଧାନ ବିକ୍ରୟ ନିମନ୍ତେ ଧାର୍ଯ୍ୟ ଦିନ, ତାରିଖ ଏବଂ P.A.C.S ର ନାମ ଓ ସବିଶେଷ ବିବରଣୀ ନିକଟସ୍ଥ ବ୍ଲକ୍, ସେବା ସମବାୟ ସମିତି P.A.C.S ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ତହସିଲ ଅଫିସ୍, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରିତ ବଜାର କମିଟି ଆଠଗଡ଼ରେ ପାଇ ପାରିବେ।

**ଯୋଗାଯୋଗ**

୧. ଉପଜିଲ୍ଲାପାଳ, ଆଠଗଡ଼, ଫୋନ୍-୦୬୭୨୩-୨୨୦୩୧୧
୨. ସହକାରୀ ଯୋଗାଣ ଅଧିକାରୀ, ଆଠଗଡ଼
୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆଠଗଡ଼, ଫୋନ୍-୦୬୭୨୩-୨୨୦୨୧୦
୪. ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ
୫. ଯୋଗାଣ ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍-୦୬୭୪-୨୩୯୦୨୦୬

**ଉପଜିଲ୍ଲାପାଳ, ଆଠଗଡ଼, ତଥା ଅଧ୍ୟକ୍ଷ, ନରସିଂହପୁର ନିୟନ୍ତ୍ରିତ ବଜାର କମିଟି**

**ସୌଜନ୍ୟ- ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର**

ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ
ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**SUB REGISTRAR**
**JATNI**



ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ
ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**ସନ୍ତୋଷ ଜେନା**
ରାଜ୍ୟ ସଂପାଦକ, ବିଜୁ ଜନତା ଦଳ

BEE
'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକ
ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା

**BRIGHT ENGINEERS & ERECTORS**
**ELECTRICAL & CIVIL ENGINEERS**

M-48, Samant Vihar, Nalco Chhak
Bhubaneswar
Email : brightengineers@yahoo.co.in



ଧରିତ୍ରୀର ୪୬ତମ
ସ୍ୱନକ୍ଷତ୍ର ଉପଲକ୍ଷେ
ଶୁଭକାମନା।

**ସୁଧୀର ସାମଲ**
ବିଧାୟକ,ଢେଙ୍କାନାଳ



**ଦେବାଶିଷ ମିଶ୍ର**
ଢେଙ୍କାନାଳ ବିଧାୟକଙ୍କ ପ୍ରତିନିଧି

ଦୈନିକ ଓଡ଼ିଆ ଖବର କାଗଜ 'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**SRIYA SRUTI AGENCY**
Rajabazar, Jatni




**ଶ୍ରଦ୍ଧାଶ୍ରୀ ପ୍ୟାଲେସ୍**
**ଭାଗୀରଥୀ ବିହାର, ଗୁଡିଆନାଳୀ ଢେଙ୍କାନାଳ**
ଫୋନ୍ -7008031288
8847899441

ଧରିତ୍ରୀର ୪୬ତମ
ଜନ୍ମବାର୍ଷିକୀ ଉପଲକ୍ଷେ
ଶୁଭକାମନା।



**ଶଶିମୌଳି ରଥ**
ସଭାପତି, ମୁଣ୍ଡାଦେଇପୁର ଶାସନ ମହାଜନ ମହାସଭା ଓ
ଜିଲ୍ଲା ପ୍ରେସ୍ କ୍ଲବ ଢେଙ୍କାନାଳ



ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ
ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**ବିଭୂତି ଭୂଷଣ ବଳବନ୍ତରାୟ**
ପୂର୍ବତନ ବିଧାୟକ, ସଭାପତି
ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳ

**ବରିଷ୍ଠ ନାଗରିକ ଗୃହ**
ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସେବାଯତ୍ନ ପାଇଁ
କାମାକ୍ଷାନଗର ସବ୍‌ଡିଭିଜନର ଜିରିଡ଼ାମାଳିଠାରେ
ଐରା ଅନୁଷ୍ଠାନ ତରଫରୁ ଏକ ବରିଷ୍ଠ ନାଗରିକ
ଗୃହ କାର୍ଯ୍ୟକ୍ରମ କରାଯାଇଛି। ଏହି କେନ୍ଦ୍ରରେ
ବରିଷ୍ଠ ନାଗରିକଙ୍କୁ ମାଗଣାରେ ସମସ୍ତ ସେବା
ଯୋଗାଇ ଦିଆଯାଉଛି। ଜନସାଧାରଣ
ଏହି କେନ୍ଦ୍ରର ସୁବିଧା ନେବା
ପାଇଁ ଅନୁରୋଧ।
ବରିଷ୍ଠ ନାଗରିକ ଗୃହ,
ଐରା-ଜିରିଡ଼ାମାଳି,
କାମାକ୍ଷାନଗର

ଧରିତ୍ରୀର ୪୬ତମ
ଜନ୍ମଦିନ ଉପଲକ୍ଷେ
ଅଭିନନ୍ଦନ।
ବାହାଘର, ବ୍ରତଘର ଓ
ବିଭିନ୍ନ ଉତ୍ସବ ପାଳନ
ପାଇଁ ଯୋଗାଯୋଗ
କରନ୍ତୁ
ରତ୍ନ ମଣ୍ଡପ
ଦକ୍ଷିଣକାଳୀ
ରୋଡ୍, ଢେଙ୍କାନାଳ



**ପ୍ରୋ: ଶ୍ରୀକାନ୍ତ ଧଳ (ବୁବୁଲି)**
ଫୋନ୍: ୭୦୦୮୪୭୩୫୭୨




*With Best*
*Compliments*
*From....*




**PSR CINEMA**
**DAKHINAKALI ROAD**
**DHENKANAL**

ଦୈନିକ ଖବରକାଗଜ 'ଧରିତ୍ରୀ'ର
୪୬ତମ ସ୍ୱନକ୍ଷତ୍ର ଦିବସ
ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ସହ
ଅଭିନନ୍ଦନ ଜଣାଉଛି।

asianpaints Dealer

**RATH PAINTS & HARDWARE**
*Asianpaints Colour World*
Jagannath Road, Dhenkanal-759001
Mob.: 9861211637, 9438401529, 8328869197

**JITENDRA RATH**
**RAJENDRA RATH**

Your classified advertisement published in Dharitri will be listed free in Dharitri online edition : www.dharitri.com



ମୁଁ ଏବେ ଭୋଟ ବଦଳାଇବାକୁ ଚାହୁଁଛି, ଏହା ହୋଇପାରିବ କି? ଯଦି ନା, ତେବେ ମହାରାଷ୍ଟ୍ରରେ ନିର୍ବାଚନ ପରେ ନେତାମାନେ କେମିତି ଦଳ ପରିବର୍ତ୍ତନ କରୁଛନ୍ତି?
-ଜାଭେଦ୍ ଜାଫ୍ରି, ବଲିଉଡ୍ ଅଭିନେତା

# ବାଧ୍ୟତାମୂଳକ ପ୍ରି-ୱେଡ଼ିଂ କୋର୍ସ



## ଫେଲ୍ ପରୀକ୍ଷାର୍ଥୀ ବିବାହ ଅଧିକାରରୁ ବଞ୍ଚିତ ହେବେ

**ଜାକର୍ତ୍ତା:** କୁହାଯାଏ ସ୍ୱର୍ଗରେ ସ୍ଥିର ହୋଇଥାଏ ବିବାହ। ହେଲେ ଏହାର ସବୁ ପରମ୍ପରା ପାଳନ ହୁଏ ଧରାପୃଷ୍ଠରେ। ଏବେ ବିବାହକୁ ନେଇ ଯୁବପିଢ଼ିଙ୍କ ଭିତରେ ବଦଳିଛି ମାନସିକତା। ଏପରି ମାଙ୍ଗଳିକ କାର୍ଯ୍ୟକୁ ଅଧିକ ସ୍ମୃତିମଧୁର କରିବାକୁ ସେମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। ହେଲେ ବିବାହ ସରିବା ପରେ ହଠାତ୍ ବଢ଼ିଯାଏ ଦାୟିତ୍ୱ, ଯାହାର ସିଧାସଳଖ ପ୍ରଭାବ ପଡ଼େ ଦାମ୍ପତ୍ୟଜୀବନ ଉପରେ। ଏପରି କି ଅଶାନ୍ତି ବଢ଼ିଲେ ପରସ୍ପରଠାରୁ ଅଲଗା ହୋଇଯାଆନ୍ତି ଦମ୍ପତି। ଏହି ସମସ୍ୟାର ସମାଧାନ କରିବାକୁ ଇଣ୍ଡୋନେସିଆ ସରକାର ଆରମ୍ଭ କରିବାକୁ ଯାଉଛନ୍ତି ବାଧ୍ୟତାମୂଳକ ପ୍ରି-ୱେଡ଼ିଂ କୋର୍ସ। ଏଥିରେ ଫେଲ୍ ହୋଇଥିବା ପରୀକ୍ଷାର୍ଥୀଙ୍କୁ ବିବାହ ଅଧିକାରରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହାକୁ ନେଇ ସାରା ଦେଶରେ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା।

ଇଣ୍ଡୋନେସିଆର ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୦ ସୁଦ୍ଧା ଏହି କୋର୍ସ ଆରମ୍ଭ ହେବ। ୩ମାସ ଅବଧି ବିଶିଷ୍ଟ ଏହି କୋର୍ସ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଇଣ୍ଡୋନେସିଆର ମାନବ ବିକାଶ ଏବଂ ସାଂସ୍କୃତିକ ମନ୍ତ୍ରଣାଳୟ ସେଠାକାର ଧାର୍ମିକ ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ଏହି କୋର୍ସ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି।

ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଜେନେରାଲ କିରାଣା ପ୍ରୀତସାରୀ କୁହନ୍ତି, ଏପରି କୋର୍ସ ପ୍ରଥମ ନୁହେଁ। ବିଭାଗ ପକ୍ଷରୁ ପୂର୍ବରୁ ଏଭଳି ପ୍ରି-ୱେଡ଼ିଂ ପ୍ରଶିକ୍ଷଣ ଦିଆଯାଉଛି। ହେଲେ ପ୍ରଥମ ଥର ପାଇଁ ଏହାକୁ ସାରା ଦେଶରେ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବ। ଏହି କୋର୍ସ ଅତି ସରଳ। ଏଥିରେ ପ୍ରଶିକ୍ଷଣ ନେଉଥିବା ଯୋଡ଼ି ଫେଲ ହେଲେ ସେମାନଙ୍କଠାରୁ ବିବାହ ଅଧିକାର ଛଡ଼ାଇ ନିଆଯିବ। କହିବାକୁ ଗଲେ ବିନା ସାର୍ଟିଫିକେଟରେ ବିବାହ କରିବାକୁ ଅନୁମତି ମିଳିବନି। ଏ ନେଇ ବିଭାଗୀୟ ମନ୍ତ୍ରୀ ମୁହଜରି ଏଫ୍ଦୀ କୁହନ୍ତି, ବିବାହ କରିବାକୁ ସମସ୍ତେ ଚାହାନ୍ତି। ହେଲେ ଏଥିପୂର୍ବରୁ ଭାବନାତ୍ମକ, ଶାରୀରିକ ଏବଂ ମାନସିକସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେବଳ ବୈବାହିକ ଜୀବନକୁ ସଫଳ କରିବନାହିଁ, ଅଧିକନ୍ତୁ ବିବାହ ପରେ ସେମାନେ ପରିବାରର ସମସ୍ତ ଦାୟିତ୍ୱ ନିଜ କାନ୍ଧରେ ଉଠାଇପାରିବେ। ଶିଶୁଙ୍କ ଦେଖାରଖା, ରୋଗରୁ ସୁରକ୍ଷା, ପରିଣତ ବୟସରେ ସ୍ୱାସ୍ଥ୍ୟର ଯତ୍ନ ଭଳି ସମସ୍ୟାକୁ ସହଜରେ ସମ୍ମୁଖୀନ ହୋଇପାରିବେ। ପରିବାରର ଆର୍ଥିକ ଅବସ୍ଥା ଦେଖି ବିବାହ ଲାଗି ପ୍ରସ୍ତୁତ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। କୋର୍ସ ପରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଜଳ ଯନ୍ତ୍ରଣା

## ଗାଁ ଛାଡ଼ିବାକୁ ସରକାରୀ ନିର୍ଦ୍ଦେଶ

**ରାଞ୍ଚି:** ଏଭଳି ଏକ ଗାଁ ଅଛି, ଯେଉଁଠାରେ ଲୋକ ଦୀର୍ଘାୟୁ ହୋଇ ନ ଥାନ୍ତି। ତାଙ୍କର ଜୀବନକାଳ ବହୁତ୍ କମ୍। ସେଠାରେ ପରିସ୍ଥିତି ଏଭଳି ହୋଇଛି ଯେ, ଶେଷରେ ସରକାର ଏଠାକାର ଲୋକଙ୍କୁ ଗାଁ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଝାଡଖଣ୍ଡ ପଲାମୁ ଜିଲା ଅନ୍ତର୍ଗତ ଚୁକରୁ ଗାଁରେ। ଏଠାରେ ଗାଁଲୋକେ ପିଉଥିବା ପାଣିରେ ଅତ୍ୟଧିକ ମାତ୍ରାରେ ଫ୍ଲୋରାଇଡ୍ ରହିଛି। ଫଳରେ ସେମାନେ ଶାରୀରିକ ଅକ୍ଷମ ପାଲଟୁଥିବା ଜଣାପଡ଼ିଛି। ଲଗାତାର ଭାବେ ଏହି ପାଣି ପିଇବା ଯୋଗୁ ଫ୍ଲୋରୋସିସ୍ ନାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଦୂଷିତପାଣି ଯୋଗୁ ଲୋକଙ୍କ ହାଡ଼ ଓ ଦାନ୍ତ ଦୁର୍ବଳ ହେଉଛି ବୋଲି ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, କେତେ ଜଣ ଯୁବକଙ୍କର ଏହି ରୋଗରେ ମୃତ୍ୟୁ ହୋଇଥିବା ସୂଚନା ରହିଛି। ଗତ ୨୫ବର୍ଷରୁ ଗାଁଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏଠାରେ ୫୦ବର୍ଷରୁ ଊର୍ଦ୍ଧ୍ୱ ବୟସର କେହି ବ୍ୟକ୍ତି ନାହାନ୍ତି ବୋଲି କୁହାଯାଏ। ଅପରପକ୍ଷରେ ଏହି ସମସ୍ୟା ଯୋଗୁ ସ୍ଥାନୀୟ ପ୍ରଶାସନ ତାଙ୍କୁ ଭିଟାମାଟି ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ହେଲେ ସେଠାକାର ଲୋକଙ୍କ କହିବା ଅନୁସାରେ ସବୁ ଲୋକ ଦିବ୍ୟାଙ୍ଗ ପାଲଟିଛନ୍ତି। ଏଭଳି ସ୍ଥିତିରେ ଅନ୍ୟତ୍ର ସ୍ଥାନରେ ପୁଣି ଯାଇ ବାସ କରିବା ସେମାନଙ୍କ ପାଇଁ ଅସମ୍ଭବ ବୋଲି ଗାଁଲୋକେ କହିଛନ୍ତି।

## ସଫେଇ କର୍ମଚାରୀ ପଦ ଲାଗି ୭ ହଜାର ଇଞ୍ଜିନିୟରଙ୍କ ଆବେଦନ



**କୋଏମ୍ବାଟୁର:** ତାମିଲନାଡୁର କୋଏମ୍ବାଟୁରରେ ସଫେଇ କର୍ମଚାରୀ ପଦବୀ ଲାଗି ୭ ହଜାର ଇଞ୍ଜିନିୟରଙ୍କ ଆବେଦନ ବେକାରି ସମସ୍ୟାର ବିକଳ ଚିତ୍ରକୁ ପଦାରେ ପକାଇଛି। ସିଟି କର୍ପୋରେଶନରେ ଖାଲିଥିବା ୪୪୯ ପଦ ଲାଗି ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ୍ ଥିବାବେଳେ ୭ ହଜାର ଇଞ୍ଜିନିୟର, ପୋଷ୍ଟ ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀ ଏଥିଲାଗି ୩ ଦିନରେ ଆବେଦନ କରିଛନ୍ତି। ଦରଖାସ୍ତ ଯାଞ୍ଚ ପରେ ଏହି ତଥ୍ୟ ପଦାକୁ ଆସିଛି। କେତେକ ଆବେଦନକାରୀ ଘରୋଇ ଫାର୍ମରେ କାମ କରୁଥିବାବେଳେ ସରକାରୀ ଚାକିରି ଆଶାରେ ଆବେଦନ କରିଛନ୍ତି। ଜବ୍ ସିକ୍ୟୁରିଟି ସହ ଦରମା ୧୫,୭୦୦ ଟଙ୍କା ପାଇବା ଆଶାରେ ଅନେକ ଉଚ୍ଚଶିକ୍ଷିତ ଯୁବକ ଏଥିଲାଗି ଆବେଦନ କରିଥିବା କହିଛନ୍ତି। ସରକାରୀ ଭାବେ ସଫେଇ କାର୍ଯ୍ୟ ସକାଳେ ୩ ଘଣ୍ଟା ଓ ସନ୍ଧ୍ୟାରେ ୩ ଘଣ୍ଟା କରିବାକୁ ପଡ଼ିବ। ଘରୋଇ କର୍ମଚାରୀ ଭାବେ ୧୨ ଘଣ୍ଟା କାମ କରି ୬/୭ ହଜାର ରୋଜଗାର କରିବା ଅପେକ୍ଷା ସରକାରୀ ଚାକିରି ଲାଗି ଏମାନେ ମନ ବଳାଇଛନ୍ତି।

# ସ୍କୁଲ ଯାଉଛି ରୋବୋ

**ଟୋକିଓ:** ପ୍ରାୟତଃ ପିଲାମାନେ ରୋଗରେ ପଡ଼ିଲେ ସ୍କୁଲ ଯିବାକୁ ପସନ୍ଦ କରି ନ ଥାନ୍ତି। ଏହି ସମୟରେ ସ୍କୁଲରେ ପାଠ ପଢ଼ା ଆଗେଇ ଯାଉଥିବା ବେଳେ ପିଲା ପଛରେ ରହିଯାଉଥିବା ଦେଖାଯାଏ। ଏ ନେଇ ପିଲାମାନଙ୍କ ମାତାପିତା ବେଶ୍ ଚିନ୍ତିତ ହୋଇପଡ଼ନ୍ତି। କିନ୍ତୁ ଏବେ ପିଲାମାନଙ୍କ ସ୍ଥାନରେ ସ୍କୁଲ ଯିବ ରୋବୋ। ଏହି ରୋବୋ କ୍ଲାସ୍‌ରେ ପାଠ ପଢ଼ା ସମ୍ପର୍କରେ ନୋଟ୍ ମଧ୍ୟ ତିଆରି କରିବ। ଜାପାନର ବୈଜ୍ଞାନିକମାନେ ଏହି ରୋବୋ ଉପରେ ଏବେ କାମ କରୁଛନ୍ତି। ପିଲାମାନେ ଘରେ ବସି ଟାବଲେଟ୍ ଦ୍ୱାରା ଏହାକୁ ପରିଚାଳିତ କରିପାରିବେ। ରୋବୋ ମୁଣ୍ଡରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ପିଲାଙ୍କୁ କ୍ଲାସ୍ ରୁମ୍ ସମ୍ପର୍କିତ ତଥ୍ୟ ପଠାଇବ। ଏହି ପାଇଲଟ୍ ପ୍ରୋଜେକ୍ଟ ସଫଳ ହେଲେ ସାରା ଦେଶରେ ଏହାକୁ ଲାଗୁ କରାଯିବ। ପ୍ରଥମକରି ଏହି ରୋବୋ (ଓରି)କୁ ଟୋକିଓ ବର୍ଡରଠାରେ ଥିବା ଟୋମୋବେ ହିଗାସୀ ସ୍ପେସିଆଲ ସପୋର୍ଟ ସ୍କୁଲରେ କାର୍ଯ୍ୟକ୍ଷମ କରାଯାଇଛି। ସ୍କୁଲରେ କୌଣସି ଛାତ୍ର ଅନୁପସ୍ଥିତ ଥିଲେ, ତାଙ୍କ ସ୍ଥାନରେ ଓରିକୁ ବସାଯାଏ। ଓରି ନୋଟ୍ ତିଆରି କରିବା ସହ କ୍ୟାମେରା ସାହାଯ୍ୟରେ କ୍ଲାସ୍‌ରୁମ୍ ଡିଟେଲ୍ସ ସମ୍ପୃକ୍ତ ଛାତ୍ରଙ୍କ ନିକଟକୁ ପଠାଇଥାଏ। ଏଥିରେ ଏକ ସ୍ପିକର ମଧ୍ୟ ଲଗାଯାଇଛି। ଘରେ ବସି ଛାତ୍ର ଯାହା କହିବେ, ଓରି ଏହାକୁ କ୍ଲାସ୍‌ରୁମ୍‌ରେ କହିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ରୋବୋ ନିଜର ଭାବନା ମଧ୍ୟ ପରିପ୍ରକାଶ କରିପାରେ। ଏହା ତାଳି ମାରିବା ସହ ଶିକ୍ଷକ ଓ ପିଲାମାନଙ୍କୁ ହାଏ, ହେଲୋ ମଧ୍ୟ କହିଥାଏ। ଏହି ରେବୋକୁ ତିଆରି କରିଥିବା କମ୍ପାନୀର ସିଇଓ କହିଛନ୍ତି, ୧୦ରୁ ୧୪ ବର୍ଷ ବୟସର ପିଲାମାନେ ଦେହ ଖରାପ ହେଲେ ସ୍କୁଲ ଯିବାକୁ ଇଚ୍ଛା କରି ନ ଥାନ୍ତି। ସେମାନଙ୍କୁ ପାଠ ପଢ଼ାରେ ଯେପରି କିଛି ଅସୁବିଧା ନ ହୁଏ, ସେଇଥିପାଇଁ ଏହି ରୋବୋ ତିଆରି କରାଯାଇଛି।



# ଆତଙ୍କବାଦୀରୁ ସମାଜସେବୀ



ଜଣଙ୍କ ମନରେ କେତେବେଳେ ପରିବର୍ତ୍ତନ ଆସିବ ତାହା କହିହୁଏନି , ଯେମିତି ଘଟିଛି ଆସାମର ମୋନି ମାନିକ ଗୋଗୋଇଙ୍କ କ୍ଷେତ୍ରରେ। ମୋନିଙ୍କୁ ବୟସ ଏବେ ୫୭ ବର୍ଷ। ଡିବ୍ରୁଗଡ ଜିଲାର ଶାଲମାରି ଦିଘାଲିଆ ଗାଁରେ ତାଙ୍କ ଜନ୍ମ। ପ୍ରଥମରୁ ସେ ଜଣେ ଆଦର୍ଶବାଦୀ ଯୁବକ ଥିଲେ। ପରେ ଆତଙ୍କବାଦୀ ସାଜିଲେ। ଏଥିଲାଗି ତାଙ୍କୁ ଜେଲ୍ ଯିବାକୁ ପଡିଲା। ଜେଲରୁ ଫେରି ସେ ପାଲଟିଛନ୍ତି ସମାଜସେବୀ। ଗରିବୀକୁ ଖୁବ୍ ନିକଟରୁ ଦେଖିଥିବା ଗୋଗୋଇ ପରିବାର ଚଳାଇବା ଲାଗି ଅକ୍ଷମ ହେବା ପରେ ଅଶୀ ଦଶକର ଶେଷ ଆଡକୁ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ଅଫ୍ ଆସାମ(ଉଲ୍‌ଫା) ଲାଗି କାମ କରିଥିଲେ। କିନ୍ତୁ ସେ କେବେ ବି ଅସ୍ତ୍ର ଧରିନାହାନ୍ତି। ସେ ଉଲ୍‌ଫାରେ ଜଣେ ଦକ୍ଷ ସଂଗଠକ ଭାବେ କାର୍ଯ୍ୟ କରିଥିଲେ। ପୋଲିସ ତାଙ୍କୁ ଧରିବାକୁ ଲାଗିପଡିଲା ଓ ସେ ଗାଁରୁ ଗାଁ ବୁଲି ସେଠାରେ ରହୁଥିଲେ। ୧୯୯୧ରେ ବିବାହ କରିବା ପରେ କେତେବେଳେ କେମିତି ଲୁଚିଛପି ଘରକୁ ଆସୁଥିଲେ। ଏହାପରେ ୧୯୯୪ରେ ୧୫୦ ଲୋକଙ୍କୁ ଧରି ମ୍ୟାନମାରରେ ଉଲ୍‌ଫା ଟ୍ରେନିଂ କ୍ୟାମ୍ପରେ ଯୋଗଦେଇଥିଲେ। କିନ୍ତୁ ସେଠାରେ ବିନା ଅସ୍ତ୍ରରେ ସେ ବିଭିନ୍ନ ଶାରୀରିକ ଟ୍ରେନିଂ ନେଇଥିଲେ। ୧୯୯୮ରେ ତାଙ୍କୁ ପୋଲିସ ଗିରଫ କରିବା ପରେ ଡିବ୍ରୁଗଡ ଜିଲା କାରାଗାରରେ ୬ ମାସ ରହିଥିଲେ। ତାଙ୍କ ଗାଁ ପାଖ ସହରରେ ଟିଙ୍ଗଖାଙ୍ଗ କଳା କେନ୍ଦ୍ର ପ୍ରତିଷ୍ଠା କରି ଏଠାରେ ପିଲାମାନଙ୍କୁ ନାଚ, ଗୀତ, ଡ୍ରାମା ଓ ଚିତ୍ର ଆଙ୍କିବା ଉପରେ ଶିକ୍ଷା ଦେଉଛନ୍ତି। ଉଲ୍‌ଫା ସହ ସମ୍ପର୍କ ଛିନ୍ନ କରିବା ପରେ ୨୦୦୩ରେ ଏହାକୁ ସରକାରୀ ସ୍ତରରେ ସ୍ୱୀକୃତି ମିଳିଛି। ତାଙ୍କ ଗାଁରେ ଏକ ମ୍ୟୁଜିକ ସ୍କୁଲ୍ ବି ଖୋଲିଛନ୍ତି। ଏହିଠାରୁ ପିଲାମାନେ ପାସ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି। ଏବେ ସେ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ କିଭଳି ଜୀବିକା ପାଇବେ ସେଥିପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି।

## କାର୍ବନ ଡାଇଅକ୍ସାଇଡ ଶୋଷିନେବ ବ୍ୟାକ୍ଟେରିଆ

**ଜେରୁଜେଲମ୍:** ଇସ୍ରାଏଲର ୱିଜ୍‌ମ୍ୟାନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଗବେଷକମାନେ ଏବେ ଏକ ନୂଆ ପ୍ରକାର ବ୍ୟାକ୍ଟେରିଆ ବିକାଶ କରିଛନ୍ତି। ଏହି ବ୍ୟାକ୍ଟେରିଆ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ ଶୋଷିନେବ । ଏହା ଗ୍ରୀନ୍ ହାଉସ୍‌ଗ୍ୟାସ ବାୟୁମଣ୍ଡଳରୁ ହ୍ରାସ କରିବା ସହ ବିଶ୍ୱତାପନ ବିରୋଧରେ ଲଢେଇ କରିବ ବୋଲି ଜିନ୍ହ୍ୱା ନ୍ୟୁଜ୍ ଏଜେନ୍ସି ରିପୋର୍ଟରୁ ଜଣାପଡିଛି। ଏହି ଅଧ୍ୟୟନ ସମ୍ପର୍କିତ ତଥ୍ୟ ଜର୍ନାଲ ସେଲ୍‌ରେ ପ୍ରକାଶିତ ହୋଇଛି। ସାଧାରଣତଃ ଇ-କୋଲି ବ୍ୟାକ୍ଟେରିଆ ସୁଗାର ଉପଯୋଗକରେ , କାର୍ବନ ଡାଇଅକ୍ସାଇଡ ବାୟୁମଣ୍ଡଳକୁ ଛାଡେ । କିନ୍ତୁ ଗବେଷକମାନେ ବିକାଶ କରିଥିବା ଏହି ନୂଆ ବ୍ୟାକ୍ଟେରିଆ ପରିବେଶରୁ କାର୍ବନ ଡାଇଅକ୍ସାଇଡ ଗ୍ରହଣ କରି ସେଥିରେ ସୁଗାର ପ୍ରସ୍ତୁତ କରେ ଓ ତାହାକୁ ଶରୀର ଗଠନରେ ବ୍ୟବହାର କରିପାରିବ ବୋଲି ଗବେଷକମାନେ କହିଛନ୍ତି। । ଗବେଷକମାନେ ରିପ୍ରୋଗ୍ରାମ ମାଧ୍ୟମରେ ଇ-କୋଲି ବ୍ୟାକ୍ଟେରିଆରୁ ଏହି ନୂଆ ବ୍ୟାକ୍ଟେରିଆ ବିକାଶ କରିଛନ୍ତି ।



# ଅବସର ନେବେ ମହାନାୟକ



**ମୁମ୍ବାଇ:** ବିଗ୍ ବି ଅମିତାଭ ବଚ୍ଚନଙ୍କୁ ସାଧାରଣ ଅର୍ଥରେ ବଲିଉଡ୍ ମହାନାୟକ କୁହାଯାଏ ନାହିଁ। ସେ ପ୍ରକୃତରେ ବଲିଉଡ୍‌ର ମହାନାୟକ। ଦଶନ୍ଧି ଦଶନ୍ଧି ଧରି ନିଜ ଅତୁଳନୀୟ ଅଭିନୟର ଯାଦୁରେ ଦର୍ଶକଙ୍କ ହୃଦୟରେ ଘର କରିଛନ୍ତି। ସବୁ ପିଢ଼ିର ହିରୋଇନ୍‌ଙ୍କ ସହ ସେ ପରଦାରେ ଅଭିନୟ କରିଛନ୍ତି। ସବୁ ପିଢ଼ିର ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ଭିନ୍ନ ଭିନ୍ନ ସ୍ୱାଦର ଫିଲ୍ମ କରି ଅଦ୍ୱିତୀୟ ଅଭିନେତା ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ବି, ୭୭ ବର୍ଷ ବୟସରେ ସେ କଠିନ ପରିଶ୍ରମ କରୁଛନ୍ତି। ଶୁଟିଂ ସେଟ୍‌ରେ ସମୟାନୁବର୍ତ୍ତୀ ହେବା ସହ ସଂକଳ୍ପବଦ୍ଧ ହୋଇ ଉତ୍ସର୍ଗୀକୃତ ଭାବନା ନେଇ କାମ କରୁଛନ୍ତି। ପିଢ଼ି ପରେ ପିଢ଼ି ତାଙ୍କୁ ଗ୍ରହଣ କରିଛନ୍ତି ଏବଂ ତାଙ୍କ ଅଭିନୟ ଦକ୍ଷତାକୁ ଅନୁସରଣ ମଧ୍ୟ କରିଛନ୍ତି। ସେଥିପାଇଁ ତ ବିଗ୍ ବି ହେଉଛନ୍ତି ହିନ୍ଦୀ ସିନେମାର ମହାନାୟକ। ହେଲେ ବଲିଉଡ୍ ଫ୍ୟାନ୍‌ମାନଙ୍କ ପାଇଁ ରହିଛି ଏକ ଦୁଃଖ ଖବର। ଫିଲ୍ମ ଦୁନିଆରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ମହାନାୟକ ଅମିତାଭ ବଚ୍ଚନ। ଫିଲ୍ମ 'ଚେହ୍‌ରେ' ଏବଂ 'କୌନ୍ ବନେଗା କରୋଡ୍‌ପତି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ବିଗ୍ ବି। ତେବେ ବର୍ତ୍ତମାନ ସେ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ଶୁଟିଂ ପାଇଁ ମନାଲୀ ଯାଇଛନ୍ତି। ଏହାଛଡ଼ା ଫିଲ୍ମ 'ଝୁଣ୍ଡ୍' ଏବଂ 'ଗୁଲାବୋ ସିତାବୋ'ରେ ମଧ୍ୟ ସେ ନଜରକୁ ଆସିବେ। ହେଲେ ଲାଗୁଛି ଏହି ଫିଲ୍ମଗୁଡ଼ିକ ପରେ ଅମିତାଭ ନେଇପାରନ୍ତି ଅବସର। ମନାଲୀରୁ ନିଜ ଅଫିସିଆଲ୍ ବ୍ଲଗ୍‌ରେ କିଛି ଏଭଳି ଇଚ୍ଛା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, "ମସ୍ତିଷ୍କ କିଛି କହୁଛି, ହେଲେ ଆଙ୍ଗୁଠି କିଛି ଅଲଗା କହୁଛି, ଏହା ଏକ ସୂଚନା, ମୋତେ ଅବସର ନେଇଯିବା ଉଚିତ।" ଏହାସହ ମନାଲୀରେ ଶୁଟିଂ କରିବାର ଅନୁଭୂତି ମଧ୍ୟ ଶେୟାର କରିଛନ୍ତି ଅମିତାଭ । ସେ ସ୍ଥାନୀୟ ଲୋକଙ୍କୁ ଅତି ସରଳ, ନିରୀହ ଏବଂ ସଚ୍ଚୋଟ ବୋଲି ଦର୍ଶାଇଛନ୍ତି। ସେମାନଙ୍କ ସହ ସମୟ ବିତାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆଜିକାଲି ଠିକ୍ ରହୁନାହିଁ। କିଛିଦିନ ପୂର୍ବେ ବିଗ୍ ବି ଫିଲ୍ମ ଦୁନିଆରୁ ଏକ ଲମ୍ବା ବ୍ରେକ୍ ନେବେ ବୋଲି ଆମେ ଆପଣଙ୍କୁ ଜଣାଇଥିଲୁ। କିନ୍ତୁ ଏବେ ସେ ଅବସର ନେଇପାରନ୍ତି। ପ୍ରାୟ ଏକମାସ ପୂର୍ବରୁ ବିଗ୍ ବି ରୁଟିନ୍ ଚେକ୍‌ଅପ୍ ପାଇଁ ମୁମ୍ବାଇର ନାନାବତୀ ହସ୍ପିଟାଲ ଯାଇଥିଲେ। ତା' ପରେ ପରେ ସେ ବ୍ରେକ୍ ନେବା ଖବର ଚର୍ଚ୍ଚା ହେଉଥିଲା। ଏବେ ବ୍ଲଗ୍‌ରେ ଏଭଳି ଇଚ୍ଛା ପ୍ରକାଶ କରିବା ପରେ ଲାଗୁଛି ଅମିତାଭ ବ୍ରେକ୍‌ରେ ନୁହେଁ, ଅବସର ନେବାକୁ ହିଁ ଚାହୁଁଛନ୍ତି। ଏହା ନିଶ୍ଚିତ ଭାବେ ବଲିଉଡ୍‌ପ୍ରେମୀଙ୍କ ପାଇଁ ଏକ ଦୁଃଖଦ ଖବର ହୋଇଥିବାବେଳେ ବିଗ୍ ବି ନିରୋଗ ଏବଂ ଦୀର୍ଘାୟୁ ହୁଅନ୍ତୁ ଏହା ସମସ୍ତଙ୍କ କାମନା।

ଅମିତାଭ୍ ବଚ୍ଚନ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ହୋଟେଲର ସମସ୍ତ କର୍ମଚାରୀଙ୍କ ତରଫରୁ ସମସ୍ତଙ୍କୁ ବହୁତ ବହୁତ ଶୁଭେଚ୍ଛା। ଅପ୍ରତିଦ୍ୱନ୍ଦ୍ୱୀ ଖବରକାଗଜ ଭାବେ ପୂର୍ବ ସମ୍ମାନ ବଜାୟ ରଖି ବାବା ସାଇନାଥଙ୍କ ଚରଣରେ ପ୍ରାର୍ଥନା।



## ସନ୍ତୋଷ କୁମାର ରାଉତ

**ମାଲିକ, ହୋଟେଲ ହିନ୍ଦୁସ୍ତାନୀ,
ନନ୍ଦନକାନନ, ରଘୁନାଥପୁର**

୪୬ତମ ଜନ୍ମବାର୍ଷିକୀ ଉତ୍ସବ ଧରିତ୍ରୀ ପାଇଁ ପ୍ରେରଣାର ବର୍ଷ ହେଉ। ନୂଆ ଉତ୍ସାହ ଓ ଉଦ୍ଦୀପନାର ସହ ଆଗେଇ ଚାଲୁ। ପ୍ରଭୁ ସୋମନାଥ ଶକ୍ତି ଦିଅନ୍ତୁ, ଏତିକି କାମନା।



## ପ୍ରଦୀପ କୁମାର ଦାସ

**ଉପସଭାପତି, ବାବାସୋମନାଥ ସେନା
ଭୁବନେଶ୍ୱର ଉତ୍ତର, ଇଞ୍ଜଣା**

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ସମସ୍ତ ପାଠକପାଠିକାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ବର୍ଷ ପରେ ବର୍ଷ ଗଡ଼ି ଏହିଭଳି ଧରିତ୍ରୀ ଆଗେଇ ଚାଲୁ ଏତିକି କାମନା।



## ରାଜକିଶୋର ଜେନା

**ସହକାରୀ ଯନ୍ତ୍ରୀ, ପୂର୍ତ୍ତବିଭାଗ
ଡିଭିଜନ-୩, ଭୁବନେଶ୍ୱର**

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ଦୁର୍ଗାପୂଜାର ସମସ୍ତ ସଭ୍ୟମାନଙ୍କ ତରଫରୁ ବହୁତ ବହୁତ ଶୁଭେଚ୍ଛା। ଧରିତ୍ରୀର ନିୟମିତ ପାଠକ ହିସାବରେ ମୁଁ ଗର୍ବିତ। ମା' ଦୁର୍ଗାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା କରୁଛି ଧରିତ୍ରୀ ସେମିତି ଆଗକୁ ବଢି ଚାଲିଥାଉ।



## ଶରତ କୁମାର ବେହେରା

**ସଭାପତି, ଦୁର୍ଗାପୂଜା କମିଟି
ଇଞ୍ଜଣା**

୪୬ବର୍ଷରେ ପଦାର୍ପଣ କରିଥିବା ଧରିତ୍ରୀ ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଉଚ୍ଚକୋଟୀର ଲେଖା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଜନ୍ମ ବର୍ଷିକୀ ଅବସରରେ ସମସ୍ତଙ୍କୁ ଶୁଭକାମନା।



## ପ୍ରମୋଦ କୁମାର ପ୍ରଧାନ

**ଢାୱା ସୋମନାଥ ମନ୍ଦିର ମହାଯଜ୍ଞ କମିଟିର ବରିଷ୍ଠ ସଦସ୍ୟ
ଓସ୍ତପଡ଼ା (Ostapada)**

ଓଡ଼ିଶାର ଏକ ସ୍ୱନାମଧନ୍ୟ ଖବରକାଗଜ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ଧରିତ୍ରୀ। ସାଲିସ୍‌ବିହୀନ ଭାବେ କଲମ ଚଳାଇ ସମସ୍ତଙ୍କର ପ୍ରଥମ ପସନ୍ଦ ସାଜିଛି। ୪୬ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସେନା ପକ୍ଷରୁ ଶୁଭେଚ୍ଛା।



## ସୁବାସ ଚନ୍ଦ୍ର ଜେନା

**ବାବା ସୋମନାଥ ସେନାର ଯୁବ ସଦସ୍ୟ
ରଘୁନାଥପୁର**

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ପାର୍କିଂରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ତରଫରୁ ସମସ୍ତଙ୍କୁ ବହୁତ ବହୁତ ଶୁଭେଚ୍ଛା ଓ ଅଭିନନ୍ଦନ। ୪୬ବର୍ଷରେ ପଦାର୍ପଣ କରିଥିବା ଧରିତ୍ରୀ ନିର୍ବିଘ୍ନରେ ବଢିଚାଲୁ, ଏତିକି ପ୍ରାର୍ଥନା।



## ପ୍ରଶାନ୍ତ କୁମାର ପ୍ରତାପସିଂ

**ନନ୍ଦନକାନନ ପାର୍କିଂ**

୪୬ତମ ଜନ୍ମବାର୍ଷିକୀ ଅବସରରେ ସୋମନାଥ ସେନା ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା। ଧରିତ୍ରୀ ପ୍ରତି ପ୍ରଭୁ ସୋମନାଥଙ୍କ ଦୟା ରହିଥାଉ, ୧ନଂ ଖବରକାଗଜର ମାନ୍ୟତା ସବୁ ସମୟରେ ବଜାୟ ରଖୁ ଜନ୍ମଦିନରେ ଏତିକି କାମନା।



## ଦିନବନ୍ଧୁ ପାତ୍ର

**ଆବାହକ, ବାବା ସୋମନାଥ ସେନା
ଭୁବନେଶ୍ୱର ଉତ୍ତର, ରଘୁନାଥପୁର**

୪୬ତମ ଜନ୍ମବାର୍ଷିକୀ ଅବସରରେ ମହାଯଜ୍ଞ କମିଟିର ସମସ୍ତ ସଦସ୍ୟଙ୍କ ତରଫରୁ ଶୁଭେଚ୍ଛା। ନିଜ ଉଦ୍ୟମରେ ଧରିତ୍ରୀ ପାଦଥାପି ଆଗକୁ ଆଗ ବଢିଚାଲୁ। ପ୍ରଭୁ ସୋମନାଥ ସହାୟ ହୁଅନ୍ତୁ।



## ଯୁଧିଷ୍ଠିର ମହାରଣା

**ଢାୱା (Dhawa) ସୋମନାଥ ମନ୍ଦିର ମହାଯଜ୍ଞ କମିଟିର ବରିଷ୍ଠ ସଦସ୍ୟ, ପଟିଆ**

ନିର୍ଭୀକ ଭାବେ ଉଚ୍ଚକୋଟୀର ଲେଖା ଯୋଗୁ ଧରିତ୍ରୀ ଅନ୍ୟମାନଙ୍କୁ ପଛରେ ପକାଇ ଆଗେଇ ଚାଲିଛି। ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ନାରୀ ଜାଗରଣ ମଞ୍ଚ ତରଫରୁ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।



## ଅମୀୟ କୁମାର ଜେନା

**ଆବାହକ ନାରୀ ଜାଗରଣ ମଞ୍ଚ,
ଭୁବନେଶ୍ୱର ଉତ୍ତର**

ଧରିତ୍ରୀ ୪୬ବର୍ଷରେ ପଦାର୍ପଣ କରିବା ଖୁସିର ବିଷୟ। କାହାର ସହାୟତା ବିନା ନିଜଗୋଡରେ ଛିଡାହୋଇ ଏହିଭଳି ଆଗେଇ ଚାଲୁ। ନିରପେକ୍ଷ, ନିର୍ଭୀକ ଖବର ପ୍ରକାଶର ମାନଦଣ୍ଡକୁ ସେହିଭଳି ବଜାୟ ରଖି ଆଗେଇ ଚାଲୁ। ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଶୁଭକାମନା।



## ଅର୍ଜୁନ ମହାରଣା

**ମୁଖ୍ୟ କାର୍ଯ୍ୟନିର୍ବାହୀ,
ସ୍ମିତ୍ ଉଦ୍ୟୋଗ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍**

ରାଜ୍ୟରେ ଅଗ୍ରଣୀ ଖବରକାଗଜ ଧରିତ୍ରୀ ନିଜ ଗୋଡରେ ଛିଡା ହୋଇ ୪୬ବର୍ଷରେ ପଦାର୍ପଣ କରିଛି। ନିର୍ଭୀକତା ତାର ସ୍ୱତନ୍ତ୍ର ପରିଚୟ ସାଜିଛି। ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ସମସ୍ତଙ୍କୁ ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



## ସୁରେନ୍ଦ୍ର କୁମାର

**ନିର୍ଦ୍ଦେଶକ,
ସାଇଶିବ କନ୍‌ଷ୍ଟ୍ରକ୍‌ସନ୍ ପ୍ରାଇଭେଟ୍ ଲିମିଟେଡ୍**

ନିର୍ଭୀକ ଓ ନିରପେକ୍ଷ ଖବରକାଗଜ ଭାବେ ପାଠକମାନଙ୍କ ପାଖରେ ଆଦୃତି ଲାଭ କରିଥିବା ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା। ଯେଉଁ ଉଦ୍ଦେଶ୍ୟ ଓ ଚିନ୍ତାଧାରା ନେଇ ଧରିତ୍ରୀ ଆଗକୁ ଆଗ ପାଦ ଥାପି ଚାଲିଛି। ଜଗତ ଜନନୀ ମା' ଯୋଗମାୟା ଶକ୍ତି ପ୍ରଦାନ କରନ୍ତୁ ଏହାହିଁ ଏନ୍.ଟି.ଏସ୍ ଦ୍ୱାରା ପ୍ରଚଳିତ ବସ୍ ମାଲିକ ଓ କର୍ମଚାରୀମାନଙ୍କର ପ୍ରାର୍ଥନା।



## ତ୍ରିଲୋଚନ ରାଉତ

**ସାଧାରଣ ସମ୍ପାଦକ, ନନ୍ଦନକାନନ ଟାଉନବସ୍ ସର୍ଭିସ,
ମା' ଯୋଗମାୟା ବସ୍ ମାଲିକ, ରଘୁନାଥପୁର**

ପାଠକମାନଙ୍କ ରୁଚି ମୁତାବକ ଖବର ପ୍ରକାଶ କରି ସମସ୍ତଙ୍କ ଚାହିଦା ସାଜିଥିବା ଧରିତ୍ରୀ ରାଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଖବର କାଗଜର ମାନ୍ୟତା ହାସଲ କରିଛି । ଆଜି ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ।



## ଶରତ ଚନ୍ଦ୍ର ମିଶ୍ର

**ସମାଜସେବୀ, ରଘୁନାଥପୁର**

ନିୟମିତ ପାଠକ ହିସାବରେ ଧରିତ୍ରୀର ଜନ୍ମଦିନ ପାଳନ ଅବସରରେ ମୋତେ ସାମିଲ କରାଯାଇ ଥିବାରୁ ମୁଁ ବହୁତ ଖୁସି। ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ କ୍ଲବର ସମସ୍ତ ସଦସ୍ୟମାନଙ୍କ ତରଫରୁ ବହୁତ ବହୁତ ଶୁଭେଚ୍ଛା।



## ପ୍ରକାଶ ଜେନା

**ସଭାପତି ମା ଭୈରବୀ କ୍ଲବ,
ତଳସାହି, ପଟିଆଗଡ଼**

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଶୁଭେଚ୍ଛା। ରାଜ୍ୟରେ ୧ନଂ ଖବରକାଗଜ ମାନ୍ୟତା ଅର୍ଜନ କରିଥିବା ଧରିତ୍ରୀ ତାର ଲେଖାର ସ୍ୱତନ୍ତ୍ରତା ପାଇଁ ପାଠକମାନଙ୍କର ପ୍ରଥମ ପସନ୍ଦ ପାଲଟିଛି। ଏହି ଅବସରରେ ପାଠକପାଠିକା ଓ ଖବରଦାତାମାନଙ୍କୁ ଶୁଭେଚ୍ଛା ଜଣାଉଛି।



## ଅଶୋକ କୁମାର ଜେନା

**ବାବା ସୋମନାଥ ସେନାର ଯୁବ ସଦସ୍ୟ,
ପଦାସାହି**

ବିଶ୍ୱବିଖ୍ୟାତ ଜୀବଉଦ୍ୟାନ ନନ୍ଦନକାନନରେ ଧରିତ୍ରୀ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସଜାଗ କରାଇବା, ସଚେତନ କରାଇବା ସହ ବିକାଶ କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ସହଯୋଗ ରହିଛି। ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଶୁଭକାମନା। ନନ୍ଦନକାନନର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ତରଫରୁ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହୋଇଚାଲିଥାଉ, ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।



## ଅମୂଲ୍ୟ କୁମାର ପରିଡ଼ା

**ସହକାରୀ ନିର୍ଦ୍ଦେଶକ (ପର୍ଯ୍ୟଟକ ପରିଚାଳନା)
ନନ୍ଦନକାନନ**

୪୬ବର୍ଷରେ ପଦାର୍ପଣ କରିଥିବା ଧରିତ୍ରୀ ରାଜ୍ୟରେ ଦୈନିକ ଖବରକାଗଜ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ନିରପେକ୍ଷ ସହ ଉଚ୍ଚକୋଟୀର ଲେଖା ଯୋଗୁ ପାଠକମାନଙ୍କର ମୁଖ୍ୟ ପସନ୍ଦ ପାଲଟିଛି। ଆଜି ଜନ୍ମବାର୍ଷିକୀରେ ସମସ୍ତ ଖବରଦାତା, ପାଠକପାଠିକାଙ୍କୁ ବଟାନିକାଲ୍ ଗାର୍ଡେନର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଅନେକ ଅନେକ ଶୁଭେଚ୍ଛା ।



## କମଲ କୁମାର ପଟ୍ଟନାୟକ

**ରେଞ୍ଜ ଅଫିସର୍,
ବଟାନିକାଲ୍ ଗାର୍ଡେନ**



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତ ଖବରଦାତା, ପାଠକପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ପୂର୍ବକ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

## ଚକ୍ରଧର ବେହେରା

**ଜୁନିୟର ଇଞ୍ଜିନିୟର,
ଗ୍ରାମ୍ୟ ଉନ୍ନୟନ ବିଭାଗ, ଭୁବନେଶ୍ୱର**



ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ସମସ୍ତ ପାଠକପାଠିକା ଓ ଖବରଦାତାମାନଙ୍କୁ ଇଣ୍ଡଷ୍ଟ୍ରିର ସମସ୍ତ କର୍ମଚାରୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

## ଅମୂଲ୍ୟ କୁମାର ମହାରଣା

**ଓମ୍ ଇଣ୍ଡଷ୍ଟ୍ରିଜ୍,
ଦାଢାପାଟଣା**

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଉପଲକ୍ଷେ ଓଡ଼ିଶାର ଅଗଣିତ ପାଠକପାଠିକାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। କାହାକୁ ନଡରି ନିର୍ଭୟରେ ଖବର ଛାପୁଥିବା ଧରିତ୍ରୀର ମୁଁ ନିୟମିତ ପାଠକଭାବେ ଗର୍ବିତ। ଏହି ଅବସରରେ ନନ୍ଦନକାନନ ଟାଉନବସ୍ ସର୍ଭିସ ଅଧୀନରେ ପ୍ରଚଳନ ସମସ୍ତ ବସ୍‌ମାଲିକ ଓ କର୍ମଚାରୀମାନଙ୍କୁ ଶୁଭେଚ୍ଛା।



## ବାପି ରାଉତ

**ବାବା ସୋମନାଥ ବସ୍ ମାଲିକ
ରଘୁନାଥପୁର**

ବିଶ୍ୱବିଖ୍ୟାତ ନନ୍ଦନକାନନରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ପ୍ରିୟଭାଜନ ସାଜିଥିବା ଦୈନିକ ଖବରକାଗଜ ଧରିତ୍ରୀ ତାର ନିର୍ଭୀକ ଲେଖାପାଇଁ ସମସ୍ତଙ୍କ ପାଖରେ ଆଦୃତି ଲାଭ କରିଛି। ଆଜି ୪୬ତମ ଜନ୍ମବାର୍ଷିକୀ ଅବସରରେ ଷ୍ଟୋର ବିଭାଗର ସମସ୍ତ ସହକର୍ମୀମାନଙ୍କ ତରଫରୁ ସମସ୍ତଙ୍କୁ ଶୁଭେଚ୍ଛା।



## ରଞ୍ଜନ କୁମାର ମହାନ୍ତି

**ରେଞ୍ଜ ଅଫିସର୍, (ଷ୍ଟୋର ବିଭାଗ)
ନନ୍ଦନକାନନ**

୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀଙ୍କ ତରଫରୁ ଅଭିନନ୍ଦନ। ପାଠକ ପାଠିକାମାନଙ୍କର ମୁଖ୍ୟ ପସନ୍ଦ ପାଲଟିଥିବା ଧରିତ୍ରୀ ସମସ୍ତଙ୍କର ପ୍ରିୟ ହୋଇ ଆଗେଇ ଚାଲୁ। ନିର୍ଭୀକ ଖବର ପ୍ରକାଶ କରି ସମସ୍ତଙ୍କ ପ୍ରିୟଭାଜନ ହେଉ।



## କୁମର ବେହେରା

**ରେଞ୍ଜ ଅଫିସର୍, (ରାଜସ୍ୱ ବିଭାଗ)
ନନ୍ଦନକାନନ**

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଦୁର୍ଗାପୂଜା କମିଟି ତରଫରୁ ସମସ୍ତ ପାଠକପାଠିକାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ନିର୍ଭୀକ ଭାବେ ଖବର ପ୍ରତିପାଦିତ କରୁଥିବା ଓଡ଼ିଶାର ଏକମାତ୍ର ଖବରକାଗଜ ଧରିତ୍ରୀ ଆଗେଇ ଚାଲିଥାଉ, ଜନ୍ମ ବାର୍ଷିକୀରେ ଏତିକି କାମନା।



## ଉମାକାନ୍ତ ହାତୀ (ଟୁଟୁ)

**ସଭାପତି, ଦୁର୍ଗାପୂଜା କମିଟି
ଗଣ୍ଡରପୁର**



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।

-ସେନେକା



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ): ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ନିକିରାଇ ଥାନା ଅଞ୍ଚଳର ସଞ୍ଜୀବ କୁମାର ସାହୁ(୨୭)। ଏହି ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକାଙ୍କୁ ସଞ୍ଜୀବ ପ୍ରେମ ଜାଲରେ ଫସାଇଥିଲେ। ଗତ ଅଗଷ୍ଟ ୩୧ରେ ତାଙ୍କୁ ସାଙ୍ଗରେ ଧରି ଫେରାର ହୋଇଯାଇଥିଲେ। ପରିବାର ଲୋକ ଖୋଜାଖୋଜି ପରେ ଝିଅର ପତ୍ତା ନ ପାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୩୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଗତ ୪ ଦିନ ତଳେ ନାବାଳିକା ଜଣଙ୍କ କୌଶଳ କ୍ରମେ ଘରକୁ ଫେରିଥିଲେ। ମାତ୍ର ଅଭିଯୁକ୍ତ ଗତ ୨୬ ତାରିଖରେ ପୁଣି ଥରେ ନାବାଳିକାଙ୍କୁ ଅପହରଣ କରିନେବାକୁ ଚେଷ୍ଟା କରିଥିଲା। ଏ ନେଇ ପରିବାର ଲୋକ ପୋଲିସକୁ ଜଣାଇବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ସଞ୍ଜୀବ ନାବାଳିକାଙ୍କୁ ନେବାକୁ ଆସିଥିବାବେଳେ ପୋଲିସ ତାଙ୍କୁ କାବୁ କରି ନେଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ପଚରା ଉଚରା କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଥିଲା।

### ଟ୍ରାଫିକ କନଷ୍ଟେବଲଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ): ଡମଣା ଛକରେ କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଲଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ପଦ୍ମକେଶରୀପୁର ଅଞ୍ଚଳର ଦୀପୁ ଦାସ। ଗୁରୁବାର ସାଢେ ୧୦ଟା ବେଳେ ଡମଣା ଛକ ଟ୍ରାଫିକ ପୋଷ୍ଟରେ ଦୀପକ ସ୍ୱାଇଁ କାର୍ଯ୍ୟରତ ଥିଲେ। ଦୀପୁ ବାଇକରେ ଆସୁଥିବା ବେଳେ ଟ୍ରାଫିକ ସିଗନାଲ ନ ମାନିବାରୁ କନଷ୍ଟେବଲ ସ୍ୱାଇଁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ଏକ ପଥରରେ ଅଭିଯୁକ୍ତ ଟ୍ରାଫିକ ପୋଲିସଙ୍କୁ ମାରିବାକୁ ଉଦ୍ୟମ କରିଥିଲେ। ଖବରପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ଆଣିଥିଲେ। ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୭୩/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ନାଟକ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ପ୍ରଥମ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ): ସର୍ବଭାରତୀୟ ରେଲୱେ ନାଟକ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ପ୍ରଥମ ସ୍ଥାନ ଅଧିକାର କରିଛି। ପଶ୍ଚିମବଙ୍ଗର ଖଡ଼ଗପୁରଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ନାଟକ 'ବଡେ ଭାଇ ସାହାବ' ହିନ୍ଦୀ ଭାଷାରେ ଚମତ୍କାର ଭାବେ ପରିବେଷଣ କରି ପୂର୍ବତଟ ରେଳପଥ ଏହି ପୁରସ୍କାର ହାତେଇଛି। ଏହି ଅବସରରେ ପୂର୍ବତଟ ରେଳପଥ ସାଂସ୍କୃତିକ ଦଳର ଅମନ ଶ୍ରୀବାସ୍ତବଙ୍କୁ ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ପୁରସ୍କାର ମଧ୍ୟ ମିଳିଛି।

## ■ ରାଜଧାନୀରେ ଜମି ମାଫିଆଙ୍କ ଗୁଣ୍ଡାରାଜ

# ବନ୍ଧୁକ ଦେଖାଇ ମାଡ଼ମାରି ନେଲେ ଦସ୍ତଖତ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ରାଜଧାନୀରେ ଜମି ମାଫିଆ ଓ ଦଲାଲଙ୍କ ଗୁଣ୍ଡାଗିରି ଦିନକୁ ଦିନ ବଢ଼ି ଚାଲିଛି। ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୋକଙ୍କ ଜମି କବ୍‌ଜା କରୁଛନ୍ତି। ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଜଣେ ଜମି ମାଲିକଙ୍କୁ ଜମି ମାଫିଆମାନେ ଉଠାଇ ନେବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ସାଦା କାଗଜରେ ଦସ୍ତଖତ କରିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରୁ ନ ଥିବାରୁ ସେମାନେ ଧମକ ଦେଉଛନ୍ତି। ଫଳରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଜମି ମାଲିକ ଶିବ ପ୍ରସାଦ ସାମଲ କହିବା ସହ ସୁରକ୍ଷା ଲୋଡ଼ିଛନ୍ତି।

ପୁରୀ ବାଇପାସ୍‌ର ପାଣ୍ଡରା ଅଞ୍ଚଳରେ ଶିବ ପ୍ରସାଦଙ୍କର ଏକ ଜମି ରହିଛି। ଏହା ନିକଟରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜାଗା ରହିଛି। ଉକ୍ତ ବ୍ୟକ୍ତିଙ୍କ ଜମିକୁ ରାସ୍ତା ନ ଥିବାରୁ ଶିବ ପ୍ରସାଦଙ୍କୁ ଜମି ବିକ୍ରି କରିବାକୁ ବାଧ କରୁଛନ୍ତି। କିନ୍ତୁ ଜମି କବ୍‌ଜା ପାଇଁ ସେ କେତେଜଣ ଜମି ମାଫିଅ ଓ ଦଲାଲଙ୍କୁ ଲଗାଇଛନ୍ତି। ସେପ୍ଟେମ୍ବର ୨୨ରେ ଜମି ଦଲାଲମାନେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସର୍ତ୍ତରେ ରାଜି ନ ହେବାରୁ ସେମାନେ ଶିବ ପ୍ରସାଦଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ପିଟି ରକ୍ତାକ୍ତ କରିଦେଇଥିଲେ। ଏହି ସମୟରେ ଏକ ସାଦା କୋର୍ଟ ପେପରରେ ତାଙ୍କର ଦସ୍ତଖତ ନେଇଯାଇଥିଲେ। ଏଥିସହ ନାନା ଧମକ ଦେଇ ଘଟଣା ସଂକ୍ରାନ୍ତରେ କାହାକୁ କହିଲେ ଯାଠାରୁ ଭୟଙ୍କର ପରିସ୍ଥିତି ହେବ ବୋଲି କହି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରି ଘରେ ଛାଡ଼ିଥିଲେ। ଶିବ ସୁସ୍ଥ ହେବାପରେ ସେହିମାସ ୨୬ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧୨/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁନି। ଏ ନେଇ ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ଅଭିଯୋଗକାରୀଙ୍କୁ ପୋଲିସ ସମସ୍ତ ସୁରକ୍ଷା ଦେଉଛି। ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।



ନିଖିଳ ଓଡିଶା ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଗୁରୁବାର ଲୋୟର ପିଏମ୍‌ଜିରେ ମାଣବସା ପାଳି ପ୍ରତିବାଦ ଜଣାଉଛନ୍ତି।

# ମଝି ରାସ୍ତାରେ ମାଣବସାଇ ପ୍ରତିବାଦ କଲେ ସ୍ୱାସ୍ଥ୍ୟକର୍ମୀ

## ■ ୧ରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଚେତାବନୀ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଲୋୟର ପିଏମଜିରେ ଆନ୍ଦୋଳନ ଚଳାଇଥିବା ନିଖିଳ ଓଡିଶା ତାଲିମ ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ (ଏଏନ୍‌ଏମ୍‌) ଗୁରୁବାର ଅଭିନବ ପ୍ରତିବାଦ କରିଥିଲେ। ମାର୍ଗଶୀର ମାସ ଚତୁର୍ଥ ଗୁରୁବାର ହୋଇଥିବାରୁ ସେମାନେ ରାସ୍ତା ଉପରେ ମାଣବସା ଓଷା କରି ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସ୍ୱାସ୍ଥ୍ୟକର୍ମୀମାନେ ୨୦୦୬ରୁ ଧନ୍ଦାମୂଳକ ତାଲିମ ନେଇ ସାରିଛନ୍ତି। ହେଲେ ସରକାରଙ୍କ ଘୋଷଣା ମୁତାବକ ତାଙ୍କ ପାଇଁ ପଦବୀ ବାହାରୁ ନାହିଁ। ଏବେ ରାଜ୍ୟରେ ଏହିଭଳି ୧୭ ହଜାରରୁ ଅଧିକ ତାଲିମପ୍ରାପ୍ତ ମହିଳା ଏଏନ୍‌ଏମ ରହିଛନ୍ତି। ଏମାନେ ସମସ୍ତେ ବେକାର ଥିବାରୁ ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ ନ କଲେ ଆସନ୍ତା ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପୁରୁଣା ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ଭାଙ୍ଗିବ ପ୍ରଶାସନ

ପୁରୁଣା ଭୁବନେଶ୍ୱର,୨୮।୧୧ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ତଥା ମନ୍ଦିର ଆୟ ବୃଦ୍ଧି ନେଇ ପର୍ଯ୍ୟଟନ ବିଭାଗ, ବିଏମସି ଓ ଦେବୋତ୍ତର ବିଭାଗ ମିଳିତ ପ୍ରୟାସରେ ନିର୍ମାଣାଧୀନ ନୂତନ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଆବଣ୍ଟନ ପ୍ରାୟତଃ ଶେଷ ହୋଇଛି। ଗୋଟିଏ ପଟେ ନୂତନ ମାର୍କେଟ କମ୍ପ୍ଲେକ୍ସ ଖୋଲିବାକୁ ଥିବାବେଳେ ପୁରାତନ ମାର୍କେଟ କମ୍ପ୍ଲେକ୍ସର ଦୋକାନ କରିଥିବା ବ୍ୟବସାୟୀଙ୍କୁ ଥଇଥାନ ନ କରି ଶୁକ୍ରବାର ଭାଙ୍ଗିବ ବୋଲି ପ୍ରଶାସନ ପକ୍ଷରୁ ପ୍ରଚାର କରିଛି। ପୁରାତନ ମାର୍କେଟ କମ୍ପ୍ଲେକ୍ସରେ ଶତାଧିକ ଦୋକାନ ଗୃହ ଥିବାବେଳେ ନୂତନ ମାର୍କେଟ କମ୍ପ୍ଲେକ୍ସରେ ମାତ୍ର ୫୮ଟି ଦୋକାନ ଗୃହ ନିର୍ମାଣ ହୋଇଛି। ପୁରାତନ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀଙ୍କ ଛାଡ଼ି ଅନ୍ୟ ଲୋକଙ୍କ ମଧ୍ୟରେ ଦୋକାନ ଗୃହକୁ ଆବଣ୍ଟନ କରାଯାଇଛି। ମାଣବସା ଗୁରୁବାର ନିଜ ଦାନାପାଣି ଯୋଗାଉଥିବା ଦୋକାନ ନିଜ ହାତରେ ଭାଙ୍ଗି ଅସଜଡ଼ା ଆସବାବପତ୍ର ବୋହି ନେଉଥିବା ବ୍ୟବସାୟୀ ପ୍ରଶାନ୍ତ ମୁଦୁଲି କୋହଭରା କଣ୍ଠରେ ତାଙ୍କୁ ପର୍ଯ୍ୟଟନ ବିଭାଗ ଦାଣ୍ଡର ଭିକାରି କରିଦେଲା ବୋଲି କହିଥିଲେ। ଦିନତମାମ ଏହିଭଳି ଦୃଶ୍ୟ ପୁରାତନ ଲିଙ୍ଗରାଜ ମାର୍କେଟରେ ଦେଖିବାକୁ ମିଳିଥିଲା।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଗୁରୁତର

ବାରଙ୍ଗ,୨୮।୧୧(ଡି.ଏନ୍.ଏ.)

ମେଣ୍ଢାଶାଳ ଓପିଟିସିଏଲ ଗ୍ରୀଡ୍‌ଷ୍ଟେଶନରୁ ଛତାବରକୁ ସଂଯୋଗ ହୋଇଥିବା ୧୧କେଭି ବିଦ୍ୟୁତ ତାର ପରିବର୍ତ୍ତନ ବେଳେ କାମ କରୁଥିବା ଜଣେ ଶ୍ରମିକ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ଆହତ ଶ୍ରମିକ କେନ୍ଦୁଝର ଜିଲାର ମଙ୍ଗଳୁ ମୁଣ୍ଡା(୨୫)। ସନ୍ଧ୍ୟା ୫ଟା ସମୟରେ ମଙ୍ଗଳୁ ଖୁଣ୍ଟରେ ଚଢି କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ ଆଘାତରେ ତଳକୁ ଖସିପଡିଥିଲେ। ଖବରପାଇ ଚନ୍ଦକା ଥାନା ପୋଲିସ ଆସି ଆହତଙ୍କୁ ମେଣ୍ଢାଶାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିବାର ଜଣାପଡିଛି।

# ଉତ୍କଳ କନିକା ମଲ୍ ସାମ୍ନାରୁ ଭାଙ୍ଗିବ ବେଆଇନ ନିର୍ମାଣ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

କଳ୍ପନା ମ୍ୟୁଜିୟମ ଛକରୁ ମାଉସୀମା ଛକ ପର୍ଯ୍ୟନ୍ତ ରାସ୍ତା ୪ ଲେନ୍ ବିଶିଷ୍ଟ ହେବ। ଏଥିପାଇଁ ଶୁକ୍ରବାର ଉଚ୍ଛେଦ କରାଯିବ। ତେବେ ବିବାଦୀୟ ହୋଇପଡିଥିବା କଳ୍ପନା ଛକସ୍ଥିତ ଉତ୍କଳ କନିକା ମଲ୍ ସମ୍ମୁଖରେ ଥିବା ବେଆଇନ ନିର୍ମାଣକୁ ମଧ୍ୟ ଭାଙ୍ଗି ଦିଆଯିବ। ଏନେଇ ରାସ୍ତା ଏବଂ ବିଲ୍ଡିଂ (ଆର୍‌ଆଣ୍ଡ୍‌ବି) ବିଭାଗ ଦ୍ୱାରା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଚିଠି କରାଯାଇଛି। ବିଭାଗୀୟ ଇଞ୍ଜିନିୟର ଜଗବନ୍ଧୁ ରାଓଙ୍କ ସୂଚନାନୁସାରେ, ବିଭାଗ ପକ୍ଷରୁ ରାସ୍ତାର ଦୁଇ ପାର୍ଶ୍ୱ ମାପଚୁପ କରାଯାଇଛି। ପାର୍ଶ୍ୱରେ ସରକାରୀ ଜାଗାକୁ ଜବରଦଖଲ କରି ରହିଥିବା ବହୁ ବ୍ୟବସାୟ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ନିର୍ମାଣ ଉଚ୍ଛେଦ ହେବ। ସେହିଭଳି ଉତ୍କଳ କନିକା ମଲ ନିଜ ଜମିଠାରୁ ଅଧିକ ସ୍ଥାନ ଅକ୍ତିଆର କରିଛି। ଏହାକୁ ଏବେ ହଟାଇ ଦିଆଯିବା ସହ ରାସ୍ତା କରିବାକୁ ବିଭାଗ ସ୍ଥିର କରିଛି। ରାସ୍ତା ସମ୍ପ୍ରସାରଣ ପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ଏବେ ଉଚ୍ଛେଦକୁ ଅପେକ୍ଷା କରାଯାଇଥିବା ସେ କହିଛନ୍ତି। ବିଏମ୍‌ସି ଓ ବିଡିଏର ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଏହି ବେଆଇନ ନିର୍ମାଣକୁ ଭାଙ୍ଗିବ। ଏଥିପାଇଁ କମିଶନରେଟ ପୋଲିସ ଫୋର୍ସ ଯୋଗାଇ ଦେବ ବୋଲି ଅଧିକାରୀ ଜଣକ କହିଛନ୍ତି।

## ୨୧ଗ୍ରାମ ବ୍ରାଉନସୁଗାର ଜବତ,୨ଗିରଫ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବ୍ରାଉନସୁଗାର କାରବାର ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଗୁରୁବାର ଦୁଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲିଆସାହି ଜନତାନଗରର ମାଗୁଣି ବେହେରା(୨୮) ଓ ସାମନ୍ତରାପୁର ଅଞ୍ଚଳର ସଞ୍ଜୀବ ସେଠି(୪୦)। ଏମାନଙ୍କ ନିକଟରୁ ୨୧ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ସୂଚନା ଅନୁଯାୟୀ,ଏହି ଦୁଇ ବ୍ୟବସାୟୀ ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ସାଲଆସାହିରେ ବେପାର କରନ୍ତି। ଏ ନେଇ ପୋଲିସ ନିକଟରେ ଖବର ରହିଥିଲା। ବୁଧବାର ରାତି ପ୍ରାୟ ୧୦ଟାରେ ସାଲିଆସାହି ଜଗାବଳିଆ କ୍ଲବ୍ ନିକଟରେ ଉଭୟ ବେପାର କରୁଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିବା ସହ ଉଭୟଙ୍କୁ ଧରିଥିଲା।

# ସଦସ୍ୟତା ଅଭିଯାନର ସମୀକ୍ଷା କଲେ ବିଜେଡି ସଭାପତି



ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦଳର ସଦସ୍ୟତା ସମ୍ପର୍କିତ ସମୀକ୍ଷା କରିଛନ୍ତି। ନବୀନ ନିବାସରେ ହୋଇଥିବା ବୈଠକ ସମ୍ପର୍କରେ ଜଣେ ବିଧାୟକ କହିଛନ୍ତି, ପ୍ରତିଦିନ ତୃଣମୂଳସ୍ତରୀୟ ଲୋକଙ୍କ ସହ ଆହୁରି ଜଡ଼ିତ ହେବା ଲାଗି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଯେପରି ସମସ୍ତଙ୍କ ନିକଟରେ ପହଞ୍ଚିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସଦସ୍ୟତା ଅଭିଯାନରେ ଯୁବବର୍ଗ, ମହିଳା ଏବଂ ବରିଷ୍ଠ ନାଗରିକଙ୍କୁ ଗୁରୁତ୍ୱ ଦିଆଯିବା ନେଇ କୁହାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସଦସ୍ୟତା ଅଭିଯାନର ସ୍ଥିତି କ'ଣ ରହିଛି, ସେ ସମ୍ପର୍କରେ ବିଜେଡି ସଭାପତି ସମୀକ୍ଷା କରିଥିଲେ। ଏଥିରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ, ବିଧାୟିକା ଲତିକା ପ୍ରଧାନ ଏବଂ ଉଷା ଦେବୀ, ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ବିକ୍ରମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟେଶନରୁ ପର୍ସ ପାଇ ଫେରାଇଲେ ହାଉସକିପିଂ ଷ୍ଟାଫ୍

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପର୍ସ ପାଇ ଜଣେ ହାଉସକିପିଂ ଷ୍ଟାଫ୍ ଫେରାଇଛନ୍ତି। ଗତ ରବିବାର ପ୍ଲାଟଫର୍ମ ୧ର ପ୍ରଥମ ଶ୍ରେଣୀ ପ୍ରତୀକ୍ଷାଳୟରୁ ରୋହିତ ନାୟକ ଏହି ପର୍ସଟିକୁ ପାଇଥିଲେ। ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକଙ୍କୁ ଜଣାଇବା ପରେ ସଂପୃକ୍ତ ବ୍ୟକ୍ତି ଅମନ ଆମ୍ରନ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବୁଦ୍ଧିମାନ ଚିତ୍ତରଞ୍ଜନ ପର୍ସରେ ଥିବା ସ୍କୁଲର କାର୍ଡ଼ପାଇ ଏକ ମେଲ୍ କରିଥିଲେ। ପରେ ସ୍କୁଲ ପକ୍ଷରୁ ଛାତ୍ର ଅମନଙ୍କୁ ଷ୍ଟେଶନ ନିର୍ଦ୍ଦେଶକଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଥିଲା। ପରେ ଅମନ ଯୋଗାଯୋଗ କରିଥିଲେ, ଗୁରୁବାର ଅମନଙ୍କ ଜଣେ ସମ୍ପର୍କୀୟ ଯେ କି ପୂର୍ବତଟ ରେଳପଥ ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଏସକେ ସାହୁ, ଚିତ୍ତରଞ୍ଜନଙ୍କ ଉପସ୍ଥିତିରେ ରୋହିତଙ୍କଠାରୁ ପର୍ସ ନେଇଥିଲେ। ପର୍ସରେ ୮୦୦ ଟଙ୍କା ରହିଥିଲା।

# ଓଡ଼ିଶା ବନ୍ୟଜନ୍ତୁଙ୍କ ଉପରେ ଆନ୍ତର୍ଜାତିକ ମାଫିଆଙ୍କ ନଜର

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଓଡ଼ିଶାର ବନ୍ୟଜନ୍ତୁଙ୍କ ଉପରେ ଆନ୍ତର୍ଜାତିକ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ସେମାନେ ଶିକାରୀ ଲଗାଇ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଜୀବଜନ୍ତୁଙ୍କୁ ଶିକାର କରି ଏହାର ଚମଡାଠାରୁ ଆରମ୍ଭ କରି ନଖ ଓ ଦାନ୍ତକୁ ଦେଶ ବାହାରକୁ ପଠାଉଛନ୍ତି। ବିଶେଷକରି ନେପାଳ,ବାଂଲାଦେଶ ଓ ବର୍ମା ଦେଇ ସୁଦୂର ଚାଇନା, ଭିଏତନାମ ଓ ମଧ୍ୟପ୍ରାଚ୍ୟ ରାଜ୍ୟକୁ ଚାଲାଣ କରାଯାଉଛି। ଏହା ଉପରେ କିଭଳି ରୋକ୍ ଲଗାଯିବ ସେନେଇ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଭୁବନେଶ୍ୱରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ଏଥିରେ ଇଡି, କୋଷ୍ଟଗାର୍ଡ, ରାଜ୍ୟ ପୋଲିସର ଏସ୍‌ଟିଏଫ୍, ଆରପିଏଫ୍ ଓ ବନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ରାଜ୍ୟରୁ ବିଲୁପ୍ତ ବନ୍ୟଜନ୍ତୁଙ୍କ ଚୋରା ଚାଲାଣ ର୍ୟାକେଟ ବଢ଼ିଥିବାରୁ ଆଗକୁ ବନ ବିଭାଗର ଗୁଇନ୍ଦା ଶାଖାକୁ କିଭଳି ମଜଭୁତ କରାଯିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଗତ କିଛିବର୍ଷ ଧରି ରାଜ୍ୟ ବିଭିନ୍ନ ସ୍ଥାନରୁ ନିୟମିତ ଭାବେ ବାଘଛାଲ, ନଖ, ଦାନ୍ତ, ହାତୀ ଦାନ୍ତ ଓ ବଜ୍ରକାପ୍ତା କାତି ସହ ଜୀବନ୍ତ ପ୍ରାଣୀ ଜବତର ଏକାଧିକ ଘଟଣା ନଜରକୁ ଆସିଛି। ଅନ୍ୟପଟେ ଚୋରା କାରବାର ସ୍ଥଳପଥ ଛଡ଼ା ଏବେ ଜଳ ଓ ଆକାଶ ପଥରେ ବଢ଼ିଚାଲିଥିବାରୁ ଏ ଦିଗରେ ସମ୍ପୃକ୍ତ ଅଧିକାରୀମାନେ କଡ଼ା ନଜର ରଖିବା ଉପରେ ବୈଠକରେ ଆଲୋଚନା ହୋଇଛି। ଆଗକୁ ହାତୀ,ବାଘ,ବଜ୍ରକାପ୍ତାଙ୍କ ପ୍ରତି ସର୍ବାଧିକ ବିପଦ ରହିଛି। ଏହି ଜୀବଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗ ଅନ୍ତର୍ଜାତୀୟ ବଜାରରେ ଚାହିଦା ରହିଥିବାରୁ ଶିକାରୀମାନେ ଚାଲାଣ କରୁଛନ୍ତି। ବନ୍ୟଜନ୍ତୁ କାରବାର ରୋକିବାକୁ ଗୁଇନ୍ଦା ସୂତ୍ରକୁ ଅଧିକ ମଜଭୁତ କରିବାକୁ ପଡିବ। ଏଣିକି ପୋଲିସ ଏକାଡେମୀରେ ବନ କର୍ମଚାରୀ ଗୁଇନ୍ଦା ପାଠ ପଢିବେ ବୋଲି ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ହରି ଶଙ୍କର ଉପାଧ୍ୟାୟ କହିଛନ୍ତି।


**idco** Your power to grow
ISO 9001 & 14001 Corporation

ODISHA NEW OPPORTUNITIES

No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920



**BERHAMPUR MUNICIPAL CORPORATION**

No. 16835 / **Auction sale notice** Date.27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349



**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
Email-eerwss_rai@nic.in,eerwss.rai@gmail.com

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated at 11.00 AM in the presence of the bidders** |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur



**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ



ଯେଉଁମାନଙ୍କର ସଂକୀର୍ଣ୍ଣ ଭାବ ସେହିମାନେ ହିଁ କେବଳ ଅନ୍ୟମାନଙ୍କ ଧର୍ମକୁ ନିନ୍ଦା କରନ୍ତି ଓ ଆପଣା ଧର୍ମକୁ ଶ୍ରେଷ୍ଠ ବୋଲି କହନ୍ତି। -ରାମକୃଷ୍ଣ ପରମହଂସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ପାରା ସ୍ପୋର୍ଟସ୍ ମିଟ, କଳିଙ୍ଗ ଷ୍ଟାଡିୟମ, ପୂର୍ବାହ୍ଣ ୧୦ଟା ୩୦।
- ଜଳବାୟୁ ପରିବର୍ତ୍ତନ ନେଇ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ଣ ୧୧ଟା।
- ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘର ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ଣ ୧୧ଟା।
- ଓଡ଼ିଶା ଷ୍ଟେଟ ଆସୋସିଏଶନ ଅଫ ଫାଇନାନ୍ସିଆଲ ଇନକ୍ଲୁଶନ ଇନଷ୍ଟିଚ୍ୟୁଶନ ପକ୍ଷରୁ ଏସ୍‌ଏଚଜି ସମ୍ମିଳନୀ, ରେଲୱେ ଅଡିଟୋରିୟମ, ପୂର୍ବାହ୍ଣ ୧୧ଟା ୩୦।
- ମହିଳା ଫୁଟବଲ ବିଶ୍ୱକପ ପାଇଁ ଫିଫା ପ୍ରତିନିଧି ଦଳର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ, ମଧ୍ୟାହ୍ନ ୧୨ଟା ୩୦।
- ଜିଏସ୍‌ଇଏମ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ନୂଆଗାଁ ଛକ, ଅପରାହ୍ଣ ୪ଟା ୩୦।
- ସ୍ପନ୍ଦନ ଷ୍ଟାର ଓଲିଉଡ ଆୱାର୍ଡସ, ସୂଚନା ଭବନ, ଅପରାହ୍ଣ ୫ଟା ୩୦।
- ସିକ୍ସଥ୍ ଷ୍ଟ୍ରିଙ୍ଗ ପକ୍ଷରୁ ମ୍ୟୁଜିକାଲ ଏକ୍ସଟ୍ରାଭାଗାଞ୍ଜା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଶ୍ରୀ ସତ୍ୟସାଇ ବିଦ୍ୟାଳୟ ପକ୍ଷରୁ ମୂର୍ଚ୍ଛନା, ଶହୀଦ ଭବନ, ଅପରାହ୍ଣ ୩ଟା ୩୦।

# ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ନିର୍ଯାତନା

- **ନ୍ୟାୟ ଦେଲାନି ସଦର ଥାନା ପୋଲିସ**
- **ମୋ ସରକାର କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଲେ**

କଟକ ଅଫିସ,୨୮।୧୧

ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟାଶିଳ୍ପୀ ଜ୍ୟୋତ୍ସ୍ନାରାଣୀ ସାହୁ ନିର୍ଯାତନାର ଶିକାର ହୋଇଛନ୍ତି। ଏ ନେଇ ସେ କଟକ ସଦର ଥାନା ଓ ପରେ ଡିଜିପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଳମ୍ବରେ ସଦର ଥାନା ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଫଳରେ ଜ୍ୟୋତ୍ସ୍ନାରାଣୀ ପୋଲିସର କାର୍ଯ୍ୟଧାରା ଓ 'ମୋ ସରକାର' କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଫୁଲନଖରା ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟରେ ଜ୍ୟୋତ୍ସ୍ନାରାଣୀ ନୃତ୍ୟ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ଜ୍ୟୋତ୍ସ୍ନାଙ୍କ ସଫଳତା ଦେଖି ତାଙ୍କର ଜଣେ ସହକର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ତାଙ୍କୁ ବଦ୍‌ନାମ କରିବା ପାଇଁ ସହକର୍ମୀ ଜଣଙ୍କ ବିଦ୍ୟାଳୟର ଉପରିସ୍ଥ ଅଧିକାରୀଙ୍କୁ ବିଭିନ୍ନ କଥା କହିବା ସହ ବିଦ୍ୟାଳୟ ବାହାରେ ମଧ୍ୟ ଅପପ୍ରଚାର କରିଥିଲେ। ଏପରି କି ଜ୍ୟୋତ୍ସ୍ନାରାଣୀଙ୍କୁ ଧକ୍କା ଓ ତଣ୍ଟିଆ ମଧ୍ୟ ମାରିଥିଲେ। ପରେ ଜ୍ୟୋତ୍ସ୍ନାରାଣୀ ଚାକିରି କରୁଥିବା ସ୍କୁଲ କର୍ତ୍ତୃପକ୍ଷଙ୍କୁ କହି ତାଙ୍କୁ ଚାକିରିରୁ ବିଦା କରିଦେଇଥିଲେ। ଏହା ପରେ ଜ୍ୟୋତ୍ସ୍ନାରାଣୀ ୨୦୧୯ ମେ' ୨ ତାରିଖରେ ସଦର ଥାନାରେ ଏକ ଏତଲା ଦେଇଥିଲେ। ମାତ୍ର ପୋଲିସ ତାଙ୍କ ଏତଲାକୁ ଗୁରୁତ୍ୱ ଦେଇ ନ ଥିଲା। ବାରମ୍ବାର ଥାନାକୁ ଦୌଡ଼ିଥିଲେ ମଧ୍ୟ ପୋଲିସ ଆଜିକାଲି କହି ଜ୍ୟୋତ୍ସ୍ନାରାଣୀଙ୍କୁ ଥାନାରୁ ଫେରାଇ ଦେଉଥିଲା। ଇତିମଧ୍ୟରେ ଜୁଲାଇ ୩୧ରେ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରି ଜ୍ୟୋତ୍ସ୍ନାରାଣୀ ମଞ୍ଚରୁ ଫେରୁଥିବାବେଳେ ସମ୍ପୃକ୍ତ ସହକର୍ମୀ ତାଙ୍କୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ଜ୍ୟୋତ୍ସ୍ନାରାଣୀ ପୁଣି ଥରେ ସଦର ଥାନାରେ ଅଭିଯୋଗ କରିଥିଲେ। ହେଲେ ଏଥର ବି ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା। ଏହାପରେ ଜ୍ୟୋତ୍ସ୍ନାରାଣୀ ପୋଲିସ ଉପରୁ ଆସ୍ଥା ହରାଇ ଡିଜିପିଙ୍କୁ ଭେଟିଥିଲେ। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୧୯ରେ ଜ୍ୟୋତ୍ସ୍ନାରାଣୀଙ୍କ ଏତଲା ଉପରେ ସଦର ଥାନାରେ ମାମଲା ରୁଜୁ ହୋଇଥିଲା। ଦଫା ୨୯୪, ୩୨୩, ୩୪୧, ୩୫୪ ଓ ୫୦୯ ଅନୁଯାୟୀ ସହକର୍ମୀଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି ବସି ପଡ଼ିଥିଲା। ସହକର୍ମୀ ଜଣଙ୍କୁ ପୋଲିସ ଗିରଫ ନ କରିବାରୁ ଜ୍ୟୋତ୍ସ୍ନାରାଣୀ ପୁନର୍ବାର ଥାନାକୁ ଯାଇଥିଲେ। ଏହିସବୁ ଦଫାରେ ୭ ବର୍ଷ ଜେଲ୍‌ଦଣ୍ଡ ନ ଥିବାରୁ ଆମେ ଗିରଫ କରିପାରିବୁ ନାହିଁ। ତେଣୁ ତୁମେ କୋର୍ଟର ଆଶ୍ରୟ ନିଅ ବୋଲି ପୋଲିସ ଜ୍ୟୋତ୍ସ୍ନାରାଣୀଙ୍କୁ କହିଥିଲା। ବାରମ୍ବାର ପୋଲିସଠାରୁ ନିରାଶ ହୋଇ ଜ୍ୟୋତ୍ସ୍ନାରାଣୀ ଏବେ ମାନସିକ ଯନ୍ତ୍ରଣାରେ ଦିନ କାଟୁଛନ୍ତି। ଆସନ୍ତା ମାସରେ ଜ୍ୟୋତ୍ସ୍ନାରାଣୀ ଦକ୍ଷିଣ ଆମେରିକାର ଏକ କାର୍ଯ୍ୟକ୍ରମରେ ଯୋଗଦେବାର ଅଛି। ମାତ୍ର ଏଭଳି ମାନସିକ ସ୍ଥିତିରେ ସେ ସେଠାକୁ ନ ଯାଇପାରନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ମାମଲାର ତଦନ୍ତକାରୀ ଅଧିକାରୀ ତଥା ସଦର ଥାନା ସବ୍ ଇନ୍ସପେକ୍ଟର କେ.ସି. ସାହୁଙ୍କୁ ପଚାରିବାରୁ ଏହି ମାମଲାର ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କ ବିରୋଧରେ ଲାଗିଥିବା ଦଫା ଜାମିନଯୋଗ୍ୟ ହୋଇଥିବାରୁ ତାଙ୍କୁ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ 'ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ–ରାଜ୍ୟପାଳ ଟ୍ରଫି ୨୦୧୭–୧୮' ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସୃଜନ, ଶାଶ୍ୱତର ଭୂମି ଉତ୍କଳ: ରାଜ୍ୟପାଳ

**ରାଜ୍ୟପାଳ ଟ୍ରଫି ୨୦୧୭-୧୮**

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଓଡ଼ିଶାରେ ସୃଜନ ଓ ପ୍ରତିଭାର ଅଭାବ ନାହିଁ। ସୃଜନର ପରମ୍ପରା ଏଠାରେ ସମୃଦ୍ଧ। ଏହାର ବିକାଶ ନିମନ୍ତେ ଆବଶ୍ୟକ ଅନୁକୂଳ ପରିବେଶ ଓଡ଼ିଶାରେ ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ 'ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ–ରାଜ୍ୟପାଳ ଟ୍ରଫି ୨୦୧୭–୧୮' ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଏହା କହିଥିଲେ। ପିଲାଙ୍କୁ କଠିନ ପରିଶ୍ରମ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଉତ୍କର୍ଷ କଳାର ରାଜ୍ୟ ଭାବରେ ଉତ୍କଳର ପରିଚୟ ଓ ପ୍ରତିଷ୍ଠା ରହିଆସିଛି। ଉତ୍କଳ ହେଉଛି ସୃଜନ ଓ ଶାଶ୍ୱତର ଉର୍ବର ଭୂମି। ଏହା ଭାବର ଭୂଗୋଳ। ସମଗ୍ର ବ୍ରହ୍ମାଣ୍ଡରେ ଉତ୍କଳ ସହ ସମକକ୍ଷ ଭୂମି ନାହିଁ ବୋଲି ରାଜ୍ୟପାଳ କହିଥିଲେ। ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କୃତୀ ପ୍ରତିଭାଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ବିକାଶ ସମ୍ପର୍କରେ କହିଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ଡ. ବିଜୟ ଜେନା, ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ରାମକୃଷ୍ଣ ସାହୁ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୁରସ୍କୃତ ପ୍ରତିଭାମାନଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡ଼ିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# 'ପ୍ରଥମ ପୃଷ୍ଠାରେ ରହୁ ସକାରାତ୍ମକ ଖବର'

**ସର୍ବସାଧାରଣର ବାର୍ଷିକୋତ୍ସବ**

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଖବରକାଗଜର ବାର୍ତ୍ତା ସାରା ବ୍ରହ୍ମାଣ୍ଡରେ ପ୍ରସାରିତ ହୁଏ। ଖବରକାଗଜର ପ୍ରଥମ ପୃଷ୍ଠାରେ ସକରାତ୍ମକ ଖବର ପ୍ରକାଶିତ ହେବା ଉଚିତ୍। ହତ୍ୟା ଓ ଅପରାଧ ଭଳି ଖବରକୁ ମୁଖ୍ୟ ଖବରଭାବେ ସ୍ଥାନୀତ ନ କରି ଦେଶ ପାଇଁ ଜୀବନ ଦେଉଥିବା ସୈନିକଙ୍କ ଖବରକୁ ପ୍ରକାଶ କରାଯାଉ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଦୈନିକ ଖବରକାଗଜ 'ସର୍ବସାଧାରଣ'ର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଖବରକାଗଜର ପ୍ରଥମ ପୃଷ୍ଠାରେ ସର୍ବସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଖବର ପ୍ରକାଶ କରିବାକୁ କହିଥିଲେ।

ଗୁରୁବାର 'ସର୍ବସାଧାରଣ' କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଥିଲେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମ ହେଉଛି ଚତୁର୍ଥ ସ୍ତମ୍ଭ। ଏଥିରେ କୌଣସି ଲକ୍ଷ୍ମଣରେଖା ନ ଥିଲେ ମଧ୍ୟ ଏହା ସବୁଠାରୁ କଠିନ କାର୍ଯ୍ୟ। ସାମାଜିକ ଅଙ୍ଗୀକାରବଦ୍ଧତା ନେଇ ସାମ୍ବାଦିକମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। 'ସମାଜ'ର ସମ୍ପାଦକ ବାମାପଦ ତ୍ରିପାଠୀ ଯୋଗଦେଇ କହିଥିଲେ ଗଣମାଧ୍ୟମର ସ୍ୱାଧୀନତା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉନାହିଁ। ଚତୁର୍ଥ ସ୍ତମ୍ଭ ବୋଲି ସ୍ପଷ୍ଟ ଭାବେ କିଛି ଉଲ୍ଲେଖ ନାହିଁ। ପାଠକୀୟ ଶ୍ରଦ୍ଧା ଓ ବିଶ୍ୱସନୀୟତାକୁ ଆଧାର କରି ଖବରକାଗଜ ଆଗକୁ ବଢ଼ିଥାଏ ବୋଲି ସେ କହିଥିଲେ। 'ସର୍ବସାଧାରଣ' ସମ୍ପାଦକ ଡ. ହରପ୍ରସାଦ ପରିଛା ପଟ୍ଟନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ଜୟସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ତ୍ତା ସମ୍ପାଦକ କମଳାକାନ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଖୁଣ୍ଟରୁ ଚୋରିବେଳେ ଯୁବକ ଜଳିଗଲେ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଖାରବେଳନଗର ଥାନା ମାଳିକଲୋନୀ ନିକଟରେ ଗୁରୁବାର ଭୋର୍ ସମୟରେ ଜଣେ ଯୁବକ ଚୋରି କରୁଥିବାବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଳିଯାଇଛନ୍ତି। ତାଙ୍କର ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮/୧୯) ରୁଜୁ କରି ତଦନ୍ତ କରୁଛି। ଭୋର୍ ପ୍ରାୟ ୪ଟାରେ ଏହି ଘଟଣା ଘଟିଛି। ସକାଳୁ ଯୁବକ ଜଣକ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ତଳେ ଅଧାପୋଡା ଅବସ୍ଥାରେ ପଡିଥିବା ଦେଖି ଲୋକେ ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଯୁବକ ଜଣକ ଖୁଣ୍ଟକୁ ଚଢି ଲୁହା ରଡ୍ ଚୋରି କରିବା ପାଇଁ ଏକ ନଟ୍ ଖୋଲୁଥିବାବେଳେ ବିଦ୍ୟୁତ୍ ଆଘାତ ଲାଗି ଖସି ପଡିଥିବା ଅନୁମାନ କରାଯାଉଛି।




ଦୈନିକ ଖବରକାଗଜ 'ସର୍ବସାଧାରଣ'ର ବାର୍ଷିକ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

## ନାଁ ପଛର କାହାଣୀ

# ଥୋଡ଼ିଆ ସମ୍ପ୍ରଦାୟଙ୍କ ପାଇଁ ଥୋରିଆ ସାହି

ବାଉନ ବଜାର, ତେପନ ଗଳିର ସହର କଟକ। ଯଦିଓ ଏବେ ବାଉନ ବଦଳରେ ଶହେ ବଜାର, ହଜାରେ ଗଳି ସୃଷ୍ଟି ହେଲାଣି ତଥାପି କଟକ ସହିତ ଏହି ଢଗଟି ଚିରକାଳଧରି ଅମର ରହିବ। ପ୍ରାଚୀନ ଏହି ସହରର ପ୍ରତ୍ୟେକ ଗଳି ଓ କନ୍ଦି ପଛରେ ରହିଛି ଅନେକ କାହାଣୀ। ଏହି କାହାଣୀଗୁଡ଼ିକ ଯେତିକି ରୋଚକ ସେତିକି ଶିକ୍ଷଣୀୟ ମଧ୍ୟ। ରାଜ୍ୟର ପୁରୁଣା ରାଜଧାନୀ କଟକରୁ ସହରୀ ସଭ୍ୟତା ଆରମ୍ଭ ହୋଇଥିବା କୁହାଯାଏ। ତେବେ କଟକର ସାହି, ବସ୍ତି ଓ ବଜାର ସହିତ ଯୋଡି ହୋଇ ରହିଥିବା କାହାଣୀକୁ ଲୋକଲୋଚନକୁ ଆଣିବା ନିମନ୍ତେ 'ଧରିତ୍ରୀ'ର ଏକ ପ୍ରୟାସ। ଧରିତ୍ରୀର ହସ୍ତଗତ ହୋଇଥିବା ପ୍ରାୟ ୨୦୦ ବର୍ଷ ତଳର ଏକ ପ୍ରାଚୀନ ନଥିପତ୍ରକୁ ଆଧାର କରି ଏହି ସ୍ୱତନ୍ତ୍ର ସ୍ତମ୍ଭ ପ୍ରସ୍ତୁତ କରାଯାଇଛି। ତତ୍କାଳୀନ ଚିଫ୍ ସେକ୍ରେଟାରୀ ଅଫ ଗଭର୍ନମେଣ୍ଟ ଜଜ୍ ୱୁଡ୍‌ସ୍‌ୱେଲ ଏସକୋୟାରଙ୍କ ଦ୍ୱାରା ଲିଖିତ ଏହି ନଥିପତ୍ର କଟକ ଉପରେ ଅନେକ ଚମତ୍କାର ତଥ୍ୟ ପ୍ରଦାନ କରୁଛି। ଏହି କ୍ରମରେ କଟକର ଥୋରିଆ ସାହି ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା।



ଥୋରିଆ ସାହି ପୂର୍ବରୁ ଥୋଡ଼ିଆ ସାହି ଭାବେ ପରିଚିତ ଥିଲା। ଥୋଡ଼ିଆ ସମ୍ପ୍ରଦାୟର ଲୋକେ ବଳଦ ପିଠିରେ ପଣ୍ୟଦ୍ରବ୍ୟ ପରିବହନ କରି ସ୍ଥଳପଥରେ ବାଣିଜ୍ୟ କରିବାରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯେଉଁ ବଳଦ ଏହି ପରିବହନ କାର୍ଯ୍ୟରେ ବ୍ୟବହୃତ ହେଉଥିଲେ, ସେମାନଙ୍କୁ ଥୋଡି ବଳଦ ବୋଲି କୁହାଯାଏ। ଦଶହରା ଦିନ ବଳଦକୁ ପୂଜା କରିବାର ପ୍ରଥା ଏବେ ମଧ୍ୟ ଓଡ଼ିଶାର କେତେକ ସ୍ଥାନରେ ରହିଛି। ଥୋଡ଼ିଆମାନେ ବସବାସ କରୁଥିବା କେତେକ ସ୍ଥାନକୁ ସେମାନଙ୍କ ନାମାନୁସାରେ ମଧ୍ୟ ନାମିତ କରାଯାଇଛି। ହେଲେ ପରବର୍ତ୍ତୀ ସମୟରେ ଏହି ନାମକୁ ପରବର୍ତ୍ତନ କରାଯାଇ ଥୋରିଆ ସାହି ଭାବେ ନାମକରଣ କରାଯାଇଥିବା ଉକ୍ତ ନଥିପତ୍ରରେ ଉଲ୍ଲେଖ ରହିଛି। ଏହି ସାହିରେ ଗାନ୍ଧିବାଦୀ ତଥା ସର୍ବୋଦୟ କର୍ମୀଙ୍କ ବାସସ୍ଥଳୀ ଓ ତୀର୍ଥସ୍ଥଳୀ ଭାବେ ପରିଗଣିତ ଗୁଣନିଧି ଭବନ ରହିଛି। ଯେଉଁ ସ୍ଥାନରେ ଏହି ଭବନ ରହିଛି, ତାହା ଗୁଣନିଧି ମହାନ୍ତିଙ୍କ ପୈତୃକ ସମ୍ପତ୍ତି ଥିଲା। ସର୍ବୋଦୟ ଆଶ୍ରମ ନିର୍ମାଣ ପାଇଁ ସେ ସେହି ଜମିକୁ ଦାନ କରିଥିଲେ। ତାଙ୍କ ମୃତ୍ୟୁ ପରେ ଏହି ଆଶ୍ରମକୁ ଗୁଣନିଧି ଭବନ ନାମରେ ସ୍ୱାଧୀନତା ସଂଗ୍ରାମୀ ରମା ଦେବୀ ନାମିତ କରିଥିଲେ।

### କ'ଣ ରହିଛି ଏଠାରେ

ଥୋରିଆ ସାହିରେ ବୀରେନ ମିତ୍ର ମେମୋରିଆଲ ମହିଳା ମହାବିଦ୍ୟାଳୟ, ପୌରପାଳିକା ଉଚ୍ଚ ବିଦ୍ୟାଳୟ ଭଳି ଅନେକ ସରକାରୀ ଶିକ୍ଷାନୁଷ୍ଠାନ ରହିଛି। ସେହିପରି ବେସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ସାହି ମଝିରେ ଗ୍ରାମଦେବତୀ ମା' ଗେହ୍ଲାଦେଈ ପୂଜା ପାଉଥିବାବେଳେ ବଂଶୀଧାରୀ ଆଣ୍ଠୁଆ ଗୋପାଳ ଓ ଦୁର୍ଗା ମଣ୍ଡପ ମଧ୍ୟ ଶୋଭା ପାଇଥାଏ। ସାହି ମୁରବି ପରମ୍ପରା ଥୋରିଆ ସାହିବାସୀଙ୍କୁ ବାନ୍ଧି ରଖିଥିବା କହିଛନ୍ତି ଗ୍ରାମ୍ୟ ମଙ୍ଗଳ କମିଟି ସଭାପତି କୈଳାସ ଚନ୍ଦ୍ର ପାଣିଗ୍ରାହୀ। ଦଶହରା, ଦୋଳ ଆଦି ଥୋରିଆ ସାହିର ମୁଖ୍ୟ ପର୍ବ। ସାହି ଅଧିକାରୀ ସନ୍ତୋଷ କୁମାର ଛାଟୋଇଙ୍କ କହିବା ଅନୁଯାୟୀ, ଶାନ୍ତି, ସଂହତି ଓ ଭାଇଚାରା ଆମ ସାହିର ମୂଳମନ୍ତ୍ର। ସାହି ଭିତରେ କାହା ସହିତ କାହାର ସେମିତି ବାଦବିବାଦ ଉପୁଜେନାହିଁ। ଗୋଟିଏ ସୂତାରେ ଥୋରିଆ ସାହି ବାନ୍ଧି ହୋଇ ରହିଛି।

**ରିପୋର୍ଟ–ଅଶୋକ କୁମାର ବାରିକ, କଟକ**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଜଗନ୍ନାଥ



ରଶ୍ମୀରଞ୍ଜନ



ସଞ୍ଜୟ



ରାକେଶ



ସୋନାଲିସା



ଶାନ୍ତନୁ



ଅମିତ



କୁଣାଲ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.: RDM-LAA-MBJ-0057-2018/38571/R&DM** **Dated: 11 Oct. 2018**

**No.: XXI-81:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ତେଲ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ସାରଙ୍ଗଗଡ଼, ଥାନା: କରଞ୍ଜିଆ, ସଂ.:୧୫, ତହସିଲ– କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨୪.୫୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦେଓ ଜଳସେଚନ ପ୍ରକଳ୍ପର ତେଲ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଦେଓ ଜଳସେଚନ ପ୍ରକଳ୍ପ, କରଞ୍ଜିଆ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀଙ୍କ କାର୍ଯ୍ୟାଳୟ, କରଞ୍ଜିଆ, ମୟୂରଭଞ୍ଜ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କରଞ୍ଜିଆ | ସାରଙ୍ଗଗଡ଼ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧୪୭.୪୭ | ଏ.୨୪.୫୪ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୮ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./– (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

## LAND SCHEDULE FOR PERMANENT ACQUISITION OF LAND FOR RIGHT MAIN DISTRIBUTARY MINOR & SUB-MINOR OF DEO IRRIGATION PROJECT

ମୌଜା: ସାରଙ୍ଗଗଡ଼, ଥାନା ନମ୍ବର:୧୫, ଥାନା: କରଞ୍ଜିଆ, ତହସିଲ: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ

| କ୍ର.ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧. | ୩ | ୧୧୭ | ୧.୮୮ | ୦.୩୫ | ଶାରଦ ଦୁଇ | ଅର୍ଜୁନ ଚାମ୍ପିଆ, ସୁଦର୍ଶନ ଚାମ୍ପିଆ, ପି: ପ୍ରାଣକୃଷ୍ଣ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୨ | ୭ | ୧୪୬<br>୧୫୦<br>୧୫୯<br>୧୫୯/୧୬୮୧<br>୫୭୦/୧୬୮୫ | ୦.୪୦<br>୦.୮୬<br>୦.୩୩<br>୦.୨୭<br>୦.୫୦ | ୦.୨୪<br>୦.୦୪<br>୦.୦୧<br>୦.୨୭<br>୦.୧୦ | ଆଶୁ<br>ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ | ଅଯୋଧ୍ୟା ନାଏକ, ପି: ବନମାଳୀ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩ | ୯ | ୩୩୮ | ୨.୦୦ | ୦.୪୬ | ଆଶୁ | ଅନନ୍ତ ନାଏକ, ସୁନିଆ ନାଏକ, ପି: ଗୋବିନ୍ଦ ନାଏକ, ବଧୁ ନାଏକ, ରାମସିଂ ନାଏକ, ଦୁର୍ଗା ନାଏକ, ପି: ନିରଞ୍ଜନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪ | ୧୨ | ୭୮୦ | ୦.୩୩ | ୦.୦୨ | ଶାରଦ ତିନି | କାର୍ତ୍ତିକ ନାଏକ, ପି: କଳାକର ନାଏକ, କମଳା ନାଏକ, ସ୍ୱା: କଳାକର ନାଏକ, ଜା: ଗଣ୍ଡ, ନିଜଗାଁ | |
| ୫ | ୧୪ | ୧୦୩<br>୧୫୦୩<br>୩୫୮/୧୬୧୬ | ୨.୭୫<br>୦.୩୧<br>୦.୨୨ | ୦.୦୧<br>୦.୦୧<br>୦.୧୨ | ଆଶୁ<br>ଆଶୁ<br>ଆଶୁ | କୁଶ ନାଏକ, ମଧୁସୂଦନ ନାଏକ, ରାମଦାଶ ନାଏକ, ପାଇକରାଏ ନାଏକ, ପି: ଭାଗୀରଥି ନାଏକ, ସମବାରି ନାଏକ, ସ୍ୱା: ଭାଗୀରଥି ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୬ | ୧୬ | ୧୪୯<br>୧୫୨<br>୧୬୧<br>୩୨୫/୧୬୮୦<br>୫୭୦/୧୬୮୪ | ୦.୭୦<br>୦.୧୦<br>୦.୪୨<br>୦.୬୦<br>୦.୮୩ | ୦.୦୬<br>୦.୦୬<br>୦.୦୧<br>୦.୫୬<br>୦.୧୦ | ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | କୃପାସିନ୍ଧୁ ନାଏକ, ପି: ସାନରଘୁ ନାଏକ, ଅର୍ଜୁନ ନାଏକ, ସୁଦର୍ଶନ ନାଏକ, ପି: କୃଷ୍ଣ ନାଏକ, ଜା: କୋହହ୍ଲ, ବା: ନିଜଗାଁ | |
| ୭ | ୧୮ | ୨୭୭<br>୨୮୮ | ୦.୮୩<br>୦.୫୨ | ୦.୦୧<br>୦.୧୦ | ଆଶୁ<br>ଆଶୁ | କୃପାସିନ୍ଧୁ ନାଏକ, ନରେନ୍ଦ୍ର ନାଏକ, ଧନେଶ୍ୱର ନାଏକ, ଉଦ୍ଧବ ନାଏକ, ପି: ମଧୁ ନାଏକ, ଭାଗୀରଥି ଗଣେଶ୍ୱର ନାଏକ, ଶଙ୍କର ନାଏକ, ଶିରିସ ନାଏକ, ପି: ଯୋଗେନ୍ଦ୍ର ନାଏକ, କାଇରୀ ନାଏକ, ସ୍ୱା: ଯୋଗେନ୍ଦ୍ର ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୮ | ୨୨ | ୮୨୪<br>୮୪୨<br>୯୦୧<br>୯୧୧<br>୯୧୧/୧୬୪୦ | ୧.୦୫<br>୬.୦୬<br>୦.୦୬<br>୦.୯୫<br>୦.୭୦ | ୦.୧୮<br>୦.୫୪<br>୦.୦୪<br>୦.୦୧<br>୦.୩୩ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | କ୍ଷେତ୍ର ନାଏକ, ସୁଦର୍ଶନ ନାଏକ, ଗୋପାଲ ନାଏକ, ନରସିଂ ନାଏକ, ପି: କାଇରା ନାଏକ, ଶିବ ନାଏକ, ପି: ମୋଟାଏ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୯ | ୨୬ | ୭୯୭<br>୮୦୨<br>୮୩୪<br>୯୦୦<br>୧୨୯୨ | ୦.୩୭<br>୦.୫୩<br>୦.୯୦<br>୧.୬୫<br>୦.୯୩ | ୦.୧୫<br>୦.୦୨<br>୦.୧୮<br>୦.୩୨<br>୦.୧୮ | ଶାରଦ ଦୁଇ<br>ଶାରଦ ଦୁଇ<br>ଆଶୁ<br>ଆଶୁ<br>ଆଶୁ | ଗାନେ ନାଏକ, ବୁଧିରାମ ନାଏକ, ପି: ପର୍ଶୁରାମ ନାଏକ, ବୁଧୁନୀ ନାଏକ, ସ୍ୱା: ପର୍ଶୁରାମ ନାଏକ, ଚନ୍ଦ୍ରମୋହନ ନାଏକ, ରତ୍ନା ନାଏକ, ପି: ରଇବନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୦ | ୨୯ | ୫୯୧ | ୦.୮୩ | ୦.୦୬ | ଆଶୁ | ଗୁରୁଚରଣ ନାଏକ, ଦଶରଥ ନାଏକ, ପି: ସାଧୁ ନାଏକ, ବରଶୁ ନାଏକ, ପ୍ରତାପ ନାଏକ, ଦାସ ନାଏକ, କଇଥ ନାଏକ, ସ୍ୱା: ଦାସ ନାଏକ, ଗୌତମ ନାଏକ, ପି: ରଘୁ ନାଏକ, ବାସ ନାଏକ, ସ୍ୱା: ରଘୁ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୧୧ | ୩୦ | ୨୮୦ | ୧.୦୯ | ୦.୨୬ | ଆଶୁ | ଗୋପୀ ନାଏକ, ବେରଗା ନାଏକ, ପି: ଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୨ | ୩୧ | ୯୦୩<br>୭୩୪ | ୦.୩୩<br>୩.୨୦ | ୦.୦୧<br>୦.୫୦ | ଆଶୁ | ଗୋବର୍ଦ୍ଧନ ନାଏକ, ରାମ ନାଏକ, ମଧୁ ନାଏକ, ମଟେଇ ନାଏକ, ବାଉରୀ ନାଏକ, ପାଣ୍ଡବ ନାଏକ, ପି: ଯୁମାଲ ନାଏକ, ଚମାରୁ ନାଏକ, ସ୍ୱା: ଯୁମାଲ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୩ | ୩୪ | ୧୬୬ | ୦.୬୦ | ୦.୦୮ | ଶାରଦ ଦୁଇ | ସାନଘନ ହୋ, ପି: ସନାତନ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୧୪ | ୩୬ | ୧୪୮<br>୩୨୫<br>୫୭୦ | ୦.୮୧<br>୦.୮୦<br>୦.୯୨ | ୦.୧୧<br>୦.୦୨<br>୦.୧୩ | ଶାରଦ ଦୁଇ<br>ଆଶୁ<br>ଆଶୁ | ଘନଶ୍ୟାମ ନାଏକ, ପି: ସନାତନ ନାଏକ, ଡମ୍ବରୁଧର ନାଏକ, ପି: ସନାତନ ନାଏକ, ନାରାୟଣ ନାଏକ, ପି: ସନାତନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୫ | ୩୮ | ୧୬୦୬/୧୬୪୪<br>୧୫୪୮ | ୧.୯୮<br>୨.୦୦ | ୦.୦୨<br>୦.୩୦ | ଆଶୁ<br>ଆଶୁ | ଘାସିଆ କୋହ୍ଲ, ସୁନିଆ କୋହ୍ଲ, ଯବା କୋହ୍ଲ, ପି: ସମରା କୋହ୍ଲ, ନେତ କୋହ୍ଲ, ସ୍ୱା: ସମରା କୋହ୍ଲ, ଚନ୍ଦ୍ର କୋହ୍ଲ, ସାଧୁ କୋହ୍ଲ, ବିଶ୍ୱନାଥ କୋହ୍ଲ, ଚରଣ କୋହ୍ଲ, ପି: ଫୁତକାର କୋହ୍ଲ, ସୁନାଏ କୋହ୍ଲ, ସ୍ୱା: ଫୁତକାର କୋହ୍ଲ, ଗୋବିନ୍ଦ କୋହ୍ଲ, ବୁଦୁ କୋହ୍ଲ, ଗୁଲାମ କୋହ୍ଲ, ପି: ଦିନା କୋହ୍ଲ, ପେରୁ କୋହ୍ଲ, ସ୍ୱା: ଦିନା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୧୬ | ୪୨ | ୧୫୪୯<br>୧୫୫୦ | ୧.୮୯<br>୧.୦୫ | ୦.୩୩<br>୦.୧୮ | ଆଶୁ<br>ଘରବାରୀ (ବାରି) | ଚନ୍ଦ୍ରମୋହନ ନାଏକ, ସାଧୁରାମ ନାଏକ, ବିଶ୍ୱନାଥ ନାଏକ, ଚରଣ ନାଏକ, ପି: ଫୁତକାର ନାଏକ, ସୁନେଇ ନାଏକ, ସ୍ୱା: ଫୁତକାର ନାଏକ, ଜା: କୋହ୍ଲ, ବା: କେରକେରା | |
| ୧୭ | ୪୩ | ୩୬୧<br>୩୬୨<br>୫୭୨ | ୦.୮୯<br>୧.୦୬<br>୬.୯୪ | ୦.୧୦<br>୦.୧୨<br>୦.୬୪ | ଆଶୁ<br>ଆଶୁ<br>ଆଶୁ | ଜଗନ୍ନାଥ ନାଏକ, ପି: କୃଷ୍ଣ ନାଏକ, ସୁନିକା ନାଏକ, ସ୍ୱା: କୃଷ୍ଣ ନାଏକ, ଜଗ ନାଏକ, କାମେଶ୍ୱର ନାଏକ, ପି: ରଘୁମଣି ନାଏକ, ବୈକୁଣ୍ଠ ନାଏକ, ପି: ରାଜ ନାଏକ, ଲକ୍ଷ୍ମୀଧର ନାଏକ, ରସିକରାଏ ନାଏକ, ପି: ସୁରେନ୍ଦ୍ର ନାଏକ, ଗାଙ୍ଗୀ ନାଏକ, ସ୍ୱା: ସୁରେନ୍ଦ୍ର ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୧୮ | ୪୯ | ୫୮୮<br>୭୭୭ | ୦.୨୧<br>୦.୨୩ | ୦.୦୩<br>୦.୧୩ | ଆଶୁ<br>ଘରବାରି (ବାରି) | ଜଳଧର ସରେନ, ହରି ସରେନ, ଶିବ ସରେନ, ପି: ମକୁର ସରେନ, ଜା: କୋହ୍ଲ, ବା: ନିଜଗାଁ | |
| ୧୯ | ୫୧ | ୨୮୩<br>୮୦୧ | ୧.୬୮<br>୦.୨୯ | ୦.୨୭<br>୦.୦୯ | ଆଶୁ<br>ଶାରଦ ଦୁଇ | ଜାମୀରା ନାଏକ, ରାମଚନ୍ଦ୍ର ନାଏକ, ପି: ତୁଙ୍ଗା ନାଏକ, ଶନିବାରୀ ନାଏକ, ସ୍ୱା: ତୁଙ୍ଗା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୦ | ୫୩ | ୨୮୭<br>୭୭୩<br>୭୪୮ | ୨.୪୮<br>୦.୮୫<br>୧.୯୫ | ୦.୫୦<br>୦.୨୫<br>୦.୦୧ | ଆଶୁ<br>ଘରବାରି (ବାରି)<br>ଆଶୁ | ଜାମିରା ନାଏକ, ପି: ରେକଣ୍ଡା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୧ | ୫୪ | ୮୮୧ | ୩.୪୦ | ୦.୯୪ | ଆଶୁ | ଝୁଙ୍ଗା ନାଏକ, ପି: ଲାଡୁ ନାଏକ, ଚକ୍ର ନାଏକ, ପି: ଚରଣ ନାଏକ, ଚାମରା ନାଏକ, ପି: ଘନ ନାଏକ, ସୁନିଆ ନାଏକ, ପି: ବାଡାଏ ନାଏକ, ଗୁରୁବାରୀ ନାଏକ, ସ୍ୱା: ଘନ ନାଏକ, ଜାନି ନାଏକ, ସ୍ୱା: ବାଡାଏ ନାଏକ, ଜା: କୋହ୍ଲ, ବା: ସିଙ୍ଗଡା | |
| ୨୨ | ୫୯ | ୫୭୫<br>୮୧୮<br>୮୧୯<br>୫୭୪ | ୧.୦୩<br>୦.୯୦<br>୧.୦୫<br>୧.୦୪ | ୦.୨୮<br>୦.୦୧<br>୦.୪୫<br>୦.୦୫ | ଆଶୁ<br>ଶାରଦ ଦୁଇ<br>ଆଶୁ<br>ଆଶୁ | ଡବର ନାଏକ, ସୁରେଶ ନାଏକ, ପି: କାର୍ତ୍ତିକ ନାଏକ, ବିଦ୍ୟାଧର ନାଏକ, ଚନ୍ଦ୍ରମୋହନ ନାଏକ, ଲେମ୍ବୁଧର ନାଏକ, ପି: ଦୁର୍ଗା ନାଏକ, ଶ୍ରୀମତୀ ନାଏକ, ସ୍ୱା: ଦୁର୍ଗା ନାଏକ, କହ୍ନେଇଁ ନାଏକ, ପି: ଜଳଧର ନାଏକ, ବାନ୍ଦ୍ର ନାଏକ, ପି: ଗୁଣ୍ଡା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୩ | ୬୦ | ୧୫୫୭ | ୦.୨୮ | ୦.୦୯ | ଆଶୁ | ଡାକୁଆ ନାଏକ, ଗଙ୍ଗା ନାଏକ, ଶଙ୍କରା ନାଏକ, ମାନସିଂ ନାଏକ, ରାଉତ ନାଏକ, ବୃଷଭ ନାଏକ, ପି:ରୟା ନାଏକ, ସମ୍ବାରୀ ନାଏକ, ସ୍ୱା: ରୟା ନାଏକ, ଚାଉଠା ନାଏକ, ବୁଦ୍ଧାନ ନାଏକ, ଶୁକ୍ରା ନାଏକ, ପି: ତୁଙ୍ଗୁ ନାଏକ, ରାମ ନାଏକ, ପି: ମର୍ଦ ନାଏକ, ଡାବ ନାଏକ, ପି: ରତନ ନାଏକ, ଜତନୀ ନାଏକ, ସ୍ୱା: ରତନ ନାଏକ, ଦଣ୍ଡି ନାଏକ, ରେଟା ନାଏକ, ଗୁଣ୍ଡା ନାଏକ, ସୁନିଆ ନାଏକ, ପି: ରତ୍ନା ନାଏକ, କାଏରୀ ନାଏକ, ସ୍ୱା: ରତ୍ନା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୪ | ୬୯ | ୫୭୧<br>୩୫୬/୧୭୧୯ | ୩.୫୧<br>୦.୪୫ | ୦.୫୪<br>୦.୩୦ | ଆଶୁ<br>ଆଶୁ | ଧରଣୀଧର ନାଏକ, ରଘୁନାଥ ନାଏକ, ପି: ଆରତ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୫ | ୭୪ | ୧୦୯<br>୩୫୬/୧୭୧୮ | ୧.୩୦<br>୦.୩୦ | ୦.୧୮<br>୦.୧୫ | ଆଶୁ<br>ଆଶୁ | ପରମାନନ୍ଦ ଚାମ୍ପିଆ, ପର୍ଶୁରାମ ଚାମ୍ପିଆ, ପି: କୃପାସିନ୍ଧୁ ଚାମ୍ପିଆ, ମାଣିକ ଚାମ୍ପିଆ, ସ୍ୱା: କୃପାସିନ୍ଧୁ ଚାମ୍ପିଆ, ଭାଗିରଥି ଚାମ୍ପିଆ, ଗଣେଶ୍ୱର ଚାମ୍ପିଆ, ଶଙ୍କର ଚାମ୍ପିଆ, ଶିରିଶି ଚାମ୍ପିଆ, ପି: ଯୋଗେନ୍ଦ୍ର ଚାମ୍ପିଆ, ଖଇରୀ ଚାମ୍ପିଆ, ସ୍ୱା: ଯୋଗେନ୍ଦ୍ର ଚାମ୍ପିଆ, ନରେନ୍ଦ୍ର ଚାମ୍ପିଆ, ଧନେଶ୍ୱର ଚାମ୍ପିଆ, ଉଦ୍ଧବ ଚାମ୍ପିଆ, ପି: ମଧୁ ଚାମ୍ପିଆ, ଶୁକ୍ରା ଚାମ୍ପିଆ, ପି: ଗୋବର୍ଦ୍ଧନ ଚାମ୍ପିଆ, ଜା: କୋହ୍ଲ, ବା: ନିଜଗାଁ | |
| ୨୬ | ୭୫ | ୮୭୮ | ୦.୨୭ | ୦.୦୧ | ଘରବାରି (ବାରି) | ପାଣ୍ଡୁ ମହାକୁଡ଼, ପି: ଇନ୍ଦ୍ର ମହାକୁଡ଼, ଜା: ଗୋପାଲ, ବା: ନିଜଗାଁ | |
| ୨୭ | ୭୭ | ୭୨୬<br>୭୨୭ | ୦.୩୮<br>୦.୨୭ | ୦.୦୨<br>୦.୧୦ | ଆଶୁ<br>ଆଶୁ | ପାଣ୍ଡୁ ନାଏକ, ରତ୍ନାକର ନାଏକ, ପି: ଡମ୍ବରୁଧର ନାଏକ, ବନମାଳୀ ନାଏକ, ପି: ଶତ୍ରୁଘନ ନାଏକ, ପୁଦନା ନାଏକ, ସ୍ୱା: ଶତ୍ରୁଘନ ନାଏକ, ନିଳାମ୍ବର ନାଏକ, ପି: ଅର୍ଜୁନ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୨୮ | ୮୦ | ୬୪୬<br>୬୪୭ | ୧.୦୩<br>୧.୫୫ | ୦.୦୬<br>୦.୧୨ | ଶାରଦ ଦୁଇ<br>ଆଶୁ | ପାଣ୍ଡୁ ନାଏକ, ମୋଚିରଏ ନାଏକ, ସଙ୍ଗାଡ ନାଏକ, ମସ ନାଏକ, କାଣ୍ଡେ ନାଏକ, ପି: ଟାଙ୍କୁ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୨୯ | ୮୩ | ୧୫୫୧<br>୧୫୫୨ | ୦.୧୧<br>୦.୮୮ | ୦.୦୩<br>୦.୦୯ | ଘରବାରି<br>ଆଶୁ | ବଦଙ୍ଗ ଚାତର, ପି: ଗୋରା ଚାତର, ଭାଇଗ ଚାତର, ରାଉତ ଚାତର, ଜଙ୍ଗରାଇ ଚାତର, ପି: ରାମ ଚାତର, ଚକ୍ର ଚାତର, ପି: ଉପେନ୍ଦ୍ର ଚାତର, ଭୂଣ୍ଡୀ ଚାତର, ସ୍ୱା: ଉପେନ୍ଦ୍ର ଚାତର, ଜା: କୋହ୍ଲ, ବା: ନିଜଗାଁ | |
| ୩୦ | ୮୮ | ୧୨୧୨<br>୧୪୯୪<br>୧୫୦୦<br>୧୫୦୧<br>୧୫୦୪ | ୦.୭୮<br>୦.୩୩<br>୦.୫୦<br>୦.୭୫<br>୦.୧୦ | ୦.୩୦<br>୦.୧୪<br>୦.୧୪<br>୦.୧୪<br>୦.୦୨ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ | ବାଲି କୋହ୍ଲ, ରଥ କୋହ୍ଲ, ପି: ଭିକ କୋହ୍ଲ, ଦୁମୀ କୋହ୍ଲ, ନରେନ୍ଦ୍ର କୋହ୍ଲ, ପି: ଧନତ୍ରୀ କୋହ୍ଲ, ନିରାଶ କୋହ୍ଲ, ସ୍ୱା: ଧନତ୍ରୀ କୋହ୍ଲ, ସୁନିଆ କୋହ୍ଲ, ପାଧାନ କୋହ୍ଲ, ଶୀର କୋହ୍ଲ, ପି: ଚୁଆ କୋହ୍ଲ, ଚିଲଗି କୋହ୍ଲ, ସ୍ୱା: ଚୁଆ, କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୩୧ | ୯୦ | ୭୯୩<br>୭୯୪ | ୦.୨୬<br>୦.୫୦ | ୦.୧୨<br>୦.୧୪ | ଶାରଦ ତିନି<br>ଶାରଦ ଦୁଇ | ବାସୁ ନାଏକ, ଭରତ ନାଏକ, ବୃନ୍ଦାବନ ନାଏକ, ସୁନାରାମ ନାଏକ, ଫୁଲମଣି ନାଏକ, ଗୁରୁବାରୀ ନାଏକ, ବିମଳା ନାଏକ, ପି: ଗଦାଏ ନାଏକ, ସୁରୁ ନାଏକ, ସ୍ୱା: ଗଦାଏ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୨ | ୯୩ | ୧୧୯୯ | ୧.୩୩ | ୦.୧୯ | ଆଶୁ | ବୁଦ୍ଧିରାମ ନାଏକ, ପି: ସାନରଥ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୩ | ୯୬ | ୭୩୯ | ୧.୧୩ | ୦.୦୩ | ଆଶୁ | ଭକ୍ତ ମହାରଣା, ରାଜେନ୍ଦ୍ର ମହାରଣା, ଚଇବନ ମହାରଣା, ଶୁକଦେବ ମହାରଣା, ପି: ଗୋବର୍ଦ୍ଧନ ମହାରଣା, କାଞ୍ଚନ ମହାରଣା, ସ୍ୱା: ଗୋବର୍ଦ୍ଧନ ମହାରଣା, ଜା: କମାର, ବା: ନିଜଗାଁ | |
| ୩୪ | ୯୯ | ୧୦୭<br>୧୦୮<br>୧୧୧<br>୩୫୬<br>୩୫୮ | ୧.୧୯<br>୦.୧୨<br>୧.୯୭<br>୦.୨୬<br>୦.୩୦ | ୦.୦୬<br>୦.୦୭<br>୦.୦୬<br>୦.୧୨<br>୦.୦୭ | ଆଶୁ<br>ଆଶୁ<br>ଶାରଦ ଦୁଇ<br>ଶାରଦ ଦୁଇ<br>ଶାରଦ ଦୁଇ | ଭୀମ ସିଂ ନାଏକ, ନକୁଲ ନାଏକ, ପି: ବିଦ୍ୟାଧର ନାଏକ, କେଶବ ନାଏକ, ରଶିକ ନାଏକ, ପି: ଅର୍ଜୁନ ନାଏକ, ବୁଦ୍ଧୁନୀ ନାଏକ, ସ୍ୱା: ଅର୍ଜୁନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୫ | ୧୦୦ | ୧୨୯୭<br>୧୨୯୮<br>୧୩୪୮ | ୨.୧୨<br>୦.୧୬<br>୦.୬୨ | ୦.୨୧<br>୦.୦୧<br>୦.୦୬ | ଆଶୁ<br>ଶାରଦ ଦୁଇ<br>ଘରବାରି (ବାରି) | ମଙ୍ଗଲ ନାଏକ, ବୃନ୍ଦାବନ ନାଏକ, ଚରଣ ନାଏକ, ପି: ଅଇବନ ନାଏକ, ରାଧିକା ନାଏକ, ସ୍ୱା: ଅଇବନ ନାଏକ, ଦଶରଥ ନାଏକ, ପି: ଚରଣ ନାଏକ, ଘନଶ୍ୟାମ ନାଏକ, ଶିରମଣୀ ନାଏକ, ପି: ସାଧୁ ନାଏକ, ଡୁମୁରୁ ନାଏକ, ସ୍ୱା: ସାଧୁ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୬ | ୧୦୨ | ୭୯୧<br>୭୯୨<br>୫୬୮<br>୬୧୨ | ୨.୫୩<br>୦.୦୮<br>୩.୪୪<br>୪.୨୧ | ୦.୬୬<br>୦.୦୧<br>୦.୦୮<br>୦.୩୫ | ଶାରଦ ଦୁଇ<br>ଶାରଦ ଦୁଇ<br>ଆଶୁ<br>ଆଶୁ | ମଧୁସୂଦନ ନାଏକ, ଜଗନ୍ନାଥ ନାଏକ, ଶିବ ନାଏକ, ପି: ଜାମିରା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୭ | ୧୦୩ | ୭୯୫<br>୭୯୬<br>୮୩୩ | ୦.୧୮<br>୦.୧୮<br>୧.୦୫ | ୦.୦୩<br>୦.୦୮<br>୦.୧୮ | ଶାରଦ ଦୁଇ<br>ଶାରଦ ତିନି<br>ଆଶୁ | ମଧୁସୂଦନ ନାଏକ, ମଙ୍ଗଲ ସିଂହ ନାଏକ, ପି: ରାମ ନାଏକ, ଶିଶୁ ଚରଣ ନାଏକ, ଗୋପାଲ ନାଏକ, ରଣିଆ ନାଏକ, ଲକ୍ଷ୍ମଣ ନାଏକ, ରାମ ଚନ୍ଦ୍ର ନାଏକ, ପି: ନନ୍ଦ ନାଏକ, ସୁମିତ୍ରା ନାଏକ, ପି: ନନ୍ଦ, ସୁମିତ୍ରା ନାଏକ, ସ୍ୱା: ନନ୍ଦ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୩୮ | ୧୦୬ | ୭୭୨ | ୦.୫୫ | ୦.୦୨ | ଶାରଦ ତିନି | ମହେଶ୍ୱର ନାଏକ, ପି: ପଦୁ ନାଏକ, ଜା: ଗଣ୍ଡ, ବା: ନିଜଗାଁ | |
| ୩୯ | ୧୦୮ | ୮୨୨<br>୮୨୩<br>୮୩୧<br>୮୩୬<br>୮୩୮<br>୮୩୯<br>୮୪୦ | ୦.୬୪<br>୦.୬୬<br>୦.୭୦<br>୦.୯୯<br>୦.୫୨<br>୦.୯୮<br>୦.୪୨ | ୦.୦୯<br>୦.୦୯<br>୦.୧୫<br>୦.୨୫<br>୦.୧୦<br>୦.୦୭<br>୦.୦୧ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଘରବାରି (ବାରି)<br>ଆଶୁ<br>ଘରବାରି (ବାରି) | ମାଟାରାମ ନାଏକ, ରସିକ ରାୟ ନାଏକ, ପି: ନଣିଧର ନାଏକ, ଭାରିମା ନାଏକ, ସ୍ୱା: ନଣିଧର ନାଏକ, ଡେବରା ନାଏକ, ପି: ମୋଟାଇ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୦ | ୧୦୯ | ୧୩୩୪<br>୧୩୩୭<br>୧୩୩୮<br>୧୩୪୯<br>୧୩୫୦<br>୧୩୫୧<br>୧୩୬୪<br>୧୩୬୫ | ୦.୯୨<br>୦.୩୭<br>୦.୬୮<br>୧.୫୮<br>୧.୬୫<br>୦.୫୮<br>୨.୭୮<br>୨.୬୨ | ୦.୨୮<br>୦.୦୭<br>୦.୧୨<br>୦.୪୯<br>୦.୩୮<br>୦.୨୨<br>୦.୫୨<br>୦.୬୦ | ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଆଶୁ<br>ଘରବାରି (ବାରି)<br>ଆଶୁ<br>ଆଶୁ | ମାଧିଆ ନାଏକ, ନରସିଂ ନାଏକ, ପି: ମୋଟାଇ ନାଏକ, ଦେବେନ ନାଏକ, ରାମାଇ ନାଏକ, ପି: ଦର୍ଶନା ନାଏକ, ରୟା ନାଏକ, ପି: ଶ୍ରୀଧର ନାଏକ, ନିରାସ ନାଏକ, ସ୍ୱା: ଶ୍ରୀଧର ନାଏକ, ନବନା ନାଏକ, ପି: ରୟା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୧ | ୧୧୦ | ୧୧୭୮/୧୬୪୨<br>୩୨୯<br>୩୩୦ | ୦.୮୫<br>୦.୩୦<br>୦.୮୬ | ୦.୨୦<br>୦.୧୧<br>୦.୧୪ | ଆଶୁ<br>ଆଶୁ<br>ଆଶୁ | ମାନୀ ନାଏକ, ପି: ବୃଷଭ ନାଏକ, ଶୁକ୍ରାମ ନାଏକ, ପି: ଶିରମଣୀ ନାଏକ, ପଞ୍ଚୁ ନାଏକ, ପାଣ୍ଡବ ନାଏକ, ପି: ଗୋବିନ୍ଦ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୨ | ୧୧୪ | ୧୨୦୪ | ୧.୪୦ | ୦.୩୦ | ଆଶୁ | ରଘୁ ନାଏକ, ଚିନ୍ତାମଣି ନାଏକ, ପାଇକରାୟ ନାଏକ, ପି: ମଦନ ନାଏକ, ଚମାନ ନାଏକ, ସ୍ୱା: ମଦନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୩ | ୧୧୫ | ୧୪୯୮ | ୧.୫୦ | ୦.୦୬ | ଆଶୁ | ରଥ ହୋ, ପି: ବଡ଼ ଚଣ୍ଡେଇ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୪୪ | ୧୧୬ | ୧୪୯୬ | ୧.୭୫ | ୦.୦୧ | ଆଶୁ | ରତ୍ନାକର ହୋ, ପି: ବନମାଳୀ ହୋ, ଜା: କୋହ୍ଲ, ବା: ନିଜଗାଁ | |
| ୪୫ | ୧୧୭ | ୧୨୦୨<br>୧୨୮୧ | ୦.୯୧<br>୦.୧୮ | ୦.୨୮<br>୦.୦୧ | ଆଶୁ<br>ଶାରଦ ଦୁଇ | ରତ୍ନାକର ନାଏକ, ବିଦ୍ୟାଧର ନାଏକ, ଚନ୍ଦ୍ରମୋହନ ନାଏକ, ପି: ସାନଚଣ୍ଡେଲ ନାଏକ, ଚଣ୍ଡେଲ ନାଏକ, ପି: ଖଇରା ନାଏକ, ସସ୍ୱାରୀ ନାଏକ, ପି: ମଗୁଶୁରିଆ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୬ | ୧୨୬ | ୭୯୮<br>୮୩୨<br>୧୨୯୧ | ୧.୫୩<br>୦.୯୨<br>୦.୮୮ | ୦.୩୧<br>୦.୨୭<br>୦.୨୪ | ଶାରଦ ଦୁଇ<br>ଆଶୁ<br>ଆଶୁ | ରାମା ନାଏକ, ପି: ସାନ ଦର୍ଶନ ନାଏକ, ନୁନା ନାଏକ, ସ୍ୱା: ସାନ ଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୭ | ୧୨୭ | ୨୯୩<br>୭୮୧<br>୮୦୦ | ୧.୬୩<br>୦.୬୧<br>୦.୨୭ | ୦.୨୭<br>୦.୩୪<br>୦.୧୧ | ଆଶୁ<br>ଶାରଦ ତିନି<br>ଶାରଦ ଦୁଇ | ଲକ୍ଷ୍ମଣ ନାଏକ, ପତର କାଏମ ନାଏକ, ପି: ରତ୍ନା ନାଏକ, ଘନଶ୍ୟାମ ନାଏକ, ପି: ପତର କାଏମ ନାଏକ, ବେଲ ନାଏକ, ସ୍ୱା: ପତର କାଏମ ନାଏକ, ଭରତ ନାଏକ, ପି: ମଗୁଶୁରିଆ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୮ | ୧୨୮ | ୫୯୦<br>୭୬୭<br>୭୬୮<br>୭୫୦ | ୩.୧୩<br>୧.୩୭<br>୦.୧୦<br>୦.୨୫ | ୦.୮୪<br>୦.୦୮<br>୦.୧୦<br>୦.୦୬ | ଆଶୁ<br>ଆଶୁ<br>ଶାରଦ ତିନି<br>ଆଶୁ | ଲକ୍ଷ୍ମୀଧର ନାଏକ, ଚକ୍ରଧର ନାଏକ, ପି: ମାଧୁ ନାଏକ, ରାଇମଣି ନାଏକ, ସ୍ୱା: ମାଧୁ ନାଏକ, ଡରୀ ନାଏକ, ସ୍ୱା: ଗୁରା ନାଏକ, ଅନାମ ନାଏକ, ମଧୁ ନାଏକ, ରାମ ନାଏକ, ପି: ମୋଟାଇ ନାଏକ, ରାଇ ନାଏକ, ସ୍ୱା: ମୋଟେଇ ନାଏକ, ଡୁଙ୍ଗୁ ନାଏକ, ଶ୍ରୀରାମ ନାଏକ, ଜଳଧର ନାଏକ, ପି: ଦୁଃଶାସନ ନାଏକ, ଗାଙ୍ଗି ନାଏକ, ସ୍ୱା–ଦୁଃଶାସନ ନାଏକ, ଯୁମାଲ ନାଏକ, ପି: ସୁନା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୪୯ | ୧୩୧ | ୨୮୨ | ୧.୯୦ | ୦.୨୮ | ଆଶୁ | ଲବ ନାଏକ, ଜେଣ୍ଠ ନାଏକ, ଜଇରାମ ନାଏକ, ପି: ଗୁରା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୦ | ୧୩୨ | ୮୮୦ | ୧.୦୨ | ୦.୨୪ | ଶାରଦ ଦୁଇ | ଶଙ୍କର ସିଦୁ, ପି: ଚେମା ସିଦୁ, ଜା: କୋହ୍ଲ, ବା: ନିଜଗାଁ | |
| ୫୧ | ୧୩୩ | ୭୭୪ | ୦.୫୫ | ୦.୦୭ | ଆଶୁ | ଶଙ୍କରା ମହାକୁଡ଼, ନିଲା ମହାକୁଡ଼, ପି: ରୂପା ମହାକୁଡ଼, ଗଙ୍ଗା ମହାକୁଡ଼, ପି: ସାଗର ମହାକୁଡ଼, ଜା: ଗୋପାଲ, ବା: ନିଜଗାଁ | |
| ୫୨ | ୧୩୬ | ୫୮୭/୧୬୯୦ | ୦.୧୩ | ୦.୦୮ | ଘରବାରି (ବାରି) | ସାଧୁରାମ ଗାଗରାଇ, ପି: ଭରତ ଗାଗରାଇ, ଜା: କୋହ୍ଲ, ବା: ନିଜଗାଁ | |
| ୫୩ | ୧୩୮ | ୩୨୬ | ୧.୦୪ | ୦.୦୧ | ଆଶୁ | ଶିବ ନାଏକ, ରସିକ ନାଏକ, ଗମେୟା ନାଏକ, ପି: ସାନ ଡୁରଗା ନାଏକ, ଜଙ୍ଗା ନାଏକ, ସ୍ୱା: ସାନ ଡୁରଗା ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୪ | ୧୪୧ | ୧୪୯୫ | ୪.୧୫ | ୦.୪୪ | ଆଶୁ | ଶିରମଣୀ ସିଦୁ, ପି: ରଥ ସିଦୁ, ଜା: କୋହ୍ଲ, ବା: ନିଜଗାଁ | |
| ୫୫ | ୧୪୫ | ୧୩୧୯<br>୧୩୨୦ | ୧.୪୦<br>୦.୩୬ | ୦.୪୪<br>୦.୦୧ | ଘରବାରି (ବାରି)<br>ଶାରଦ ତିନି | ସୁଦର୍ଶନ ନାଏକ, ନବ ନାଏକ, ବାରକ ନାଏକ, ମକୁର ନାଏକ, ପି: ଚନ୍ଦ୍ରମୋହନ ନାଏକ, ନାଲୁ ନାଏକ, ଶ୍ରୀଧର ନାଏକ, ପି: ସୁଦର୍ଶନ ନାଏକ, ଜା: କୋହ୍ଲ, ବା: ନିଜଗାଁ | |
| ୫୬ | ୧୪୭/୭ | ୭୭୯ | ୦.୨୭ | ୦.୧୭ | ଘରବାରି (ବାରି) | କୌଶଲ୍ୟା ନାୟକ, ସ୍ୱା: ଯଦୁମଣି ନାୟକ, ବା: ନିଜଗାଁ, ଜା: ଗଣ୍ଡ | |
| ୫୭ | ୧୪୭/୧୧ | ୨୮୧ | ୦.୬୦ | ୦.୨୨ | ଆଶୁ | କପିଳ ଚନ୍ଦ୍ର ଚାତାର, ପି: କୃଷ୍ଣ ଚାତାର, ଜା: କୋହ୍ଲ, ବା: ନିଜଗାଁ | |
| | | ମୋଟ | ୧୪୭.୪୭ | ୨୪.୪୬ | | | |

### ଗୋଚର ପ୍ରତିବଦଳ

| କ୍ର.ନଂ. | ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨୨ | ୮୨୪ | ୧.୦୫ | ୦.୦୮ | ଆଶୁ | କ୍ଷେତ୍ର ନାଏକ, ସୁଦର୍ଶନ ନାଏକ, ଗୋପାଲ ନାଏକ, ନରସିଂ ନାଏକ, ପି– କାଇରା ନାଏକ, ଶିବ ନାଏକ, ପି– ମୋଟାଏ ନାଏକ, ଜା– କୋହ୍ଲ, ବା– ନିଜଗାଁ | |
| | | ୧ | **୧୪୭.୪୭** | **୨୪.୫୪** | | | |

24001/14/0302/1920



ନିର୍ମଳ କୁମାର ମିଶ୍ର



# ବାରବାଟୀ ଉତ୍ସାହ

ଆସନ୍ତା ୨୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତୃତୀୟ ଦିନିକିଆ ମ୍ୟାଚ୍ ଆୟୋଜନ ହେବ। ଦୀର୍ଘ ଦିନପରେ ଏହି ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଉଥିବାରୁ କ୍ରିକେଟ ପ୍ରଶଂସକଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି...

ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଉତ୍କଣ୍ଠାର ସଫଳ ପରିସମାପ୍ତି ଘଟିଛି। ଏବେ କାରିବିୟାନ ଦଳ ତା'ର ଭାରତ ଗସ୍ତ ଆରମ୍ଭ କରିବାକୁ ଯାଉଛି। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ୍ ଘରୋଇ ଭାରତ ସହିତ ୨ଟି ଭିନ୍ନ ଫର୍ମାଟରେ ମୁକାବିଲାରେ ଅବତୀର୍ଣ୍ଣ ହେବ। ଏହି ସିରିଜରେ ୩ଟି ଟି୨୦ ମ୍ୟାଚ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଏଥର କିନ୍ତୁ ଏହି ଦୁଇଟି ଫର୍ମାଟରେ ବଲର ରଙ୍ଗ ବଦଳିଯିବ। ହ୍ୱାଇଟ୍ ବଲରେ ମୁକାବିଲା ହେବା ସହିତ ମ୍ୟାଚଗୁଡିକ ବେଶ୍ ଉପଯୋଗ୍ୟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିସେମ୍ବର ୬ ତାରିଖରୁ ଆରମ୍ଭ ହୋଇ ୨୨ରେ ଏହି ସିରିଜ ସମାପ୍ତ ହେବାକୁ ଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇଦେଶ ମଧ୍ୟରେ ଶେଷ ଏକଦିବସୀୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ପ୍ରଥମ ଟି୨୦ ମ୍ୟାଚ ଡିସେମ୍ବର ୬ ତାରିଖରେ ହାଇଦ୍ରାବାଦଠାରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ଟି୨୦ ମ୍ୟାଚ ଡିସେମ୍ବର ୮ ତାରିଖରେ ଥିରୁଭାନନ୍ତପୁରମଠାରେ ଏବଂ ଶେଷ ଟି୨୦ ମ୍ୟାଚ ଡିସେମ୍ବର ୧୧ତାରିଖରେ ମୁମ୍ବାଇଠାରେ ଖେଳାଯିବ। ସେହିପରି ପ୍ରଥମ ଏକଦିବସୀୟ ମ୍ୟାଚ ଡିସେମ୍ବର ୧୫ ତାରିଖରେ ଚେନ୍ନାଇଠାରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ୧୮ତାରିଖରେ ବିଶାଖାପାଟଣାଠାରେ ଏବଂ ଶେଷ ଏକଦିବସୀୟ ମ୍ୟାଚ କଟକଠାରେ ଡିସେମ୍ବର ୨୨ତାରିଖରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆ ୫ମ ସ୍ଥାନରେ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୧୦ମ ସ୍ଥାନରେ ରହିଛି।

ସେହିପରି ଦିନିକିଆରେ ଟିମ୍ ଇଣ୍ଡିଆ ଦ୍ୱିତୀୟ ସ୍ଥାନରେ ଓ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି। ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୪ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୮ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ୫ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ୨୦୦୯ରୁ ୨୦୧୯ ମଧ୍ୟରେ ଏହି ମ୍ୟାଚଗୁଡିକ ଖେଳାଯାଇଛି। ଭାରତ ପକ୍ଷରୁ ହିଟ୍ ମ୍ୟାନ ରୋହିତ ଶର୍ମା ୧୨ଟି ମ୍ୟାଚ ଖେଳି ୪୨୫ରନ୍ ସ୍କୋର କରିବା ସହିତ ସର୍ବାଧିକ ରନ୍ ୧୧୧ ନଟ୍ ଆଉଟ୍ ରହିଛନ୍ତି। ସେହିପରି ବିରାଟ କୋହଲି (୯ଟି ମ୍ୟାଚ, ୩୧୮ରନ୍), ଶିଖର ଧାୱନ୍ ୯ଟି ମ୍ୟାଚ ୧୯୩ ରନ୍ ଏବଂ ଲୋକେଶ ରାହୁଲ ୬ଟି ମ୍ୟାଚରୁ ୧୮୯ରନ୍ କରିଛନ୍ତି। ସେହିପରି ୱେଷ୍ଟଇଣ୍ଡିଜ ତରଫରୁ ଏଭିନ୍ ଲୁଇସ୍ ୬ଟି ମ୍ୟାଚରୁ ୨୪୨ ରନ୍ ଏବଂ କିରନ ପୋଲାର୍ଡ ୧୧ଟି ମ୍ୟାଚରୁ ୧୮୭ରନ୍ ସଂଗ୍ରହ କରିଛନ୍ତି।

ଉଭୟ ଦେଶ ମଧ୍ୟରେ ୧୨୮ଟି ଦିନିକିଆ ମ୍ୟାଚ ଖେଳାଯାଇଛି। ଭାରତ ୬୧ଟି ମ୍ୟାଚ ଜିତିଥିବା ବେଳେ ୱେଷ୍ଟଇଣ୍ଡିଜ ୬୨ ଟି ମ୍ୟାଚ ଜିତିଛି। ୨ଟି ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ୩ଟି ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ବିରାଟ କୋହଲି ସର୍ବାଧିକ ୩୬ଟି ମ୍ୟାଚରୁ ୨୧୪୬ରନ୍ ମଧ୍ୟରେ ୯ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ୧୫୭ ନଟ ଆଉଟ୍ ରହିଛି। ସେହିପରି ରୋହିତ ଶର୍ମା ୩୦ଟି ମ୍ୟାଚରୁ ୨ଟି ଶତକ ଏବଂ ୧୦ଟି ଅର୍ଦ୍ଧଶତକ ସହ ୧୨୬୫ ରନ୍ ସଂଗ୍ରହ କରିଥିବାବେଳେ ବୋଲିଂରେ ରବୀନ୍ଦ୍ର ଜାଡେଜା ୨୬ଟି ମ୍ୟାଚରୁ ୩୮ଟି ଉଇକେଟ୍ ଏବଂ ମହମ୍ମଦ ସାମି ୧୫ଟି ମ୍ୟାଚରୁ ୩୨ଟି ଉଇକେଟ ଏବଂ ଭୁବନେଶ୍ୱର କୁମାର ୧୮ଟି ମ୍ୟାଚରୁ ୧୯ଟି ଉଇକେଟ୍ ନେଇଛନ୍ତି।

ଭାରତର ଅନ୍ୟତମ ପୁରାତନ ଷ୍ଟାଡିୟମ ବାରବାଟୀରେ ଏପର୍ଯ୍ୟନ୍ତ ୨ଟି ଟେଷ୍ଟ ମ୍ୟାଚ, ୧୮ଟି ଏକଦିବସୀୟ ମ୍ୟାଚ ଏବଂ ଗୋଟିଏ ଟି୨୦ ମ୍ୟାଚ ସଫଳତାର ସହିତ ଆୟୋଜନ କରାଯାଇଛି। ବାରବାଟୀରେ ପ୍ରଥମ ଏକଦିବସୀୟ ମ୍ୟାଚ ୧୯୮୨ ମସିହା ଜାନୁୟାରୀ ୨୭ତାରିଖରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବେଳେ ଶେଷ ଏକଦିବସୀୟ ମ୍ୟାଚ ମଧ୍ୟ ଇଂଲଣ୍ଡ ସହିତ ୨୦୧୭ ମସିହା ଜାନୁୟାରୀ ୧୯ତାରିଖରେ ଖେଳିଥିଲା। ପ୍ରଥମରୁ ସ୍ଲୋ ଏବଂ ଲୋ ଉଇକେଟ ପାଇଁ ଅନେକ ସମାଲୋଚିତ ହୋଇଥିବା ଏହି ଗ୍ରାଉଣ୍ଡ ଗତ କିଛି ବର୍ଷ ହେବ ହାଇ ସ୍କୋରିଂ ମ୍ୟାଚ ଏବଂ ଶ୍ରେଷ୍ଠ ଆଉଟ୍ ଫିଲଡ୍ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୩୮୧/୬ ଇଂଲଣ୍ଡ ବିପକ୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୧୧୩ ରନ୍ ସର୍ବନିମ୍ନ ସ୍କୋର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୮ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଥର ମ୍ୟାଚ ଜିତିଥିବା ବେଳେ ଦ୍ୱିତୀୟଥର ବ୍ୟାଟିଂ କରିଥିବା ଦଳ ୧୧ଥର ବିଜୟୀ ହୋଇଛନ୍ତି। ସାଇକ୍ଲୋନ୍ ଫନୀ ଏହି ଷ୍ଟାଡିୟମର ବ୍ୟାପକ କ୍ଷୟକ୍ଷତି କରାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଗ୍ୟାଲେରି, ଫ୍ଲଡଲାଇଟ ଏବଂ ଗ୍ରାଉଣ୍ଡ ପ୍ରସ୍ତୁତ ପାଇଁ ଆୟୋଜନ ଆରମ୍ଭ ହୋଇଛି। ଏଥି ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବକଳେବର ହେବା ସହିତ ଏକ ନୂତନ ଅଭିଜ୍ଞ କାର୍ଯ୍ୟକାରୀ କମିଟି ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ମ୍ୟାଚର ସଫଳତା ପାଇଁ ବ୍ୟାପକ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ୪୫୦୦୦ କ୍ଷମତା ବିଶିଷ୍ଟ ଏହି ସୁନ୍ଦର ଷ୍ଟାଡିୟମ୍‌ର ପୁନରୁଦ୍ଧାର ଏବଂ ବିଭିନ୍ନ କମିଟିର ବାରମ୍ବାର ଗ୍ରାଉଣ୍ଡ ପରିଦର୍ଶନ ଓସିଏର ମନୋବଳକୁ ବେଶ୍ ବୃଦ୍ଧି କରିଛି। ଲୋଧା କମିଟିର କଟକଣା ଯୋଗୁଁ ଆର୍ଥିକ ଅନୁଦାନରୁ ବଞ୍ଚିତ ହୋଇଥିବା ଓସିଏ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହି ମ୍ୟାଚର ସଫଳ ଆୟୋଜନକୁ ଏକ ଚ୍ୟାଲେଞ୍ଜ୍ ରୂପେ ନେଇଛି। ଟିକେଟ ବିକ୍ରିରେ ସ୍ୱଚ୍ଛତା, ଦର୍ଶକମାନଙ୍କ ସୁରକ୍ଷା ଖେଳାଳିମାନଙ୍କୁ ସୁରକ୍ଷା ପ୍ରଦାନ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କ୍ରିକେଟ୍ ପ୍ରେମୀମାନଙ୍କ ପ୍ରବଳ ଉତ୍ସାହ ଏବଂ ଉତ୍କଣ୍ଠା ମ୍ୟାଚକୁ ଅଧିକ ରୋମାଞ୍ଚକ କରିବ। ବାରବାଟୀରେ ମୋଟ ଖେଳାଯାଇଥିବା ୨୦ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ୧୯୯୬ ଭାରତ ଏବଂ ଅଷ୍ଟ୍ରେଲିଆ ମ୍ୟାଚ ଏବଂ ୨୦୧୩ରେ ଭାରତ ଏବଂ ଅଷ୍ଟ୍ରେଲିଆ ମ୍ୟାଚ ଖରାପ ପାଗ ଏବଂ ବର୍ଷା ସାଙ୍ଗକୁ ଖରାପ ଆଉଟ୍ ଫିଲ୍ଡ ଯୋଗୁ ବାତିଲ ହୋଇଥିବା ବେଳେ ଖେଳାଯାଇଥିବା ମୋଟ ୧୮ଟି ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୧୨ଟି ଦିନିକିଆରେ ବିଜୟୀ ହୋଇଛି। ସର୍ବାଧିକ ୫ଥର ଇଂଲଣ୍ଡ ବାରବାଟୀରେ ମ୍ୟାଚ ଖେଳିଛି। ଭାରତ ଇଂଲଣ୍ଡଠାରୁ ୨ଥର, ଶ୍ରୀଲଙ୍କା ଠାରୁ ଥରେ ଏବଂ ନ୍ୟୁଜିଲାଣ୍ଡଠାରୁ ଥରେ ମ୍ୟାଚ ହାରିଛି। ରେକର୍ଡ ଦୃଷ୍ଟିରୁ ବାରବାଟୀ ଟିମ୍ ଇଣ୍ଡିଆ ପାଇଁ ସର୍ବଦା ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି।

(ଫଟୋ: ରାଜକିଶୋର ମହାନ୍ତି)

## ଚାନ୍ସ



ଦି' ହଜାର ତେଇଶିରେ ଓଡ଼ିଶାରେ
ପୁଣି ୱାର୍ଲ୍ଡ କପ୍ ହକି
ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼,
ପାନପୋଷ ୱାର୍ଲ୍ଡ ଦେଖି
ଇତିହାସ ଦେବ ଲେଖି
ଏମାଟି ପେୟାର ବିନିତା, ନମିତା
ଇଗ୍ନେସ୍, ଦିଲୀପ ତିର୍କୀ।୧।

ଭାରତୀୟ ଦୃଷ୍ଟିହୀନ କ୍ରିକେଟରେ
କାଳିଆ ଓ ଲିଙ୍ଗରାଜ
ଚଉଦ ଜଣିଆ ଟିମ୍ ଇଣ୍ଡିଆରେ
ଦୁଇ ହିରୋ କଥା ହେଜ
ହାର୍ଡ ଲେବର ଆଉ ଧୈର୍ଯ୍ୟ
ଚାନ୍ସ ଦେଇଅଛି ଯୁବଗୋଷ୍ଠୀ ୱିକ୍
ଚାନ୍ସ ହରାଇବ ବାଜି।୨।

ୱେଷ୍ଟଇଣ୍ଡିଜ, ଇଣ୍ଡିଆ ଲଢ଼େଇ
ପାଇଁ ରେଡ଼ି ବାରବାଟୀ
ମ୍ୟାଚ୍ ବାବଦରେ ଇନସ୍ୟୁରାନ୍ସ ହେବ
ପ୍ରାୟ ଏକୋଇଶ କୋଟି
ବାଣ, କାଚ, ପାଣି କଟି
ଦେଖିବାଠୁ ଥରେ ବାହାରକୁ ଗଲେ
ଚାନ୍ସ ହରାଇବ ବେଟି।୩।

ସୁବାସ ଚନ୍ଦ୍ର ପ୍ରଧାନ


ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ବ୍ଲକ ତଥା ବଡ଼ଝୁମୁଲା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଶ୍ରୀଯୁକ୍ତ ରମେଶଚନ୍ଦ୍ର ପାଢ଼ୀ
ପୂର୍ବତନ ସମିତି ସଭ୍ୟ
ବଡ଼ ଝୁମୁଲା ପଞ୍ଚାୟତ


ନିର୍ଭୀକ, ସତ୍ୟନିଷ୍ଠା ଓ ନିରପେକ୍ଷ ଖବର ପରିବେଷଣ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଶ୍ରୀଯୁକ୍ତ ଦନାର୍ଦ୍ଦନ ପଲାଇ
ସାମାଜିକ କର୍ମୀ, ଦିଗପହଣ୍ଡି ଅଞ୍ଚଳ କଲୋନୀ


ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମପଞ୍ଚାୟତ ପକ୍ଷରୁ ଶୁଭେଚ୍ଛା ଜଣାଉଛି। ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଆଙ୍କୋରଡା ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ମୁଁ ସଙ୍କଳ୍ପବଦ୍ଧ।
ଶ୍ରୀଯୁକ୍ତ ଉଷାନ୍ତ କୁମାର ସାହୁ
ସରପଞ୍ଚ, ଆଙ୍କୋରଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଗଡ଼ଗୋବିନ୍ଦପୁର ପଞ୍ଚାୟତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି। ବ୍ଲକ୍‌ର ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ କର୍ମଚାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ କେ. ହରିବନ୍ଧୁ ରେଡ୍ଡୀ
ସରପଞ୍ଚ ପ୍ରତିନିଧି, ଗଡ଼ଗୋବିନ୍ଦପୁର ପଞ୍ଚାୟତ, ବିଜେଡି ଗଞ୍ଜାମ ଜିଲ୍ଲା ସମ୍ପାଦକ, ସଭାପତି, ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉତ୍ସବ ଅବସରରେ ଦିଗପହଣ୍ଡି ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ଟି. ହରିଶ୍ଚନ୍ଦ୍ର
ସେବାଦଳ ଶିକ୍ଷକ, ସନ୍ଥନିରଙ୍କାରୀ ମଣ୍ଡଳ, ଦିଗପହଣ୍ଡି (ଗଞ୍ଜାମ)


ଅଭିନନ୍ଦନ
ଦିଗପହଣ୍ଡି ବ୍ଲକ୍ ନିମଖଣ୍ଡିପେଣ୍ଠ ଗ୍ରାମପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗରେ ନିମଖଣ୍ଡିପେଣ୍ଠ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ମୁଁ ସଂକଳ୍ପବଦ୍ଧ।
ଶ୍ରୀଯୁକ୍ତ ବିଭୂତି ଭୂଷଣ ମହାପାତ୍ର
ସରପଞ୍ଚ, ନିମଖଣ୍ଡିପେଣ୍ଠ ଗ୍ରାମପଞ୍ଚାୟତ


ଶୁଭେଚ୍ଛା
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ତଥା ବି.ତୁରୁବୁଡ଼ି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଛି। ମା' ବାଙ୍କେଶ୍ୱରୀଙ୍କ ଅପାର କରୁଣା ବି.ତୁରୁବୁଡ଼ି ପଞ୍ଚାୟତ ସମେତ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଉପରେ ଅଜାଡ଼ି ହୋଇପଡୁ, ମୋର ଏତିକି ହିଁ କାମନା।
ଶ୍ରୀଯୁକ୍ତ କେ.ସଞ୍ଜିବ କୁମାର ରେଡ୍ଡୀ
ପୂର୍ବତନ ସରପଞ୍ଚ, ସଭାପତି, ବିଜେଡି, ବି.ତୁରୁବୁଡ଼ି ଗ୍ରା.ପ., ଦିଗପହଣ୍ଡି ବ୍ଲକ (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ ତଥା ଗୌଡ଼ ଗାଁ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଅଭିନନ୍ଦନ ଓ ନମସ୍କାର । ଆସନ୍ତୁ ସମସ୍ତେ ମିଳିମିଶି ପଞ୍ଚାୟତର ସାମଗ୍ରିକ ବିକାଶ କରିବା ।
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ, ଗୌଡ଼ ଗାଁ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ


ଧରିତ୍ରୀ ଏକନିର୍ଭୀକ ଖବରକାଗଜ। ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଗଞ୍ଜାମ ଜିଲ୍ଲାର ସମସ୍ତ ଭାଇ, ଭଉଣୀ, ବିଜେଡି କର୍ମୀ, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ ଓ ବ୍ଲକ୍ କର୍ମଚାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପ୍ରଧାନ
ଅଧକ୍ଷ, ଦିଗପହଣ୍ଡି ପଞ୍ଚାୟତ ସମିତି


ରାଜ୍ୟ ସରକାରଙ୍କ ସହଯୋଗ ତଥା ଚାଷୀଭାଇମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଗଞ୍ଜାମ ଜିଲ୍ଲା ଶସ୍ୟଶ୍ୟାମଳାରେ ଭରପୂର ହେଉ। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଚାଷୀ, ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଜଳସମ୍ପଦ କର୍ମଚାରୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପାତ୍ର
ସମ୍ପାଦକ, ଘୋଡ଼ାହାଡ ପାଣି ପଞ୍ଚାୟତ ଶୀର୍ଷକମିଟି


ଅଭିନନ୍ଦନ
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଓ ଏନ.ଏ.ସି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ବାଲି)
ସଭାପତି ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି, ପୂର୍ବତନ ଏନଏସି ଅଧକ୍ଷ, ଦିଗପହଣ୍ଡି (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣ ତଥା ଗୋକର୍ଣ୍ଣପୁର ପଞ୍ଚାୟତର ଭାଇ, ଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଶ୍ରୀଯୁକ୍ତ ଅସିତ କୁମାର ସାହୁ
ସରପଞ୍ଚ ପ୍ରତିନିଧି, ଗୋକର୍ଣ୍ଣପୁର ଗ୍ରାମପଞ୍ଚାୟତ ସଭାପତି, ଗୋକର୍ଣ୍ଣପୁର ସେବା ସମବାୟ ସମିତି


ଶୁଭେଚ୍ଛା
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦିଗପହଣ୍ଡି ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଶୁଭ କାମନା କରୁଛି। ଗାଡ଼ି ଦ୍ରୁତ ଗତିରେ ଚଳାନ୍ତୁ ନାହିଁ ଏବଂ ଟ୍ରାଫିକ୍ ନିୟମ ମାନି ଚଳନ୍ତୁ। ପୋଲିସ ସଦା ସର୍ବଦା ଆପଣଙ୍କ ସେବା ପାଇଁ ପ୍ରସ୍ତୁତ ହୋଇ ରହିଛି। ଜଗତର ନାଥ ଶ୍ରୀ ଜଗନ୍ନାଥ ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ।
ଶ୍ରୀଯୁକ୍ତ ବସନ୍ତ କୁମାର ସେଠୀ
ଆଇ.ଆଇ.ସି., ଦିଗପହଣ୍ଡି ଥାନା (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦିଗପହଣ୍ଡି ବ୍ଲକ ତଥା ବାସୁଦେବପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀଯୁକ୍ତ ଡ଼ି. ସନାତନ ଦୋରା
ସଭାପତି, ବାସୁଦେବପୁର ସେବା ସମବାୟ ସମିତି
ନିର୍ଦ୍ଦେଶକ, ଆସିକା ଚିନିଶିଳ୍ପ ପରିଚାଳନା ସମିତି


ହାର୍ଦ୍ଦିକ ଶୁଭେଚ୍ଛା
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ତଥା କୁଶପଡ଼ା ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି। ଦିଗପହଣ୍ଡି ବ୍ଲକର ସମସ୍ତ ନିର୍ବାଚିତ ଜନପ୍ରତିନିଧି, କର୍ମଚାରୀବୃନ୍ଦଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଉଛି।
ଶ୍ରୀମତୀ ଏମ୍.ଅନୁସୂୟା ରେଡ୍ଡୀ
ଉପାଧ୍ୟକ୍ଷା, ଦିଗପହଣ୍ଡି ପଞ୍ଚାୟତ ସମିତି (ଗଞ୍ଜାମ)


ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ସହର ତଥା ଗଞ୍ଜାମ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ଶ୍ରୀମତି. ଭି. ପୁଷ୍ପାଞ୍ଜଳି ରାଜୁ
ପୂର୍ବତନ ଅଧକ୍ଷା, ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ

## ସଂକ୍ଷେପରେ

### ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ୩୦ରୁ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି): ଓଡ଼ିଶାରେ ନୂଆକରି ଗଢ଼ି ଉଠିଥିବା ପାୱାରଲିଫ୍ଟିଙ୍ଗ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଚଳିତମାସ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଇଷ୍ଟକୋଷ୍ଟ ରେଲୱେ ପରିସରରେ ଥିବା ଉପେନ୍ଦ୍ର ଭଞ୍ଜ ଇନ୍‌ଷ୍ଟିଚ୍ୟୁଟଠାରେ ଏହା ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନ ସମ୍ପାଦିକା ସଙ୍ଗୀତା ସିଂ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ମୋଟ ୯ଟି କାଟଗୋରିରେ ୮ ଓଜନ ବର୍ଗରେ ଅନୁଷ୍ଠିତ ହେବ। ବର୍ତ୍ତମାନସୁଦ୍ଧା ୨୨୦ ଏଣ୍ଟ୍ରି ଆସି ସାରିଥିବାରୁ ପ୍ରତିଯୋଗୀଙ୍କ ସଂଖ୍ୟା ୩୦୦ ଟପିବା ସମ୍ଭାବନା ଅଛି। ଏହି ପ୍ରତିଯୋଗିତାରୁ ୨୦୨୦ରେ ହେବାକୁଥିବା ଜାତୀୟ ପ୍ରତିଯୋଗିତା ପାଇଁ ଦଳ ଚୟନ ହେବ ବୋଲି ସଙ୍ଗୀତା କହିଛନ୍ତି।

### ଶବର ସ୍ପୋର୍ଟ୍ସ ଆସୋସିଏଶନ ବିଜୟୀ

ଝାଁଳା,୨୮।୧୧(ଡି.ଏନ.ଏ.): ଝାଁଳା ରାଧାଚରଣପୁର ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର କ୍ୱାର୍ଟର ଫାଇନାଲରେ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟସ୍ ଆସୋସିଏଶନ ୨-୧ ଗୋଲରେ ଭଞ୍ଜନଗର ଗୁରୁୱା-୧୧କୁ ପରାସ୍ତ କରି ବିଜୟୀ ହୋଇଛି। ଖେଳର ୨୩ ମିନିଟ୍‌ରେ ଭଞ୍ଜନଗର ଖେଳାଳି ସମୀର ବେହୁରା ଗୋଲ ମାରିଥିଲେ। ସେହିପରି ଖେଳର ଦ୍ୱିତୀୟାର୍ଦ୍ଧର ୧୮ ମିନିଟ୍‌ରେ ଖୋର୍ଦ୍ଧା ଶବର ସ୍ପୋର୍ଟସ ଆସୋସିଏଶନର ମିଟୁ ମାଝି ଗୋଲ ଦେଇଥିଲେ। ଖେଳର ୨୮ ମିନିଟ୍‌ରେ ପୁଣି ଶବର ସ୍ପୋର୍ଟସ ଆସୋସିଏଶନର ଦାରା ସିଂ ଗୋଲ କରିଥିଲେ। ଫଳରେ ଶବର ସ୍ପୋର୍ଟସ ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ଉତ୍କଳ ସ୍ପୋର୍ଟିଂ ଜଟଣୀକୁ ଭେଟିବ। ଖେଳକୁ ରାଜୁ ମହାନ୍ତି, ଦିଗବିଜୟ ଦାସ, ଲକ୍ଷ୍ମୀ ପ୍ରସାଦ ନାଇଡୁ ପରିଚାଳନା କରିଥିଲେ।

### ଆଗୁଆ ସିରିଜ କବ୍‌ଜା କଲା ଭାରତ

ଲକ୍ଷ୍ନୌ, ୨୮।୧୧: ଆଫଗାନିସ୍ତାନ ବିପକ୍ଷରେ ଗୁରୁବାର ଏଠାରେ ଖେଳାଯାଇଥିବା ଯୁଥ୍ ଦିନିକିଆ ସିରିଜ (୧୯ ବର୍ଷରୁ କମ୍)ର ୪ର୍ଥ ମ୍ୟାଚ୍‌ରେ ଭାରତ ୫ ଉଇକେଟ୍‌ରେ ବିଜୟୀ ହୋଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୩-୧ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଭାରତୀୟ ଦଳ ଯଥାକ୍ରମେ ୯ ଓ ୨ ଉଇକେଟ୍‌ରେ ଜିତିଥିଲା। ଆଫଗାନିସ୍ତାନ ୩ୟ ମ୍ୟାଚ୍‌କୁ ୩ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଘରୋଇ ଦଳର ବାମହାତୀ ସ୍ପିନର ମାନବ ସୁତାରଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୫ ଓଭରରେ ୧୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ କୁମାର କୁଶଗ୍ର (୨୯), ଦିବ୍ୟାଂଶ ସକ୍ସେନା (୨୧) ଓ ସୌରଭ ଡଗର (୨୪)ଙ୍କ ବ୍ୟାଟିଂ ବଳରେ ଭାରତ ୨୮.୧ ଓଭରରେ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

> ସାଧାରଣ ଜନତାଙ୍କ ପରି ମୁଁ ମଧ୍ୟ ବିଫଳତାର ସାମ୍ନା କରିଛି। ବିଶ୍ୱକପ୍ ସେମିଫାଇନାଲରେ ଦଳକୁ ବିପଦରୁ ଉଦ୍ଧାର କରି ଅପରାଜିତ ରହି ଫେରିବି ବୋଲି ଅନୁଭବ ହେଉଥିଲା।
>
> **-ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ**



> ଆଇପିଏଲ୍‌ର ଆଗାମୀ ସିଜନ କୁଲଦୀପ ଯାଦବଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଯଦି ସେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ତାଙ୍କୁ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳିବାରେ ସହାୟକ ହେବ।
>
> **-ସଞ୍ଜୟ ବାଙ୍ଗର, ପୂର୍ବତନ ଭାରତୀୟ ବ୍ୟାଟିଂ କୋଚ୍**



# ସ୍ୱତନ୍ତ୍ର ପରିଚୟ ଦେବ 'ଭିଜନ ୨୦୨୪'

**ରାଜ୍ୟର ସବୁଠାରୁ ଶକ୍ତିଶାଳୀ ଓ ଚର୍ଚ୍ଚିତ କ୍ରୀଡ଼ା ସଂଘ ହେଉଛି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)। ଏହି ସଂଘର ସମ୍ପାଦକ ପଦବୀରେ ଅଛନ୍ତି ଯୁବ କ୍ରୀଡ଼ା ସଙ୍ଗଠକ ସଞ୍ଜୟ ବେହେରା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ପଦବୀରେ ୯ବର୍ଷ ଦାୟିତ୍ୱ ତୁଲାଇବା ପରେ ସଞ୍ଜୟ ପ୍ରଥମ ଥର ପାଇଁ ଓସିଏର ଭାର ସମ୍ଭାଳିଛନ୍ତି। ଆଉ କିଛିଦିନ ପରେ ଡିସେମ୍ବର ୨୨ରେ ବାରବାଟୀରେ ହେବ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ମ୍ୟାଚ୍ ଆୟୋଜନ କରିବା ନେଇ ଓସିଏ ସମସ୍ତ ପ୍ରସ୍ତୁତି ଚଳାଇଛି। ମ୍ୟାଚ୍ ଆୟୋଜନ ଓ ଓସିଏର ସାମ୍ପ୍ରତିକ ସ୍ଥିତି ନେଇ ସଞ୍ଜୟଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର**



ସଞ୍ଜୟ ବେହେରା

**ପ୍ର- ଡିସେମ୍ବର ୨୨ ପାଇଁ କେତେ ପ୍ରସ୍ତୁତ ହେଲେଣି?**

ଉ- ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତି ଚାଲିଛି। ଫନୀ ଝଡ଼ରେ ଷ୍ଟାଡିୟମର ଅବସ୍ଥା କ'ଣ ହୋଇଥିଲା, ତାହା ସମସ୍ତେ ଜାଣନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ସହଜ ନୁହେଁ। ଫନୀର ପ୍ରକୋପ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଗଲା। ଏବେ ଓସିଏର ସମସ୍ତ ପଦାଧିକାରୀ, କର୍ମଚାରୀ ଯଥାସମ୍ଭବ ପରିଶ୍ରମ ଚଳାଇଛନ୍ତି। ଗ୍ରାଉଣ୍ଡ କାର୍ଯ୍ୟସରିବା ଉପରେ। ଅନ୍ୟ ସମସ୍ତ ବ୍ୟବସ୍ଥାରେ କାମ ଜୋର୍‌ଦାର ଚାଲିଛି। ମ୍ୟାଚ୍ ଆୟୋଜନ ବହୁତ ସୁନ୍ଦର ଭାବେ ଶେଷ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

**ପ୍ର- ମ୍ୟାଚ୍‌ରେ ସ୍ୱତନ୍ତ୍ରତା କ'ଣ ଦେଖିବାକୁ ମିଳିବ?**

ଉ- ଯୋଜନା ଅନେକ ରହିଛି। କିଛି ଖ୍ୟାତନାମା ଅନ୍ତର୍ଜାତୀୟ ଖେଳାଳିଙ୍କୁ ନିମନ୍ତ୍ରଣ କରାଯାଇଛି। ବିସିସିଆଇ ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନଙ୍କ ସମେତ ଅନ୍ୟ କେତେଜଣ କିମ୍ବଦନ୍ତୀ କ୍ରିକେଟ ଖେଳାଳି ଯୋଗ ଦେବାର କାର୍ଯ୍ୟକ୍ରମ ଆମ ତାଲିକାରେ ଅଛି ।

**ପ୍ର- ବାପା (ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା)ଙ୍କ ସହଯୋଗ ଦରକାର ପଡୁଛି କି?**

ଉ- ବାପାଙ୍କ ସହଯୋଗ ସବୁ ସ୍ଥିତିରେ ମୋ ପାଇଁ ଦରକାର ଥିଲା ଓ ରହିବ ମଧ୍ୟ। ଓସିଏକୁ ସେ ଯେଉଁଭଳି ଭାବେ ପରିଚାଳନା କରୁଥିଲେ ସେଥିରୁ ମୋତେ ଅନେକ କିଛି ଶିଖିବା ବାକି ଅଛି। ଅନେକ କଷ୍ଟ କାର୍ଯ୍ୟକୁ ସେ ସହଜରେ ସମାଧାନ କରି ଦେଉଥିଲେ। ଯେବେ ବି ମ୍ୟାଚ୍ ଆୟୋଜନ ନେଇ ମୁଁ ଦୋଛକିରେ ପଡୁଛି, ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରେ।

**ପ୍ର- ଓସିଏର ସ୍ଥିତି କେଉଁ ଆଡକୁ ଗତି କରୁଛି?**

ଉ- ଗତ କିଛି ବର୍ଷ ହେବ ଓସିଏ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିଲା। ଏବେ ବିସିସିଆଇରୁ ପାଣ୍ଠି ଆସିବା ଆରମ୍ଭ ହୋଇଛି। ଏଣୁ ଅର୍ଥ ସମସ୍ୟା ରହିବନି। କେବଳ ଖେଳର ବିକାଶକୁ ଆମେ ବିଶେଷ ଦୃଷ୍ଟି ଦେଉଛୁ। କେଉଁ ସବୁ ସ୍ତରରେ ସମସ୍ୟା ଅଛି ତାହା ଜାଣି ସାରିଛୁ। ଏହାକୁ ପ୍ରଥମେ ସୁଧାରିବା ଆମର କର୍ତ୍ତବ୍ୟ। ଆଉ ୩ବର୍ଷ ପରେ ଆମ ପରିଶ୍ରମ ନିଶ୍ଚିତ ଭାବେ ପ୍ରତିଫଳିତ ହେବ।

**ପ୍ର- ବିସିସିଆଇ ସହ କ'ଣ ଆଲୋଚନା କରାଯାଇଛି?**

ଉ- ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହାଙ୍କଠାରୁ ଆରମ୍ଭକରି ସମସ୍ତ ପଦାଧିକାରୀଙ୍କ ସହ ଆଲୋଚନା କରିଛୁ। ସେମାନଙ୍କ ସହ ଆଲୋଚନା କରିଥିଲୁ ବୋଲି ମ୍ୟାଚ୍ ପୂର୍ବରୁ ପାଣ୍ଠି ମିଳିଲା ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇପାରିଲା। ଆଗାମୀ ଦିନରେ ଓସିଏ ସହିତ ସମସ୍ତ ପ୍ରକାର ସହଯୋଗ ବିସିସିଆଇ ରକ୍ଷା କରିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛି।

**ବାରବାଟୀ ଦିନିକିଆ ଆଉ ୨୩ ଦିନ**

**ପ୍ର- କାର୍ଯ୍ୟକାଳ ସମୟରେ କ'ଣ ଲକ୍ଷ୍ୟ ରହିଛି?**

ଉ- କେବଳ ରାଜ୍ୟ କ୍ରିକେଟର ବିକାଶ ହିଁ ମୋ ଲକ୍ଷ୍ୟ। ଭିଜନ-୨୦୨୪ ନାମରେ ଏକ ଏଜେଣ୍ଡା ପ୍ରସ୍ତୁତ କରିଛୁ। ଏଜେଣ୍ଡାରେ କ୍ରିକେଟର ଭିତ୍ତିଭୂମିଠାରୁ ଆରମ୍ଭ କରି ତୃଣମୂଳ ସ୍ତରରୁ କ୍ରିକେଟ ଖେଳାଳିଙ୍କ ବିକାଶ ପାଇଁ ଅନେକ ଯୋଜନା ଅଛି। ଏହି ଯୋଜନାକୁ ସଫଳ କରିବାକୁ ଚେଷ୍ଟା କରିବି। ଆଉ କିଛି ବର୍ଷ ପରେ ଜାତୀୟ ଜର୍ସିରେ ଏବଂ ଆଇପିଏଲ୍‌ରେ କିପରି ଓଡ଼ିଆ ଖେଳାଳି ଦେଖିବାକୁ ମିଳିବେ ତାହା ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ପ୍ରତିବନ୍ଧକ ଭିତରେ କାର୍ଯ୍ୟ କରିବାକୁ ପଡୁଛି। ତଥାପି ଭିଜନ-୨୦୨୪ ସଫଳ ହେବ ବୋଲି ମୋର ବିଶ୍ୱାସ। ଏହା ଦ୍ୱାରା ରାଜ୍ୟ କ୍ରିକେଟ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପାଇବ ବୋଲି ଆଶା ରହିଛି।

**-ସାକ୍ଷାତ: କୁମାରଶ୍ରୀ**

## ଟେନିସ କୋର୍ଟକୁ ଫେରିବେ ସାନିଆ



ମୁମ୍ବାଇ,୨୮।୧୧

ଭାରତୀୟ ଷ୍ଟାର ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ଆସନ୍ତା ବର୍ଷ ୨୦୨୦ ଜାନୁୟାରୀରେ ହୋବାର୍ଟ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ କୋର୍ଟକୁ ଫେରିବେ। ଏ ନେଇ ସେ ଗୁରୁବାର ସ୍ପଷ୍ଟ କରିଛନ୍ତି। ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ସେ କୋର୍ଟକୁ ଫେରିବାକୁ ଯାଉଛନ୍ତି। ୩୩ ବର୍ଷୀୟା ସାନିଆ ଅନ୍ତିମ ଥର ୨୦୧୭ରେ ଚାଇନା ଓପନରେ ଖେଳିଥିଲେ। ସେ ୟୁକ୍ରେନର ନାଡିଆ କିଚେନୋକଙ୍କୁ ସାଥୀ କରି ଖେଳିବେ। ମୁଁ ହୋବାର୍ଟଠାରେ ଖେଳିବି ଓ ତା'ପରେ ଅଷ୍ଟ୍ରେଲିଆନ ଓପନରେ ଅଂଶଗ୍ରହଣ କରିବି। ମୁଁ ମୁମ୍ବାଇଠାରେ ଖେଳିବା ନେଇ ଯୋଜନା କରୁଛି। କିନ୍ତୁ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହିଁ ବୋଲି ୬ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସାନିଆ କହିଛନ୍ତି। ଅଷ୍ଟ୍ରେଲିଆନ ଓପନର ମିକ୍ସଡ୍ ଡବଲ୍ସରେ ଆମେରିକାର ରାଜୀବ ରାମଙ୍କ ସହ ଯୋଡ଼ି ହୋଇ ସେ ଖେଳିବେ।

## ସୈଫ୍ ହାସନଙ୍କୁ ଜରିମାନା

କୋଲକାତା,୨୮।୧୧(ପି.ଟି.)



ଭାରତରେ ଅଧିକ ସମୟ ରହିବାରୁ ବାଂଲାଦେଶ ଓପନର ସୈଫ ହାସନଙ୍କୁ ଜରିମାନ ଦେବାକୁ ପଡିଛି। ତାଙ୍କର ଭିଜା ଅବଧି ଶେଷ ହୋଇଥିଲେ ମଧ୍ୟ ସେ ଭାରତରେ ରହିଥିଲେ। ଫଳରେ ସ୍ୱଦେଶ ଫେରିବା ପାଇଁ ତାଙ୍କୁ ୨୧,୬୦୦ ଟଙ୍କା ଜରିମାନ ଦେବାକୁ ପଡିଥିଲା। ବ୍ୟାକ୍‌ଅପ୍ ଓପନର ଭାବେ ସେ ବାଂଲାଦେଶ ଦଳ ସହିତ ଭାରତ ଗସ୍ତରେ ଆସିଥିଲେ। ଏହି ଟେଷ୍ଟ ସିରିଜରେ ବାଂଲାଦେଶ ୨-୦ରେ ପରାସ୍ତ ହୋଇଥିଲା। କୋଲକାତାରେ ଅନୁଷ୍ଠିତ ଦିବାରାତ୍ର ଟେଷ୍ଟରେ ସେ ସାମିଲ ହୋଇ ନ ଥିଲେ। ସେ ଦଳ ସହିତ ଭାରତରେ ରହିଯାଇଥିଲେ। ତାଙ୍କ ୬ ମାସିଆ ଭିଜା ଅବଧି ଶେଷ ହୋଇଥିବା କଥା ସେ ଜାଣି ନ ଥିଲେ। ଦୁଇ ଦିନ ତଳେ ତାଙ୍କ ଭିଜା ଅବଧି ଶେଷ ହୋଇଥିଲା। ଏକଥା ସେ ବିମାନବନ୍ଦରରେ ହୃଦୟଙ୍ଗମ କରିଥିଲେ। ସେ ନିର୍ଦ୍ଧାରିତ ବିମାନରେ ଯାତ୍ରା କରିପାରି ନ ଥିଲେ। ନୂଆ ନିୟମ ଅନୁସାରେ ତାଙ୍କୁ ଜରିମାନା ଦେବାକୁ ପଡିଛି ବୋଲି ବାଂଲାଦେଶ ଡେପୁଟି ହାଇ କମିଶନର ତୌଫିକ୍ ହାସନ କହିଛନ୍ତି। ଭାରତୀୟ ହାଇ କମିଶନ ତାଙ୍କୁ ଏକ୍‌ଜିଟ୍ କ୍ଲିୟରାନ୍ସ ଦେଇଛି। ଫଳରେ ସେ ବୁଧବାର ସ୍ୱଦେଶ ଫେରିଛନ୍ତି। ସୈଫ ଓ ଅନ୍ୟ ଖେଳାଳିମାନେ ସୋମବାର ସ୍ୱଦେଶ ଫେରିବାର କାର୍ଯ୍ୟକ୍ରମ ଥିଲା। ତେବେ ଦମ୍‌ଦମ ବିମାନ ବନ୍ଦରରେ ସେ ଆବଶ୍ୟକତାଠାରୁ ଅଧିକ ସମୟ ରହିଯାଇଥିଲେ। ସବୁ ଖେଳାଳିଙ୍କ ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଭିଜା ବ୍ୟବସ୍ଥା କରିଥିଲା। ତେବେ ସୈଫ୍‌ଙ୍କ ପାଖରେ ପୂର୍ବରୁ ଭାରତୀୟ ଭିଜା ଥିବାରୁ ବୋର୍ଡ ତାଙ୍କୁ ବାଦ୍ ଦେଇଥିଲା। ଗତ ଜୁନ୍‌ରେ ତାଙ୍କୁ ଭାରତୀୟ ଭିଜା ପ୍ରଦାନ କରାଯାଇଥିଲା। କିନ୍ତୁ ହାସନ କିମ୍ବା ଟିମ୍ ମ୍ୟାନେଜମେଣ୍ଟ ଏନେଇ ଅବଗତ ନ ଥିଲେ। ଯାହା ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା।

## ସାହାଣୀ କପ୍ ଫୁଟବଲ ୩ରୁ

କଟକ ଅଫିସ,୨୮।୧୧

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଡିସେମ୍ବର ୩ରୁ ୧୩ ପର୍ଯ୍ୟନ୍ତ ୬୦ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍-୨୦୧୯ ଖେଳାଯିବ। ବରଗଡ଼ ଓ ଢେଙ୍କାନାଳର ବିଭିନ୍ନ ଗ୍ରାଉଣ୍ଡରେ ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଖେଳାଯିବ। ୨୯ଟି ଜିଲା ଦଳ ଏଥିରେ ଭାଗନେବେ। ୨୫ଜଣ ମ୍ୟାଚ୍ ଅଫିସିଆଲ ପରିଚାଳନା ଦାୟିତ୍ୱରେ ରହିବେ ।

## ମେଘାଳୟ ବିପକ୍ଷ ମ୍ୟାଚ୍ ଡ୍ର ରଖିଲା ଓଡ଼ିଶା

କଟକ ଅଫିସ,୨୮।୧୧

ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ (ଫାଇନାଲ ରାଉଣ୍ଡ)ରେ ଗୁରୁବାର ମେଘାଳୟ ବିପକ୍ଷ ମ୍ୟାଚକୁ ଓଡ଼ିଶା ୧-୧ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ବି.ଶିବ ୩୬ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟରେ ମେଘାଳୟ ପକ୍ଷରୁ ଏକ ଗୋଲ ହେବା ସହ ମ୍ୟାଚ୍ ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁଁ ମ୍ୟାଚ୍ ଡ୍ର ରହିଛି।

## ସ୍ପୋର୍ଟ୍ସ କୋଡ ସମୀକ୍ଷା ଲାଗି ବିଶେଷଜ୍ଞ କମିଟି ଗଠିତ

ନୂଆଦିଲ୍ଲୀ, ୨୮।୧୧(ପି.ଟି.)

ବିବାଦୀୟ ଡ୍ରାଫ୍ଟ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ ବା ଖେଳ ସଂହିତାର ସମୀକ୍ଷା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ୧୩ ଜଣିଆ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରିଛି। ଏହି କମିଟିରେ ଅଲିମ୍ପିକ ବ୍ରୋଞ୍ଜ୍ ପଦକ ବିଜେତା ଶୁଟର ଗଗନ ନାରଙ୍ଗ, ପୂର୍ବତନ ଫୁଟବଲ ଅଧିନାୟକ ଗଗନ ନାରଙ୍ଗ ଓ ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ସମେତ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜୟିନୀ ଅଞ୍ଜୁ ବବି ଜର୍ଜ ସାମିଲ ହୋଇଛନ୍ତି। ଏହି କମିଟିର ଅଧ୍ୟକ୍ଷତା କରିବେ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦାକାମ ଶର୍ମା। ଏହି ପ୍ୟାନେଲରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର ପ୍ରତିନିଧିମାନେ ମଧ୍ୟ ସାମିଲ ରହିବେ। ତେବେ ଏହି ସ୍ପୋର୍ଟ୍ସ କୋଡକୁ ଲାଗୁ କରିବା ନେଇ ଆଇଓଏ ଅସହମତି ପ୍ରକାଶ କରିଛି। କାରଣ ଏଥିରେ କ୍ରୀଡ଼ା ପ୍ରଶାସକଙ୍କ ବୟସକୁ ସୀମିତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏବେକାର କୋଡ ଲାଗୁହେଲେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଭାରତକୁ ବାସନ୍ଦ କରିପାରେ ବୋଲି ଆଇଓଏ ତରଫରୁ କୁହାଯାଇଛି। ତେଣୁ ଏହି କୋଡରେ ବ୍ୟାପକ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହି କମିଟି ଜାତୀୟ କ୍ରୀଡ଼ା ଫେଡେରେଶନର ପାରଦର୍ଶିତା ଓ ସ୍ୱାୟତ୍ତତାରେ ସନ୍ତୁଳନ ରକ୍ଷା କରିବାକୁ ପ୍ରୟାସ କରିବ। ଯଦି ଏହି କୋଡ ଲାଗୁ ହୁଏ ତେବେ ନିୟମ ଅନୁସାରେ ଆଇଓଏ ଓ ଜାତୀୟ କ୍ରୀଡ଼ା ଫେଡେରେଶନଗୁଡିକ ୬ ମାସ ମଧ୍ୟରେ ସେମାନଙ୍କ ସମ୍ବିଧାନ ସଂଶୋଧନ କରିବେ।

## ମୁମ୍ବାଇ ଏଫ୍‌ସିର ୬୫% ଅଂଶ କିଣିଲା ସିଟି ଫୁଟବଲ ଗ୍ରୁପ୍



ନୀତା ଅମ୍ବାନୀ ଓ ଫେରାନ ସୋରିଆନୋ।

ମୁମ୍ବାଇ, ୨୮।୧୧

**ଇଣ୍ଡିଆନ ସୁପର ଲିଗ୍**

କ୍ରୀଡା କ୍ଷେତ୍ରରେ ଏକ ଐତିହାସିକ ଘଟଣାକ୍ରମରେ ଇଂଲିଶ ପ୍ରିମିୟର ଲିଗ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ଦଳର ମୂଳ କମ୍ପାନୀ ସିଟି ଫୁଟବଲ ଗ୍ରୁପ୍ ଗୁରୁବାର ଇଣ୍ଡିଆନ ସୁପର ଲିଗ (ଆଇଏସଏଲ)ର ଫ୍ରାଞ୍ଚାଇଜ. ମୁମ୍ବାଇ ସିଟି ଏଫସିର ୬୫ ପ୍ରତିଶତ ଅଂଶଧନ କ୍ରୟ କରିଛି। ଏଥିସହିତ ମୁମ୍ବାଇ ସିଟି ଏଫସି ସିଟି ଫୁଟବଲ ଗ୍ରୁପ୍ ନେଟୱର୍କର ଅଷ୍ଟମ କ୍ଲବ ବିବେଚିତ ହୋଇଛି। ସିଟି ଫୁଟବଲ ଗ୍ରୁପ୍ ଏବେ ମୁମ୍ବାଇ ସିଟି ଏଫସିର ୬୫ ପ୍ରତିଶତ ଅଂଶର ମାଲିକାନା ହାସଲ କରିଛି। ତେଣୁ ବର୍ତ୍ତମାନର ଶେୟାରହୋଲଡ଼ର ଅଭିନେତା ରଣବୀର କପୁର ଓ ବିମଲ ପାରେଖଙ୍କ ପାଖରେ ବଳକା ୩୫ ପ୍ରତିଶତ ଅଂଶଧନ ରହିଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିମିଟେଡ଼ (ଏଫ୍‌ଏସଡିଏଲ୍) ଏବଂ ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ ଏବଂ ସିଟି ଫୁଟବଲ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫେରାନ ସୋରିଆନୋ ଏହା ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ସିଟି ଫୁଟବଲ ଗ୍ରୁପ୍ ବିଶ୍ୱର ଅଗ୍ରଣୀ ଫୁଟବଲ କ୍ଲବସମୂହର ସଞ୍ଚାଳକ ଏବଂ ଏହାର ମାଲିକାନାରେ ରହିଥିବା କ୍ଲବଗୁଡିକ ମଧ୍ୟରେ ରହିଛି ଇଂଲିଶ ପ୍ରିମିୟର ଲିଗ ଚାମ୍ପିୟନ ମଞ୍ଚେଷ୍ଟର ସିଟି ଏଫସି ସମେତ ଆମେରିକାର ନ୍ୟୁୟର୍କ ସିଟି, ଅଷ୍ଟ୍ରେଲିଆର ମେଲବର୍ନ ସିଟି ଏଫସି, ଜାପାନର ୟୋକହାମା ଏଫ ମଇରିନୋ, ଉରୁଗୁଏର କ୍ଲବ ଏଟଲେଟିକୋ ଟର୍କ, ସ୍ପେନର ଗିରୋନା ଏଫସି ଏବଂ ଚାଇନାର ସିଚୁଆନ ଜିଉନିଉ ଏଫସି। ମୁମ୍ବାଇ ସିଟି ଏଫସି ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ମୁମ୍ବାଇ ଫୁଟବଲ ଆରେନାରେ ୮୦୦୦ ଦର୍ଶକଙ୍କ ସମ୍ମୁଖରେ ନିଜ ଘରୋଇ ମ୍ୟାଚ ଖେଳୁଛି। ଏଣିକି ମାଞ୍ଚେଷ୍ଟର ସିଟିର ସ୍ପାନିଶ ମ୍ୟାନେଜର ପେପ୍ ଗ୍ୱାର୍ଡିଓଲା ମୁମ୍ବାଇ ସିଟି ଏଫସି କୋଚ୍‌ଙ୍କ ସହ ସମ୍ପର୍କରେ ରହିବେ ବୋଲି ସୋରିଆନୋ ପ୍ରକାଶ କରିଛନ୍ତି।

## କର୍ନୱାଲଙ୍କ ୧୦ ଉଇକେଟ୍ ସଫଳତା

ଲକ୍ଷ୍ନୌ, ୨୮।୧୧

ଦୀର୍ଘ ୩୩ ମାସ ପରେ ପ୍ରଥମ ସ୍ପିନର ଭାବେ ୱେଷ୍ଟଇଣ୍ଡିଜର ରଖିମ କର୍ନୱାଲ ଭାରତ ମାଟିରେ ଏକ ଟେଷ୍ଟ ମ୍ୟାଚ୍‌ରେ ୧୦ ଉଇକେଟ୍ ହାସଲ କରିବାର ସଫଳତା ପାଇଛନ୍ତି। ଘରୋଇ ଆଫଗାନିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ କର୍ନୱଲ ପ୍ରଥମ ଇନିଂସରେ ୭ ଓ ୨ୟ ଇନିଂସରେ ୩ ସହ ୧୦ ଉଇକେଟ୍ ନେଇଛନ୍ତି। ଏଥିସହ ୱେଷ୍ଟଇଣ୍ଡିଜ ପାଇଁ ସେ ବିଜୟ ଏକପ୍ରକାର ନିଶ୍ଚିତ କରିଛନ୍ତି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ ଓ'କିଫ୍ (୧୨/୭୦) ୨୦୧୭ ଫେବୃୟାରୀ ଭାରତ ମାଟିରେ ୧୦ ଉଇକେଟ୍ ନେଇଥିଲେ। ଦୁଇ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୨୦୧୬ରେ ଇଂଲଣ୍ଡ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧୦ ଉଇକେଟ୍ ହାସଲ କରିଥିଲେ।

ଏଠାରେ ଖେଳାଯାଇଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ କର୍ନୱାଲ୍ (୭/୭୫)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମ ଇନିଂସରେ ୧୮୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ଦିବସ ସୁଦ୍ଧା ୨ ଉଇକେଟ୍ ହରାଇ ୬୮ ରନ କରିଥିବା ୱେଷ୍ଟଇଣ୍ଡିଜ ଗୁରୁବାର ୨ୟ ଦିବସରେ ୨୭୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶାମରା ବ୍ରୁକ୍ସ ୧୧୧ ଓ ଜନ୍ କ୍ୟାମ୍ପବେଲ ୫୫ ରନ କରିଥିଲେ। ଘରୋଇ ଆଫଗାନିସ୍ତାନ ପକ୍ଷରୁ ଅମୀର ହାମାଜ (୫), ଅଧିନାୟକ ରଶିଦ୍ ଖାଁ (୩) ଓ ଜାହିର ଖାଁ (୨) ମିଳିତଭାବେ ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ୯୦ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ୍ ହରାଇ ୧୦୯ ରନ କରିଛି। ଜାଭେଦ ଅହମ୍ମଦି ସର୍ବାଧିକ ୬୨ ରନ କରିଛନ୍ତି। କର୍ନୱାଲ ଓ ରୋଷ୍ଟନ ଚେଜ୍ ୩ଟି ଲେଖାଏ ଉଇକେଟ୍ ନେଇଛନ୍ତି।

## ଚେନ୍ନାଇନ୍ ସହ ଡ୍ର' ରଖିଲା ଓଡ଼ିଶା

ଚେନ୍ନାଇ, ୨୮।୧୧ (ପି.ଟି.)



ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ନବାଗତ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨-୨ ଗୋଲରେ ଡ୍ର'ରେ ଶେଷ ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ହିଁ ଉଭୟ ଦଳ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ଘରୋଇ ଦଳର ନେରିଜୁସ ଭାଲସ୍କି ଡବଲ୍ ଗୋଲ୍‌ସ୍କୋର କରିଥିଲେ ମଧ୍ୟ ଚେନ୍ନାଇନକୁ ଜିତାଇପାରି ନ ଥିଲେ।

ଦ୍ୱିତୀୟାର୍ଦ୍ଧ ତଥା ମ୍ୟାଚ୍‌ର ୫୧ତମ ମିନିଟ୍‌ରେ ଚେନ୍ନାଇନ ପକ୍ଷରୁ ଭାଲସ୍କି ପ୍ରଥମ ଗୋଲସ୍କୋର କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ତେବେ ଏହି ଖୁସି ବେଶି ସମୟ ପର୍ଯ୍ୟନ୍ତ ରହି ନ ଥିଲା। ଏହାର ୩ ମିନିଟ୍ ପରେ ଓଡ଼ିଶା ଏଫ୍‌ସି ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମଧ୍ୟକ୍ରମ ଖେଳାଳି ନନ୍ଦ କୁମାରଙ୍କ କ୍ରସ ପାସ୍‌କୁ ଜିସ୍କୋ ହର୍ନାଣ୍ଡିଜ ଫ୍ଲିକ୍ କରି ଚେନ୍ନାଇନ ଗୋଲପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ ବରାବରସ୍ଥିତିକୁ ଆସିଥିଲା। ଏହାପରେ ୭୧ତମ ମିନିଟ୍‌ରେ ଚେନ୍ନାଇନର ଭାଲସ୍କି ବ୍ୟକ୍ତିଗତ ତଥା ଦଳ ପାଇଁ ୨ୟ ଗୋଲ କରିଥିଲେ। ଏଥର ମଧ୍ୟ ଓଡ଼ିଶା ଖେଳାଳି ପ୍ରତ୍ୟାବର୍ତ୍ତନ କରି ୧୧ ମିନିଟ୍ ପରେ ଗୋଲ ଶୁଝାଇ ଦେଇଥିଲେ। ଆଡ୍ରିଆନେ ସାନ୍ତାସଙ୍କ ଗୋଲବଳରେ ମ୍ୟାଚ୍‌କୁ ଓଡ଼ିଶା ୨-୨ସ୍ତରକୁ ଆଣିଥିଲା। ଏହାପରେ କୌଣସି ଗୋଲ ନ ହେବାରୁ ଉଭୟ ଦଳ ଏକ ପଏଣ୍ଟ ଲେଖାଏ ଭାଗ କରିଥିଲେ। ଓଡ଼ିଶା ଏଫ୍‌ସି ୬ଷ୍ଠ ମ୍ୟାଚ୍‌ରୁ ଗୋଟିଏ ବିଜୟ, ୨ ପରାଜୟ ଓ ୩ ଡ୍ର ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଅପରପକ୍ଷରେ ଚେନ୍ନାଇନ ୬ ମ୍ୟାଚ୍‌ରୁ ୫ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନକୁ ଉଠିଛି।

## ରାଜ୍ୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଝାଡ଼ଖଣ୍ଡ ବିପକ୍ଷ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଏବଂ ଜାତୀୟ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଗୁରୁବାର ରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ ଦଳ ଘୋଷିତ ହୋଇଛି। ଓଡ଼ିଶା ଦଳ ରାଞ୍ଚିରେ ଝାଡ଼ଖଣ୍ଡ ବିପକ୍ଷରେ ଡିସେମ୍ବର ୬ ଓ ୭ରେ ୨ଟି ମ୍ୟାଚ ଖେଳିବ। ଏହାପରେ ଦଳ ଦିଲ୍ଲୀ ଯାଇ ଡିସେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବ। ଓଡ଼ିଶା ଦଳ: ଲିନା ସ୍ୱାଇଁ, ଯମୁନାରାଣୀ ଟୁଡୁ, ଗାୟତ୍ରୀ ମଲିକ, ହେମ ମୁଦୁଲି, ମାମିନା ନାୟକ, ସୁମିତ୍ରା ଦେହୁରୀ, ପତନି ସିଂ, ବାସନ୍ତୀ ହାଁସଦା, ଫୁଲ ସୋରେନ, ଦୁମୁନି ହାଁସଦା, ଝିଲି ବେରୁଆ, ରଚନା ଜେନା, ମୁନି ପୁର୍ତ୍ତି, ପାର୍ବତୀ ଟୁଡୁ। କୋଚ୍ ଦେବାଶିଷ ଜେନା, ମ୍ୟାନେଜର: ଅର୍ପିତା ମହାପାତ୍ର।



"ଶ୍ରେୟାସ ଆୟାର ସୀମିତ ଓଭର କ୍ରିକେଟ୍‌ରେ ଭାରତର ୪ ନମ୍ବର ସ୍ଥାନ ସମସ୍ୟାର ସମାଧାନ ହୋଇପାରନ୍ତି।"
–ଏମ୍‌ଏସ୍‌କେ ପ୍ରସାଦ, ଚୟନ କମିଟି ଅଧ୍ୟକ୍ଷ



"ରିଷଭ ପନ୍ତ ଖୁବ୍‌ଶୀଘ୍ର ଟିମ୍ ମ୍ୟାନେଜମେଣ୍ଟର ବିଶ୍ୱାସକୁ ପ୍ରମାଣିତ କରିବା ଆବଶ୍ୟକ। ନ ହେଲେ ସଞ୍ଜୁ ସାମସନ ତାଙ୍କ ସ୍ଥାନ ନେବେ।"
–ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ଜାତୀୟ ବେଞ୍ଚ୍‌ପ୍ରେସ୍‌ରେ ସୂର୍ଯ୍ୟକାନ୍ତଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି): ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ବେଞ୍ଚ୍‌ପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାର ୩ ପ୍ରତିଯୋଗୀ ରୌପ୍ୟ ପଦକ ହାସଲ କରିଛନ୍ତି। ସେମାନେ ହେଲେ ସୂର୍ଯ୍ୟକାନ୍ତ ପ୍ରଧାନ, ନାରାୟଣ ସେଠୀ ଓ ରାକେଶ ଶତପଥୀ। ସୂର୍ଯ୍ୟକାନ୍ତ ୧୦୫ କେଜି ବର୍ଗରେ ମୋଟ ୧୭୫ କେଜି ଶକ୍ତିଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୮୩ କେଜି ବର୍ଗରେ ରାକେଶ ଏବଂ ୬୬ କେଜି ବର୍ଗରେ ନାରାୟଣ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦି ୱାର୍ଲ୍ଡ ଜିମ୍ନାସିୟମରେ ପ୍ରଶିକ୍ଷଣ ନେଉଥିବା ସୂର୍ଯ୍ୟକାନ୍ତଙ୍କୁ ଏହାର ମୁଖ୍ୟ ନୀଳକଣ୍ଠ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

### ୨୭ରୁ ଏଆଇସିଏସ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଭୁବନେଶ୍ୱର,୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)- ଆସନ୍ତା ମାସ ୨୭ରୁ ୨୦୨୦ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଗୁଜରାଟର ଗାନ୍ଧୀନଗରଠାରେ ଏଆଇସିଏସ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ସିଭିଲ ସର୍ଭିସେସ୍ ବ୍ୟାଡ୍‌ମିଣ୍ଟନ ଟିମ୍‌ର ଚୟନ ଦାୟିତ୍ୱ ରାଜ୍ୟ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଓଡ଼ିଶା ସେକ୍ରେଟାରିଏଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ଏସ୍‌ବିଏ)କୁ ଦିଆଯାଇଛି। ଏଥିଯୋଗୁ ଆସନ୍ତା ରବିବାର ଦିନ ୮ଟାରେ ପଟିଆ ନିକଟସ୍ଥ ଉଡାଣ ବ୍ୟାଡ୍‌ମିଣ୍ଟନ ଏକାଡେମୀଠାରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ପିଏସ୍‌ୟୁ, କର୍ପୋରେଶନ, ପୋଲିସରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛାଡ଼ି ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଂଶଗ୍ରହଣ କରିପାରିବେ।

# 'ଓସିଏଲ୍' ପାଇଁ ପ୍ରସ୍ତୁତ ହେଉଛି ଓସିଏ

- ପୁଣି ଥରେ ଓଡ଼ିଶାରେ ପେସାଦାର କ୍ରିକେଟ ଲିଗ୍
- ପ୍ରାୟୋଜକ ରହିବ ଦିଲ୍ଲୀର ଏକ ସଂସ୍ଥା
- ଜାତୀୟ ଗଣମାଧ୍ୟମରେ ହେବ ସିଧାପ୍ରସାରଣ

ODISHA CRICKET ASSOCIATION

କଟକ ଅଫିସ,୨୮।୧୧

ପେସାଦାର କ୍ରିକେଟ ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫର୍ମାଟକୁ ଓହ୍ଲାଇବ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। ପୂର୍ବରୁ ଏଭଳି ଏକ ପଦକ୍ଷେପ ନିଆଯାଇଥିଲା। ୨୦୧୧ ମସିହାରେ ଓସିଏ ପକ୍ଷରୁ ଓଡ଼ିଶା ପ୍ରିମିୟର ଲିଗ(ଓପିଏଲ) ଆରମ୍ଭ ହୋଇଥିବା ବେଳେ ମାତ୍ର ଦୁଇଟି ସଂସ୍କରଣରେ ହିଁ ଏହି ଟୁର୍ନାମେଣ୍ଟର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାଛଡ଼ା ଟୁର୍ନାମେଣ୍ଟକୁ ନେଇ ଅନେକ ବାଦବିବାଦ ମଧ୍ୟ ଦେଖାଦେଇଥିଲା। ପୁଣି ଥରେ ଏଭଳି ଏକ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ଚେଷ୍ଟା କରୁଛି ଓସିଏ। ଏହାର ନାଁ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ) ରଖାଯିବାକୁ ସ୍ଥିର କରାଯାଇଛି। ଓସିଏର ବରିଷ୍ଠ ପଦାଧିକାରୀମାନେ ଏ ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଟୁର୍ନାମେଣ୍ଟ ଆୟୋଜନ ଓ ପରିଚାଳନା ନେଇ ନିଷ୍ପତ୍ତି ମଧ୍ୟ ଆଗେଇଲାଣି। ଆସନ୍ତା ଜାନୁୟାରୀରୁ ଓସିଏଲ ପାଇଁ ପ୍ରସ୍ତୁତି ଜୋରଦାର ହେବ ବୋଲି କୁହାଯାଇଛି।

ରାଜ୍ୟ କ୍ରିକେଟରମାନଙ୍କୁ ଚର୍ଚ୍ଚା ପରିସରଭୁକ୍ତ କରିବାର ଆବଶ୍ୟକତା ରହିଛି। କେବଳ ରାଜ୍ୟ ନୁହେଁ ସମଗ୍ର ଦେଶରେ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଦର୍ଶିତ କରିବାର ସମୟ ପହଞ୍ଚିଲାଣି। ଅନ୍ୟ ରାଜ୍ୟଗୁଡ଼ିକରେ ଏବେ ବହୁଳ ଭାବେ ପେସାଦାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଓସିଏଲ ଆରମ୍ଭ ହେଲେ ଅନେକ ପ୍ରତିଭା ସାମ୍ନାକୁ ଆସିବେ ବୋଲି କହିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା। ଅନ୍ୟପକ୍ଷରେ ଓସିଏଲର ପ୍ରାୟୋଜକ ପାଇଁ ଦିଲ୍ଲୀର ଏକ ସଂସ୍ଥା ସହ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଏପରିକି ଏହି ଟୁର୍ନାମେଣ୍ଟର ସିଧାପ୍ରସାରଣ ନିମନ୍ତେ ଏକ ଜାତୀୟ ଗଣମାଧ୍ୟମ ସହ ଯୋଗାଯୋଗ କରାଯାଇଛି। ଓସିଏଲ ଆୟୋଜନ କରିବାକୁ ଓସିଏ ପ୍ରସ୍ତୁତ ହେଉଛି ବୋଲି ସମ୍ପାଦକ ସଞ୍ଜୟ କହିଛନ୍ତି। ସୂଚନା ଥାଉକି, ୨୦୧୧ ମସିହାରେ ଓପିଏଲ ଟୁର୍ନାମେଣ୍ଟ ହେବା ଦ୍ୱାରା ଅନେକ ପ୍ରତିଭା ପରିଚୟ ପାଇଥିଲେ। ଜଗତସିଂପୁର ସ୍ପାର୍କସ, ୱେଷ୍ଟର୍ନ ସମୁରାଇ ରାଉରକେଲା, ଅନୁଗୋଳ ଟସ୍କର୍ସ, ପୁରୀ ଏମ୍ପରର୍ସ, ବ୍ରହ୍ମପୁର ଭଞ୍ଜବୀର୍ସ, କଟକ ବାରବାଟୀ ଟାଇଗର୍ସ, ବାଲେଶ୍ୱର ବାଘାସ୍, କୋଅପରେଟିଭ କିଙ୍ଗସ ଢେଙ୍କାନାଳ, ଭୁବନେଶ୍ୱର ଜାଗୁଆର୍ସ ଓ କାସ୍‌ଭି ପାୱାର ରେଞ୍ଜର୍ସ କେନ୍ଦୁଝର ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୫ଟି ଗ୍ରେଡ୍‌ରେ ଖେଳାଳିମାନେ ନିଲାମରେ ଅଂଶ ଗ୍ରହଣ କରିଥିଲେ। ୧୦ହଜାର ଟଙ୍କାରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ନିଲାମ ରାଶି ଧାର୍ଯ୍ୟ କରାଯାଇଥିଲା। ଓସିଏ ରାଜ୍ୟର ୩୪୧ଜଣ ଖେଳାଳିଙ୍କ ନାମ ନିଲାମରେ ସାମିଲ କରାଇଥିଲା। ଓସିଏଲ ହେଲେ ପୁଣି ଥରେ ରାଜ୍ୟ ଖେଳାଳିମାନଙ୍କ ଭିତରେ ଉତ୍ସାହ ଦେଖାଦେବ। ଶର୍ଟଫର୍ମାଟ କ୍ରିକେଟରେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ରାଜ୍ୟର ଶହଶହ କ୍ରିକେଟର ପାଇବେ ଓ ନିଲାମରେ ମଧ୍ୟ ଭାଗ ନେବେ। ଓସିଏଲ ନିମନ୍ତେ ସମସ୍ତ କାର୍ଯ୍ୟସୂଚୀ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି କୁହାଯାଇଛି।

# ଭାରତ ବିପକ୍ଷ ସିରିଜ: କିରନ ପୋଲାର୍ଡଙ୍କୁ ନେତୃତ୍ୱ

ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୨୮।୧୧ (ପି.ଟି.)

ଭାରତ ବିପକ୍ଷ ଆଗାମୀ ସୀମିତ ଓଭର ସିରିଜ ଲାଗି ଗୁରୁବାର ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଦିନିକିଆ ଓ ଟି୨୦ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଉଭୟ ଫର୍ମାଟ୍‌ରେ ଅଧିନାୟକ ଭାବେ ଅପରିବର୍ତ୍ତିତ ରହିଛନ୍ତି। ନିକୋଲାସ ପୁରାନଙ୍କ ଟି୨୦ ଓ ଶାଇ ହୋପ୍‌ଙ୍କୁ ଦିନିକିଆ ଦଳର ଉପ–ଅଧିନାୟକ ଦାୟିତ୍ୱ ଦିଆଯାଇଛି। ଲକ୍ଷ୍ନୌରେ ନିକଟରେ ଆଫଗାନିସ୍ତାନ ବିପକ୍ଷରେ ଖେଳିଥିବା ଅଧିକାଂଶ ଖେଳାଳିଙ୍କ ଉପରେ ଚୟନକର୍ତ୍ତା ଭରସା କରିଛନ୍ତି। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍ ଖେଳିବ। ଡିସେମ୍ବର ୬ରେ ହାଇଦ୍ରାବାଦରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଏହାର ଭାରତ ଗସ୍ତ ଆରମ୍ଭ କରିବ। ଏହାପରେ ଡିସେମ୍ବର ୧୫ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ।

**ୱେଷ୍ଟଇଣ୍ଡିଜ ଦିନିକିଆ ଦଳ:** ସୁନୀଲ ଆମ୍ବ୍ରିସ, ଶାଇ ହୋପ୍, ଖାରୀ ପିଏରେ, ରୋଷ୍ଟନ ଚେଜ୍, ଅଲ୍‌ଜାରୀ ଜୋସେଫ୍, କିରନ ପୋଲାର୍ଡ (ଅଧିନାୟକ), ଶେଲଡନ୍ କୋର୍ଟେଲ, ବ୍ରେଣ୍ଡନ କିଙ୍ଗ୍, ନିକୋଲାସ ପୁରାନ, ଶିମରନ ହେଟ୍‌ମେୟର, ଏଭିନ୍ ଲୁଇସ, ରୋମାରିଓ ଶେଫର୍ଡ, ଜାସନ ହୋଲ୍ଡର, କେମୋ ପଲ୍ ଓ ହେଡେନ୍ ୱାଲ୍ସ ଜୁନିୟର।

**ୱେଷ୍ଟଇଣ୍ଡିଜ ଟି୨୦ ଦଳ:** ଫାବିଆନ ଆଲେନ୍, ବ୍ରେଣ୍ଡନ କିଙ୍ଗ୍, ଦୀନେଶ ରାମଦିନ, ଶେଲଡନ୍ କୋର୍ଟେଲ, ଏଭିନ୍ ଲୁଇସ, ଶେର୍ଫାନେ ରଦରଫୋର୍ଡ, ଶିମରନ ହେଟ୍‌ମେୟର, ଖାରୀ ପିଏରେ, ଲେଣ୍ଡଲ୍ ସିମନ୍ସ, ଜାସନ ହୋଲ୍ଡର, କିରନ ପୋଲାର୍ଡ (ଅଧିନାୟକ), ହେଡେନ ୱାଲ୍ସ ଜୁନିୟର, କେମୋ ପଲ୍, ନିକୋଲାସ ପୁରାନ, କେସରିକ୍ ୱିଲିୟମ୍ସ।

**ସିରିଜ କାର୍ଯ୍ୟସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଡିସେମ୍ବର ୬ | ପ୍ରଥମ ଟି୨୦ | ହାଇଦ୍ରାବାଦ୍ |
| ଡିସେମ୍ବର ୮ | ଦ୍ୱିତୀୟ ଟି୨୦ | ଥିରୁଭାନନ୍ତପୁରମ |
| ଡିସେମ୍ବର ୧୧ | ତୃତୀୟ ଟି୨୦ | ମୁମ୍ବାଇ |
| ଡିସେମ୍ବର ୧୫ | ପ୍ରଥମ ଦିନିକିଆ | ଚେନ୍ନାଇ |
| ଡିସେମ୍ବର ୧୮ | ଦ୍ୱିତୀୟ ଦିନିକିଆ | ଭାଇଜାଗ |
| ଡିସେମ୍ବର ୨୨ | ତୃତୀୟ ଦିନିକିଆ | କଟକ |

# ଦୀପିକା, ଅଙ୍କିତାଙ୍କୁ ଅଲିମ୍ପିକ ଯୋଗ୍ୟତା



ଦୀପିକା କୁମାରୀ

ବ୍ୟାଙ୍କକ୍, ୨୮।୧୧ (ପି.ଟି.)

ଦୁଇ ଭାରତୀୟ ତୀରନ୍ଦାଜ ଦୀପିକା କୁମାରୀ ଓ ଅଙ୍କିତା ଭକ୍ତ ଆସନ୍ତା ବର୍ଷ ହେବାକୁ ଥିବା ଟୋକିଓ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ୨୧ତମ ଏସିଆନ ଚାମ୍ପିୟନଶିପ୍‌ର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଦୀପିକା ସ୍ୱର୍ଣ୍ଣ ଓ ଅଙ୍କିତା ରୌପ୍ୟ ପଦକ ଜିତି ଏହି ସଫଳତା ପାଇଛନ୍ତି। ଏହି ବର୍ଗର ଫାଇନାଲରେ ଅଙ୍କିତାଙ୍କୁ ଦୀପିକା ପରାସ୍ତ କରିଥିଲେ। ଏକ ନମ୍ବର ମାନ୍ୟତାପ୍ରାପ୍ତ ତୀରନ୍ଦାଜ ଭାବେ ପ୍ରବେଶ କରିଥିବା ଦୀପିକା ପ୍ରଥମେ ୭–୨ରେ ମାଲେସିଆର ନୁର୍ ଅଫିସା ଅବଦୁଲ ହଲିଲ୍‌ଙ୍କୁ ପରାସ୍ତ କରିଥିଲେ। ଏହାପରେ ଇରାନର ଜାହରା ନେମାଟିଙ୍କୁ ୬–୪ ଓ ଘରୋଇ ତୀରନ୍ଦାଜ ନରିସାରା ଖୁନହିରାନଚାଇୟୋଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକ ଟିକେଟ୍ ପକ୍କା କରିଥିଲେ। ଏହାପରେ ୬–୨ରେ ଗୁଏଟ୍‌ଙ୍କୁ ଏକପାଖିଆ ଭାବେ ପରାସ୍ତ କରି ଦୀପିକା ଫାଇନାଲରେ ପହଞ୍ଚିଥିଲେ। ଅପରପକ୍ଷରେ ଅଙ୍କିତା ୭–୧ରେ ହଂକଂର ଲାମ୍ ଶୁକ ଚିଙ୍ଗ୍ ଏଡାଙ୍କୁ, ୬–୦ରେ ଭିଏତ୍‌ନାମର ଗୁଏନ୍ ଥି ଫୁଓଙ୍ଗଙ୍କୁ ଏବଂ ୬–୨ରେ ଭୁଟାନର କର୍ମାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ଦୁଇ ଭାରତୀୟ ତୀରନ୍ଦାଜ ଦୀପିକା ଓ ଅଙ୍କିତାଙ୍କ ମଧ୍ୟରେ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୀପିକା ଏକପାଖିଆ ଭାବେ ୬–୦ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ତୀରନ୍ଦାଜ ଆସୋସିଏଶନ (ଏଏଆଇ)କୁ ବାସନ୍ଦ କରାଯାଇଥିବାରୁ ଦୀପିକା ଓ ଅଙ୍କିତାଙ୍କ ସମେତ ଅନ୍ୟତମ ଭାରତୀୟ ତୀରନ୍ଦାଜ ଲାଇଶରାମ ବୋମ୍ବଲ୍ୟା ଦେବୀ ନିରପେକ୍ଷ ପତାକା ତଳେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

# ନଳିନୀକାନ୍ତ ସ୍ମାରକୀ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ୫୦ ମହିଳାଙ୍କ ସମେତ ପ୍ରତିଯୋଗିତାରେ ମୋଟ ୩୮୧ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସର୍ବାଧିକ ୮୯ ପ୍ରତିଯୋଗୀ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୫, ୧୭ ଓ ୧୯ ବର୍ଷରୁ କମ୍ ବାଳକ ବିଭାଗ ମ୍ୟାଚ ଆରମ୍ଭ ହୋଇ ଯାଇଛି। ୪ ଦିନିଆ ଏହି ପ୍ରତିଯୋଗିତାରେ ୧୩ଟି ବିଭିନ୍ନ କାଟେଗୋରିରେ ମୁକାବିଲା ହେବ। ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଏହି ର୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ପାଇଁ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଅନୁଗୋଳ–ସୁକିନ୍ଦା ରେଲୱେ ଏମ୍‌ଡି ଦିଲୀପ ସାମନ୍ତରାୟ ଓ ଫାଲକନ ମାରାଇନର ପ୍ରତିଷ୍ଠାତା ଅଧ୍ୟକ୍ଷ ତାରାରଞ୍ଜନ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭାପତି ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମିଶ୍ର, ଉପସଭାପତି କମଳଲୋଚନ ମହାନ୍ତି, ସାଧାରଣ ସମ୍ପାଦକ ଚଣ୍ଡୀ ପ୍ରସାଦ ଦାସ, ବିକ୍ରମ କେଶରୀ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# କ୍ୱାର୍ଟରରେ ପିଏମ୍ ଏକାଡେମୀ, ଏଲଆର ଡିଏଭି

**ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ସ୍କୁଲ କ୍ରିକେଟ**

କଟକ ଅଫିସ,୨୮।୧୧

ୟୁନିୟନ ସ୍ପୋର୍ଟିଂ ଆନୁକୂଲ୍ୟରେ ସ୍ଥାନୀୟ ବୋଷ ଗ୍ରାଉଣ୍ଡରେ ଚାଲିଥିବା ୧୪ତମ ପିଭିଆର ମୂର୍ତ୍ତି ସ୍ମାରକୀ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପିଏମ ଏକାଡେମୀ ଓ ଏଲଆର ଡିଏଭି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପିଏମ୍ ଏକାଡେମୀ ୬ଉଇକେଟରେ ଷ୍ଟିୱାର୍ଟ ସ୍କୁଲକୁ ପରାସ୍ତ କରିଥିଲା। ଷ୍ଟିୱାର୍ଟ ସ୍କୁଲ ପ୍ରଥମେ ବ୍ୟାଟିଂ କରି ୮୮ରନରେ ଅଲଆଉଟ ହୋଇଥିଲା। ଦିବ୍ୟାଂଶୁ ଶତପଥୀ ସର୍ବାଧିକ ୩୫ରନ ସଂଗ୍ରହ କରିଥିଲେ। ପିଏମ ଏକାଡେମୀ ପକ୍ଷରୁ ସେଖ ଅବଦୁଲ ଅଖତାର ଓ ନିଜାମ ଖାନ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୪ ଉଇକେଟ ହରାଇ ପିଏମ ଏକାଡେମୀ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ନିଜାମ ୨୬ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିବା ସହ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ରାଣୀହାଟ ସ୍କୁଲକୁ ୭୩ରନରେ ପରାସ୍ତ କରି ଏଲଆର୍ ଡିଏଭି କ୍ୱାର୍ଟରରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲଆର୍ ଡିଏଭି ୯ ଉଇକେଟ ହରାଇ ୧୦୮ରନ କରିଥିଲା। ପ୍ରୀତିଶ କାନୁନଗୋ ୨୧ରନ ଓ ବଲଜିନ୍ଦର ସିଂ ୧୩ରନ ସଂଗ୍ରହ କରିଥିଲେ। ରାଣୀହାଟ ସ୍କୁଲ ପକ୍ଷରୁ ସତ୍ୟଜିତ ନାୟକ ଓ ସରୋଜ ନାୟକଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଜବାବରେ ରାଣୀହାଟ ସ୍କୁଲ ୩୫ରନରେ ଅଲଆଉଟ ହୋଇଛି। ୪ଟି ଉଇକେଟ ଦଖଲ କରି ଏଲଆର୍ ଡିଏଭିକୁ ବିଜୟୀ କରାଇଥିବା ବଲଜିନ୍ଦର ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ।

# ମହିଳା ବର୍ଗର ୨ ମ୍ୟାଚ୍‌ରେ କଟକ ବିଜୟୀ

କଟକ ଅଫିସ,୨୮।୧୧

କଟକରେ ଚାଲିଥିବା ସିନିୟର ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ ନାଲ୍‌କୋ କପ୍‌ର ଗୁରୁବାର ମ୍ୟାଚଗୁଡ଼ିକ ଶେଷ ହୋଇଛି। ମହିଳା ବର୍ଗର ମ୍ୟାଚ୍‌ରେ କଟକ ଜିଲା ଆଥ୍ଲେଟିକ ଆସୋସିଏଶନ ୩୬–୦୬ ପଏଣ୍ଟରେ ପୁରୀକୁ ଓ କଟକ ଜିଲା ବାସ୍କେଟବଲ ଆସୋସିଏଶନ ୨୧–୦୩ ପଏଣ୍ଟରେ ଜଗତସିଂପୁରକୁ ପରାସ୍ତ କରିଛି। ପୁରୁଷ ବର୍ଗର ମ୍ୟାଚ୍‌ରେ ଟଟର୍ସ ୭୨–୫୫ ପଏଣ୍ଟରେ ଏସ୍‌ସିଏସ୍‌ସିକୁ, ଗଞ୍ଜାମ ୫୦–୨୨ ପଏଣ୍ଟରେ ସୁପ୍ରିମକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୩୦–୧୨ ପଏଣ୍ଟରେ କେନ୍ଦ୍ରାପଡ଼ାକୁ, ପୋଷ୍ଟାଲ ୩୩–୨୬ ପଏଣ୍ଟରେ ବାଲେଶ୍ୱରକୁ, ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ୪୬–୧୭ ପଏଣ୍ଟରେ ବରଗଡ଼କୁ, ରୋଭର୍ସ ୪୬–୩୬ ପଏଣ୍ଟରେ କେନ୍ଦୁଝରକୁ, କେଡିବିଏ ୩୪–୩୩ ପଏଣ୍ଟରେ ବ୍ରହ୍ମପୁରକୁ ହରାଇ ଦେଇଛି।

# ରାଜ୍ୟସ୍ତରୀୟ ଗଣ୍ଡରପୁର ଫୁଟବଲ ୧ରୁ

ଭୁବନେଶ୍ୱର,୨୮।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ୧ରୁ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ କଟକ ଗଣ୍ଡରପୁର ଫୁଟବଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗ୍ରାମାଞ୍ଚଳର ୧୬ ଓ ରାଜ୍ୟ ସ୍ତରୀୟ ୮ ଦଳ ଅଂଶଗ୍ରହଣ କରିବେ। ଗ୍ରାମାଞ୍ଚଳ ଦଳଗୁଡ଼ିକ ହେଲା ବନମହାବୀର କ୍ଲବ, ମା'ମଙ୍ଗଳା କ୍ଲବ, ବେଲେଶ୍ୱର କ୍ଲବ, ପ୍ରତାପ କ୍ଲବ, ପଦ୍ମକେଶରପୁର କ୍ଲବ, ସ୍ୱର୍ଣ୍ଣଦେବୀ କ୍ଲବ, ବାଞ୍ଛାମଣି କ୍ଲବ, ବନଦୁର୍ଗା କ୍ଲବ, ଆଲାମଗିରି କ୍ଲବ, ରୁରାଲ ସ୍ପୋର୍ଟ୍ସ କ୍ଲବ, ବଜରଙ୍ଗବାଲି କ୍ଲବ, ମହାବୀର କ୍ଲବ, ମଦନମୋହନ କ୍ଲବ, କୃଷକବନ୍ଧୁ କ୍ଲବ, ଫ୍ରେଣ୍ଡସ୍ କ୍ଲବ, ସୁପ୍ରିମ ଫୁଟବଲ କ୍ଲବ। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କ୍ରୀଡ଼ା ଛାତ୍ରାବାସ (କଟକ), ସାଇ ହଷ୍ଟେଲ (କଟକ) ମଙ୍ଗଳା କ୍ଲବ, କିଶୋର କ୍ଲବ, ରାଜଧାନୀ କ୍ଲବ–୭୩, ଜଗା ୟୁନାଇଟେଡ, ଏଜି ଓଡ଼ିଶା ଓ ଇଷ୍ଟକୋଷ୍ଟ ରେଲୱେ ଆଦି ଦଳ ଖେଳିବେ। ଗ୍ରାମାଞ୍ଚଳ ଇଭେଣ୍ଟର ଚାମ୍ପିୟନ ଦଳକୁ ୨୦ ହଜାର ଓ ଉପବିଜେତାକୁ ୧୫ ହଜାର ଟଙ୍କାର ପୁରସ୍କାର ରାଶି ମିଳିବ। ସେହିଭଳି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ବିଜେତା ଓ ରନର୍ସଅପ ଯଥାକ୍ରମେ ୨୫ ଓ ୨୦ ହଜାର ପ୍ରଦାନ କରାଯିବ।


## ମନେ ପଡ଼ନ୍ତି

**ଦଶାହ ଅବସରରେ**



ସ୍ୱର୍ଗତ ମଧୁସୂଦନ ମହାନ୍ତି
ଆବିର୍ଭାବ: ୧୦।୦୧।୧୯୩୯
ତିରୋଧାନ: ୨୦।୧୧।୨୦୧୯
(ପବିତ୍ର ପ୍ରଥମାଷ୍ଟମୀ)
ତଳନୂଆସାହି, ଗୋପୀନାଥପୁର, ଅଠରନଳା, ପୁରୀ
ଆଜି ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଇଂରାଜୀ ତାରିଖ ୨୦।୧୧।୨୦୧୯ ସନ୍ଧ୍ୟା ୭ଘ. ୧୫ମି. ସମୟରେ ଆମ୍ଭର ପୂଜନୀୟ ପିତା ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲେ। ଆମ୍ଭେମାନେ ଆଜି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ କି ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ।
ହତଭାଗ୍ୟ ଶୋକସନ୍ତପ୍ତ:
ସ୍ତ୍ରୀ: ଶାନ୍ତିଲତା ମହାନ୍ତି, ପୁତ୍ର: ରବିନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ବୋହୂ: ଗାୟତ୍ରୀ ଦାସ, ଶିବାନୀ ଦାସ, କନ୍ୟା: ସ୍ମିତା ମହାନ୍ତି, ଜ୍ୱାଇଁ: ସତ୍ୟପ୍ରସାଦ ପଟ୍ଟନାୟକ, ନାତି: ଟୁକୁନ, ନାନୁ, ଗୁଡ୍ଡୁ, ନାତୁଣୀ: ସୁଇଟି ଓ ପରିବାରବର୍ଗ।
ଧ–୬୮୮୦୩

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ତିଳୋତ୍ତମା ବସ୍ତିଆ
ସା/ପୋ: କଣିଆ
ବାଙ୍ଗୁରି ଗାଁ, କାକଟପୁର, ପୁରୀ
ଆବିର୍ଭାବ: ୧୯୪୪
ତିରୋଧାନ: ୧୯।୧୧।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଝିଅ– ଉର୍ମିଳା, ଜ୍ୱାଇଁ– ଶଶାଙ୍କ, ନାତି–ସମ୍ବିତ୍, ନାତୁଣୀ– ସୋନମ୍ ବନ୍ଧୁ ଓ ପରିବାରବର୍ଗ।
ଧ–୬୮୭୧୧

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଗୋପାଳ ରାଉତ
ଜଟଣୀ, କୁଶୁମାଟି
ତିରୋଧାନ: ୧୯।୧୧।୨୦୧୯
ଜେଜେ, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୋର ସେହି ରାଗ, ରୁଷା, ମାନ, ଅଭିମାନ କଥା ସବୁବେଳେ ମନେପଡୁଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଆଗରେ ବିନମ୍ର ନିବେଦନ କି ତୋର ଅମର ଆତ୍ମାର ସଦ୍‌ଗତି କାମନା କରନ୍ତୁ।
"ତୋର ହତଭାଗ୍ୟ"
ନାତି: ଲିଙ୍ଗରାଜ ରାଉତ (ରିଙ୍କୁ), ବନ୍ଧୁ ଓ ପରିବାରବର୍ଗ।
ଧ–୧୫୪୩୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଜ୍ୟୋତ୍ସ୍ନା
ଇଞ୍ଜୋଳ, ହାଟଡ଼ିହୀ, କେନ୍ଦୁଝର
ଆବିର୍ଭାବ: ୨୧।୦୭।୧୯୭୪
ତିରୋଧାନ: ୨୯।୧୧।୨୦୧୮
"କଥା ଦେଇଥିଲ ସାଥିରେ ଖେଳିବ କେତେ ସପନର ହୋଲି।
ବେଳ ନପୂରୁଣୁ ଚାଲିଗଲ ଛାଡ଼ି ଅସରନ୍ତି ମରୁବାଲି ।।"
ଶୋକସନ୍ତପ୍ତ:
ନିଃସଙ୍ଗ ସାଥୀ, ପୁତ୍ର ଓ ପରିବାରବର୍ଗ।
ଧ–୧୫୪୫୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଦମୟନ୍ତୀ ଦେଈ
ଆବିର୍ଭାବ: ୦୭।୦୨।୧୯୪୭
ତିରୋଧାନ: ମାର୍ଗଶିର ମାସ ଶୁକ୍ଳପକ୍ଷ ରମ୍ଭା ତୃତୀୟା
ଦେଈ, ତୁତ ତୋ' ବାଟରେ ଚାଲିଗଲୁ, ପଛକୁ ଫେରି ଚାହିଁଲୁ ନାହିଁ। ଯେଉଁମାନଙ୍କୁ ଛାଡ଼ିଗଲୁ ସେଇମାନଙ୍କ ମଧ୍ୟରେ ମୁଁ ଅତ୍ୟନ୍ତ ଦୁଃଖୀ। ପ୍ରତିବର୍ଷ ତୋରି ସ୍ମୃତିକି ସମ୍ବଳ କରି ତୋତେ ପିଣ୍ଡଦାନ କରିଆସୁଛି, ତୋ ଆତ୍ମାର ସଦ୍‌ଗତି ପାଇଁ। ଦେଖି ନଥିବା ତୋ ନାତି ଶାଶ୍ୱତ ଶୁଭଦର୍ଶୀ ପାଇଁ ତୋ ଆଶିଷ ଭିକ୍ଷା କରୁଛି। ତାହା ହିଁ ଦେ।
ତୋର ମୁନି।
ଧ–୧୫୪୫୮

**୭ମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ୟାମସୁନ୍ଦର ସାହୁ
ଆବିର୍ଭାବ: ୨୦।୦୯।୧୯୪୭
ତିରୋଧାନ: ୧୫।୧୨।୨୦୧୨
ତୁମ ଅମର ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବା ସଙ୍ଗେସଙ୍ଗେ ତୁମ ନିକଟରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ପୁଅ– ଅମୂଲ୍ୟ ସାହୁ, ଗଣେଶ ସାହୁ, ସ୍ତ୍ରୀ– ଶକୁନ୍ତଳା, ଝିଅ– ସବିତା ସାହୁ
ବନ୍ଧୁ ଓ ପରିବାରବର୍ଗ।
ଧ–୧୫୪୫୫

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧାର୍ଥ ସ୍ୱରୂପ ପଣ୍ଡା (ସିଦ୍ଧୁ)
ଫୁଲାଡ଼ି, ବାଲେଶ୍ୱର
ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଜୀବନ ସୁଖମୟ, ଉଜ୍ଜ୍ୱଳମୟ ଓ ଯଶସ୍ୱୀ କରି ରଖନ୍ତୁ।
ଆଶୀର୍ବାଦ ସହ:
ବାପା– ତାପସ ପଣ୍ଡା, ମାମା– ତନୁଶ୍ରୀ ପଣ୍ଡା, ନାନୀ, ଜେଜେବାପା, ଜେଜେମା', ଅଜା, ଆଈ, ମାମୁ, ମାଇଁ, ମାଉସୀ, ଗୁଲୁ ଏବଂ ଅନ୍ୟମାନେ
ଧ–୧୫୪୫୯

CLASSIFIED DISPLAY

ଶ୍ରବଣ ସମସ୍ୟା?
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123



ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ–ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ–ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୯/୨୦୧୯ Bhubaneswar, Friday, November 29/2019

## ସଂକ୍ଷେପରେ

### ପରିବର୍ତ୍ତିତ ମାର୍ଗରେ ଚାଲିବ ପୁରୁଷୋତ୍ତମ ଏକ୍ସପ୍ରେସ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ):** ପୁରୀ-ନୂଆଦିଲ୍ଲୀ-ପୁରୀ ପୁରୁଷୋତ୍ତମ ଏକ୍ସପ୍ରେସ୍ (୧୨୮୦୧-୧୨୮୦୨) ଆସନ୍ତା ଡିସେମ୍ବର ୫ ଓ ୬ରେ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ। ମୋଗଲସରାଇ ରେଳ ମଣ୍ଡଳର ବାବୁଆ ଷ୍ଟେଶନରେ ସୁରକ୍ଷା ସମ୍ବନ୍ଧିତ ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବାରୁ ପୁରୁଷୋତ୍ତମର ମାର୍ଗ ପରିବର୍ତ୍ତନ କରାଯାଇଛି। ଏହି ଦୁଇ ଦିନରେ ଟାଟା-ମୁରି-ବର୍କକନା-ଗର୍ୱା ରୋଡ଼-ଚୋପନ-ଚୁନାର ଷ୍ଟେଶନ ମାର୍ଗରେ ପୁରୁଷୋତ୍ତମ ଏକ୍ସପ୍ରେସ ଚଳାଚଳ କରିବ। ସୂଚନାଯୋଗ୍ୟ, ଚାନ୍ଦିଲ-ପୁରୁଲିଆ-ବୋକାରୋ ଷ୍ଟିଲ ସିଟି-ଚନ୍ଦ୍ରପୁରା-ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜଙ୍କଶନ୍-ଗୋମୋ-ପାରସନାଥ-ହଜାରୀବାଗ-କୋଡର୍ମା-ପାହାଡପୁର-ଗୟା-ଅନୁଗ୍ରହ ଏନ୍ ରୋଡ଼- ଦେହରି ଅନ୍ ସୋନ-ସାସାରାମ-ବାବୁଆ ରୋଡ଼-ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କଶନ ଦେଇ ଚଳାଚଳ କରିବ ନାହିଁ।

### ନିର୍ମଳ ଯୋଜନାରେ ଅର୍ଥ ପ୍ରଦାନକୁ ସୁବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ):** ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ନିର୍ମଳ ଯୋଜନାରେ ଅର୍ଥ ପ୍ରଦାନକୁ ସୁବ୍ୟବସ୍ଥିତ କରିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ କୁହାଯାଇଛି। ଏଥିସହିତ ଡାକ୍ତରଖାନାରେ ପରିଷ୍କାର ପରିଚ୍ଛନ୍ନତାର ଗୁଣାତ୍ମକ ଦିଗକୁ ଦୃଷ୍ଟି ଦେଇ 'ମୋ ସରକାର'ର ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ପତ୍ର ଲେଖିଛନ୍ତି। ସିଏଚ୍‌ସି, ଉପଖଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ସେବା ଯୋଗାଣକାରୀ ସଂସ୍ଥାକୁ ଅର୍ଥ ପ୍ରଦାନ କରାଯିବ। ସେଥିପାଇଁ ସିଡିଏମ୍‌ଓମାନେ ତାଙ୍କ ଅଧୀନରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଓ ସିଏଚ୍‌ସିରେ ନିର୍ମଳ ଯୋଜନାରେ ଆବଶ୍ୟକତା ଅନୁଯାୟୀ ଅର୍ଥ ଯୋଗାଇଦେବେ। ଏନେଇ ଗଠିତ କମିଟି ପ୍ରତି ମାସ ୧୦ ତାରିଖରେ ସେବା ଯୋଗାଣକାରୀ ସଂସ୍ଥାର ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରି ଅର୍ଥ ପ୍ରଦାନର ବ୍ୟବସ୍ଥା କରିବ। ଜାରି ମାର୍ଗଦର୍ଶିକା ଅନୁଯାୟୀ, ସମ୍ପୃକ୍ତ ସେବା ଯୋଗାଣକାରୀ ସଂସ୍ଥା ସେମାନଙ୍କ ବିଲ୍ ପ୍ରତ୍ୟେକ ମାସର ୭ତାରିଖ ସୁଦ୍ଧା ଦାଖଲ କରିବେ। ପ୍ରତି ମାସର ୨୧ ତାରିଖ ସୁଦ୍ଧା ସେମାନଙ୍କୁ ଅର୍ଥ ପ୍ରଦାନ ଲାଗି କୁହାଯାଇଛି। କମିଟି ପକ୍ଷରୁ ଚିକିତ୍ସାଳୟର ସ୍ୱଚ୍ଛତା ଅନୁଧ୍ୟାନ କରାଯିବ। ସେବା ଯୋଗାଣକାରୀ ସଂସ୍ଥାକୁ ତାହାର ପ୍ରାପ୍ୟ ପ୍ରଦାନ ସଂକ୍ରାନ୍ତରେ ପ୍ରତି ମାସ ୩୦ ତାରିଖ ସୁଦ୍ଧା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୧ରୁ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ):** ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୋଣାର୍କ ମହୋତ୍ସବ ସହ ସମାନ୍ତରାଳଭାବେ ଡିସେମ୍ବର ୧ରୁ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଚନ୍ଦ୍ରଭାଗା ବାଲୁକା ଶଯ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦେଶ ଏବଂ ଦେଶ ବାହାରୁ ମୋଟ ୧୨୩ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ଦିନ ଧରି ଉତ୍ସବ ଚାଲିବ। ୫ଟି ଥିମ୍‌କୁ ନେଇ ଶିଳ୍ପୀମାନେ ବାଲୁକା କଳା ପ୍ରସ୍ତୁତ କରିବେ। ପ୍ରଥମଦିନ 'ପ୍ରକୃତି ପର୍ଯ୍ୟଟନ', ୨ୟ ଦିନ 'ସଂସ୍କୃତି ଏବଂ ପର୍ବ ପର୍ବାଣି', ୩ୟ ଦିନ 'ମହିଳା ସଶକ୍ତୀକରଣ', ୪ର୍ଥ ଦିନ 'ପ୍ଲାଷ୍ଟିକ୍‌କୁ ନା' ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ 'ଐତିହ୍ୟ' ଥିମ୍ ରହିବ। ପ୍ରତ୍ୟେକ ଦିନ ଥିମ୍ ଅନୁଯାୟୀ ୪୨ ବାଲୁକାକଳା ଏଠାରେ ପ୍ରଦର୍ଶିତ ହେବ। ପ୍ରଥମଥର ପାଇଁ ୧୦ ଯୁବ ବାଲୁକା ଶିଳ୍ପୀଙ୍କୁ ନେଇ ଗଠିତ ଏକ ଟିମ୍ ଏବଂ ଦୁଇଜଣ ଦିବ୍ୟାଙ୍ଗ ବାଲୁକା ଶିଳ୍ପୀ ଉତ୍ସବରେ ନିଜ ପ୍ରତିଭା ପ୍ରଦର୍ଶନ କରିବେ ବୋଲି ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି। ହସ୍ତଶିଳ୍ପ ମେଳା ଓ ପ୍ରଥମଥର ଲାଗି ୫ ଫୁଡ୍‌ଷ୍ଟଲ୍‌ରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ।



ଗୁରୁବାର ଭୁବନେଶ୍ୱର ଆର୍‌ଟିଓ-୧ ପରିସରରୁ ରାସ୍ତା ଉପରକୁ ଲମ୍ବିଥିବା ଲୋକଙ୍କ ଲାଇନ୍।



ଆର୍‌ଟିଓ ବାହାରେ ଅସମ୍ଭାଳ ଭିଡ଼।

### ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ପ୍ରସଙ୍ଗ

# ପୁଣି କୋହଳ, ବଦଳିଲାନି ବ୍ୟବସ୍ଥା

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

୩ ମାସର ଡେଡ୍‌ଲାଇନ୍ ସରିବା ପୂର୍ବରୁ ସ୍ଥିତିକୁ ଦେଖି ରାଜ୍ୟ ସରକାର ନୂଆ ମୋଟର ଯାନ ଆଇନକୁ କଡାକଡି ଲାଗୁ କରିବାକୁ ଆଉ ୩ ମାସ ଗଡ଼ାଇଛନ୍ତି। ଏହି ସମୟ ମଧ୍ୟରେ ଗାଡ଼ି କାଗଜପତ୍ର କରାଇବା ପାଇଁ ଜନସାଧାରଣଙ୍କୁ କୁହାଯାଇଛି। ହେଲେ ଲୋକେ କିପରି ତୁରନ୍ତ ଡ୍ରାଇଭିଂ ଲାଇସେନ୍ସ ସହ ଅନ୍ୟାନ୍ୟ କାଗଜପତ୍ର ପାଇବେ ତାହାର ସୁବ୍ୟବସ୍ଥା କରାଯାଇ ନାହିଁ। ଅଧିକ କ୍ୟାମ୍ପ ଅଫିସ ଖୋଲିବା ଓ ଆବଶ୍ୟକ କର୍ମଚାରୀ ନିୟୋଜିତ କରିବାର ଆବଶ୍ୟକତା ରହିଥିଲେ ବି ଏହା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ। ସେହିଭଳି ବାରମ୍ବାର ଇଣ୍ଟରନେଟ୍ ସେବା ବ୍ୟାହତ ହେଉଥିଲେ ମଧ୍ୟ ତାହାର ସମାଧାନ ହୋଇପାରିନି। ଫଳରେ ଲାଇସେନ୍ସ ପାଇଁ ଆଗାମୀ ଦିନରେ ମଧ୍ୟ ଲୋକେ ବାରମ୍ବାର ଦୌଡ଼ି ନିରାଶ ହେବେ। ଚାଦର, କମ୍ବଳ ଧରି ରାତିରୁ ଲାଇନ୍ ଲଗାଇ ଶୋଇବେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ପ୍ରତି କ୍ୟାମ୍ପ ଅଫିସରେ ମାତ୍ର ଦୁଇଜଣ କର୍ମଚାରୀ ନିୟୋଜିତ ରହିଛନ୍ତି। ବହୁ ଲୋକଙ୍କୁ ପ୍ରଶ୍ନ ପଚାରି ଲର୍ନିଂ ଡ୍ରାଇଭିଂ ଲାଇସେନ୍ସ ଦେବାରେ ଅଧିକ ସମୟ ଲାଗୁଛି। ଗୋଟିଏ ଦିନରେ ୩୫ରୁ ୪୦ଜଣଙ୍କୁ ଲର୍ନିଂ ଲାଇସେନ୍ସ ଦେବା କଷ୍ଟକର ହୋଇପଡୁଛି। ପୁଣି ଇଣ୍ଟରନେଟ କଟିଲେ ଟଙ୍କା ପୈଠ ଓ ଲାଇସେନ୍ସ ମିଳିପାରୁନି। ଏଜି ଛକସ୍ଥିତ ଓଏସ୍‌ଆର୍‌ଟିସି ଓ ଶହୀଦନଗର କ୍ୟାମ୍ପ ଅଫିସରେ ସ୍ଥିତି ସବୁଠୁ ବଳିଯାଇଛି। ଲୋକେ ସକାଳୁ ଧାଡ଼ି ଲଗାଇବା ପାଇଁ ସେଠାରେ ରାତିରେ ଖୋଲା ଆକାଶ ତଳେ ଶୋଇବା ସହ ହେଲ୍‌ମେଟ୍ ଓ ବ୍ୟାଗ୍ ରଖି ଜାଗା ରଖିବା ଦୃଶ୍ୟ ସବୁଠୁ ହୃଦୟବିଦାରକ ଥିଲା। ସରକାର କୋହଳ ଘୋଷଣା କରିବା ପରେ ମଧ୍ୟ ଗୁରୁବାର ଭୁବନେଶ୍ୱରର ଆର୍‌ଟିଓ-୧ ଏବଂ ଆରଟିଓ-୨ରେ ଲୋକଙ୍କ ଗହଳି କମି ନ ଥିଲା। ସକାଳୁ ଠେଲାପେଲା ପରିସ୍ଥିତି ଦେଖି ବାଧ୍ୟ ହୋଇ ପୋଲିସ ଗେଟ୍‌ରେ ତାଲା ପକାଇ ଦେଇଥିଲା। ପୂର୍ବପରି ଖରାରେ ଲୋକେ ଲାଇନ୍‌ରେ ରହିଥିଲେ। ଅଫିସ ଖୋଲିବା ପରେ ଲୋକଙ୍କ ଗହଳି ବଢିବାରେ ଲାଗିଥିଲା।

- ଲାଇସେନ୍ସ ପାଇଁ ଆର୍‌ଟିଓ, କ୍ୟାମ୍ପ ଅଫିସରେ ଲୋକେ ହନ୍ତସନ୍ତ
- କର୍ମଚାରୀ ଅଭାବ କହି ହାତ ଟେକି ଦେଉଛନ୍ତି ଆର୍‌ଟିଓ
- ପରୀକ୍ଷାରେ ଫେଲ୍ ପରେ ପୁଣି ନିଆଯାଉଛି ୫୦ ଟଙ୍କା ଫି

ଆରଟିଓ-୧ରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯେଉଁମାନେ ଲର୍ନିଂ ପାଇଁ ପରୀକ୍ଷାଦେଇ ଫେଲ୍ ହେଉଥିଲେ ସେମାନେ ପୁଣି ପରୀକ୍ଷା ଦେବାକୁ ଗଲେ ୫୦ ଟଙ୍କା ନିଆଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଲୋକେ ହୋହଲ୍ଲା କରିଥିଲେ। ଏପରି ବାରମ୍ବାର ଫି'କୁ କୋହଳ କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ସହଜ ଓ ସ୍ୱାଭାବିକ ଭାବେ ଲାଇସେନ୍ସ ପ୍ରଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ସରକାର କୋହଳ କରିଥିବା ଗତ ୩ମାସ ମଧ୍ୟରେ ପ୍ରାୟ ୬୮ ହଜାର ଲୋକ ଲର୍ନିଂ ଓ ୨୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଡିଏଲ୍ ଲାଇସେନ୍ସ ନେଲେଣି। ଶେଷ ୧୫ ଦିନରେ ପ୍ରାୟ ୧୨ ହଜାର ଲୋକ ଲର୍ନିଂ ପାଇଁ ଆବେଦନ କରିଥିବା ଜଣାପଡିଛି।

# ତଦନ୍ତ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଲା ଗୃହ ବିଭାଗ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

**ବିଭାଗୀୟ ଉଦାସୀନତାରୁ ଯବାନ ମୃତ୍ୟୁସହ ସଂଗ୍ରାମ କରିବା ଘଟଣା**

କାର୍ଯ୍ୟ କରୁଥିବାବେଳେ ବ୍ରେନ୍‌ଷ୍ଟ୍ରୋକ୍‌ର ଶିକାର ହୋଇ ଗୁରୁତର ଥିବା ଯବାନ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ପ୍ରତି ଗୁରୁତର ବିଭାଗୀୟ ଅବହେଳା କରାଯାଇଥିବା ଅଭିଯୋଗ ହୋଇ ଆସୁଛି। ସେ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ପରିବର୍ତ୍ତେ ଜଟିଳ ହେବାରେ ଲାଗିଛି। କୃଷ୍ଣଚନ୍ଦ୍ର ମୃତ୍ୟୁ ସହ ସଂଗ୍ରାମ କରୁଥିଲେ ମଧ୍ୟ ବିଭାଗ ପକ୍ଷରୁ ଦେଖାଶୁଣା କରାଯିବା ତ ଦୂରେ ଥାଉ ତାଙ୍କ ଉପରିସ୍ଥ ଅଧିକାରୀ ଦେଖିବାକୁ ଆସୁନାହାନ୍ତି। ଏନେଇ ତାଙ୍କ ବାପା ଗଙ୍ଗାଧର ମଲ୍ଲିକ ଓ ଗ୍ରାମ ପଞ୍ଚାୟତ ଲୋକେ ଗୃହବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରିବା ପାଇଁ ଗୃହ ବିଭାଗ ପୋଲିସ ଡିଜି ଓ ଆଇଜିଙ୍କୁ ଚିଠି ଲେଖିଛି। ଯେଉଁମାନେ କୃଷ୍ଣଚନ୍ଦ୍ରଙ୍କ ନାମରେ ଜାଲ ଦସ୍ତଖତ କରି ଛୁଟି ମଞ୍ଜୁର କରିଛନ୍ତି, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ରଙ୍କ ଘର କେଉଁଝର ଜିଲାରେ ହୋଇଥିବାବେଳେ ସେ ଓଏସ୍‌ଏପି ୨ୟ ବାଟାଲିୟନର ସୀପାହୀ ହାବିଲ୍‌ଦାର ଏସ୍-୧୬୪ ଭାବେ ରାଉରକେଲା କାଲ୍‌ଟା ଫାଣ୍ଡିରେ କାର୍ଯ୍ୟ କରୁଥିଲେ। ଗତମାସ ୩ ତାରିଖ ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆ ନ ଯାଇ ଚଞ୍ଚକତା କରି ଛୁଟି ଦରଖାସ୍ତରେ ତାଙ୍କର ଦସ୍ତଖତ କରି ନିଆଯାଇଥିଲା। ବିଳମ୍ବ ଯୋଗୁ ସେ ବ୍ରେନ୍‌ଷ୍ଟ୍ରୋକ୍‌ର ଶିକାର ହୋଇ ଅଚେତ ହୋଇପଡିଥିଲେ। ୫ଘଣ୍ଟା ପରେ ତାଙ୍କୁ କେତେଜଣ ଯବାନ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପଳାଇଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରିଥିଲେ। ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିବା ଓ କୃଷ୍ଣଚନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡିଥିବା ଡାକ୍ତର କହିବା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବାପା ଗଙ୍ଗାଧର ଗରିବ ହୋଇଥିବାରୁ ଧାର କରଜ କରି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଥିଲେ। ସ୍ଥିତି ଏପରି ହୋଇଥିଲା ଶେଷରେ ଗଙ୍ଗାଧର ପାଳୁଥିବା କୁକୁଡ଼ା ବିକ୍ରି କରିଦେଇଥିଲେ। ଶେଷରେ ଅର୍ଥାଭାବରୁ ପରିବାର ଲୋକେ କୃଷ୍ଣଚନ୍ଦ୍ରଙ୍କୁ ଘରୋଇ ହସ୍ପିଟାଲରୁ କଟକ ବଡ଼ ମେଡିକାଲରେ ପୁଣି ଭର୍ତ୍ତି କରିଛନ୍ତି। ଯେଉଁ ଅଧିକାରୀଙ୍କ ଅବହେଳା ପାଇଁ ପୁଅର ଏଭଳି ଅବସ୍ଥା ହେଲା ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାପା ଗଙ୍ଗାଧର ଦାବି କରିଛନ୍ତି।





ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଦ୍ୱାଦଶ ଇଣ୍ଟରନ୍ୟାଶନାଲ କ୍ୟାଲିବର-୨୦୧୯ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

# ସମସ୍ତଙ୍କ ନିକଟରେ ପାଠାଗାର ପହଞ୍ଚୁ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ ଓ ଗାନ୍ଧୀନଗରସ୍ଥିତ ଇନ୍‌ଫରମେଶନ୍ ଆଣ୍ଡ୍ ଲାଇବ୍ରେରି ନେଟ୍‌ୱାର୍କ (ଇନ୍‌ଫ୍ଲିବ୍‌ନେଟ୍) ମିଳିତ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଦ୍ୱାଦଶ ଇଣ୍ଟରନ୍ୟାଶନାଲ କ୍ୟାଲିବର-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠାଗାର ପ୍ରତି ସମସ୍ତଙ୍କ ଆଗ୍ରହ ବୃଦ୍ଧି ଲାଗି ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି କହିଥିଲେ। ପୂର୍ବରୁ ଛାତ୍ରୀଛାତ୍ରମାନେ ଅଧିକ ସମୟ ପାଠାଗାରରେ ବିତାଉଥିବାବେଳେ ଏବେ ଇଣ୍ଟରନେଟ୍‌ର ସହାୟତା ନେଉଛନ୍ତି। ପାଠାଗାର କିପରି ସମସ୍ତଙ୍କ ନିକଟରେ ଅତି ସହଜରେ ପହଞ୍ଚିପାରିବ ସେଥିପାଇଁ ଗ୍ରନ୍ଥାଗାରିକ ଓ ବିଶେଷଜ୍ଞ ପନ୍ଥା ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥିଭାବେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ଭାଇସ୍-ଚେୟାରପର୍ସନ ପ୍ରଫେସର ଅଶୋକ ଦାସ ଯୋଗଦେଇ କହିଥିଲେ, ପାଠାଗାର ସମସ୍ତଙ୍କ ପାଇଁ ମନ୍ଦିର ସଦୃଶ। ବର୍ତ୍ତମାନର ପ୍ରଯୁକ୍ତି ଯୁଗରେ ଆମେମାନେ ଇଣ୍ଟରନେଟ୍ ସହାୟତାରେ ଅଣସ୍ୱୀକୃତି ପ୍ରାପ୍ତ ପାଠାଗାର ବ୍ୟବହାର କରୁଛେ। ଭବିଷ୍ୟତର ପାଠାଗାର ସମସ୍ତଙ୍କ ପାଇଁ ଆରାମଦାୟକ ସ୍ଥାନ ହେବା ଉଚିତ ବୋଲି ପ୍ରଫେସର ଦାସ କହିଛନ୍ତି। ସମସ୍ତ ସ୍ୱୀକୃତି ପ୍ରାପ୍ତ ପାଠ୍ୟପୁସ୍ତକ ଯେପରି ଗୋଟିଏ ଡିଜିଟାଲ୍ ପ୍ଲାଟଫର୍ମରେ ମିଳିପାରିବ ସେଥିପାଇଁ ଡିଜିଟାଲ୍ ସୁଟ୍‌କେଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉତ୍ତର ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଟି. ଡି. କେମ୍ପାରାଜୁ ଯୋଗଦେଇ କହିଲେ, ଗ୍ରନ୍ଥାଗାର କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଯଥେଷ୍ଟ ପ୍ରଭାବ ରହିଛି। ତେଣୁ ଗ୍ରନ୍ଥାଗାରିକମାନେ ଏଥିପାଇଁ ନିଜକୁ ପ୍ରସ୍ତୁତ କରିବା ଉଚିତ୍ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଫ୍ଲିବ୍‌ନେଟ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଜେ. ପି. ସିଂହ ଜୁରେଲ୍, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ସି.ଆର୍. କାରିସିଦାପ୍ପା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗ୍ରନ୍ଥାଗାରିକ ତଥା ସମ୍ମିଳନୀ ଆୟୋଜନ କମିଟି ସମ୍ପାଦିକା ଡ. ବିଜୟଲକ୍ଷ୍ମୀ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କ୍ୟାଲିବର ୨୦୧୯ର ଆବାହକ ଡ. ଏଚ୍. ଜି. ହୋସାମଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଲିଗାଲ ହାୟର ସାର୍ଟିଫିକେଟ ପାଇଁ ଲାଞ୍ଚ

# ଗିରଫ ହେଲେ ପିଚୁକୁଳି ଏଆରଆଇ, ଦଲାଲ

**ଖୋର୍ଦ୍ଧା ଅଫିସ/ବୋଲଗଡ,୨୮।୧୧(ଡି.ଏନ.ଏ.)**

ଉତ୍ତରାଧିକାରୀ (ଲିଗାଲ ହାୟର) ପ୍ରମାଣପତ୍ର କରାଇ ଦେବାକୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଖୋର୍ଦ୍ଧା ଭିଜିଲାନ୍ସ ହାତରେ ଗୁରୁବାର ଧରାପଡିଛନ୍ତି ବୋଲଗଡ ତହସିଲ ପିଚୁକୁଳି ଅତିରିକ୍ତ ରେଭିନ୍ୟୁ ଇନ୍‌ସ୍ପେକ୍ଟର (ଏଆର୍‌ଆଇ) କୃଷ୍ଣଚନ୍ଦ୍ର ସେଠୀ। ସେହିଭଳି ଲାଞ୍ଚ ଟଙ୍କା ରଖିଥିବା ଦଲାଲ ତୁଳସୀବେରଣା ଗାଁର ପ୍ରଫୁଲ୍ଲ ଚନ୍ଦ୍ର ପରିଡା(୪୦)ଙ୍କୁ ମଧ୍ୟ ଭିଜିଲାନ୍ସ ଧରିଛି। ଏ ନେଇ ମାମଲା (ନଂ. ୬୦/୧୯) ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି। ସୂଚନାନୁସାରେ, ତାଳତୁମ୍ବ ଗାଁର ଅକ୍ଷୟ ରାଉତରାୟଙ୍କ ଜେଜେ ବାଞ୍ଛାନିଧି ୨୦ବର୍ଷ ତଳେ ପ୍ରାଣ ହରାଇଥିଲେ। ଲିଗାଲ ହାୟର ସାର୍ଟିଫିକେଟ କରାଇ ଦେବାପାଇଁ ଅକ୍ଷୟଙ୍କଠାରୁ ଏଆର୍‌ଆଇ କୃଷ୍ଣ ଉକ୍ତ ଲାଞ୍ଚ ନେଇ ପ୍ରଫୁଲଙ୍କୁ ଦେଇଥିଲେ। ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ପାଇକରାୟଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ସେମାନଙ୍କୁ କାବୁ କରି ଲାଞ୍ଚଟଙ୍କା ଜବତ କରିଥିଲା। ପରେ ବେଗୁନିଆ ବ୍ଲକ୍ ଗଡ଼ମାଣିତୀର ଗାଁସ୍ଥିତ ଏଆରଆଇଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା।

### 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କଲେ ଅନ୍ତରୀଣ ଡିଜିପି

# ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ସନ୍ତୁଷ୍ଟ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

'ହ୍ୟାଲୋ ମୁଁ ଡିଜିପି ସତ୍ୟଜିତ ମହାନ୍ତି କହୁଛି। ଆପଣ ଥାନାକୁ ଯାଇ ଅଭିଯୋଗ କରିଥିଲେ, ପୋଲିସ ଠିକ୍ କାର୍ଯ୍ୟାନୁଷ୍ଠାନ ନେଇଛି କି? ଥାନା ଅଧିକାରୀ ଓ କର୍ମଚାରୀଙ୍କ ବ୍ୟବହାର ଆପଣଙ୍କ ପ୍ରତି କିଭଳି ଥିଲା? ପୋଲିସର କାର୍ଯ୍ୟ ଉପରେ ଆପଣ ସନ୍ତୁଷ୍ଟ କି?' ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେବା ପରେ ପ୍ରଥମଥର କରି ଡା. ସତ୍ୟଜିତ ମହାନ୍ତି ଭୁବନେଶ୍ୱର ଡିଜିପି କ୍ୟାମ୍ପ ଅଫିସରେ 'ମୋ ସରକାର' କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସେ ବିଭିନ୍ନ ଜିଲାର ୧୦ଜଣ ଅଭିଯୋଗକାରୀଙ୍କ ସହ ସିଧାସଳଖ ଫୋନ୍‌ରେ କଥା ହୋଇ ଏଭଳି ମତାମତ ନେଇଛନ୍ତି। ଏହି ଆଧାରରେ ଡିଜିପି ଉକ୍ତ ଥାନାକୁ ଅନ୍‌ଲାଇନ୍ ମାଧ୍ୟମରେ ମାର୍କ ମଧ୍ୟ ଦେଇଛନ୍ତି। ଯେଉଁ ଥାନା ବିରୋଧରେ ଖରାପ ମାର୍କ ଆସୁଛି ସେହି ଥାନା ଅଧିକାରୀଙ୍କୁ ତାଗିଦ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ସତ୍ୟଜିତ ମହାନ୍ତି କହିଛନ୍ତି। ପ୍ରଥମେ ଡିଜିପି ମହାନ୍ତି ପୁରୀ ଜିଲା କୁମ୍ଭାରପଡା



ଥାନାଞ୍ଚଳର ଜଣେ ଅଭିଯୋଗକାରୀଙ୍କ ସହ କଥା ହୋଇଥିଲେ। ପରେ କଟକ, ଜଗତପୁର, ଟିଟିଲାଗଡ, କନ୍ଧମାଳ, ଭଦ୍ରକ ଗ୍ରାମାଞ୍ଚଳ ଓ ଟାଉନ ଥାନାରେ ଅଭିଯୋଗ କରିଥିବା ଅଭିଯୋଗକାରୀଙ୍କ ସହ ଡିଜିପି କଥା ହୋଇ ଫିଡ୍‌ବ୍ୟାକ୍ ନେଇଥିଲେ। ଗାନ୍ଧୀ ଜୟନ୍ତୀରୁ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ ଦିନଠାରୁ ଆଜିପର୍ଯ୍ୟନ୍ତ ଥାନାରେ ରୁଜୁ ହୋଇଥିବା ମାମଲା ଓ ଟୋଲ୍ ଫ୍ରି ନଂ.୧୪୫୪୫କୁ ଆସୁଥିବା କଲ୍ ଅନୁଯାୟୀ ପ୍ରାୟ ୨୪ ହଜାର ଲୋକଙ୍କର

- ୧୦ ଅଭିଯୋଗକାରୀଙ୍କ ସହ ସିଧା କଥା ହେଲେ
- ଖରାପ ମାର୍କ ପାଇଥିବା ଥାନା ଉପରେ ହେବ କାର୍ଯ୍ୟାନୁଷ୍ଠାନ

ମତାମତ ନିଆଯାଇଛି। ପ୍ରାୟ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ପୋଲିସ କାର୍ଯ୍ୟରେ ସନ୍ତୁଷ୍ଟ ଥିବା ଡିଜିପି ମହାନ୍ତି କହିଛନ୍ତି। ଅଭିଯୋକାରୀଙ୍କୁ ସୁହାଇଲା ଭଳି ନୁହେଁ, ନିରପେକ୍ଷ ଓ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ହେବ। ଯେପରି ପୋଲିସ ଅଭିଯୋଗକାରୀଙ୍କୁ ଭଲ ବ୍ୟବହାର କରିବ ଓ ତଦନ୍ତ କରି ତ୍ୱରିତ ପଦକ୍ଷେପ ନେବ, ତାହା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସମୀକ୍ଷା ସମୟରେ ଷ୍ଟେଟ୍ କ୍ରାଇମ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି)ର ନିର୍ଦ୍ଦେଶକ ରାଜେଶ କୁମାର ଉପସ୍ଥିତ ଥିଲେ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛନ୍ତି,
ସେ ହିଁ ଶକ୍ତିଶାଳୀ।
-ସେନେକା



## ସଂକ୍ଷେପରେ

### ଚୋରା ମଦ କାରବାର ଅଭିଯୋଗ
## କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

**ସାଲେପୁର, ୨୮।୧୧(ଡି.ଏନ୍.ଏ):** ସାଲେପୁର ଥାନା ପିକୋଳ ପଞ୍ଚାୟତ ଅନ୍ତର୍ଗତ ମାଣିତ୍ରୀ (ମୋହିଉଦ୍ଦିନ୍‌ପୁର) ଗ୍ରାମରେ ଚୋରାମଦ କାରବାର ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମରେ ୩ ଜଣ ବ୍ୟକ୍ତି ଖୁଲମ୍‌ଖୁଲା ଚୋରାମଦ ବ୍ୟବସାୟ କରୁଛନ୍ତି। ସେଠାରୁ ମଦ୍ୟପାନ କରି ମଦ୍ୟପମାନେ ଗାଁ ମଝିରେ ସାଧାରଣ ଲୋକଙ୍କୁ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏନେଇ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ଚୋରାମଦ ବ୍ୟବସାୟୀମାନେ ଦିନରାତି ଏଠାରେ ମଦବ୍ୟବସାୟ କରୁଥିଲେ ମଧ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ଗ୍ରାମବାସୀ ରାଜ୍ୟ ୫-ଟି ସଚିବ, ପୋଲିସ୍ ମହାନିର୍ଦ୍ଦେଶକ, ଜିଲାପାଳ, ଗ୍ରାମାଞ୍ଚଳ ପୋଲିସ୍ ଆରକ୍ଷୀ ଅଧୀକ୍ଷକ, ଅବକାରୀ ବିଭାଗ କମିଶନର୍, ଅବକାରୀ ବିଭାଗ ଅଧୀକ୍ଷକ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରାମଦ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

## ହମ୍ପସ୍‌ରେ ପଡ଼ି ବୃଦ୍ଧ ମୃତ

**ମାହାଙ୍ଗା୨୮।୧୧(ସ୍ୱ.ପ୍ର.):** ସାଲେପୁର ଥାନା ଅନ୍ତର୍ଗତ ଚାହାପଡ଼ାସ୍ଥିତ ହନୁମାନ ମନ୍ଦିର ନିକଟରେ ଜଣେ ବୃଦ୍ଧ ଗୁରୁବାର ହମ୍ପସ୍ ଉପରେ ପଡିଯିବାରୁ ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହତା ଗ୍ରାମର କିଶୋର ଚନ୍ଦ୍ର ରଥ(୭୨)। ସେ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଟନ୍ତି। ଏକ ଅଟୋରେ କଟକରୁ ନିଜ ଘର ଅଭିମୁଖେ ଆସୁଥିଲେ। ଚାହାପଡାସ୍ଥିତ ହନୁମାନ ମନ୍ଦିର ନିକଟରେ ଥିବା ହମ୍ପସରେ ଅଟୋଟି ଭାରସାମ୍ୟ ହରାଇ ଜୋରରେ ହଲି ଯାଇଥିଲା। ଫଳରେ କିଶୋର ତଳେ ପଡି ଯାଇଥିଲେ। ତାଙ୍କ ମୁଣ୍ଡ ଆଗପଟ ପିଚୁ ରାସ୍ତାରେ ମାଡ ହୋଇ ଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ବେଆଇନ ହମ୍ପସ ନିର୍ମାଣ ଓ ପୂର୍ତ୍ତବିଭାଗକୁ ଦାୟୀ କରିଛନ୍ତି। ତୁରନ୍ତ ଉକ୍ତ ବେଆଇନ ହମ୍ପସକୁ ରାସ୍ତାରୁ ଉଚ୍ଛେଦ କରାଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

### ଆପରାଧିକ ମାମଲାରେ ଜଡ଼ିତ ଯୁବକଙ୍କୁ ଗୁଳିମାଡ଼
# ଆତ୍ମରକ୍ଷା ପାଇଁ ଥାନାରେ ପଶିଗଲେ

**ମାହାଙ୍ଗା/ନିଶ୍ଚିନ୍ତକୋଇଲି/ଲଳିତଗିରି, ୨୮।୧୧(ସ୍ୱ.ପ୍ର.)**

- **ପୂର୍ବ ଶତ୍ରୁତାରୁ ଗୁଳି ଚଳାଯାଇଥିବା ଅଭିଯୋଗ**
- **ଦୁର୍ବୃତ୍ତ ଫେରାର, ଥାନାରେ ଅଭିଯୋଗ**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଝାଡେଶ୍ୱରପୁର-ବାଲିଆଚକା ରାସ୍ତାରେ ଗୁରୁବାର ସକାଳେ ଗୁଳିମାଡ଼ ହୋଇଛି। ବିଭିନ୍ନ ଆପରାଧିକ ମାମଲାରେ ଜଡିତ ଥିବା ଝାଡେଶ୍ୱରପୁର ଗ୍ରାମର ଜ୍ୟୋତିସମ୍ରାଟ ପ୍ରହରାଜ ଓରଫ ବାପିଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଯାଇଥିଲା ଆତ୍ମରକ୍ଷା ପାଇଁ ବାପି ଓ ତାଙ୍କ ସାଥୀ ନିଶ୍ଚିନ୍ତକୋଇଲି ଥାନାରେ ପଶିଯିବାରୁ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛନ୍ତି। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରୁ ଖବରପାଇ ମାହାଙ୍ଗା ଥାନା ଅଧିକାରୀ ଓ ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ବାପି ଅଭିଯୋଗ କରିବା ପରେ ମାହାଙ୍ଗା ଥାନାରେ ମାମଲା (ନଂ. ୨୪୯/୧୯) ରୁଜୁ କରାଯାଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ବାପି ଜଣେ ସାଥୀଙ୍କ ସହ ସକାଳେ ଚା ପିଇବାକୁ ଏକ ସ୍କର୍ପିଓ ଗାଡିରେ ସାଲେପୁର ଅଭିମୁଖେ ଯାଉଥିଲେ। ଝାଡେଶ୍ୱରପୁର କେନାଲ ବନ୍ଧ ରାସ୍ତାରେ ସେମାନେ ଯାଉଥିବା ବେଳେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କ ଗାଡି ଉପରକୁ ଅଚାନକ ଗୁଳି ଚଳାଇଥିଲେ। ବାପି ଗାଡ଼ି ଭିତରେ ନଇଁ ପଡିବାରୁ ଗୋଟିଏ ଗୁଳି ଡୋର କାଚରେ ବାଜିଥିଲା। ଏହାପରେ ବାପି ଦ୍ରୁତ ଗତିରେ ଗାଡି ଚଳାଇ ନିକଟରେ ଥିବା ନିଶ୍ଚିନ୍ତକୋଇଲି ଥାନା ଭିତରକୁ ପଶିଯାଇଥିଲେ। ଏହାଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ ସାଲେପୁର ଏସଡିପିଓ ନିମାଇଁ ଚରଣ ସେଠୀ, ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ, ଭଦ୍ରେଶ୍ୱର ଫାଣ୍ଡି ଅଧିକାରୀ ତପନ ନାୟକ ସାଇଣ୍ଟିଫିକ୍ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗୁଳିମାଡ଼ ହୋଇଥିବା ସ୍ଥାନରୁ ଗୋଟିଏ ଖୋକା ଜବତ ହୋଇଛି।

### କୋଲଣପୁର ଉପନିର୍ବାଚନ
# ରୂପାଲିନ ସରପଞ୍ଚ ନିର୍ବାଚିତ

**ନିଶ୍ଚିନ୍ତକୋଇଲି, ୨୮।୧୧(ସ୍ୱ.ପ୍ର.)**



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କୋଲଣପୁର ପଞ୍ଚାୟତରେ ସରପଞ୍ଚ ଭାବେ ବିଜେଡି ସମର୍ଥିତ ରୂପାଲିନ ନାୟକ ଗୁରୁବାର ବିଜୟୀ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ନିର୍ବାଚନରେ ବିଜୟୀ ହୋଇଥିବା ଜାଣିବା ପରେ ନାୟକ ପ୍ରଥମେ କୁଳିଆ ରଘୁନାଥଙ୍କ ମଠକୁ ଯାଇ ଇଶ୍ୱରଙ୍କ ଆଶୀର୍ବାଦ ନେଇଥିଲେ। ସେଠାରୁ ସେ ଏକ ବିଜୟ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ ପରିକ୍ରମା କରିଥିଲେ। ସେ ନିର୍ବାଚନ ଜିତିବା ପରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଉପାଧ୍ୟକ୍ଷା ସବିତା ମହାନ୍ତି, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବନେତା ଅଶୋକ ଓଝା, ଯୁବ ବିଜେଡି ସଭାପତି ମିହିର ମିଶ୍ର, ଯତିନ୍ଦ୍ର ଜେନା, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିର୍ବାଚନରେ ୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ରୂପାଲିନ ଓ ଭାଜପା ସମର୍ଥିତ ପ୍ରାର୍ଥୀ ନିରୂପମା ସାହୁ ମଧ୍ୟରେ କଡ଼ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ରୂପାଲିନ ୧୨୬୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ।

### ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବୈଠକ
# ୭୧୦ରୁ ୬୨୯ ପ୍ରକଳ୍ପ କାର୍ଯ୍ୟ ଶେଷ

**ବଡମ୍ବା,୨୮।୧୧(ଡି.ଏନ୍.ଏ.)**




ସାମାଜିକ ସମୀକ୍ଷା ଜନଶୁଣାଣି ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଏହି ବୈଠକରେ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ଦାସ ପୌରୋହିତ୍ୟ କରିଥିଲେ। ଏହି ଜନଶୁଣାଣି ବୈଠକରେ ଭାରପ୍ରାପ୍ତ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଦାସ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଡିଓ ଅନିଲ କୁମାର ପଟ୍ଟନାୟକ, ଏବିଡିଓ ଭରତଚନ୍ଦ୍ର ବେହେରା, ବ୍ଲକ୍ ଅଧ୍ୟକ୍ଷା ଅନୁସୟା ନାୟକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକସ୍ତରରେ ୭୧୦ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଥିବାବେଳେ ସେଥିରୁ ୬୨୯ ପ୍ରକଳ୍ପ ଶେଷ ହୋଇଥିବା ଜଣାପଡିଛି। ବ୍ଲକସ୍ତରରେ କେବଳ ୩ ପରିବାର ୧୦୦ଦିନର କାମ ପାଇଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶପାଇଥିଲା। ଏଠାରେ ସମୁଦାୟ ୨୭ହଜାର ୩୨ ପରିବାରଙ୍କୁ ଜବ୍‌କାର୍ଡ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକଙ୍କ ସମେତ ବହୁ ସଂଖ୍ୟାରେ ଭିଲେଜ ରିସୋର୍ସ ପର୍ସନ ଯୋଗଦେଇଥିଲେ।

# ୨ ଜଣଙ୍କୁ ଛୁରିରେ ହାଣିଲେ ଦୁର୍ବୃତ୍ତ

**ସାଲେପୁର, ୨୮।୧୧(ଡି.ଏନ୍.ଏ)**

ସାଲେପୁର ବ୍ଲକ ମାଛୁଆତି ବଜାରରେ ଗୁରୁବାର ୨ ଜଣ ଯୁବକଙ୍କୁ ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଛନ୍ତି। ଏଥିରେ ଶିଶୁଆ ପଞ୍ଚାୟତ ବାହାବଳପୁର ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁତ୍ର ସଞ୍ଜୟ କୁମାର ବେହେରା (୨୪), ଗୌତମ ରାଉତରାୟଙ୍କ ପୁତ୍ର ଅରୁଣ କୁମାର ରାଉତରାୟ (୨୪) ଗୁରତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ କରାଯାଇଥିବା ଲୋକେ କହିଛନ୍ତି। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାଅନୁଯାୟୀ, ମଧ୍ୟାହ୍ନ ସମୟରେ ସଞ୍ଜୟ ଓ ଅରୁଣ ମାଛୁଆତି ବଜାରକୁ ଆସି ଏକ ଦୋକାନରେ ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ନିକଟରେ ଥିବା ଏକ ଟାୟାର ମରାମତି ଦୋକାନରୁ ଧାରୁଆ ଛୁରି ଆଣି ଉଭୟଙ୍କୁ ହାଣି ପକାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଖବରପାଇ ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# ୩ ମାସ ହେବ ମିଳୁନାହିଁ ରାଶନ ସାମଗ୍ରୀ

**ବଡମ୍ବା,୨୮।୧୧(ଡି.ଏନ୍.ଏ.)**

### ଚିନ୍ତାରେ ହିତାଧିକାରୀ

ବଡମ୍ବା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ପ୍ରାୟ ୩ ମାସ ହେବ ରାଶନ ସାମଗ୍ରୀ ମିଳୁନାହିଁ। ଏଥିଯୋଗୁ ହିତାଧିକାରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ କିଛି ଦିନ ହେବ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟ ଓ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରୁଥିବା ସୂଚନା ମିଳିଛି। ବ୍ଲକର ପ୍ରାୟ ୬୦ ଭାଗରୁ ଊର୍ଦ୍ଧ୍ୱ ହିତାଧିକାରୀ ରାଶନ ସାମଗ୍ରୀ ପାଇ ନ ଥିବା ମୁଗଗହୀର ପଞ୍ଚାୟତର ଚିନ୍ତାମଣି ଖଟୁଆ, ଚନ୍ଦ୍ରଶେଖର ରାଉତ ବାରିମୂଳ, ନେତ୍ରାନନ୍ଦ ନାୟକ ଗୋପିନାଥ ପୁର ପ୍ରମୁଖ ଅଭିଯୋଗ କରିଛନ୍ତି।

ଠିକାଦାରଙ୍କ ବିଭିନ୍ନ ସମସ୍ୟା ତଥା ଧର୍ମଘଟ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି। ତୁରନ୍ତ ପଦକ୍ଷେପ ନିଆଯାଇ ପଞ୍ଚାୟତର ହିତାଧିକାରୀମାନଙ୍କୁ ରାଶନ ସାମଗ୍ରୀ ଯୋଗାଇଦେବା ପାଇଁ ପ୍ରଶାସନ ନିକଟରେ ଦାବି ହୋଇଛି। ସୂଚନା ଅନୁଯାୟୀ, ବଡମ୍ବା ବ୍ଲକ୍ ଅନ୍ତର୍ଗତ ୩୮ ପଞ୍ଚାୟତର ହିତାଧିକାରୀଙ୍କୁ ନଭେମ୍ବର, ଡିସେମ୍ବର ଓ ଜାନୁୟାରୀ ମାସର ରାଶନ ସାମଗ୍ରୀ ଏକାସାଙ୍ଗେ ମିଳିବାକଥା। ମାତ୍ର ଅଳ୍ପକିଛି ହିତାଧିକାରୀଙ୍କୁ ଛାଡିଦେଲେ ବହୁ ହିତାଧିକାରୀ ଏହି ସାମଗ୍ରୀ ପାଇ ନ ଥିବା ଅଭିଯୋଗ ହୋଇଛି। ସେମାନେ ରାଶନ ସାମଗ୍ରୀ ପାଇଁ ଡିଲର ପାଖକୁ ଧାଇଁ ଧାଇଁ ହତାଶ ହୋଇଯାଇଥିବା କହିଛନ୍ତି। ବଡମ୍ବା ବ୍ଲକ୍‌ରେ ପ୍ରାୟ ୫୮ଜଣ ଡିଲର ଏଥିପାଇଁ ନିୟୋଜିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ପଞ୍ଚାୟତ, ୧୨ ସ୍ୱୟଂସହାୟକ ଗୋଷ୍ଠୀ ଓ ୩୭ଜଣ ଡିଲର ଏହାକୁ ବଣ୍ଟନ କରୁଛନ୍ତି। ମାତ୍ର ପରିବହନ ଠିକାଦାରଙ୍କ ଆନ୍ଦୋଳନ ଯୋଗୁ ବହୁ ହିତାଧିକାରୀ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଡିଲରମାନେ କହୁଛନ୍ତି। ଏ ସମ୍ପର୍କରେ ବଡମ୍ବା ବ୍ଲକ ଡିଲର ସଂଘ ସଭାପତି ଭିକାରୀ ପାଣି କହିଛନ୍ତି, ଠିକାଦାରଙ୍କ ବିଭିନ୍ନ ସମସ୍ୟା ଯୋଗୁ ରାଶନ ସାମଗ୍ରୀ ଆସିପାରୁନାହିଁ। ଏନେଇ ସଂଘ ପକ୍ଷରୁ ଉକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିବାବେଳେ ଏହା ଉପରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବଡମ୍ବା ବ୍ଲକ୍ ଯୋଗାଣ ଅଧିକାରୀ ହିମାଂଶୁ ସାହୁ ଏ ସମ୍ପର୍କରେ କହିଛନ୍ତି, ପରିବହନ ଠିକାଦାରଙ୍କ ଏଗ୍ରୀମେଣ୍ଟ ତଥା ଅନ୍ୟାନ୍ୟ କାର୍ଯ୍ୟ ଉପରେ ସମସ୍ୟା ହେବାରୁ ପରିବହନରେ ବାଧା ସୃଷ୍ଟି ହୋଇଥିଲା। ମାତ୍ର ଏହା ଉପରେ ବିଭାଗୀୟ ତଥା ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି। ଖୁବ୍ ଶୀଘ୍ର ହିତାଧିକାରୀଙ୍କୁ ସେମାନଙ୍କର ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ମାହାଙ୍ଗାରେ ଫନୀ କେଳେଙ୍କାରୀ
# ଏକାଧିକ ତାଲିକାରେ ଜଣେ ହିତାଧିକାରୀଙ୍କ ନାମ

**କଟକ ଅଫିସ/ମାହାଙ୍ଗା (ସ୍ୱ.ପ୍ର.), ୨୮।୧୧**

ଜଣେ ଜଣେ ହିତାଧିକାରୀ। ମାତ୍ର ଏକାଧିକ ତାଲିକା (ସିରିୟଲ୍)ରେ ରହିଛି ନାମ। ମାହାଙ୍ଗା ତହସିଲ ଅଞ୍ଚଳରେ ଫନୀକୁ ନେଇ ଲାଗି ରହିଛି ଏହିଭଳି କେଳେଙ୍କାରୀ। ତହସିଲ ଅଫିସରେ ହେଉଛି ଏଭଳି କାରସାଦି। ଏହି ତହସିଲ ଅଧୀନ ହଳଦିଆ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୩୦ ଓ ୨୦ରେ ଯଥାକ୍ରମେ ୯୫,୧୦୦ ଟଙ୍କା ଏବଂ ୩୨୦୦ ଟଙ୍କାର ତାଲିକା ପ୍ରକାଶ ପାଇଥିବାବେଳେ ଇଚ୍ଛାମୁଣ୍ଡଳି ଗ୍ରାମରେ ତାଙ୍କ ନାମ ମଧ କ୍ରମିକ ନଂ. ୧୭ରେ ୫୨୦୦ ଟଙ୍କା ତାଲିକାରେ ପ୍ରକାଶ ପାଇଛି। ସେହିପରି ଲକ୍ଷ୍ମୀନାରାୟଣପୁର ଗ୍ରାମର ଆଉ ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ.୨୯ରେ ୯୫,୧୦୦ ଟଙ୍କା ଓ କ୍ରମିକ ନଂ. ୧୯ରେ ୩୨୦୦ ଟଙ୍କାର ତାଲିକା ରହିଛି। ଉକ୍ତ ଗ୍ରାମର ଅନ୍ୟ ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୨୭ରେ ୯୫,୧୦୦ଟଙ୍କା ଓ କ୍ରମିକ ନଂ. ୯ରେ ୨୧୦୦ ଟଙ୍କାର ତାଲିକା ରହିଛି। ଅନୁରୂପଭାବେ ଓଳକଣା ଗ୍ରାମର ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୫୩ରେ ୯୫,୧୦୦ ଟଙ୍କା ଓ ସଏମ ଗ୍ରାମର କ୍ରମିକ ନଂ. ୫୨ରେ ୯୫,୧୦୦ଟଙ୍କାର ତାଲିକା ରହିଛି। ଏଭଳି କାରସାଦି ଯୋଗୁ ସରକାର ବଦନାମ ବୋଝ ମୁଣ୍ଡାଇବାକୁ ପଡ଼ିଛି। ପୂର୍ବରୁ ତହସିଲ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ହେତୁ ବ୍ୟାପକ ଅନିୟମିତତା ହୋଇଛି। ଏ ନେଇ ତହସିଲ ପ୍ରଶାସନ ଅଡୁଆରେ ପଡ଼ିଥିବାବେଳେ ଏବେ ସେଥିରେ ଉପରୋକ୍ତ ଚଞ୍ଚକତା ଯୋଡି ହୋଇଯାଇଛି। ମୁଖ୍ୟତଃ ଫନୀର କ୍ଷେତ୍ର ତଦନ୍ତ କରିଥିବା ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ବଦଳାଯାଉଛି। ଯେଉଁଥିପାଇଁ ଫନୀକୁ ୬ ମାସ ବିତିଥିଲେ ମଧ ହିତାଧିକାରୀଙ୍କ ଆକାଉଣ୍ଟକୁ ସହାୟତା ରାଶି ଯାଇପାରୁନାହିଁ। ଏ ସମ୍ପର୍କରେ ଉକ୍ତ ତହସିଲର ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ କୁହନ୍ତି, ଯେଉଁ କର୍ମଚାରୀମାନେ ଏପରି ଭୁଲ୍ କରିଛନ୍ତି ସେମାନେ ଉତ୍ତରଦାୟୀ ରହିବେ।

# ନିମାଇଁଚରଣ ପରମହଂସଦେବଙ୍କ ଶ୍ରାଦ୍ଧ ମହୋତ୍ସବ ଉଦ୍‌ଯାପିତ

**ବଡମ୍ବା,୨୮।୧୧(ଡି.ଏନ୍.ଏ)**

ଶ୍ରୀଶ୍ରୀ ନିମାଇଁଚରଣ ପରମହଂସଦେବଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଠାକୁର ନିମାଇଁଚରଣ ପରମହଂସ ସେବାସମିତି, ଶୂନ୍ୟ ଆଶ୍ରମ ଓ ରତାପାଟ ଗ୍ରାମବାସୀଙ୍କ ପରିଚାଳନାରେ ଆୟୋଜିତ ଏହି ମହୋତ୍ସବ ୩ ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟପୁରୋଧା ଭାବେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ମୁଖ୍ୟଅତିଥିଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ଏମ୍‌ପି କବି ଡ.ପ୍ରସନ୍ନ ପାଟଶାଣୀ ଯୋଗଦେଇ ଏହାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଅନୁସୟା ନାୟକ ଓ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କବି ଦୁର୍ଯ୍ୟୋଧନ ବରାଳ ଏଥିରେ ପୌରୋହିତ୍ୟ କରିଥିବାବେଳେ ଆଇନଜୀବୀ ହରିହର ବଳବନ୍ତରାୟ ଅତିଥି ପରିଚୟ ଓ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସରୋଜକାନ୍ତ ବଳିୟାରସିଂହ, ବୃନ୍ଦାବନ ବାରିକ ଓ ସନାତନ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସନ୍ଥ ନିମାବାବାଙ୍କ ନାମରେ ଏକ ପୁସ୍ତକ ଓ ଭଜନ କ୍ୟାସେଟ୍ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ରତାପାଟ ଗ୍ରାମବାସୀ ଓ ଶୂନ୍ୟ ଆଶ୍ରମ ସାଧୁସନ୍ଥ ସଞ୍ଚାଳନ କରିଥିଲେ।

**BERHAMPUR MUNICIPAL CORPORATION**

No. 16835 / **Auction sale notice** Date.27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349

idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES | No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920

**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
Email-eerwss_rai@nic.in,eerwss.rai@gmail.com

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

The vehicles to be engaged in the following offices under RWS&S Division, Rairangpur :-

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated** **at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to **or can be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur

**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ



ଯେଉଁ ଲୋକ ନିଜକୁ ଆୟତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।
- ସେନେକା



## ସଂକ୍ଷେପରେ

### ୪ ମଦ୍ୟପ ଗାଡ଼ିଚାଳକ ଗିରଫ

**କଟକ ଅଫିସ,୨୮।୧୧:** ମଦ ପିଇ ଗାଡି ଚଳାଉଥିବା ୪ଜଣ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେଥିମଧ୍ୟରୁ ବାଦାମବାଡି ପୋଲିସ ଜଣଙ୍କୁ ଓ ଦରଘାବଜାର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ବାଦାମବାଡି ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବକ୍ସିବଜାର ଅଞ୍ଚଳର ଡି. ମୋହନ ରାଓ। ସେହିପରି ଦରଘାବଜାର ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ, ଦରଘାବଜାର ଥାନା ଅଞ୍ଚଳର ମାଗୁଣି ଦାସ, ସିକେ ସି ପ୍ରକାଶ ଓ ରବୀନ୍ଦ୍ର ସାହୁ। ବୁଧବାର ବିଳମ୍ବିତ ରାତିରେ ଉଭୟ ଥାନା ଅଞ୍ଚଳରେ ଯାନବାହନ ଯାଞ୍ଚ ହେଉଥିଲା। ଏହି ସମୟରେ ପୋଲିସ ଅଭିଯୁକ୍ତମାନଙ୍କୁ ଅଟକାଇ ଗାଡି କାଗଜପତ୍ର ଦେଖିବା ସହ ବ୍ରେଥ ଆନାଲାଇଜର ମେଶିନ ଦ୍ୱାରା ଯାଞ୍ଚ କରିଥିଲା। ଏଥିରୁ ଅଭିଯୁକ୍ତମାନେ ମଦପିଇ ଗାଡି ଚଳାଉଥିବା ଜଣାପଡିଥିଲା।

### ଚୋରି: ୪ ଗିରଫ

**କଟକ ସଦର,୨୮।୧୧(ଡି.ଏନ୍.ଏ.):** ଚୋରି ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ଗୁରୁବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନାହାଭଙ୍ଗାର ବାପୁନା ଭୋଇ ଓ ପପୁନା ଭୋଇ, ବମ୍ଭୁରି ଗ୍ରାମର ରାଜେଶ ଭୋଇ ଓ ବାଦଲ ଭୋଇ। ଅଭିଯୁକ୍ତମାନେ ପାଣି ମୋଟର ଚୋରି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଧରିବା ସହ ୫ଟି ପାଣି ମୋଟର ଜବତ କରିଥିଲା। ଏ ନେଇ ଥାନାରେ କେସ୍‌ନଂ.ନଂ.୧୪୨/୧୯ରୁଜୁ ହୋଇଥିଲା।

### ଡ୍ରିମ୍‌ସରେ ଜାତୀୟ ଆଲୋଚନାଚକ୍ର

**କଟକ ଅଫିସ,୨୮।୧୧:** ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ ବିଭାଗ, ବିଶ୍ୱେଶ୍ୱରାୟ ଟେକ୍ନୋଲୋଜିକାଲ ବିଶ୍ୱବିଦ୍ୟାଳୟ ଓ ଆର୍ଯ୍ୟବର୍ତ୍ତ ନଲେଜ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଇଞ୍ଜିନିୟରିଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ଶୀର୍ଷକ ଉପରେ ଜାତୀୟ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭିଟିୟୁର ପ୍ରଫେସର ଆର୍.ଏଚ୍. ଗୌଡ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ଡ. ନିରଞ୍ଜନ ପଣ୍ଡା, ପ୍ରଫେସର ସ୍ୱାଗତିକା ଚୌଧୁରୀ ଉପସ୍ଥିତ ଥିଲେ। ପ୍ରଫେସର ରଶ୍ମୀରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କଟକ ମହାନଗର ନିଗମ

# ବାକି ପଡିଛି ବହୁକୋଟି ଟଙ୍କାର ହୋଲ୍ଡିଂଟ୍ୟାକ୍ସ

**କଟକ ଅଫିସ,୨୮।୧୧**

କଟକ ସହରରେ ଥିବା ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ ଏବଂ କାର୍ଯ୍ୟାଳୟ ଉପରେ କଟକ ମହାନଗର ନିଗମ(ସିଏମ୍‌ସି)ର କୋଟି କୋଟି ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ବର୍ଷ ବର୍ଷ ଧରି ବାକି ପଡ଼ି ରହିଛି। ହେଲେ ସରକାରୀ ସଂସ୍ଥାକୁ ତାଗିଦ୍ ପରେ ଏ ନେଇ ତତ୍ପରତା ପ୍ରକାଶ ପାଇଛି। ଫଳସ୍ୱରୁପ କିଛିଦିନ ହେବ ସିଏମ୍‌ସି ପକ୍ଷରୁ ଏହି ବକେୟା ଟ୍ୟାକ୍ସ ଆଦାୟ ପାଇଁ ଜୋରଦାର ଅଭିଯାନ ଆରମ୍ଭ ହୋଇଛି। ସିଏମ୍‌ସି କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ପରେ କିଛି ଅନୁଷ୍ଠାନ ଟ୍ୟାକ୍ସ ଦେବା ଆରମ୍ଭ କରିଥିବାବେଳେ ଆଉ କିଛି ସଂସ୍ଥା ଟ୍ୟାକ୍ସ ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ସିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସିଏମ୍‌ସି ଅଧୀନରେ ଥିବା ବିଭିନ୍ନ ସରକାରୀ ଅନୁଷ୍ଠାନ ମଧ୍ୟରୁ ସର୍ବାଧିକ ହୋଲ୍ଡିଂ ଟ୍ୟାକ୍ସ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଉପରେ ବାକି ରହିଛି। ଏହି ଅନୁଷ୍ଠାନ ଉପରେ ୨୦୧୯ ଅଗଷ୍ଟ ସୁଦ୍ଧା ସିଏମ୍‌ସିର ୨୨କୋଟି ୮୮ଲକ୍ଷ ୭୩ ହଜାର ୬୪୪ଟଙ୍କା ବାକି ରହିଥିଲା। ତେବେ ସିଏମ୍‌ସି ପକ୍ଷରୁ ନିୟମିତ ଭାବେ ତାଗିଦ କରାଯିବା ପରେ ଗତ ଅଗଷ୍ଟ ୧୯ରେ ଅନୁଷ୍ଠାନ ପକ୍ଷରୁ ୧କୋଟି ୮୩ଲକ୍ଷ ୬୦ ହଜାର ଟଙ୍କା ଦାଖଲ କରାଯାଇଛି। ଟ୍ୟାକ୍ସ ବାବଦ ବାକି ଥିବା ଅର୍ଥ ପଇଠ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ସରକାରଙ୍କୁ ପତ୍ର ଲେଖିଥିବା ସୂଚନା ମିଳିଛି। ସେହିପରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉପରେ ୭କୋଟି ୯୨ଲକ୍ଷ ୪୯ ହଜାର ୬୧୫ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ବକେୟା ରହିଛି। ବିଶ୍ୱବିଦ୍ୟାଳୟରେ ନିର୍ମିତ ହୋଇଥିବା ବିଲ୍ଡିଂ ବାବଦରେ ସର୍ବାଧିକ ହୋଲ୍ଡିଂ ଟ୍ୟାକ୍ସ ରହିଛି। ସିଏମ୍‌ସି କର୍ତ୍ତୃପକ୍ଷ ଏହି ନିର୍ମାଣ ସମ୍ପର୍କରେ ତଥ୍ୟ ଦେବା ପାଇଁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ତଥ୍ୟ ଦିଆ ଯାଇ ନ ଥିଲା। ଫଳରେ ସିଏମ୍‌ସିର ଇଞ୍ଜିନିୟରିଂ ବିଭାଗ ଆକଳନ କରି ଏହି ବିଶ୍ୱବିଦ୍ୟାଳୟ ଉପରେ ହୋଲ୍ଡିଂ ଟ୍ୟାକ୍ସ ଧାର୍ଯ୍ୟ କରିଛନ୍ତି। ତେବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର ସେମାନେ ଟ୍ୟାକ୍ସ ଅର୍ଥ ଡିପୋଜିଟ୍ କରିବେ ବୋଲି ସିଏମ୍‌ସି ସଚିବ ଲତାଶ୍ରୀ ବାଗ୍ କହିଛନ୍ତି। ସେହିପରି ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଉପରେ ୩କୋଟି ୫୭ଲକ୍ଷ ୫୧ ହଜାର ୫୩୧ଟଙ୍କା ବାକି ରହିଥିବାବେଳେ ଏହି ସଂଘ ୬ଲକ୍ଷ ୧୭ ହଜାର ୬୨୪ ଟଙ୍କା ଡିପୋଜିଟ୍ କରିଛି। କଟକ ସିଟି ହସ୍ପିଟାଲ ଉପରେ ୪୯ଲକ୍ଷ ୮୪ହଜାର ୮୭୦ଟଙ୍କା, ଡିଆଇଜି ପୋଲିସ (ମୋଟର ଟ୍ରାନ୍ସପୋର୍ଟ)ଙ୍କ ଉପରେ ୬୩ଲକ୍ଷ ୮୭ ହଜାର ୫୪୩ ଟଙ୍କା, ସିଡିଏ ସଚିବଙ୍କ ଉପରେ ୩୫ଲକ୍ଷ ୧୬ହଜାର ୩୦୫ଟଙ୍କା, କଟକ ନିର୍ବାହୀଯନ୍ତ୍ରୀଙ୍କ ଉପରେ ୭ଲକ୍ଷ ୯୮ ହଜାର ଟଙ୍କା, ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ୍ ଇଞ୍ଜିନିୟରିଂ(ବୋସ୍) ଉପରେ ୧କୋଟି ୧୩ଲକ୍ଷ ୭୪ହଜାର ୫ଟଙ୍କା ବାକି ରହିଥିବାବେଳେ ଏହି ଅନୁଷ୍ଠାନ ଗତ ସେପ୍ଟେମ୍ବରରେ ୫୫ଲକ୍ଷ ଟଙ୍କା ପଇଠ କରିଛି। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସା କେନ୍ଦ୍ର ଉପରେ ୯୮ଲକ୍ଷ ୯୨ ହଜାର ୬୪୬ଟଙ୍କା ବକେୟା ଥିବାବେଳେ ଅନୁଷ୍ଠାନ ସେପ୍ଟେମ୍ବରରେ ୧୩ଲକ୍ଷ ୧ ହଜାର ୩୯୮ଟଙ୍କା ପଇଠ କରିଛି। ଜେକେବିକେ ମହାବିଦ୍ୟାଳୟ ଉପରେ ୧କୋଟି ୬୨ଲକ୍ଷ ୩୪ହଜାର ୩୪୫ଟଙ୍କା, ଖପୁରିଆସ୍ଥିତ ଆଇଟିଆଇ ଉପରେ ୭୩ଲକ୍ଷ ୬୦ହଜାର ୮୫୧ଟଙ୍କା, ଶିଶୁ ଭବନ ଉପରେ ୨୯ଲକ୍ଷ ୬୯୦ଟଙ୍କା, ଆଇଏମ୍‌ଆଇଟି ଉପରେ ୨୭ଲକ୍ଷ ୬୮ ହଜାର ୩୭୯ଟଙ୍କାର ହୋଲ୍ଡିଂ ଟ୍ୟାକ୍ସ ବକେୟା ରହିଛି। ହୋଲ୍ଡିଂ ଟ୍ୟାକ୍ସ ବାବଦ ଅର୍ଥ ଆଦାୟ ପାଇଁ ସିଏମ୍‌ସି ପକ୍ଷରୁ ଜୋରଦାର ଅଭିଯାନ ଜାରି ରହିଛି ବୋଲି ସଚିବ ବାଗ୍ କହିଛନ୍ତି।

**ସରକାରୀ ସଂସ୍ଥାକୁ ତାଗିଦ୍ ପରେ ତତ୍ପରତା**

## ମା' କଟକଚଣ୍ଡୀ ମହୋତ୍ସବ ଉଦ୍‌ଯାପିତ

# ମୁଗ୍ଧ କଲା ମାହାରୀ ନୃତ୍ୟ



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ମାହାରୀ ନୃତ୍ୟ।

**କଟକ ଅଫିସ,୨୮।୧୧**

ନୃତ୍ୟ ମୟୂରୀ ଅନୁଷ୍ଠାନ ପକ୍ଷରୁ କଟକ ଶହୀଦ ଭବନଠାରେ ଚାଲିଥିବା ୩ୟ ମା' କଟକଚଣ୍ଡୀ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନୃତ୍ୟ ମୟୂରୀ ଅନୁଷ୍ଠାନର ଶିଶୁ କଳାକାରଙ୍କ ଦେଶାତ୍ମବୋଧକ ନୃତ୍ୟ 'ଓଡ଼ିଶା ମୋ ଓଡ଼ିଶା'ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେହିପରି ରୂପଶ୍ରୀ ମହାପାତ୍ର ଓ ସାଥୀ କଳାକାରମାନେ ମାହାରୀ ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ଦେଖି ଦର୍ଶକ ମୁଗ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଜନୀକାନ୍ତ ଶତପଥୀ ଓ ସାମାଜିକ କର୍ମୀ ପ୍ରିୟରଞ୍ଜନ ଦାସ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସାଗରିକା ପରିଡ଼ା ଓ ପୂର୍ଣ୍ଣଶ୍ରୀ ରାଉତଙ୍କୁ ମା' କଟକଚଣ୍ଡୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ରୂପଶ୍ରୀ ମହାପାତ୍ର ଓ ଅନ୍ୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମାହାଙ୍ଗାରେ ଫନୀ କେଳେଙ୍କାରୀ

# ଏକାଧିକ ତାଲିକାରେ ଜଣେ ହିତାଧିକାରୀଙ୍କ ନାମ

**କଟକ ଅଫିସ/ମାହାଙ୍ଗା(ସ୍ୱ.ପ୍ର.), ୨୮।୧୧**

ଜଣେ ଜଣେ ହିତାଧିକାରୀ। ମାତ୍ର ଏକାଧିକ ତାଲିକା (ସିରିୟଲ୍)ରେ ରହିଛି ନାମ। ମାହାଙ୍ଗା ତହସିଲ ଅଞ୍ଚଳରେ ଫନୀକୁ ନେଇ ଲାଗି ରହିଛି ଏହିଭଳି କେଳେଙ୍କାରୀ। ତହସିଲ ଅଫିସରେ ହେଉଛି ଏଭଳି କାରସାଦି। ଏହି ତହସିଲ ଅଧୀନ ହଳଦିଆ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୩୦ ଓ ୨୦ରେ ଯଥାକ୍ରମେ ୯୫,୧୦୦ ଟଙ୍କା ଏବଂ ୩୨୦୦ ଟଙ୍କାର ତାଲିକା ପ୍ରକାଶ ପାଇଥିବାବେଳେ ଇଚ୍ଛାମୁଣ୍ଡଳି ଗ୍ରାମରେ ତାଙ୍କ ନାମ ମଧ୍ୟ କ୍ରମିକ ନଂ. ୧୭ରେ ୫୨୦୦ଟଙ୍କା ତାଲିକାରେ ପ୍ରକାଶ ପାଇଛି। ସେହିପରି ଲକ୍ଷ୍ମୀନାରାୟଣପୁର ଗ୍ରାମର ଆଉ ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ.୨୯ରେ ୯୫,୧୦୦ ଟଙ୍କା ଓ କ୍ରମିକ ନଂ. ୧୯ରେ ୩୨୦୦ ଟଙ୍କାର ତାଲିକା ରହିଛି । ଉକ୍ତ ଗ୍ରାମର ଅନ୍ୟ ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୨୭ରେ ୯୫,୧୦୦ଟଙ୍କା ଓ କ୍ରମିକ ନଂ. ୯ରେ ୨୧୦୦ ଟଙ୍କାର ତାଲିକା ରହିଛି । ଅନୁରୂପଭାବେ ଓଳକଣା ଗ୍ରାମର ଜଣେ ହିତାଧିକାରୀଙ୍କ ନାମରେ କ୍ରମିକ ନଂ. ୫୩ରେ ୯୫,୧୦୦ ଟଙ୍କା ଓ ସଏମ ଗ୍ରାମର କ୍ରମିକ ନଂ. ୫୨ରେ ୯୫,୧୦୦ଟଙ୍କାର ତାଲିକା ରହିଛି । ତହସିଲ ଅଫିସରେ ଏଭଳି କାରସାଦି ଯୋଗୁ ଏବେ କେବଳ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇନାହାନ୍ତି ବରଂ ସରକାର ମଧ୍ୟ ବଦନାମର ବୋଝ ମୁଣ୍ଡାଇଛନ୍ତି। ପୂର୍ବରୁ ତହସିଲ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ହେତୁ ବ୍ୟାପକ ଅନିୟମିତତା ହୋଇଛି। ଯାହାକି ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ଦୁଇ ଥର ଫନୀ ସହାୟତା ବାବଦରେ ୯୫,୧୦୦ ଲେଖାଏଁ ଟଙ୍କା ପଠାଯାଇଛି। ଏହାକୁ ନେଇ ତହସିଲ ପ୍ରଶାସନ ଅଡୁଆରେ ପଡ଼ିଥିବାବେଳେ ଏବେ ସେଥିରେ ଉପରୋକ୍ତ ଚଞ୍ଚକତା ଯୋଡି ହୋଇଯାଇଛି। ମୁଖ୍ୟତଃ ଫନୀର କ୍ଷେତ୍ର ତଦନ୍ତ କରିଥିବା ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ବଦଳାଯାଉଛି। ଯେଉଁଥିପାଇଁ ଫନୀକୁ ୬ ମାସ ବିତିଥିଲେ ମଧ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ସହାୟତା ରାଶି ଯାଇପାରୁନାହିଁ। ଏ ସମ୍ପର୍କରେ ଉକ୍ତ ତହସିଲର ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ କୁହନ୍ତି, ଯେଉଁ କର୍ମଚାରୀମାନେ ଏପରି ଭୁଲ୍ କରିଛନ୍ତି ସେମାନେ ଉତ୍ତରଦାୟୀ ରହିବେ।

**ତହସିଲରେ ହେଉଛି କାରସାଦି**

# ଡାଳଭାଗ ସରପଞ୍ଚଙ୍କୁ ମାଡ଼ ଘଟଣା: ୨ ଗିରଫ

**ଖୁଣ୍ଟୁଣୀ,୨୮।୧୧(ଡି.ଏନ୍.ଏ.)**

ଡାଳଭାଗ ସରପଞ୍ଚ ରଞ୍ଜନ ବେଉରାଙ୍କୁ ମାଡ଼ ମାରିବା ଘଟଣାରେ ଗୁରୁବାର ଖୁଣ୍ଟୁଣୀ ଥାନା ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଛେନାଖିଆ ନୂଆଗାଁ ଗ୍ରାମର ମଦ ବ୍ୟବସାୟୀ ଲକ୍ଷ୍ମୀଧର ସେନାପତି ଓ ତାଙ୍କ ପୁଅ ରିପୁ ସେନାପତି।

ସୂଚନା ଅନୁଯାୟୀ, ଆଠଗଡ଼ ଅଞ୍ଚଳରୁ ଦେଶୀ ମଦ ଆଣି ଲକ୍ଷ୍ମୀଧର ସେନାପତି ଗ୍ରାମରେ ବିକ୍ରି କରୁଥିଲେ। ଗତ ସେପ୍ଟେମ୍ବର ମାସରେ ଲକ୍ଷ୍ମୀଧରଙ୍କ ପୁଅ ରିପୁ ବାଇକରେ ଯାଉଥିବା ବେଳେ ଡାଳଭାଗ ଗ୍ରାମରେ ଗଣେଶ ପୂଜା ପାଇଁ ସରପଞ୍ଚଙ୍କ ସମର୍ଥକମାନେ ଚାନ୍ଦା ମାଗିଥିଲେ। ସେ ଚାନ୍ଦା ନ ଦେବାରୁ ସରପଞ୍ଚ ବେଉରାଙ୍କ ଉପସ୍ଥିତିରେ ତାଙ୍କ ସମର୍ଥକମାନେ ମାଡ଼ ମାରିଥିବା ନେଇ ରିପୁ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଘଟଣାର ଆପୋସ ସମାଧାନ ହୋଇଯାଇଥିଲା। ବୁଧବାର ମଧ୍ୟାହ୍ନରେ ସରପଞ୍ଚ ବେଉରା ଛେନାଖିଆ ନୂଆଗାଁ ଗ୍ରାମକୁ ଆସିଥିବା ଜାଣିବା ପରେ ରିପୁ ସେଠାରେ ପହଞ୍ଚି ସରପଞ୍ଚ ବେଉରାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଏହା ପରେ ସରପଞ୍ଚ ବେଉରା ଡାଳଭାଗ ଗ୍ରାମରେ ପହଞ୍ଚି ସମସ୍ତ କଥା ଜଣାଇବା ପରେ ତାଙ୍କ ସମର୍ଥକମାନେ ନୂଆଗାଁ ଗ୍ରାମକୁ ଯାଇ ରିପୁଙ୍କ ଘରର ଆସବାବପତ୍ର ଫିଙ୍ଗିବା ସହ ପରିବାରର କେତେଜଣ ସଦସ୍ୟଙ୍କୁ ମାଡ଼ ମାରିଥିଲେ। ଏଥିସହ ନିକଟସ୍ଥ ପାହାଡ ତଳି ରାସ୍ତାପାର୍ଶ୍ୱରେ ଥିବା ରିପୁଙ୍କ ଏକ ନୂତନ ଘରର ଗେଟ୍‌କୁ ଭାଙ୍ଗି ୫୦ ଲିଟର ମଦ ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୭/୧୯)ରୁଜୁ ହୋଇଛି। ଅନ୍ୟପକ୍ଷେ ଲକ୍ଷ୍ମୀଧରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଥିବା ଏସ୍‌ଆଇ ନିରଞ୍ଜନ ସାହୁ କହିଛନ୍ତି।

**BERHAMPUR MUNICIPAL CORPORATION**

No. 16835 / **Auction sale notice** Date. 27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349

# ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣକୁ ବିରୋଧ

**ଚୌଦ୍ୱାର,୨୮।୧୧(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକାରେ ସ୍ୱଚ୍ଛଭାରତ ଅଭିଯାନରେ ୧୯ ୱାର୍ଡର ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ୩ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଛି । ୨ନଂ. ୱାର୍ଡରେ ନିର୍ମାଣ ହେବାକୁ ଥିବା କମ୍ପୋଷ୍ଟ ସେଣ୍ଟରକୁ ୱାର୍ଡବାସୀ ବିରୋଧ କରିଛନ୍ତି। ଏ ନେଇ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଭେଟିବା ସହ ସେଠାରେ କମ୍ପୋଷ୍ଟ ସେଣ୍ଟର ନିର୍ମାଣ ନ କରିବା ପାଇଁ ନିବେଦନ କରିଛନ୍ତି। କିଛିଦିନ ପୂର୍ବେ ଏହି ଜାଗାରେ ଡମ୍ପିୟାର୍ଡ ନିର୍ମାଣ କରାଯିବା ନେଇ ପୌରପାଳିକା ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା । ହେଲେ ନିର୍ମାଣ କାର୍ଯ୍ୟକୁ ୱାର୍ଡବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ବନ୍ଦ ଥିଲେ ମଧ୍ୟ ଆବର୍ଜନା ପକାଯାଉଥିବା ନେଇ ୱାର୍ଡବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ନେଇ ପୌରନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ବେହେରା କୁହନ୍ତି, ଏହି ମାଇକ୍ରୋ କମ୍ପୋଷ୍ଟ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବ। ଏହା ପରିବେଶ ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

### କଳାକାରଙ୍କ ପରଲୋକ

**କଟକ ଅଫିସ, ୨୮।୧୧**

ଚାନ୍ଦିନୀଚୌକ ରାମଲୀଳା ସମିତିର ପୁରାତନ କଳାକାର ତଥା ହସନାବାଦ୍ ସଙ୍କୀର୍ତ୍ତନ ମଣ୍ଡଳୀର ମହନ୍ତ ସରୋଜ କିଶୋର ସିଂହଙ୍କ ବୁଧବାର ପରଲୋକ ଘଟିଛି । ଏହାକୁ ନେଇ ଚାନ୍ଦିନୀଚୌକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ହସନାବାଦ୍‌ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରାଯାଇ ସତୀଚଉରା ଶ୍ମଶାନଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

idco
Your power to grow
ISO 9001 & 14001 Corporation
ODISHA
NEW OPPORTUNITIES
No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920

**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
Email-eerwss_rai@nic.in,eerwss.rai@gmail.com

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur

# ଶପିଂ ମଲ୍ ଗଣ୍ଡଗୋଳ: ଜଣେ ଗିରଫ

**କଟକ ଅଫିସ,୨୮।୧୧**

ସ୍ଥାନୀୟ ଏକ ଶପିଂ ମଲ୍‌ରେ ଗଣ୍ଡଗୋଳ ଓ ମାରପିଟ୍ କରିବା ଅଭିଯୋଗରେ ବାଦାମବାଡି ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶଙ୍କରପୁରର ଲିକୁନ ରାଉତ(୨୮)। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢେ ୭ଟାରେ ଲିକୁନ ଉକ୍ତ ଶପିଂ ମଲ୍‌ରୁ ୭୦୦ଟଙ୍କାର ଜିନିଷ କିଣି ୫୦୦ ଟଙ୍କା ଦେଇଥିଲେ। କ୍ୟାଶ୍ କାଉଣ୍ଟରରେ ଥିବା ଯୁବକ ତାଙ୍କୁ ଅବଶିଷ୍ଟ ଟଙ୍କା ମାଗିବାରୁ ଲିକୁନ ତାଙ୍କୁ ଗାଳିଗୁଲଜ କରି ପଳାଉଥିଲେ। ଏହି ସମୟରେ ସିକ୍ୟୁରିଟି ଗାର୍ଡ ଅଟକାଇବାରୁ ଲିକୁନ ତାଙ୍କୁ ମାଡ ମାରିଥିଲେ। ଏ ନେଇ ଉକ୍ତ ଶପିଂ ମଲ୍ ପକ୍ଷରୁ ବାଦାମବାଡି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୮୧/୧୯) ରୁଜୁ କରିଥିଲା। ତେବେ ଲିକୁନ ପୂର୍ବରୁ ମଧ୍ୟ ୨ଥର ଉକ୍ତ ଶପିଂ ମଲ୍‌ରେ ପଶି ଏଭଳି ଦାଦାଗିରି କରିଥିଲେ ବୋଲି ବାଦାମବାଡି ଥାନା ଆଇଆଇସି ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରଖ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୯ ନଭେମ୍ବର, ୨୦୧୯



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।

- ସେନେକା



## ସଂକ୍ଷେପରେ

### ରେଳ ଧାରଣାରେ ଅଚିହ୍ନା ଯୁବକଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ/ ଟାଙ୍ଗୀ,୨୮।୧୧ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ କାଲୁପଡା ଘାଟ ରେଳଷ୍ଟେଶନର ରେଳ ଧାରଣାରୁ ଗୁରୁବାର ନିରାକାରପୁର ଜିଆରପି ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତକଙ୍କ ପରିଚୟ ଜଣାପଡିନି । ତେବେ ଯୁବକ ଜଣକ ଏକ ମାଲବାହୀ ଟ୍ରେନ ସମ୍ମୁଖକୁ ଡେଇଁ ଜୀବନ ହାରିଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ତାଙ୍କ ବୟସ ୩୫ରୁ ୪୦ ବର୍ଷ ଭିତରେ ହେବ।

### ଘରୋଇକରଣର ପ୍ରତିବାଦ: ୨୪ ଘଣ୍ଟିଆ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୨୮।୧୧:** କେନ୍ଦ୍ର ସରକାର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡକୁ ଘରୋଇକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ ସମ୍ମୁଖରେ ୨୪ ଘଣ୍ଟିଆ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନ ୬ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଶୁକ୍ରବାର ପୂର୍ବାହ୍ନ ୬ଟା ପର୍ଯ୍ୟନ୍ତ ଚାଲିବ। ଖୋର୍ଦ୍ଧା ଶାଖା ସଭାପତି ଶଙ୍କର ପ୍ରସାଦ ଶାହାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଆରମ୍ଭ ହୋଇଛି।

### ବେଗୁନିଆ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ବେଗୁନିଆ,୨୮।୧୧(ଡି.ଏନ.ଏ.):** ବେଗୁନିଆ ମହାବିଦ୍ୟାଳୟ ସଭାଗୃହ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ର ଓ ଡ. ସ୍ୱରୂପ ରଞ୍ଜନ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ଶିବିରରେ ଅଧ୍ୟୟନରତ ଛାତ୍ରୀଛାତ୍ର, ଅଧାପିକାଅଧାପକ ଏବଂ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଖୋର୍ଦ୍ଧା ରକ୍ତ ଭଣ୍ଡାରର ଲ୍ୟାବ ଟେକନିସିଆନ ଅରୁଣ କୁମାର ସାହୁ ରକ୍ତ ସଂଗ୍ରହ କରିଥିଲେ। ରେଡକ୍ରସ ପରାମର୍ଶଦାତା ଡା. ମନମୋହନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ଅଧାପକ ପଙ୍କଜ କୁମାର କର, ଜୟକୃଷ୍ଣ ପାଣିଗ୍ରାହୀ, ଶୁଭେନ୍ଦୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

■ ଗ୍ରାହକଙ୍କ ଆଖିରେ ଲୁହ

# ହାଣ୍ଡିଶାଳରୁ ଉଭାନ ହେଲାଣି ପିଆଜ

**ଖୋର୍ଦ୍ଧା ଅଫିସ,୨୮।୧୧**

ହାଣ୍ଡିଶାଳରୁ ଉଭାନ ହୋଇଗଲାଣି ପିଆଜ। ସେହିପରି ଜଳଖିଆ ଦୋକାନ ଓ ହୋଟେଲରେ ସମାନ ପରିସ୍ଥିତି। ପିଆଜ ଦର ୮୦ଟଙ୍କା ହେଲାଣି। ପୁଣି ଅଧିକ ହେବାର ଅଛି। ଗ୍ରାହକ ପିଆଜ କିଣି ହନ୍ତସନ୍ତ ହୋଇଗଲେଣି। ଅନ୍ୟ ରାଜ୍ୟଠାରୁ କମ ରହିଛି ପିଆଜ ଦର କହି ଚୁପ ହୋଇ ବସିଯିବା ସରକାରଙ୍କ ଖାମଖିଆଲକୁ ପଦାରେ ପକାଇଛି। ତେବେ ପିଆଜ ଯୋଗୁ ଦିଲ୍ଲୀରେ ସରକାର ବଦଳି ଯାଇଥିଲା। ଦରକୁ ନିୟନ୍ତ୍ରଣ ନ କଲେ କେନ୍ଦ୍ର ଓ ରାଜ୍ୟ ସରକାର ପସ୍ତେଇବେ ବୋଲି ମତପ୍ରକାଶ ପାଇଛି।

### ପିଆଜ ଦର ବାଧୁଛି



“ପିଆଜ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ଆଲୋଚନା କରି ଲଗାମ ଲଗାଇବା ଦରକାର। ଲୋକ କିପରି ପିଆଜ ଦର ବଢ଼ିବା ପରେ କଲବଲ ହେଉଛନ୍ତି ତାହାକୁ ଅନୁଭବ କରନ୍ତୁ। ଶସ୍ତା ଭାଷଣବାଜି ନ କରି ସମାଧାନର ମାର୍ଗ କାଢନ୍ତୁ। ଥିଲାବାଲା, ନ ଥିଲାବାଲା ସମସ୍ତଙ୍କୁ ପିଆଜ ଦର ବାଧୁଛି।

**-ମଧୁସ୍ମିତା ମିଶ୍ର,ବୋଲଗଡ**

### ହାଣ୍ଡିଶାଳରେ ନିଆଁ ଲଗାଇଛି ପିଆଜ



“ପନିପରିବା ଦର ବଢ଼ିଥିବାବେଳେ ପିଆଜ ଦର ହାଣ୍ଡିଶାଳରେ ନିଆଁ ଲଗାଇ ଦେଇଛି। ମହିଳାମାନେ ସୁବିଧା ଅସୁବିଧା ବୁଝିବା ସ୍ଥିତିରେ ନାହାନ୍ତି। ସରକାର ପିଆଜ ଦରରେ ଲଗାମ ନ ଲଗାଇଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଲେଣି। ଅନ୍ୟପକ୍ଷେ ପିଆଜ ଦରକୁ ନିୟନ୍ତ୍ରଣ ନ କରି ଅନ୍ୟ ରାଜ୍ୟଠାରୁ ଆମ ରାଜ୍ୟରେ କମ ଦର ରହିଛି କହି ବିଭାଗୀୟ ମନ୍ତ୍ରୀ ଖସିଯିବେ ବୋଲି ଯାହା ଭାବୁଛନ୍ତି ତାହା ଠିକ୍ ନୁହେଁ।

**-ଶ୍ରୀମନ୍ତୀ ସୁନ୍ଦରାୟ, ବେଗୁନିଆ**

### ପିଆଜ ବିନା ତରକାରି ସ୍ୱାଦିଷ୍ଟ ହେଉନି



“ଆବଶ୍ୟକତା ଅନୁଯାୟୀ ତରକାରି ଓ ଅନ୍ୟ ଖାଦ୍ୟ ପଦାର୍ଥରେ ପିଆଜ ପକାଯାଉନାହିଁ। ପିଆଜ ଦର ବଢ଼ିବା ପରେ କିଣିବା ସମ୍ଭବ ନୁହେଁ। ଉଚ୍ଚା ଦରରେ ଯାହା କିଣାଯାଉଛି ସେଥିରେ ତରକାରି ସ୍ୱାଦିଷ୍ଟ ରହୁନି। ଫଳରେ ଆମ ପରି ଗରିବ ଲୋକମାନେ ହଇରାଣ ହେଉଛୁ। ହେଲେ ସରକାର ପିଆଜ ଉପରେ ଲଗାମ ଲଗାଇବାରେ ଅବହେଳା କରୁଛନ୍ତି।

**-ସାବିତ୍ରୀ ସାହୁ, ଖୋର୍ଦ୍ଧା**

### ଖରାପ ପିଆଜ ଅଧିକ ଦାମରେ ବିକ୍ରି



“ନାସିକ, ଆନ୍ଧ୍ରରେ ବର୍ଷା ଯୋଗୁ ପିଆଜ ନଷ୍ଟ ହୋଇଯାଇଛି। ଦାଗ ଓ ଫଟା ପିଆଜ ବ୍ୟବସାୟୀ ଆଣୁନାହାନ୍ତି ସଫେଇ ଦିଆଯାଉଛି। ହେଲେ ବଜାରରେ ଖରାପ ପିଆଜ ଅଧିକ ଦାମରେ ବିକ୍ରି ହେଉଛି। ପିଆଜ ଦର ବଢ଼ିବା ସମସ୍ତଙ୍କୁ ବାଧୁଛି। ସରକାର ତୁରନ୍ତ ଲଗାମ ଲଗାଇ ପିଆଜ ଦର କମାନ୍ତୁ। କାରଣ ଶୁଣିବାକୁ ମିଳୁଛି ପିଆଜ ଦର ଆହୁରି ବଢ଼ିବାର ସମ୍ଭାବନା ରହିଛି।

**– ନିବେଦିତା ପରିଡା, ଟାଙ୍ଗୀ**

### ସରକାର ଲଗାମ ଲଗାଇବା ଦରକାର



“ପିଆଜର ହୋଲସେଲ ଦର ୭୦ ଟଙ୍କା ରହିଛି। ବଜାରରେ ୮୦ ଟଙ୍କା ବିକ୍ରି ହେଉଛି। ଖୁଚୁରା ବ୍ୟବସାୟୀଙ୍କ ପ୍ରତି ଲଗାମ ନ ଥିବାରୁ ଦର ବଢ଼ି ଚାଲିଛି। ଅନ୍ୟପକ୍ଷେ ଯୋଗାଣ ବିଭାଗ ଥିଲା ପରି ଲାଗୁ ନାହିଁ। ସରକାର ପିଆଜ ଉପରେ ଲଗାମ ଲଗାଇବା ଦରକାର। ନଚେତ ଏହାର ଦର ଆଗକୁ ବଢ଼ିବାର ସମ୍ଭାବନା ରହିଛି।

**-ଶକ୍ତି ଶଙ୍କର ମିଶ୍ର, ସମ୍ପାଦକ, କୁବେରପୁରୀ ବ୍ୟବସାୟୀ ସଂଘ, ଆଇଗିଣିଆ**

■ ପରିଶ୍ରମ ଅଧିକ, ପାରିଶ୍ରମିକ କମ

# ଆନ୍ଦୋଳନ କରିବେ ସଫେଇ କର୍ମଚାରୀ

## ଛଟେଇର ଚେତାବନୀ ଦେଲା ଠିକା ସଂସ୍ଥା



ବୈଠକରେ ଯୋଗ ଦେବାକୁ ଆସିଥିବା ଅସ୍ଥାୟୀ ସଫେଇ କର୍ମଚାରୀମାନେ।

**ଖୋର୍ଦ୍ଧା ଅଫିସ,୨୮।୧୧:**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅସ୍ଥାୟୀ ସଫେଇ କର୍ମଚାରୀମାନେ ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଉନାହାନ୍ତି। ସେହିପରି ସେମାନଙ୍କର ସମସ୍ୟାକୁ ସମାଧାନ କରିବା ବଦଳରେ ଠିକା ସଂସ୍ଥା ସେମାନଙ୍କୁ ନିର୍ଯାତନା ଦେଉଛି ବୋଲି ଅସ୍ଥାୟୀ ସଫେଇ କର୍ମଚାରୀ ବୈଠକରେ ଗୁରୁବାର ମତପ୍ରକାଶ ପାଇଛି। ଗୁରୁବାର ଅସ୍ଥାୟୀ ସଫେଇ କର୍ମଚାରୀ ସଂଘର ରାଜ୍ୟ ସଭାପତି ମୋହନ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଫେଇ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ତେବେ ସଫେଇ କର୍ମଚାରୀ ଆନ୍ଦୋଳନ କରିବା ଶୁଣି ଠିକା ସଂସ୍ଥା ଛଟେଇ କରିବାକୁ ଚେତାବନୀ ଦେବା ପରେ ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଧମକ ଦେଇଛନ୍ତି । ବୈଠକରେ ଆଲୋଚନା ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ଜଣ ସଫେଇ କର୍ମଚାରୀଙ୍କ ଆବଶ୍ୟକତା ଥିବାବେଳେ ୩୫ ଜଣଙ୍କୁ ଖଟା ଯାଉଛି । ଛୁଟିଦିନରେ କାର୍ଯ୍ୟ କଲେ ଡବଲ ପାରିଶ୍ରମିକ ମିଳିବ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ୧ଟି ମିଳିଛି । ଇପିଏଫ ଇଏସଆଇ ପାରିଶ୍ରମିକରୁ କାଟି ରଖା ଯାଉଥିଲେ ମଧ୍ୟ ଆକାଉଣ୍ଟରେ ଜମା ହେଉନି । ୩୨୦ ଟଙ୍କା ପାରିଶ୍ରମିକ ଦେବା ପାଇଁ ଥିବାବେଳେ ଦିନକୁ ୨୮୦ ଟଙ୍କା ଦିଆଯାଉଛି। ତାହା ପୁଣି ଠିକ୍‌ରେ ଦିଆଯାଉନି। ସଫେଇ କର୍ମଚାରୀଙ୍କ ପାଇଁ ବିଶ୍ରାମ ଗୃହର ବ୍ୟବସ୍ଥା ନାହିଁ। ପାଇଖାନା ଓ ପରିସ୍ରା ଗାର ସଫେଇ କରୁଛନ୍ତି ହେଲେ ଏହାକୁ ବ୍ୟବହାର କରିବାକୁ ସୁଯୋଗ ମିଳୁନି। ନାନା ଅସୁବିଧାର ସମାଧାନ ପାଇଁ ଠିକା ସଂସ୍ଥା ସହ ଆଲୋଚନା କଲେ ସୁଫଳ ମିଳୁନି। ଆନ୍ଦୋଳନ ପାଇଁ ଅବଗତ କରାଇଲେ ଛଟେଇର ଧମକ ମିଳୁଛି ବୋଲି ରାଜ୍ୟ ସଭାପତି ମୋହନ ନାୟକ ସୂଚନା ଦେଇଛନ୍ତି।

■ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ବିଶେଷଜ୍ଞଙ୍କ ନିଯୁକ୍ତି ଦାବି

# ଏବିଭିପିର ସାଇକେଲ ଶୋଭାଯାତ୍ରା





ଏବିଭିପି ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା ।

**ଖୋର୍ଦ୍ଧା ଅଫିସ,୨୮।୧୧:**

ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଣପୁର ଓ ଚିଲିକା ବ୍ଲକର ୨୨ ପଞ୍ଚାୟତ ସମେତ ବାଣପୁର ପୌରାଞ୍ଚଳର ପ୍ରାୟ ଦେଢଲକ୍ଷ ଜନସାଧାରଣ ନିଜର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ନିର୍ଭର କରିଥାନ୍ତି। ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡିଥିବା ଡାକ୍ତର, ବିଶେଷଜ୍ଞ ଓ କର୍ମଚାରୀ ପଦବୀ ପୂରଣ କରାଯାଉନାହିଁ। ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନି। ଏଭଳିସ୍ଥଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଗୁରୁବାର ଏକ ସାଇକେଲ ଶୋଭାଯାତ୍ରା ବଜାର ପରିକ୍ରମା କରିବା ସହ ପ୍ରତିବାଦ ସଭା କରାଯାଇଛି।

■ ଘେରି ଉଚ୍ଛେଦରେ ପ୍ରଶାସନ ବିଫଳ

# ୩ୟ ଦିନରେ ମତ୍ସ୍ୟଜୀବୀଙ୍କ ଧାରଣା

**କୃଷ୍ଣପ୍ରସାଦ, ୨୮।୧୧ (ଡି.ଏନ.ଏ.)–** କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଗୋଟିଏ ଦିନ ହେବା ପରେ ଚିଲିକା ଦ୍ୱିପାଞ୍ଚଳ ପେସାଦାର ମତ୍ସ୍ୟଜୀବୀମାନେ ଏହାକୁ ବିରୋଧ କରିଛନ୍ତି। ଘେରି ଉଚ୍ଛେଦ ପ୍ରତିବାଦରେ ୩ୟ ଦିନରେ କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗୋଟିଏ ଦିନ ଉଚ୍ଛେଦ ପରେ ୩ ଦିନ ଧରି ଘେରି ଉଚ୍ଛେଦ ବନ୍ଦ ରହିଛି । ଗୁରୁବାର ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ମହିଳାପୁରୁଷ ଧାରଣାରେ ସାମିଲ ହୋଇଥିଲେ। ମତ୍ସ୍ୟଜୀବୀଙ୍କ ସହ ତହସିଲଦାରଙ୍କ ବାରମ୍ବାର ଆଲୋଚନା ପରେ ମଧ୍ୟ କିଛି ସୁଫଳ ମିଳିନାହିଁ। ସେମାନଙ୍କ ଜିଦ୍ ଯୋଗୁ ତହସିଲଦାର ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ପେସାଦାର ମତ୍ସ୍ୟଜୀବୀ ମହାସଂଘର ସଭାପତି କେଲୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ଏକାଦଶୀ ପଲେଇ, ହେମନ୍ତ କୁମାର ଜେନା, ସୁରେନ୍ଦ୍ରନାଥ ମାଝି, ଶ୍ରୀଧର ପଲେଇ, ହରମୋହନ ମାନସିଂହ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି। ଚିଲିକାକୁ ନେଇ ଆମେ ପରିବାର ପ୍ରତିପୋଷଣ କରୁଛୁ, ଆମେ ମରିବୁ ପଛେ ପ୍ରଶାସନକୁ ଘେରି ଉଚ୍ଛେଦ କରିବାକୁ ଛାଡିବୁ ନାହିଁ । ସରକାରଙ୍କ ନିଷ୍ପତ୍ତି ନ ବଦଳିବା ଯାଏଁ ଆମ୍ଭେ ଏହିଭଳି କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟକୁ ଘେରାଉ କରିବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଧାରଣାରତ ମତ୍ସ୍ୟଜୀବୀ ।

# ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ପାଇକ ସଙ୍ଗଠନ ଗଠନ କଲା ୪ ସବ୍ କମିଟି

**ଖୋର୍ଦ୍ଧା ଅଫିସ,୨୮।୧୧:**

ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପର୍ଯ୍ୟଟନ କ୍ଷେତ୍ର ବରୁଣାଇଠାରେ ଜାତୀୟ ପାଇକ ସ୍ମାରକୀର ଶିଳାନ୍ୟାସ କରିବେ। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍କଳ ବିଶ୍ୱବିଦ୍ୟାଳୟ ହୀରକ ଜୁବିଲି ଉତ୍ସବରେ ଏହି ସୂଚନା ଦେଇଥିବାବେଳେ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଉଲ୍ଲସିତ ହୋଇ ବିଭିନ୍ନ ପାଇକ ସଙ୍ଗଠନ ପକ୍ଷରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଗୁରୁବାର ପୂର୍ବାହ୍ନରେ ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳକୁ ଯାଇ କାର୍ଯ୍ୟକ୍ରମ କିଭଳି ହେବ, ସେ ନେଇ ବିଶଦ ଆଲୋଚନା କରିଛନ୍ତି। ଏ ଅବସରରେ ଇଂ. ଶିଶିର କୁମାର ନାୟକଙ୍କ ନେତୃତ୍ୱରେ ୪ଟି ସବ୍ କମିଟି ଗଠନ କରାଯାଇଛି। ରାଷ୍ଟ୍ରପତିଙ୍କ ଆଗମନରେ ରାଜ୍ୟରୁ ବିଭିନ୍ନ ପାଇକ ସଙ୍ଗଠନ, ଶହୀଦ ଦାୟାଦ ଓ ଦଳବେହେରା, ଦଳେଇଙ୍କ ଦାୟାଦ ତଥା ବୁଦ୍ଧିଜୀବୀ ନାଗରିକମାନେ ଯେପରି ଶୃଙ୍ଖଳିତ ଭାବେ ଯୋଗଦେଇ ପାରିବେ ସେନେଇ ସବ୍‌କମିଟି ତା'ର ରୂପରେଖ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଏ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂ. ଶିଶିର କୁମାର ନାୟକ, କାଳୁ ଚରଣ ଖଣ୍ଡାୟତରାୟ, ରମଜାନ ଖାଁ, ରାଜ୍ୟ କୃଷକ ନେତା ସୁରଥ ବିଶ୍ୱାଳ ଓ ହଟନାଥ ମଙ୍ଗରାଜ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସାମାଜିକ କର୍ମୀ ଶ୍ରୀରଞ୍ଜନ ମଙ୍ଗରାଜ ପ୍ରମୁଖ ଯୋଗ ଦେଇ ଆଲୋଚନ କରିଥିଲେ।

■ ହାତୀ ମଣିଷ ଲଢ଼େଇ

# ଆଗେ ମନୁଷ୍ୟ ପଛେ ହାତୀ ନିହତ

**ଖୋର୍ଦ୍ଧା ଅଫିସ,୨୮।୧୧:**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳରେ ହାତୀ ମଣିଷ ଲଢ଼େଇ ଆରମ୍ଭ ହୋଇଛି। ୧୮ ତାରିଖ ସନ୍ଧ୍ୟାରେ ହାତୀ ଆକ୍ରମଣରେ ବଡପୋଖରିଆ ପଞ୍ଚାୟତ ବୋଡଙ୍ଗରା ଗୋପୀନାଥପୁର ସାହିର ଦାଶରଥି ମାଝି(୫୦)ଙ୍କ ମୃତ୍ୟୁ ହୋଇଥିଲା। ହାତୀ ଆକ୍ରମଣ ଘଟଣାର ୪ଦିନ ପରେ ୨୨ ତାରିଖରେ ରାମେଶ୍ୱର ଛକଠାରୁ ୨୦୦ ମିଟର ଦୂର ମନ୍ଦାକିନୀ ନଦୀ ପଠାରୁ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଥିଲା। ଦନ୍ତାହାତୀର ମୃତ୍ୟୁ ବିଷକ୍ରିୟା ଜନିତ ବୋଲି ସନ୍ଦେହ କରାଯାଉଥିଲା। ହାତୀ ଆକ୍ରମଣ ପରେ ଦନ୍ତାହାତୀକୁ ବିଷ ଦେଇ ହତ୍ୟା କରାଯାଇଥିବା ଯାହା ଅନୁମାନ କରାଯାଉଥିଲା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ।

### ଦନ୍ତାକୁ ଝୁରୁଛି ମାଈ ହାତୀ

ବଡପୋଖରିଆ ଅଞ୍ଚଳରେ ଦନ୍ତା ହାତୀ ସହ ଏକ ମାଈ ହାତୀ ଅଧିକାଂଶ ସମୟ ଘୂରି ବୁଲୁଥିଲା। ଦନ୍ତାର ମୃତ୍ୟୁ ପରେ ମାଈ ହାତୀଟି ଏକୁଟିଆ ହୋଇଯାଇଛି। ମାଈ ହାତୀଟି ଏବେ ଏକୁଟିଆ ସ୍ଥାନୀୟ ଅଞ୍ଚଳରେ ଘୂରି ବୁଲି ଦନ୍ତାକୁ ଝୁରୁଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷେ ଦନ୍ତାର ମୃତଦେହ ପଡିଥିବା ସ୍ଥାନ ନିକଟରେ ମାଈ ହାତୀଟି ଜଗି ରହିଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଲୋକଙ୍କ ଗହଳି ଆରମ୍ଭ ପରେ ମାଈ ହାତୀଟି ଛାଡି ଦୂରକୁ ଚାଲି ଯାଇଥିଲା।

### ରାସ୍ତାରେ ହାତୀପଲ

ଚିତ୍ରକୁଟ ପାହାଡକୁ ହାତୀପଲ ଘର ରୂପେ ବାଛି ନେଇଛନ୍ତି। ଏଠାରେ ପ୍ରାୟ ୪ ବର୍ଷ ହେଲା ୨୭ଟି ହାତୀ ରହି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଦନ୍ତାହାତୀର ମୃତ୍ୟୁ ପରେ ୨୬ ହାତୀ ଅଛନ୍ତି। ଦନ୍ତାହାତୀର ମୃତ୍ୟୁ ପରେ ହାତୀପଲ ଖଜୁରିଆ ବଡପୋଖରିଆ ରାସ୍ତା ଉପରେ ଡେରା ପକାଉଛନ୍ତି। ହାତୀପଲକୁ ଦେଖି ଲୋକ ଭୟଭୀତ ହୋଇପଡିଛନ୍ତି।

■ ଗଗନ-କାଳିଆ ମେମୋରିଆଲ ଟ୍ରଫି କ୍ରିକେଟ୍

# ସୁଆଙ୍ଗକୁ ପରାସ୍ତ କରି ଭୁବନେଶ୍ୱର ବିଜୟୀ

**ଖୋର୍ଦ୍ଧା ଅଫିସ,୨୮।୧୧:**

ଖୋର୍ଦ୍ଧା ଉପକଣ୍ଠ ଟାଙ୍ଗିଆପଡା ପଞ୍ଚାୟତର କୁମାରବସ୍ତ ଖେଳପଡ଼ିଆରେ ଚାଲିଥିବା ଗଗନ କାଳିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୫ମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ସିଏ ସୁଆଙ୍ଗ ଦଳକୁ ୯ ଉଇକେଟରେ ପରାସ୍ତ କରି ଏକପାଖିଆ ଭାବେ ମଞ୍ଜେଶ୍ୱର କ୍ଲବ ଭୁବନେଶ୍ୱର ଦଳ ବିଜୟୀ ହୋଇଛି। ଟସ୍‌ରେ ସୁଆଙ୍ଗ ଦଳ ଜିତି ପ୍ରଥମେ ବ୍ୟାଟି କରି ୧୮.୨ ଓଭରରେ ୯୦ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରଶ୍ମି ରଞ୍ଜନ ବଡ଼ଜେନା କେବଳ ୨୮ରନ କରିଥିବା ବେଳେ, ଅନ୍ୟ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶନ କରି ପାରି ନ ଥିଲେ। ମଞ୍ଜେଶ୍ୱର ଦଳ ପକ୍ଷରୁ ଲରେନ୍ସ ସ୍ୱାଇଁ ୨.୨ ଓଭରରେ ୮ ରନ ଦେଇ ୩ଟି ଉଇକେଟ ଓ ସି.ଏସ. କାନୁନ୍‌ଗୋ ୪ ଓଭରରେ ୧୩ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ମଞ୍ଜେଶ୍ୱର ଦଳ ୬ ଓଭରରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ୯୧ରନ କରି ନେଇଥିଲା। ଦଳ ପକ୍ଷରୁ ଦୁଷ୍ମନ୍ତ ସାମନ୍ତରାୟ ୧୭ ବଲରୁ ଅପରାଜିତ ୫୬ ରନ ଓ ଅମୂଲ୍ୟ ମଲ୍ଲିକ ୧୬ ବଲରୁ ୨୩ ରନ କରିଥିଲେ। ଦ୍ରୁତ ଅର୍ଦ୍ଧଶତକ ଇନିଂସ ପାଇଁ ଦୁଷ୍ମନ୍ତଙ୍କୁ ମ୍ୟାନ ଅପ ଦି ମ୍ୟାଚ ପୁରସ୍କାର ମିଳିଛି। ପ୍ରକାଶ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ପରିଡା ଖେଳ ପରିଚାଳନା କରିଥିଲେ।


idco
Your power to grow
ISO 9001 & 14001 Corporation

ODISHA
NEW OPPORTUNITIES

No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920



**BERHAMPUR MUNICIPAL CORPORATION**

No. 16835 / **Auction sale notice** Date. 27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349



**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
**Email-eerwss_rai@nic.in,eerwss.rai@gmail.com**

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated** **at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur



**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ



ଯେଉଁ ଲୋକ ନିଜକୁ ଆୟତରେ ରଖି ପାରିଛନ୍ତି, ସେ ହିଁ ଶକ୍ତିଶାଳୀ।

-ସେନେକା

# ଖୁବ୍‌ଶୀଘ୍ର ଉଚ୍ଛେଦ ଆରମ୍ଭ: ଜିଲାପାଳ

ପୁରୀ ଅଫିସ, ୨୮।୧୧:

**ଶ୍ରୀମନ୍ଦିର ସୁରକ୍ଷା ଜୋନ୍**

- ୩୦ରେ ପ୍ରତିହାରୀ ଭବନର ହେବ ସେଲ୍‌ଡିଡ୍
- କ୍ଷତିପୂରଣ ପାଇବେ ୭ କୋଟି ୧୨ ଲକ୍ଷ
- ବଗଲା ଧର୍ମଶାଳା ଜମି ବଣ୍ଟନ ହେଲା

ଶ୍ରୀମନ୍ଦିର ମେଘନାଦ ପାଚେରି କଡରୁ ୭୫ ମିଟର ପରିଧି ଅଞ୍ଚଳକୁ ମୁକ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ଭେ ପରେ ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଚାଲିଛି। ମୋଟ ୧୮୫ ଘରୋଇ ପ୍ଲଟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୦ରୁ ଊର୍ଦ୍ଧ୍ୱ ପ୍ଲଟ ସେଲ୍‌ଡିଡ୍ (ବିକ୍ରି କବଲା) ସରିଛି। ପୂର୍ବରୁ ଭିତର ସେବାୟତ ନିଯୋଗ ଜମିର ବିକ୍ରି କବଲା ସରିଥିବାବେଳେ ଆସନ୍ତା ୩୦ ତାରିଖରେ ପ୍ରତିହାରୀ ଭବନର ସେଲ୍‌ଡିଡ୍ ହେବ ବୋଲି ଜଣାପଡ଼ିଛି। ସେହିପରି ବଗଲା ଧର୍ମଶାଳା ଜମିକୁ ବିସ୍ଥାପିତ ହେବାକୁ ଥିବା ଲଜ୍ ମାଲିକ ଓ ସେବାୟତ ନିଯୋଗଙ୍କୁ ବଣ୍ଟନ କରାଯାଇଛି। ସିଧାସଳଖ ଜମି ବିକୁଥିବା ପରିବାରକୁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଉଛି। ଅଧିକ ୧୦ ପ୍ରତିଶତର ଅବଧି ଆଉ ୩ଦିନ ପରେ ଶେଷ ହେଉଥିବାବେଳେ ସୁରକ୍ଷା ଜୋନରେ ଖୁବ୍‌ଶୀଘ୍ର ଉଚ୍ଛେଦ ଆରମ୍ଭ ହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ସର୍କିଟ ହାଉସ୍‌ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବିସ୍ଥାପିତ ହେବାକୁ ଥିବା ଲଜ୍ ମାଲିକ, ଭିତର ସେବାୟତ ନିଯୋଗ, ପ୍ରତିହାରୀ ନିଯୋଗ କର୍ମକର୍ତ୍ତାଙ୍କ ସମେତ କେତେକ ବ୍ୟବସାୟ ପ୍ରତିଷ୍ଠାନ ମାଲିକ ଯୋଗଦେଇଥିଲେ। ଡିସେମ୍ବର ୨ରେ ଅଧିକ ୧୦ ପ୍ରତିଶତର ଅବଧି ସରୁଛି। ତେଣୁ ୨ ତାରିଖ ସନ୍ଧ୍ୟା ପୂର୍ବରୁ ସୁରକ୍ଷା ଜୋନରେ ଥିବା ସବୁ ଲୋକ ସିଧାସଳଖ ଜମି ହସ୍ତାନ୍ତର କରି ସ୍ୱତନ୍ତ୍ର ପ୍ୟାକେଜ ନେବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ବୈଠକରେ ପ୍ରତିହାରୀ ଭବନ ଜମିକୁ ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ୮ ଡେସିମିଲ ଜମିରେ ରହିଛି ପ୍ରତିହାରୀ ଭବନ। ଗତ ୨୪ ତାରିଖରେ ପ୍ରତିହାରୀ ଭବନ ଏବଂ ପ୍ରତିହାରୀ ନିଯୋଗ ସଦସ୍ୟମାନଙ୍କ ସହ ଉପଜିଲାପାଳ ଭବତାରଣ ସାହୁ ଆଲୋଚନା କରିଥିଲେ। କିନ୍ତୁ ଏ ନେଇ କୌଣସି ଚୂଡ଼ାନ୍ତ ହୋଇପାରି ନ ଥିଲା। ଗୁରୁବାର ବୈଠକରେ ଆଲୋଚନା ପରେ ପ୍ରତିହାରୀ ନିଯୋଗ ସହମତି ପ୍ରକାଶ କରିଛି। ଏ ସମ୍ପର୍କରେ ନିଯୋଗ ସଭାପତି ମହାବୀର ପ୍ରତିହାରୀ କହିଛନ୍ତି, ପ୍ରତିହାରୀ ଭବନ ସରକାରଙ୍କୁ ଦେବା ପାଇଁ ଆମେ ରାଜି ହୋଇଛୁ। କ୍ଷତିପୂରଣ ବାବଦରେ ନିଯୋଗକୁ ୭କୋଟି ୧୨ଲକ୍ଷ ୪୬ ହଜାର ଟଙ୍କା ଓ ପ୍ଲଟ ମିଳିବ। ଆସନ୍ତା ୩୦ ତାରିଖରେ ବିକ୍ରି କବଲା କରାଯିବ। ବୈଠକରେ ଲଜ୍ ମାଲିକ, ଭିତର ସେବାୟତ ନିଯୋଗ, ପ୍ରତିହାରୀ ନିଯୋଗ କର୍ମକର୍ତ୍ତା ପ୍ରମୁଖଙ୍କୁ ବଗଲା ଧର୍ମଶାଳା ଜମିର ପ୍ଲଟିଂ ନକ୍ସା ଦେଖାଯାଇଥିଲା। ପ୍ରତ୍ୟେକ ଲଜ୍ ମାଲିକଙ୍କୁ ଗୋଟିଏ ଲେଖାଏ ପ୍ଲଟ ବଣ୍ଟାଯାଇଥିବା ବେଳେ ଭିତର ସେବାୟତ ନିଯୋଗକୁ ୨ଟି ପ୍ଲଟ ଦେବାକୁ ନିଷ୍ପତ୍ତି ହୋଇଛି। କାହାର କେଉଁ ପ୍ଲଟ ତାହାକୁ ଏହି ନକ୍ସାରେ ମାର୍କିଂ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଏବଂ ସିଧାସଳଖ ଜମି କିଣିବା ଧାରା ଜାରି ରହିଛି। ଯେଉଁମାନେ ସେଲ୍‌ଡିଡ୍ କରୁଛନ୍ତି ସେମାନଙ୍କୁ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ସହାୟତା ଦିଆଯାଉଛି। ତେବେ କେତେକ ଘରୋଇ ପ୍ଲଟରେ ସମସ୍ୟା ରହିଛି। ସମ୍ପୃକ୍ତ ବ୍ୟକ୍ତି ନିଜେ ଏହାର ସମାଧାନ କରି ଅଧିକ ୧୦ ପ୍ରତିଶତ ସହାୟତା ନେବା ଦରକାର। ସୁରକ୍ଷା ଜୋନ ମଧ୍ୟରେ ଯେଉଁ ପ୍ଲଟଗୁଡ଼ିକର ବିକ୍ରି କବଲା ସରିଛି ସେଠାରେ ଖୁବ୍‌ଶୀଘ୍ର ଉଚ୍ଛେଦ ଆରମ୍ଭ ହେବ।




ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ପୁରୀରେ ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଦୁଃସାହସିକ ଶିବିର

କୋଣାର୍କ, ୨୮।୧୧(ଡି.ଏନ୍.ଏ.)

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକ ୭ଦିନିଆ ଦୁଃସାହସିକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଆଡଭେଞ୍ଚର କ୍ଲବ ଓ ନେହେରୁ ଯୁବକେନ୍ଦ୍ର ମିଳିତ ସହଯୋଗରେ କୋଣାର୍କର ଚନ୍ଦ୍ରଭାଗାଠାରୁ ଖାଲକଟାପାଟଣା ପର୍ଯ୍ୟନ୍ତ ସମୁଦ୍ର କୂଳେ କୂଳେ ଅନୁଷ୍ଠିତ ହୋଇଥିଲା। ଶିବିରରେ ପୁରୀ ଜିଲାର ୧୧ ବ୍ଲକରୁ ୨୨ଜଣ ପ୍ରତିନିଧିଙ୍କ ସମେତ ଫୁଲବାଣୀ ଓ ନୟାଗଡ ଜିଲାର ୧୦ଜଣ ଯୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଶିବିର ପକ୍ଷରୁ ବିଭିନ୍ନ ଦିବସରେ ଦୁଃସାସିକ ପଦଯାତ୍ରା, ପାରାସେଲିଂ, ଲେଡର କ୍ଲାଇମ୍ବିଂ, ଫ୍ଲାଇପକସ, ୱାଲରେପଲିଂ, ଜଳକ୍ରୀଡ଼ା ଇତ୍ୟାଦି ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯାଇଥିଲା। କୋଣାର୍କ ସ୍ଥିତ ଅର୍ବାନ ହାଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ପ୍ରଶିକ୍ଷକ ଦୀପକ କୁମାର ରଥ, ସମୀର କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, ନିମାପଡ଼ା ଏସଡିପିଓ ପ୍ରତାପ କୁମାର ଦଳାଇ, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ବିଚିତ୍ର କୁମାର ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ, ଅଶୋକ କଅଁର, ଶୁଭ୍ରାଂଶୁ ସେଠୀ, ସୁନୀଲ ନାୟକ ଓ ପ୍ରଦୀପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# 'ପ୍ରତିଭା ପରିପ୍ରକାଶର ପ୍ଲାଟ୍‌ଫର୍ମ ଯୁବ ଉତ୍ସବ'




ଜିଲାସ୍ତରୀୟ ଯୁବ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ, ୨୮।୧୧:

ଯୁବପିଢି ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ। ତାଙ୍କ ଉପରେ ଅନେକ କିଛି ନିର୍ଭର କରୁଛି। ତେଣୁ କେବଳ ପାଠପଢାରେ ସୀମିତ ନ ରହି ନିଜ ସୃଜନଶୀଳତା ତଥା ପ୍ରତିଭାର ପରିପ୍ରକାଶ କରିବା ଦରକାର। ଏଥିପାଇଁ ଯୁବ ଉତ୍ସବ ଏକ ଭଲ ପ୍ଲାଟଫର୍ମ ବୋଲି ସ୍ଥାନୀୟ ସଂସ୍କୃତି ଭବନରେ ଗୁରୁବାର ଦୁଇଦିନିଆ ଜିଲା ଯୁବ ଉତ୍ସବକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଏହା କହିଛନ୍ତି। ଅନ୍ୟତମ ଅତିଥି ଡେପୁଟି କଲେକ୍ଟର ସୁମନ୍ତ କର କହିଥିଲେ, ଯୁବପିଢି ହେଉଛନ୍ତି ଦେଶର ମେରୁଦଣ୍ଡ, ସଂସ୍କୃତିର ସାରଥି ଓ ଗୋଟିଏ ଜାତିର ନନ୍ଦିଘୋଷ। ଆମ ପ୍ରଥା ଓ ପରମ୍ପରା ଅକ୍ଷୁଣ୍ଣ ରଖିବାରେ ସେମାନେ ଶୁଭ ଶଙ୍ଖ। ଯୁବବସ୍ଥାରେ ଏମିତି କିଛି କରିବା ଯାହା ପାଇଁ ଆମକୁ ଅନ୍ୟମାନେ ମନେ ରଖିବେ। ଏହି ଉତ୍ସବରେ ପୂର୍ବତନ ଜିଲା କ୍ରୀଡ଼ାଧିକାରୀ ରବୀନ୍ଦ୍ର ନାଥ ସେନାପତି, ନେହେରୁ ଯୁବକେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, କ୍ରୀଡ଼ା ହଷ୍ଟେଲ ଇନ୍‌ଚାର୍ଜ ନାରାୟଣ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ମଞ୍ଚାସୀନ ଥିବାବେଳେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୧୩ରୁ ୩୫ବର୍ଷ ବୟସର ଯୁବତୀ ଯୁବକ ଭାଗ ନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ହିନ୍ଦୁସ୍ତାନୀ, ସିତାର, ବଂଶୀ, ତବଲା, ବୀଣା, ମୃଦଙ୍ଗ, ଗିଟାର, ହାରମୋନିୟମ, ଏକକ ଅଭିନୟ ପ୍ରତିଯୋଗିତା ହୋଇଥିଲା। ଚିତ୍ତରଞ୍ଜନ ମିଶ୍ର, ଉର୍ମିଳା ପ୍ରଧାନ, ସତ୍ୟ ଗୁରୁ, ଆଲୋକ ମହାପାତ୍ର, ଗୁରୁ ପାଗଳ ସ୍ୱାଇଁ, ବିଜୟ ମହାପାତ୍ର, ସତ୍ୟ ମହାପାତ୍ର, ରାମକୃଷ୍ଣ ମହାପାତ୍ର, ପ୍ରଦୀପ କୁମାର ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ।

## ଅଟୋରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ ଅଫିସ, ୨୮।୧୧:

ସମୁଦ୍ରକୂଳ ଥାନା ଅଧୀନ ଚକ୍ରତୀର୍ଥ ରୋଡ଼ରେ ଗୁରୁବାର ଏକ ଅଟୋରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପେଣ୍ଠକଟା ଅଞ୍ଚଳର କୈଳାସ ସାହୁ। ଅଟୋକୁ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସକାଳେ ଉକ୍ତ ଅଟୋରେ ଜଣେ ଯୁବକଙ୍କ ମୃତଦେହ ଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ବିଜ୍ଞାନମେଳା ସ୍ଥାନ ପରିବର୍ତ୍ତନ ନେଇ ଅସନ୍ତୋଷ

ଗୋପ, ୨୮।୧୧(ଡି.ଏନ୍.ଏ.)

ଗୋପରେ ହେବାକୁ ଥିବା ବ୍ଲକ୍ ସ୍ତରୀୟ ବିଜ୍ଞାନମେଳାକୁ କୌଣସି କାରଣରୁ ୧୫କିମି ଦୂର କୋଣାର୍କକୁ ସ୍ଥାନାନ୍ତର କରାଯାଇଛି। ମାତ୍ର ସେଠାରେ ଏହି ବିଜ୍ଞାନମେଳା ଆୟୋଜନ କରିବାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ଲାଗିରହିଥିବା ବେଳେ ଅଭିଭାବକମାନେ ସେମାନଙ୍କର ପିଲାମାନଙ୍କୁ ଛାଡ଼ିବେ ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ଏହି ବିଜ୍ଞାନମେଳା ଲାଗି ପ୍ରତ୍ୟେକ ଶିକ୍ଷକଙ୍କଠାରୁ ୧୪୦ ଟଙ୍କା ଲେଖାଏ ଆଦାୟ କରାଯିବାକୁ ନେଇ ମଧ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର କହିଛନ୍ତି, ସରକାରଙ୍କ ପକ୍ଷରୁ ଆସୁଥିବା ଅର୍ଥ ପର୍ଯ୍ୟାପ୍ତ ନୁହେଁ ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଅର୍ଥ ଦାନରେ ଦେଉଥିବା ସେ କହିଥିଲେ।

## ସଂକ୍ଷେପରେ

### ବୀରରାମଚନ୍ଦ୍ରପୁର ଉପନିର୍ବାଚନ: ପ୍ରସନ୍ନ ବିଜୟୀ

ସାକ୍ଷୀଗୋପାଳ, ୨୮।୧୧(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ଉପନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ପ୍ରସନ୍ନ କୁମାର ଷଡ଼ଙ୍ଗୀ ବିଜୟୀ ହୋଇଛନ୍ତି। ଫଳାଫଳ ଘୋଷଣା କରାଯିବା ପରେ ସେ ଗୁରୁବାର ନିଜର ପ୍ରଶଂସକଙ୍କ ସହ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରସନ୍ନ ୨୨୮୨ ଖଣ୍ଡ ଭୋଟ ପାଇ ଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଭାକର ସ୍ୱାଇଁ ୧୪୬୭ ଖଣ୍ଡ ଭୋଟ ପାଇଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ, ଜିଲାପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦେବାଶିଷ ରାୟ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମହାନ୍ତି, ପୂର୍ବତନ ସମିତିସଭ୍ୟ ଶଙ୍କର ପ୍ରଧାନ, ସଂଖ୍ୟାଲଘୁ ସେଲ୍ ଆବାହକ ମହମ୍ମଦ ଜିକିରିଆ ପ୍ରମୁଖ ପ୍ରସନ୍ନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କଳ୍ପନା କାଣ୍ଡି ସମିତି ସଭ୍ୟା ନିର୍ବାଚିତ

ନିମାପଡ଼ା,୨୮।୧୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଧନୁଆଁ ପଞ୍ଚାୟତର ସମିତିସଭ୍ୟ ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ କଳ୍ପନା କାଣ୍ଡି ବିଜୟୀ ହୋଇଛନ୍ତି। କଳ୍ପନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅରୁଣା ପ୍ରିୟା ଭୋଇଙ୍କ ଠାରୁ ୮୧୩ଖଣ୍ଡ ଅଧିକ ଭୋଟ୍ ପାଇ ବିଜୟ ଲାଭ କରିଛନ୍ତି। ଫଳାଫଳ ଘୋଷଣା ପରେ ଶତାଧିକ ବିଜେଡି କର୍ମୀ ବିଜୟୀ ପ୍ରାର୍ଥୀଙ୍କ ସହ ବ୍ଲକ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଦଳୀୟ ଅଫିସ ନିକଟରେ ପହଞ୍ଚିଥିଲେ।

### ସାମାଜିକ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ନିମାପଡ଼ା,୨୮।୧୧(ଡି.ଏନ୍.ଏ.): ନିମାପଡ଼ା ଅଞ୍ଚଳର ବିଜେଡି ନେତା ତଥା ସାମାଜିକ କର୍ମୀ ସ୍ୱର୍ଗତ ଜୟଚନ୍ଦ୍ର ସାହୁଙ୍କ ଏକାଦଶାହ ଉପଲକ୍ଷେ ଗୁରୁବାର ସ୍ଥାନୀୟ ଗୋପୀନାଥ ଦେବଙ୍କ ମନ୍ଦିର ନିକଟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବ୍ୟବସାୟୀ ସଂଘ ସଭାପତି ପଦ୍ମଚରଣ ସାହୁ ଅଧକ୍ଷତା କରିଥିଲେ। ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବିଜୁ ଯୁବବାହିନୀ କର୍ମକର୍ତ୍ତା, ବ୍ୟବସାୟୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସାମାଜିକ କର୍ମୀ ଜୟଚନ୍ଦ୍ରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ।

# ପୁରୀ ଷ୍ଟେଶନରୁ ବିବାଦୀୟ ଫଳକ ହଟାଯାଉ

ପୁରୀ ଅଫିସ, ୨୮।୧୧:



ପୁରୀ ରେଳଷ୍ଟେଶନ ପ୍ରବେଶ ପଥରେ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଲାଗିଥିବା ଫଳକ ହଟାଇବା ଲାଗି ରେଲୱେ ମନ୍ତ୍ରଣାଳୟ ନିକଟରେ ଦାବି ହୋଇଛି। ଗୁରୁବାର ମାନବାଧିକାର କର୍ମୀ ଜୟନ୍ତ ଦାଶ ଟୁଇଟ କରି ଏହି ବିବାଦୀୟ ଫଳକକୁ ହଟାଇବା ଲାଗି ଦାବି କରିଛନ୍ତି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ୧୯୩୯ ମସିହାରେ ମହାତ୍ମା ଗାନ୍ଧୀ ପୁରୀ ଜିଲାର ଡେଲାଙ୍ଗକୁ ଆସିଥିଲେ। ଏହି ସମୟରେ ହରିଜନଙ୍କ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଥିବାରୁ ଗାନ୍ଧିଜୀ ଶ୍ରୀମନ୍ଦିର ଦର୍ଶନ କରି ନ ଥିଲେ। କସ୍ତୁରବା ଓ ମହାଦେବ ଦେଶାଇ କିଛି ଚିନ୍ତା ନ କରି ଶ୍ରୀମନ୍ଦିର ଦର୍ଶନ କରିଥିବାରୁ ଗାନ୍ଧିଜୀଙ୍କଠାରୁ ଭର୍ତ୍ସନା ଶୁଣିଥିଲେ ବୋଲି ଓଡ଼ିଆ, ଇଂଲିଶ ଓ ହିନ୍ଦୀ ଭାଷାରେ ଲିଖିତ ଫଳକରେ ଉଲ୍ଲେଖ ରହିଛି। ଜୟନ୍ତ ଦର୍ଶାଇଛନ୍ତି, ଶ୍ରୀମନ୍ଦିରରେ କେବଳ ଅଣହିନ୍ଦୁ ପ୍ରବେଶ ଉପରେ କଟକଣା ରହିଛି। ହିନ୍ଦୁଙ୍କ ପ୍ରବେଶ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଶ୍ରୀମନ୍ଦିରରେ କୌଣସି ହରିଜନ ବ୍ୟକ୍ତିଙ୍କ ପ୍ରବେଶ ଉପରେ କେବେ ବି କଟକଣା ଜାରି ହୋଇଥିବା ଇତିହାସ ନାହିଁ। ତେଣୁ ଉକ୍ତ ଫଳକରେ ଯେଉଁ ଲେଖା ରହିଛି ତାହା ସମ୍ପୂର୍ଣ୍ଣ ମିଥ୍ୟା, କପୋଳକଳ୍ପିତ ଏବଂ ଅମୂଳକ। ରେଳବିଭାଗ କେଉଁ ଉଦ୍ଦେଶ୍ୟରେ ଏବଂ କ'ଣ ପାଇଁ ଏଭଳି ମନ୍ତବ୍ୟ ଥିବା ଫଳକକୁ ଷ୍ଟେଶନ ପରିସରରେ ସ୍ଥାନ ଦେଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ନେଇ ଭକ୍ତ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଫଳକକୁ ତୁରନ୍ତ ହଟାଇବା ଲାଗି ସେ ଦାବି କରିଛନ୍ତି। ଏ ନେଇ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଯୁଗ୍ମ ସମ୍ପାଦକ ତଥା ଯୁବ ସଙ୍ଗଠକ ରଞ୍ଜନ ମହାରଣା କହିଛନ୍ତି, ଶ୍ରୀଜଗନ୍ନାଥଙ୍କ କଳା, ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ଏଭଳି ଫଳକ କୋଟି କୋଟି ଭାରତୀୟ, ଭକ୍ତଙ୍କ ମନକୁ ଆଘାତ ଦେଉଛି। ତେଣୁ ତାହାକୁ ହଟାଯାଉ। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବ।

## କାର୍ଯ୍ୟର ସମୀକ୍ଷା କଲେ ମୋ ସ୍କୁଲ ଅଧ୍ୟକ୍ଷ

ପୁରୀ ଅଫିସ, ୨୮।୧୧:

ମୋ ସ୍କୁଲ ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀ ଗୁରୁବାର ଦିନିକିଆ ପୁରୀ ଗସ୍ତରେ ଆସି ଜିଲାରେ ମୋ ସ୍କୁଲ ଅଭିଯାନର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ପୁରୀ ସହରର ଜିଲା ସ୍କୁଲ, ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ୩ଟି ସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲ ସମସ୍ୟା ଦୂର ଓ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନରେ କେତେ ସ୍କୁଲ ସାମିଲ ହୋଇଛନ୍ତି, ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ, ସ୍କୁଲ ଗୁଡ଼ିକର ବିକାଶ, ପ୍ରକଳ୍ପ କାମ, ଅଟକିଥିବା କାରଣ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସଙ୍କ ସମେତ ବିଇଓମାନେ ଉପସ୍ଥିତ ଥିଲେ। ଜିଲାପାଳ କହିଛନ୍ତି, ମୋ ସ୍କୁଲ ଅଧ୍ୟକ୍ଷ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ଜିଲାରେ ମୋ ସ୍କୁଲର ସ୍ଥିତି ଏବଂ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୫ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟ ଓ ୫୦ ପ୍ରତିଶତ ଉଚ୍ଚ ବିଦ୍ୟାଳୟ ମୋ ସ୍କୁଲ ଯୋଜନାରେ ସାମିଲ ହୋଇଛନ୍ତି। ୨ ମାସ ମଧ୍ୟରେ ୮୦ ପ୍ରତିଶତ ଉଚ୍ଚ ଏବଂ ୪୦ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ସାମିଲ କରିବା ପାଇଁ ଟାର୍ଗେଟ ରଖିଛୁ।


idco
Your power to grow
ISO 9001 & 14001 Corporation

ODISHA
NEW OPPORTUNITIES

No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920



**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ



**BERHAMPUR MUNICIPAL CORPORATION**

No. 16835 / **Auction sale notice** Date. 27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04.12.19 by 5:00 p.m and will be opened on 05.12.19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349



**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**

Email-eerwss_rai@nic.in,eerwss.rai@gmail.com

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur